maj Foundation Che

କାଳିଦାସ ଗ୍ରନ୍ଥାବଳୀ

ଡକ୍ଟର ଧନେଶ୍ୱର ମହାପାତ୍ର

ain. Gurukul Kangri

Digitized by Arya Samaj Foundation Chennai and eGangotri

କାଳିଦାସ ଗ୍ରନ୍ଥାବଳୀ

ଚତୁର୍ଥ ଭାଗ

ପ୍ରଥମ ଖଣ୍ଡ

ଅନୁବାଦ ଓ ସଂପାଦନା :
ଡକ୍ଟର ଧନେଶ୍ୱର ମହାପାତ୍ର

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କାଳିଦାସ ଗ୍ରନ୍ଥାବଳୀ

ଚତୁର୍ଥ ଭାଗ

6544

ପ୍ରଥମ ଖଣ୍ଡ

DONATION

ବିକ୍ରମୋର୍ବଶୀୟମ୍

ଅନୁବାଦ ଓ ସମ୍ପାଦନା :

ଡକ୍ଟର ଧନେଶ୍ୱର ମହାପାତ୍ର

ଏମ୍. ଏ. (ଓଡ଼ିଆ), ଏମ୍. ଏ. (ସଂସ୍କୃତ), ପିଏଚ୍. ଡ଼. (ଭାଷାତତ୍ତ୍ୱ)

ସାହିତ୍ୟାଚାର୍ଯ୍ୟ, ବି. ଇଡ୍., କୋବିଦ

ପୁସ୍ତକାଲୟ ... ଗୁରୁକୁଲ କାଙ୍ଗଡ଼ୀ ...

ପ୍ରକାଶିକା :

ଶ୍ରୀମତୀ ଜୀବନକୁମାରୀ ମହାପାତ୍ର

କଲ୍ୟାଣ ନଗର, କଟକ—୧୩

Published with the financial assistance from the Ministry of Human Resource Development, Government of India.

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

KALIDAS GRANTHAVALI

PART—IV

VOLUME—I

VIKRAMORVASHIYAM

Translator and Editor :

Prof. Dr. Dhaneswar Mahapatra
M. A. (Oriya), M. A. (Sanskrit),
Ph. D. (Linguistics), Sahityacharya, B. Ed., Kovid

Publisher :

Srimati Jivan kumari Mahapatra
Kalyan nagar, Cuttack—13
ORISSA
1988

Printed at :

KALYAN PRESS,
Kalyan nagar, Cuttack—13

Price : Rs. 18-00

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଭୂମିକା

ବିକ୍ରମୋର୍ବଶୀୟମ୍ ଓ ମାଳବିକାଗ୍ନିମିତ୍ରମ୍ ନାଟକଦ୍ୱଇଟି କାଳିଦାସଙ୍କର ବୋଧହୁଏ ଯୌବନ ବୟସର ରଚନା । ଯୌବନସୁଲଭ ପ୍ରଣୟ ଏ ଦୁଇଟିର ବିଷୟବସ୍ତୁ ।

ବିକ୍ରମୋର୍ବଶୀୟମ୍ ଏକ ତ୍ରୋଟକଶ୍ରେଣୀୟ ନାଟକ । ସାହିତ୍ୟ ଦର୍ପଣରେ ତ୍ରୋଟକର ଲକ୍ଷଣ—

ସପ୍ତାଷ୍ଟନବପଞ୍ଚାଙ୍କଂ ଦିବ୍ୟମାନୁଷସଂଶ୍ରୟମ୍ ।
ତ୍ରୋଟକଂ ନାମ ତତ୍ ପ୍ରାହୁଃ ପ୍ରତ୍ୟଙ୍କଂ ସବିଦୂଷକମ୍ ॥

ଅର୍ଥାତ୍ ସାତ, ଆଠ, ନଅ ବା ପାଞ୍ଚ ଅଙ୍କ ବିଶିଷ୍ଟ ନାଟକ, ଯହିଁରେ ସ୍ୱର୍ଗ-ମର୍ତ୍ତ୍ୟ ସମ୍ବନ୍ଧୀୟ କଥାବସ୍ତୁ ଏବଂ ପ୍ରତ୍ୟେକ ଅଙ୍କରେ ବିଦୂଷକ ଚରିତ୍ର ଥାଏ, ତାହାକୁ ତ୍ରୋଟକ କହନ୍ତି । ସାହିତ୍ୟଦର୍ପଣକାରଙ୍କ ମତରେ ବିକ୍ରମୋର୍ବଶୀୟମ୍ ପାଞ୍ଚ ଅଙ୍କ ବିଶିଷ୍ଟ ତ୍ରୋଟକ । କିନ୍ତୁ ଏହାର ପ୍ରଥମ ଅଙ୍କରେ ବିଦୂଷକ ଚରିତ୍ର ନ ଥିବାରୁ କେହି କେହି ଏହାକୁ ତ୍ରୋଟକରୂପେ ଗ୍ରହଣ କରନ୍ତି ନାହିଁ । ମାତ୍ର କବି ନିଜେ ପ୍ରସ୍ତାବନାରେ ଏହାକୁ 'ତ୍ରୋଟକ' ନାମ ଦେଇଛନ୍ତି ।

ବିକ୍ରମୋର୍ବଶୀୟମ୍ ନାଟକର ନାୟକ ମର୍ତ୍ତ୍ୟଲୋକର ମହାରାଜା ପୁରୁରବା ଏବଂ ନାୟିକା ସ୍ୱର୍ଗଲୋକର ଅପ୍‌ସରା ଉର୍ବଶୀ । ତେଣୁ ନାଟକର ନାମ ପୁରୁରବୋର୍ବଶୀୟମ୍ ହେବା ଯୁକ୍ତିଯୁକ୍ତ ଥିଲା । ସମ୍ଭବତଃ କବି ନିଜ ଆଶ୍ରୟଦାତା ମହାରାଜା ବିକ୍ରମାଦିତ୍ୟଙ୍କୁ ପୁରୁରବାରୂପେ କଳ୍ପନା କରି ତାଙ୍କ ନାମରେ ନାଟକଟିକୁ ନାମିତ କରିଛନ୍ତି । କିମ୍ବା ବିକ୍ରମେଣ ପ୍ରାପ୍ତା ଉର୍ବଶୀ = ବିକ୍ରମୋର୍ବଶୀ, ତତ୍‌ସମ୍ବନ୍ଧୀୟଂ ନାଟକମ୍ = ବିକ୍ରମୋର୍ବଶୀୟମ୍, ଏପରି ବ୍ୟାଖ୍ୟା କରାଯାଇପାରେ ।

ଉର୍ବଶୀ ଓ ପୁରୁରବାଙ୍କର ପ୍ରଣୟଗାଥା ଅତ୍ୟନ୍ତ ପ୍ରାଚୀନ । ଋଗ୍‌ବେଦ (ଦଶମ ମଣ୍ଡଳ), ପଦ୍ମପୁରାଣ (ସୃଷ୍ଟି ଖଣ୍ଡ, ଦ୍ୱାଦଶ ଅଧ୍ୟାୟ), ବିଷ୍ଣୁ ପୁରାଣ (ଚତୁର୍ଥ ଅଂଶ ଷଷ୍ଠ ଅଧ୍ୟାୟ), ମତ୍ସ୍ୟ ପୁରାଣ (ଦ୍ୱାଦଶରୁ ଚତୁର୍ବିଂଶ ଅଧ୍ୟାୟ), ଶ୍ରୀମଦ୍-ଭାଗବତ (ନବମସ୍କନ୍ଧ ଚତୁର୍ଦ୍ଦଶ ଅଧ୍ୟାୟ ଏବଂ ଏକାଦଶସ୍କନ୍ଧ ଷଡ୍‌ବିଂଶ ଅଧ୍ୟାୟ), କଥାସରିତ୍‌ସାଗର (ସପ୍ତଦଶ ତରଙ୍ଗ) ପ୍ରଭୃତି ଗ୍ରନ୍ଥରେ ଏହି କାହାଣୀ ବିଭିନ୍ନ ରୂପରେ ମିଳେ । ମହାକବି କାଳିଦାସ ଏସବୁ ଗ୍ରନ୍ଥର ଅବଲମ୍ବନ କରି ଏବଂ ନିଜ ପ୍ରତିଭାରେ ଏହି ପ୍ରାଚୀନ କାହାଣୀର ପରିବର୍ତ୍ତନ ଓ ପରିବର୍ଦ୍ଧନ କରି ଏକ ସୁନ୍ଦର ନାଟ୍ୟରୂପ ପ୍ରସ୍ତୁତ କରିଛନ୍ତି ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ନାଟକ ଦୃଷ୍ଟିରୁ ବିକ୍ରମୋର୍ବଶୀୟମ୍ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହାର ଚତୁର୍ଥ ଅଙ୍କଟି ନାଟ୍ୟକଳାର ଏକ ମହାର୍ଘ ଚିତ୍ରକୋଷ । ଏଥିରେ କମ୍ପଲିକା, ଚର୍ଚ୍ଚରୀ, ଖଣ୍ଡଧାରା, ପାଠ, ଭିନ୍ନକ, ଝଣ୍ଡକ, ଖୁରକ, ବଲନ୍ତିକା, କକୁଭ, ଷଡ୍‌ପଦଭଙ୍ଗ, ଦ୍ୱିପଦିକା, କୁଟିଳିକା, ମଲ୍ଲଘଟୀ, ଦ୍ୱିଲୟ, ଚତୁରସ୍ର, ଅର୍ଦ୍ଧଦ୍ୱିଚତୁରସ୍ର ପ୍ରଭୃତି ନାନାବିଧ ଗୀତ ଓ ନୃତ୍ୟର ଉଲ୍ଲେଖ ରହିଛି । ଏଥିରୁ ଜଣାଯାଏ, କାଳିଦାସଙ୍କ ସମୟରୁ ଭାରତରେ ନାଟ୍ୟକଳାର ଭୂୟୋବିକାଶ ଘଟିସାରିଥିଲା ।

ବିକ୍ରମୋର୍ବଶୀୟମ୍‌ରେ ଅନେକ ଅବାସ୍ତବତା ରହିଛି । ବିଶେଷ ଭାବେ, ଉର୍ବଶୀଙ୍କ ବିରହରେ ପୁରୂରବାଙ୍କ ପରି ରାଜାଧିରାଜ ପାଗଳ ହୋଇ ଯାଇଛନ୍ତି; ପ୍ରଳାପ କରିଛନ୍ତି; ପର୍ବତ, ନଦୀ, ବୃକ୍ଷ, ମେଘ, ମୃଗ, ହଂସ, କୋକିଳ ପ୍ରଭୃତିଙ୍କୁ ଉର୍ବଶୀଙ୍କ କଥା ପଚାରିଛନ୍ତି । ସମଗ୍ର ଚତୁର୍ଥ ଅଙ୍କଟି ପୁରୂରବାଙ୍କ ପାଗଳାମିରେ ଯାଇଛି । ଏହି କାରଣରୁ କେତେକ ଆଲଙ୍କାରିକ ଏହାକୁ ଦୋଷପର୍ଯ୍ୟାୟରେ ରଖିଛନ୍ତି । କିନ୍ତୁ ପ୍ରକୃତ କଥା ହେଉଛି, ନାଟକରେ କିଛି ଅବାସ୍ତବ ମନେ ହୁଏ-ନାହିଁ । ଗୀତରେ ଆଳାପ, ପର୍ବତଶୃଙ୍ଗ ଉପବନଲତାକୁଞ୍ଜ ସମୁଦ୍ରତଟ ବାଲୁକା-ସ୍ତୂପ ବା କୌଣସି ନିଭୃତ ସ୍ଥାନରେ ଗାଇଗାଇ ନାଚିନାଚି ପ୍ରଣୟସମ୍ଭାଷଣ, ସେହି ପ୍ରଣୟନୃତ୍ୟଗାନ ସହିତ ବିଭିନ୍ନ ବାଦ୍ୟଯନ୍ତ୍ରବାଦନ, ଗଦ୍ୟ ଭାଷାରେ ମଧ୍ୟ କ୍ରିୟାକର୍ତ୍ତାଦିର ବିପର୍ଯ୍ୟାସ (ଓଲଟ ପାଲଟ), ଘଟଣା ପ୍ରବାହରେ ଆକସ୍ମିକ ବା ଅହେତୁକ ପରିବର୍ତ୍ତନ—ଏସବୁ ସାଂସାରିକ କ୍ଷେତ୍ରରେ ଅବାସ୍ତବ ହେଲେ ମଧ୍ୟ ନାଟକରେ ବାସ୍ତବ ବୋଲି ମନେହୁଏ । ସାହିତ୍ୟର ସମସ୍ତ ବିଭାଗ ମଧ୍ୟରେ ନାଟକ ଅଧିକ ଆବେଗଧର୍ମୀ । ହୃଦୟରେ ଆବେଗ ସୃଷ୍ଟି କରିବା ପାଇଁ ଏଥିରେ ଗୀତ, ନୃତ୍ୟ, ବାଦ୍ୟ ପ୍ରଭୃତିର ଆଶ୍ରୟ ନିଆଯାଏ । ବିଷୟବସ୍ତୁ, ଚରିତ୍ର, ସଂଳାପ, ଅଙ୍ଗଭଙ୍ଗୀ, ରୂପସଜ୍ଜା, ଦୃଶ୍ୟପଟ—ସବୁ କିଛି ଦର୍ଶକର ହୃଦୟରେ 'ରସ' (ଆବେଗ) ସଞ୍ଚାର ପାଇଁ ଉଦ୍ଦିଷ୍ଟ । ନାଟକରେ ବାସ୍ତବତା-ଅବାସ୍ତବତାର ବିଚାର ନିରର୍ଥକ । ତେଣୁ କାଳିଦାସଙ୍କର ନାଟକକୁ ମଧ୍ୟ ଏ ପରିଧିକୁ ଆଣିବା ଅସମୀ-ଚୀନ ।

ଅନ୍ତରାଳରୁ ଗାୟକ/ଗାୟିକାଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ ଏବଂ ରଙ୍ଗମଞ୍ଚ ଉପରେ ଅଭିନେତା/ଅଭିନେତ୍ରୀଙ୍କ ଦ୍ୱାରା ଅଭିନୟ ପ୍ରଦର୍ଶନ, ଯାହାକୁ କି ବର୍ତ୍ତମାନ ଗୀତିନାଟ୍ୟ ବୋଲି କୁହାଯାଉଛି, ଏକ ପ୍ରାଚୀନ ନାଟ୍ୟକଳା । ବିକ୍ରମୋର୍ବଶୀୟମ୍‌ରେ ଏହି କଳାର ନିଦର୍ଶନ ରହିଛି । ଚତୁର୍ଥ ଅଙ୍କରେ 'ପ୍ରକ୍ଷେପ' ନାମକ ଯେତିକି ଅଂଶ ଅଛି, ତାହା ଏକ ପ୍ରକାର ଗୀତିନାଟ୍ୟ ଛଡ଼ା ଅନ୍ୟ କିଛି ନୁହେଁ । ଏହି 'ପ୍ରକ୍ଷେପ' ଅଂଶ ସମସ୍ତ ହସ୍ତଲିଖିତ ପୋଥିରେ ନ ମିଳି କେତେକ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ମାତ୍ର ପୋଥିରେ ମିଳୁଥିବାରୁ ଏହାକୁ ପରବର୍ତ୍ତୀ କାଳର ରଚନା ବୋଲି କୁହାଯାଏ । ସେ ଯାହା ହେଉ, କାଳିଦାସଙ୍କ ରଚନା ହୋଇଥାଉ ବା ପରବର୍ତ୍ତୀ କାଳର କୌଣସି କବିଙ୍କ ରଚନା ହୋଇଥାଉ, ଏହି 'ପ୍ରକ୍ଷେପ' ଅଂଶ ଯେ ପ୍ରାଚୀନ ଗୀତନାଟ୍ୟର ନିଦର୍ଶନ, ଏଥିରେ ସନ୍ଦେହ ନାହିଁ ।

କେତେକଙ୍କର ଧାରଣା ଯେ ସଂସ୍କୃତ କାବ୍ୟ ନାଟକରେ ରାଜାରାଣୀମାନେ ହେଉଛନ୍ତି ନାୟକ ନାୟିକା, ସେମାନଙ୍କର ପ୍ରଣୟ ଏହାର ମୁଖ୍ୟ ଉପଜୀବ୍ୟ ବିଷୟ, ବର୍ତ୍ତମାନ ଯୁଗରେ ଏଭଳି ସାହିତ୍ୟର ଆଉ ଆବଶ୍ୟକତା ନାହିଁ । କିନ୍ତୁ ଏ ପ୍ରକାର ଧାରଣା ବିଭ୍ରାନ୍ତିକର । ରାଜା ହୁଅନ୍ତୁ, ପ୍ରଜା ହୁଅନ୍ତୁ, ଶ୍ରମିକ ହୁଅନ୍ତୁ, ମାଲିକ ହୁଅନ୍ତୁ, ଯେଉଁମାନଙ୍କର ଆଚରଣ ଉତ୍ତମ, କାର୍ଯ୍ୟ ଉତ୍ତମ, କେବଳ ସେହିମାନେ କାବ୍ୟ-ନାଟକର ନାୟକ ନାୟିକା ରୂପେ ଗୃହୀତ ହୁଅନ୍ତି । ଏହି କାରଣରୁ ସଂସ୍କୃତ ଅଳଙ୍କାର ଶାସ୍ତ୍ର--ମାନଙ୍କରେ ନାୟକ କି ପ୍ରକାର ପୁରୁଷ ଏବଂ ନାୟିକା କି ପ୍ରକାର ସ୍ତ୍ରୀ ହେବା ଉଚିତ, ତାହା ନିର୍ଦ୍ଧାରଣ କରିଦିଆଯାଇଛି । ଗରିବ ହେବା ଗୋଟାଏ ଗୌରବ ନୁହେଁ ବା ଦଳିତ ହେବା ଗୋଟାଏ ଦମ୍ଭ ନୁହେଁ । ବରଂ ଏହି ଅବସ୍ଥାରୁ ଉଠିବା ହେଉଛି ଗୌରବ ବା ଦମ୍ଭ । ଗରିବ, ଦଳିତ ମାନେ ଯେ ସାହିତ୍ୟର ଚରିତ୍ର ହୋଇଯିବେ, ତାହା ନୁହେଁ । ମଦ୍ୟପ, ସ୍ତ୍ରୈଣ, ଖଣ୍ଡା, ତସ୍କର, ଡକାୟତ, ଧାଉଁକ, ନିନ୍ଦୁକ, ଧର୍ଷକ, ଖଟୁଆ, ମିଛୁଆ, ଗୁଆଁର—ଏମାନଙ୍କୁ ନାୟକର ସ୍ଥାନ ଦିଆଯାଇ ନପାରେ । ଲୋକେ ସମୟ ଓ ଅର୍ଥ ଦେଇ କି'ଣ ଏଇମାନଙ୍କର ଜୀବନଚରିତ ଦେଖିବେ ବା ପଢ଼ିବେ ? ମଦ ଖାଇ, ମାତାଲ ହୋଇ, ପତ୍ନୀ ସହିତ ପଶୁ ପରି ଆଚରଣ କରୁଥିବା ବ୍ୟକ୍ତିର ପ୍ରେମ ଅନୁକରଣୀୟ ନୁହେଁ । ପତ୍ନୀ ସହିତ ନିବିଡ଼ ସ୍ନେହବନ୍ଧନରେ ଆବଦ୍ଧ ଥିବା ବ୍ୟକ୍ତିର ହୃଦୟପରିପୂର୍ଣ୍ଣ ପ୍ରେମହିଁ ଅନୁକରଣୀୟ । ସଂସ୍କୃତ ସାହିତ୍ୟରେ ଯେଉଁ ରାଜା-ମହାରାଜାମାନଙ୍କର ଜୀବନଚରିତ ଅଙ୍କିତ ହୋଇଛି, ସେମାନେ ଥିଲେ ଯଥାର୍ଥରେ ରକ୍ଷକ । ନିଜ ରାଷ୍ଟ୍ରର ପ୍ରତ୍ୟେକ ବ୍ୟକ୍ତିକୁ ସେମାନେ ସୁରକ୍ଷା ଦେଇ ପାରୁଥିଲେ । ସୁରକ୍ଷା ଦେଇନପାରୁଥିବା ଗଣତନ୍ତ୍ର ଠାରୁ ସୁରକ୍ଷା ଦେଇପାରୁଥିବା ଜଣତନ୍ତ୍ର ନିଶ୍ଚୟ ଭଲ । ତେଣୁ, ସଂସ୍କୃତ ସାହିତ୍ୟର ରାଜା ମହାରାଜାମାନେ କସ୍ମିନ୍ କାଳେ ନିନ୍ଦନୀୟ ହେବେ ନାହିଁ ।

ପୂର୍ବେ ନାଟକର ରଚୟିତାଙ୍କୁ ମଧ୍ୟ କବି କୁହାଯାଉଥିଲା ଏବଂ ନାଟକକୁ କାବ୍ୟ (ଦୃଶ୍ୟକାବ୍ୟ) କୁହାଯାଉଥିଲା । କାରଣ, ନାଟକରେ ନାଟ୍ୟକଳା ଓ କବିତ୍ୱ ଉଭୟର ସୁନ୍ଦର ସମ୍ମିଶ୍ରଣ ଘଟୁଥିଲା । ନାଟ୍ୟ କଳା ଇନ୍ଦ୍ରିୟାନନ୍ଦ ପାଇଁ ଓ କବିତ୍ୱ ଇନ୍ଦ୍ରିୟାତୀତ ଆନନ୍ଦ ପାଇଁ ଉଦ୍ଦିଷ୍ଟ । କାଳିଦାସଙ୍କ ନାଟକଗୁଡ଼ିକ ଏହି ପରମ୍ପରାର ବାର୍ତ୍ତାବହ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

विक्रमोर्वशीयम्

वेदान्तेषु यमाहुरेकपुरुषं व्याप्य स्थितं रोदसी
यस्मिन्नीश्वर इत्यनन्यविषयः शब्दो यथार्थाक्षरः ।
अन्तर्यश्च मुमुक्षुभिर्नियमितप्राणादिभिर्मृग्यते
स स्थाणुः स्थिरभक्तियोगसुलभो निःश्रेयसायास्तु वः ॥ १

(नान्द्यन्ते)

॥ अथ प्रस्तावना ॥

सूत्रधारः—(नेपथ्याभिमुखमवलोक्य ।) अलमतिविस्तरेण । मारिष ! इतस्तावत् ।

पारिपार्श्विकः—(प्रविश्य) भाव ! अयमस्मि ।

सूत्र— मारिष ! परिषदेषा पूर्वेषां कवीनां दृष्टरसप्रबन्धा । अहमस्यां कालिदासग्रथितवस्तुना नवेन विक्रमोर्वशीयनामधेयेन त्रोटकेनोपस्थास्ये । तदुच्यतां पात्रवर्गः स्वेषु स्वेषु पाठेष्ववहितैर्भवितव्यमिति ।

पारि—यदाज्ञापयति भावः । (निष्क्रान्तः)

सूत्र— यावदिदानीमार्यमिश्रान् विज्ञापयामि । (प्रणिपत्य)
प्रणयिषु वा दाक्षिण्यादथवा सद्-वस्तु-पुरुष-बहुमानात् ।
शृणुत जना अवधानात् क्रियामिमां कालिदासस्य ॥ २

(नेपथ्ये)

अज्जा परित्ताअध परित्ताअध, जो सुरपक्खवादी जस्स वा अम्बरअले गई अत्थि । (आर्याः परित्रायध्वम् परित्रायध्वम्, यः सुरपक्षपाती यस्य वाम्बरतले गतिरस्ति ।)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବିକ୍ରମୋର୍ବଶୀୟମ୍

ବେଦାନ୍ତରେ ଯାହାଙ୍କୁ ଅଦ୍ୱିତୀୟ 'ପୁରୁଷ' ବୋଲି କହନ୍ତି, ଯେ ପୃଥିବୀ ଓ ଆକାଶ ବ୍ୟାପି ବିଦ୍ୟମାନ, ଯାହାଙ୍କ ଠାରେ 'ଈଶ୍ୱର' ଶବ୍ଦ ସମ୍ପୂର୍ଣ୍ଣ ସାର୍ଥକ ଏବଂ ଏ ଶବ୍ଦ ଆଉ କାହାରିଠାରେ ପ୍ରଯୁକ୍ତ ନୁହେଁ, ମୋକ୍ଷକାମୀମାନେ ପ୍ରାଣାୟାମାଦି ସାଧନ କରି ଯାହାଙ୍କୁ ନିଜ ହୃଦୟ ମଧ୍ୟରେ ଅନ୍ୱେଷଣ କରନ୍ତି, ଯାହାଙ୍କୁ କେବଳ ଅଚଳା ଭକ୍ତିରେହିଁ ଲଭ କରିହୁଏ, ସେହି ଶିବ ଆପଣମାନଙ୍କର ମଙ୍ଗଳ ବିଧାନ କରନ୍ତୁ ॥ ୧ ॥

ନାନ୍ଦୀଗାନ ସମାପ୍ତ

ପ୍ରସ୍ତାବନା

ସୂତ୍ରଧାର—(ଅନ୍ତରାଳକୁ ଚାହିଁ) ଅଧିକ ଗୀତବାଦ୍ୟ ନିଷ୍ପ୍ରୟୋଜନ ।
ଭଦ୍ର ! ଏଣିକି ଆସ ।

ପାରିପାର୍ଶ୍ୱିକ—(ପ୍ରବେଶ କରି) ବନ୍ଧୁ ! ଏଇ ଆସିଲି ।

ସୂତ୍ର—ଭଦ୍ର ! ଏ ଦର୍ଶକମଣ୍ଡଳୀ ପୂର୍ବ କବିମାନଙ୍କର ନାଟକ ବହୁତ ବାର ଦେଖିଲେଣି । ଆଜି ମୁଁ କାଳିଦାସଙ୍କ ରଚିତ 'ବିକ୍ରମୋର୍ବଶୀୟ' ନାମକ ନୂତନ 'ତ୍ରୋଟକ'ଟିଏ ଏମାନଙ୍କ ଆଗରେ ଉପସ୍ଥାପନ କରିବାକୁ ଚାହୁଁଛି । ତେଣୁ ପାତ୍ର-ପାତ୍ରୀମାନଙ୍କୁ କୁହ, ସେମାନେ ନିଜ ନିଜ ଭୂମିକାରେ ଉତ୍ତମରୂପେ ପ୍ରସ୍ତୁତ ହୁଅନ୍ତୁ ।

ପାରି—ଭଦ୍ରଙ୍କର ଯାହା ଆଜ୍ଞା (ପ୍ରସ୍ଥାନ)

ସୂତ୍ର—(ନମସ୍କାର କରି) ହେ ଭଦ୍ରମଣ୍ଡଳୀ ! ଅନୁରାଗୀ ମାନଙ୍କ ପ୍ରତି ଅନୁରାଗ ବଶତଃ ହେଉ ବା ସତ୍ ବିଷୟ ଓ ସତ୍ ପୁରୁଷମାନଙ୍କ ପ୍ରତି ଆଦର ଭାବ ବଶତଃ ହେଉ, ଆପଣମାନେ କାଳିଦାସଙ୍କର ରଚିତ ଏହି ରଚନାଟି ମନଯୋଗ ସହକାରେ ଦେଖନ୍ତୁ ।

(ଅନ୍ତରାଳରେ)

ଆର୍ଯ୍ୟଗଣ ! ରକ୍ଷା କରନ୍ତୁ, ରକ୍ଷା କରନ୍ତୁ । ଯାହାଙ୍କର ଦେବତାମାନଙ୍କ ପ୍ରତି ବନ୍ଧୁ ମନୋଭାବ ଅଛି ବା ଯେ ଆକାଶ ମାର୍ଗରେ ଗତି କରିପାରନ୍ତି, ସେମାନେ ଆମକୁ ରକ୍ଷା କରନ୍ତୁ, ରକ୍ଷା କରନ୍ତୁ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

रम्भा—सुणादु महाराओ। जा तवोविसेससंकिदस्स सुउमारं पहरणं महिंदस्स, पच्चादेसो रूवगव्विदाए सिरिगोरिए अलंकारो सग्गस्स, सा णो पिअसही उव्वसी कुबेरभवणादो णिवत्तमाणा केणावि दाणवेण चित्तलेहादुदीआ अद्धपथं उजेव बन्दिग्गाहं गिहीदा। (शृणोतु महाराजः। या तपोविशेषशङ्कितस्य सुकुमारं प्रहरणं महेन्द्रस्य, प्रत्यादेशो रूपगर्विताया: श्रीगौर्याः, अलङ्कारः स्वर्गस्य, सा नः प्रियसखी उर्वशी, कुबेरभवनान्निवर्तमाना केनापि दानवेन, चित्रलेखा द्वितीया, अर्धपथ एव, बन्दिग्राहं गृहीता।)

राजा—अपि ज्ञायते कतमेन दिग्विभागेन गतः स जाल्मः।

अप्स—ईसाणीए दिसाए। (ऐशान्या दिशा।)

राजा—तेन हि मुच्यतां विषादः। यतिष्ये वः सखीप्रत्यानयनाय।

अप्स—सरिसं एवं सोमवंससम्भवस्स। (सदृशमेतत् सोमवंशसंभवस्य।)

राजा—क्व पुनर्मां भवत्यः प्रतिपालयिष्यन्ति।

अप्स— एदस्सिं हेमकूडसिहरे। (एतस्मिन् हेमकूटशिखरे।)

राजा—सूत ! ऐशानीं दिशं प्रति चोदयाश्वानाशुगमनाय।

सूतः— यदाज्ञापयत्यायुष्मान्। (यथोक्तं करोति।)

राजा—(रथवेगं रूपयित्वा।) साधु साधु। अनेन रथवेगेन पूर्वप्रस्थितं वैनतेयमप्यासादयेयम्। किं पुनस्तम् अपकारिणं मघोनः। मम

अग्रे यान्ति रथस्य रेणुपदवीं चूर्णीभवन्तो घना-
श्चक्रभ्रान्तिररान्तरेषु वितनोत्यन्यामिवारावलीम्।
चित्रारम्भविनिश्चलं हरिशिरस्यायामवच्चामरं
यन्मध्ये समवस्थितो ध्वजपटः प्रान्ते च वेगानिलात्॥ ५

(निष्क्रान्तो रथेन राजा सूतश्च)

सह— हला ! गदो राएसी। ता अम्हे वि जधासंदिट्ठं पदेसं गच्छम्ह। (हला ! गतो राजर्षिः। तद् वयमपि यथासंदिष्टं प्रदेशं गच्छेम)

मेनका—सहि ! एव्वं करेम्ह। (सखी ! एवं कुर्मः।)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରମ୍ଭା—ଶୁଣନ୍ତୁ ମହାରାଜ ! ଆମମାନଙ୍କର ପ୍ରିୟସଖୀ ଉର୍ବଶୀ ଯେ କି ତପସ୍ୱୀ-ତପସ୍ୟା-ଶଙ୍କିତ ଇନ୍ଦ୍ରଙ୍କର ସୁକୁମାର ଅସ୍ତ୍ରସ୍ୱରୂପା, ରୂପଗର୍ବିତା ପାର୍ବତୀଙ୍କର ଗର୍ବଖଣ୍ଡନସ୍ୱରୂପା ଏବଂ ସୃଷ୍ଟିର ଅଲଙ୍କାରସ୍ୱରୂପା, ସେ କୁବେର ପୁରରୁ ଫେରୁଥିବା ବେଳେ ଗୋଟାଏ ଅସୁର ପଥମଧ୍ୟରେ ତାଙ୍କୁ ସଖୀ ଚିତ୍ରଲେଖା ସହିତ ବନ୍ଦୀ କରି ନେଇଯାଉଛି ।

ରାଜା—ସେହି ଦୁର୍ବୃତ୍ତ କେଉଁ ଦିଗକୁ ଗଲା, ଜାଣିଛ କି ?

ଅପ୍ସରାଗଣ—ଐଶାନ୍ୟ ଦିଗକୁ ।

ରାଜା—ତା'ହେଲେ ଆଉ ଦୁଃଖିତ ହୁଅ ନାହିଁ । ମୁଁ ତୁମମାନଙ୍କ ସଖୀଙ୍କୁ ଉଦ୍ଧାର କରି ଆଣିବାକୁ ଚେଷ୍ଟା କରିବି ।

ଅପ୍—ସୋମବଂଶୀଙ୍କ ପକ୍ଷରେ ଏହା ବିହିତ କାର୍ଯ୍ୟ ।

ରାଜା—ତୁମେମାନେ ମୋତେ କେଉଁଠି ଅପେକ୍ଷା କରି ରହିବ ?

ଅପ୍—ଏହି ହେମକୂଟ ପର୍ବତର ଶୃଙ୍ଗରେ ।

ରାଜା—ସାରଥି ! ଐଶାନ୍ୟ ଦିଗକୁ ଶୀଘ୍ର ଅଶ୍ୱମାନଙ୍କୁ ଚଳାଅ ।

ସାରଥି—ଆୟୁଷ୍ମାନ୍ ମହାରାଜାଙ୍କର ଯାହା ଆଜ୍ଞା ।
(କହିବା ଅନୁସାରେ କାର୍ଯ୍ୟ କଲେ)

ରାଜା—ଧନ୍ୟ ! ଧନ୍ୟ ! ରଥର ଏଭଳି ବେଗ ଦ୍ୱାରା, ଗରୁଡ଼ ଯଦି ଆଗରେ ଯାଉଥାଏ, ତାକୁ ମଧ୍ୟ ଅତିକ୍ରମ କରି ହେବ । ଇନ୍ଦ୍ରଶତ୍ରୁ ବା କେତେ ମାତ୍ର ! ମୋର—

ସମ୍ମୁଖରେ ମେଘମାଳା ଚୂର୍ଣ୍ଣୀଭୂତ ହୋଇ ରଥର ଗତିରୁ ଉଠୁଥିବା ଧୂଳି ପରି ହୋଇଯାଉଛି, ଚକ୍ରର ଘୂର୍ଣ୍ଣନ ଫଳରେ ଅରଗୁଡ଼ିକ ମଧ୍ୟରେ ଆଉ ଗୁଡ଼ିଏ ଅର ସୃଷ୍ଟି ହେବା ପରି ଜଣାପଡ଼ୁଛି, ଅଶ୍ୱମାନଙ୍କ ମସ୍ତକରେ ଚାମର ଦୀର୍ଘ ହୋଇ ଚିତ୍ର ଭଳି ନିଶ୍ଚଳ ଦିଶୁଛି ଏବଂ ବାୟୁବେଗରେ ପତାକା ତାହାର ଦଣ୍ଡର ଅଗରୁ ମଝି ପର୍ଯ୍ୟନ୍ତ ସମାନ ଭାବରେ ରହିଛି ।

(ରଥରେ ରାଜା ଓ ସାରଥିଙ୍କର ପ୍ରସ୍ଥାନ)

ସହଜନ୍ୟା—ସଖୀ ! ରାଜର୍ଷି ତ ଗଲେଣି । ଚାଲ, ଆମେ ଯଥାନିର୍ଦ୍ଦିଷ୍ଟ ସ୍ଥାନକୁ ଯିବା ।

ମେନକା—ସଖୀ ! ତାହା ହିଁ କରିବା ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

(हेमकूटशिखरे नाट्येनाधिरोहन्ति)

रम्भा—अवि णाम सो राएसी उद्धरदि णो हिअअसल्लं ।
(अपि नाम स राजर्षिरुद्धरति नो हृदयशल्यम् ।)

मेन— सहि ! मा दे संसओ भोदु । (सखि ! मा ते संशयो भवतु ।)

रम्भा—णं दुज्जआ दाणवा । (ननु दुर्जया दानवाः ।)

मेन— उवट्ठिदसंपराओ महिंदो वि मज्झमलोआदो सबहुमाणं आणाविअ तं एव्व विबुधविजआअ सेणामुहे णिओजेदि । (उपस्थितसंपरायो महेन्द्रोऽपि मध्यमलोकात् सबहुमानमानाय्य तमेव विबुधविजयाय सेनामुखे नियुङ्क्ते ।)

रंभा—सव्वहा विअई भोदु । (सर्वथा विजयी भवतु ।)

मेन— (क्षणमात्रं स्थित्वा) हला समस्ससध समस्ससध । एस उल्लसिदहरिणकेदणो तस्स राएसिणो सोमदत्तो रहो दीसदि । ण एसो अकिदत्थो पडिणिउत्तिस्सदि त्ति तक्केमि । (सख्यः समाश्वसित समाश्वसित । एष उल्लसितहरिणकेतनः तस्य राजर्षेः सोमदत्तो रथो दृश्यते । नैषः अकृतार्थः प्रतिनिवर्तिष्यत इति तर्कयामि ।)

(निमित्तं सूचयित्वावलोकन्त्यः, स्थिताः)

(ततः प्रविशति रथारूढो राजा सूतश्च । भयनिमीलिताक्षी चित्रलेखादक्षिणहस्तावलम्बिता उर्वशी च ।)

चित्र—सहि समस्सस समस्सस । (सखि समाश्वसिहि समाश्वसिहि ।)

राजा—सुन्दरि ! समाश्वसिहि ।

गतं भयं भीरु सुरारिसंभवं त्रिलोकरक्षी महिमा हि वज्रिणः ।
तदेतदुन्मीलय चक्षुरायतं निशावसाने नलिनीव पङ्कजम् ॥ ६

चित्र—अम्महे कहं उच्छसिदमेत्तसंभाविदजीविदा अज्ज वि एसा सण्णं ण पडिवज्जदि । (अहो कथमुच्छ्वसितमात्रसंभावितजीविता, अद्याप्येषा संज्ञां न प्रतिपद्यते ।)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

(ସମସ୍ତେ ନାଟ୍ୟରେ ହେମକୂଟ ଶୃଙ୍ଗ ଆରୋହଣ କଲେ)

ରମ୍ଭା—ସେହି ରାଜର୍ଷି ଆମ ହୃଦୟରୁ ଦୁଃଖର ଶଲ୍ୟ କାଢ଼ିବେ ତ ?

ମେନକା—ସଖୀ ! ସେ ବିଷୟରେ ସନ୍ଦେହ କରନାହିଁ ।

ରମ୍ଭା—କିନ୍ତୁ ଅସୁରମାନେ ଯେ ଦୁର୍ଜୟ !

ମେନକା—ଯୁଦ୍ଧ କରିବାକୁ ପଡିଲେ ଇନ୍ଦ୍ର ପରା ମର୍ତ୍ତ୍ୟଲୋକରୁ ତାଙ୍କୁ ଗୌରବ ସହକାରେ ଅଣାଇ ଦେବତାମାନଙ୍କର ବିଜୟ ନିମନ୍ତେ ଦେବସେନାର ସେନାପତି ପଦରେ ନିଯୁକ୍ତ କରନ୍ତି ।

ରମ୍ଭା—ହେଉ, ସେ ସର୍ବଥା ବିଜୟୀ ହୁଅନ୍ତୁ ।

ମେନକା—(କ୍ଷଣେମାତ୍ର ନୀରବତା ପରେ) ସଖୀଗଣ ! ଆଶ୍ୱସ୍ତ ହୁଅ, ଆଶ୍ୱସ୍ତ ହୁଅ ! ସେଇ ରାଜର୍ଷିଙ୍କର ସୋମଦତ୍ତ ରଥ ଦେଖାଗଲାଣି । ରଥର ହରିଣଚହ୍ନିତ ପତାକା ଫରଫର ହୋଇ ଉଡ଼ୁଛି । ସେ ଅକୃତକାର୍ଯ୍ୟ ହୋଇ ଫେରିନ ଥିବେ ବୋଲି ମୁଁ ଭାବୁଛି ।

(ଶୁଭ ଲକ୍ଷଣର ସୂଚନା ଦେଇ ସମସ୍ତେ ରହିରହିଲେ)

(ତା'ପରେ ରଥାରୂଢ଼ ରାଜା, ସାରଥି ଓ ଭୟରେ ଆଖି ବୁଜିଥିବା ଉର୍ବଶୀ ଦେଖାଗଲେ । ଚିତ୍ରଲେଖା ଉର୍ବଶୀଙ୍କୁ ଦକ୍ଷିଣ ହସ୍ତରେ ଧରିଥିଲେ ।)

ଚିତ୍ର—ସଖୀ ! ଧୈର୍ଯ୍ୟ ଧର, ଧୈର୍ଯ୍ୟ ଧର ।

ରାଜା—ସୁନ୍ଦରୀ ! ଧୈର୍ଯ୍ୟ ଧର ।

ଗୋ ଭୟଶୀଳେ ! ଇନ୍ଦ୍ରଙ୍କର ତ୍ରିଭୁବନରକ୍ଷାକାରୀ ମହିମାରୁ ଅସୁରଭୟ ଦୂର ହୋଇଯାଇଛି । ପ୍ରାତଃ କାଳରେ ପଦ୍ମଲତା ନିଜର ପଦ୍ମଫୁଲକୁ ଉନ୍ମୀଳିତ କଲା ପରି ତୁମେ ବର୍ତ୍ତମାନ ତୁମର ବିଶାଳ ଚକ୍ଷୁକୁ ଉନ୍ମୀଳିତ କର ।

ଚିତ୍ର—ଆହା ! ଏହାର ଶ୍ୱାସ କିମ୍ବା ଚାଲୁ ଥିବାରୁ ଜୀବନ ଅଛି ବୋଲି ଜଣାପଡୁଛି । କିନ୍ତୁ ଏ ପର୍ଯ୍ୟନ୍ତ କାହିଁକି ଚେତନା ଆସୁନାହିଁ ?

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

राजा—बलवदत्रभवती परित्रस्ता । तथाहि—

मन्दारकुसुमदाम्ना गुरुत्वास्याः सूच्यते हृदयकम्पः ।
मुहुरुच्छ्वसता मध्ये परिणाहवतोः पयोधरयोः ॥ ७

चित्र—(सकरुणम्) हला उव्वसि ! पज्जवत्थावेहि अत्ताणम । अणच्छरा विअ पडिभासि । (सखि उर्वशि ! पर्यवस्थापयात्मानम् । अनप्सरेव प्रतिभासि ।)

राजा—मुञ्चति न तावदस्या भयकम्पः कुसुमकोमलं हृदयम् ।
सिचयान्तेन कथञ्चित् स्तनमध्योच्छ्वासिना कथितः ॥ ८

(उर्वशी प्रत्यागच्छति)

राजा—(सहर्षम्)चित्रलेखे ! दिष्ट्या वर्धसे । प्रकृतिमापन्ना ते प्रियसखी ।

पश्य— आविर्भूते शशिनि तमसा मुच्यमानेव रात्रि-
नैशस्यार्चिर्हुतभुज इव च्छिन्नभूयिष्ठधूमा ।
मोहेनान्तर्वरतनुरियं लक्ष्यते मुक्तकल्पा
गङ्गा रोधःपतनकलुषा गच्छतीव प्रसादम् ॥ ९

चित्र—सहि उव्वसि । वीसद्धा भव । आवण्णाणुकंपिणा महाराएण पडिहदा क्खु दे तिदसपरिपंथिणो हदासा दाणवा । (सखि उर्वशि ! विस्रब्धा भव । आपन्नानुकम्पिना महाराजेन प्रतिहताः खलु ते त्रिदशपरिपन्थिनो हताशा दानवाः ।)

उर्व— (चक्षुषी उन्मील्य ।) किं पहावदंसिणा महिंदेण अब्भुववह्नम्हि । (किं प्रभावदर्शिना महेन्द्रेणाभ्युपपन्नास्मि ।)

चित्र—ण महिंदेण । महिंदसरिसाणुभावेण राएसिणा पुरूरवसेण । (न महेन्द्रेण । महेन्द्रसदृशानुभावेन राजर्षिणा पुरूरवसा ।)

उर्व— (राजानमवलोक्य । आत्मगतम् ।) उवकिदं क्खु दाणवेंदसंरंभेण (उपकृतं खलु दानवेन्द्रसंरम्भेण ।)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରାଜା—ଏ ମହାଶୟା ଅତ୍ୟନ୍ତ ଭୟଭୀତା ହୋଇପଡ଼ିଛନ୍ତି । କାରଣ ଏହାଙ୍କର ପୃଥୁଳ ସ୍ତନଦ୍ୱୟ ମଧ୍ୟରେ ଘନଘନ କଂପି ଉଠୁଥିବା ମନ୍ଦାର ଫୁଲର ମାଳ ସୂଚାଇ ଦେଉଛି—ଏ ପର୍ଯ୍ୟନ୍ତ ଏହାଙ୍କର ହୃଦୟ ଜୋର୍‌ରେ କମ୍ପୁଛି ।

ଚନ୍ଦ୍ର—(କରୁଣ ଭାବରେ) ସଖୀ ଉର୍ବଶୀ ! ନିଜକୁ ପ୍ରକୃତିସ୍ଥ କର । ତୁମେ ଯେ ସ୍ୱର୍ଗର ଅପ୍‌ସରା ଭଳି ଜଣାପଡୁନାହଁ !

ରାଜା—ଏହାଙ୍କର ପୁଷ୍ପ ତୁଲ୍ୟ କୋମଳ ହୃଦୟରୁ ଭୟଜନିତ କଂପନ ଦୂର ହୋଇ-ନାହିଁ—ସ୍ତନଦ୍ୱୟମଧ୍ୟବର୍ତ୍ତୀ କଂପିତ ପଣତ ଏହା କହି ଦେଉଛି ॥ ୮ ॥

(ଉର୍ବଶୀ ସଂଜ୍ଞା ଲାଭ କଲେ)

ରାଜା—(ଆନନ୍ଦରେ) ଚନ୍ଦ୍ରଲେଖା ! ତୁମର ପରମ ସୌଭାଗ୍ୟ । ପ୍ରିୟସଖୀ ତୁମର ପ୍ରକୃତିସ୍ଥା ହେଲେଣି । ଦେଖ—ଚନ୍ଦ୍ରୋଦୟ ହେତୁ ଅନ୍ଧକାରରୁ ମୁକ୍ତ ହେଉଥିବା ରାତ୍ରି ପରି, ବହଳ ଧୂମରୁ ମୁକ୍ତ ହେଉଥିବା ରାତ୍ରିକାଳୀନ ଅଗ୍ନିଶିଖା ପରି, ଏବଂ କୂଳ ଭାଙ୍ଗିପଡ଼ିବା ଫଳରେ ଗୋଳିଆ ହୋଇ ପୁଣି ନିର୍ମଳ ହେଉଥିବା ଗଙ୍ଗାଧାରା ପରି ଏହି ସୁନ୍ଦରୀ ମୂର୍ଚ୍ଛାରୁ ମୁକ୍ତ ହେବା ଭଳି ଜଣାପଡ଼ୁଛନ୍ତି ॥ ୯ ॥

ଚନ୍ଦ୍ର—ସଖୀ ଉର୍ବଶୀ ! ନିର୍ଭୟ ହୁଅ । ବିପନ୍ନମାନଙ୍କର ରକ୍ଷାକାରୀ ଏଇ ମହାରାଜ ଦେବଶତ୍ରୁ ଦାନବମାନଙ୍କୁ ପ୍ରତିହତ କରିଛନ୍ତି ।

ଉର୍ବଶୀ—(ଆଖି ଖୋଲି) ଇନ୍ଦ୍ର ସ୍ୱପ୍ରଭାବରେ ସବୁ କଥା ଦେଖିପାରନ୍ତି । ସେ କଅଣ ମୋତେ ଉଦ୍ଧାର କରିଛନ୍ତି ?

ଚନ୍ଦ୍ର—ଇନ୍ଦ୍ର ନୁହନ୍ତି, ଇନ୍ଦ୍ରତୁଲ୍ୟ ପ୍ରଭାବଶାଳୀ ଏହି ରାଜର୍ଷି ପୁରୁରବା ତୁମକୁ ଉଦ୍ଧାର କରିଛନ୍ତି ।

ଉର୍ବଶୀ—(ରାଜାଙ୍କ ଆଡ଼କୁ ଚାହିଁ ସ୍ୱଗତ) ତା'ହେଲେ ଅସୁର-ଉତ୍ପାତଦ୍ୱାରା ଉପକୃତ ହେଲି ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

राजा—(उर्वशीं विलोक्य । आत्मगतम्) स्थाने खलु नारायणमृषिं विलोभयन्त्यः, तदूरुसंभवामिमां विलोक्य व्रीडिताः सर्वा अप्सरस इति । अथवा नेयं तपस्विनः सृष्टिरित्यवैमि—

अस्याः सर्गविधौ प्रजापतिरभूच्चन्द्रो नु कान्तिप्रदः
शृङ्गारैकरसः स्वयं नु मदनो मासो नु पुष्पाकरः ।
वेदाभ्यासजडः कथं नु विषयव्यावृत्तकौतूहलो
निर्मातुं प्रभवेन्मनोहरमिदं रूपं पुराणो मुनिः ॥ १०

उर्व— हला चित्तलेहे ! सहीअणो कहिं क्खु भवे । (सखि चित्रलेखे ! सखिजनः कुत्र खलु भवेत् ।)

चित्र—सहि अभअप्पदाई महाराओ जाणादि ।
(सखि अभयप्रदायी महाराजो जानाति ।)

राजा—(उर्वशीं विलोक्य) महति विषादे वर्तते सखीजनः । पश्यतु भवती

यदृच्छया त्वं सकृदप्यवन्ध्ययोः
पथि स्थिता सुन्दरि यस्य नेत्रयोः ।
त्वया विना सोऽपि समुत्सुको भवेत्
सखीजनस्ते किमुदार्द्रसौहृदः ॥ ११

उर्व— (आत्मगतम् ।) अमिअं क्खु दे वअणम् । अहवा चंदादो अमिअं त्ति किं अच्चरिअम् । (प्रकाशम्) अदो एव्व मे पेक्खिदुं तुवरदि हिअअम् । (अमृतं खलु ते वचनम् । अथवा चन्द्रादमृतमिति किमाश्चर्यम् । (प्रकाशम्) अत एव मे प्रेक्षितुं त्वरते हृदयम् ।)

राजा—(हस्तेन दर्शयन्)

एताः सुतनु मुखं ते सख्यः पश्यन्ति हेमकूटगताः ।
उत्सुकनयना लोकाश्चन्द्रमिवोपप्लवान्मुक्तम् ॥ १२

(उर्वशी साभिलाषं पश्यति ।)

चित्र—हला किं पेक्खसि । (सखि किं प्रेक्षसे ।)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରାଜା—(ଉର୍ବଶୀଙ୍କୁ ଚାହିଁ ସ୍ୱଗତ) ଅପ୍‌ସରାମାନେ ନାରାୟଣ ଋଷିଙ୍କୁ ବଶୀଭୂତ କରୁଥିଲା ବେଳେ ଋଷିଙ୍କର ଊରୁସ୍ଥଳରୁ ଜାତ ଏଇ ଉର୍ବଶୀଙ୍କୁ ଦେଖି ଯେ ସେମାନେ ଲଜ୍ଜିତା ହୋଇଥିଲେ, ଏହା ଯଥାର୍ଥ । ମୁଁ ଏହାଙ୍କୁ ଋଷିଙ୍କର ସୃଷ୍ଟି ବୋଲି ମନେ କରୁନାହିଁ ।

ଏହାଙ୍କୁ ସୃଷ୍ଟି କରିବାରେ କାନ୍ତିପ୍ରଦ ଚନ୍ଦ୍ର ସ୍ରଷ୍ଟା ହୋଇଥିଲେ କି ? ଅଥବା ଶୃଙ୍ଗାର ରସର ଅଧିପତି କନ୍ଦର୍ପ, ଅଥବା ପୁଷ୍ପର ଆକର ବସନ୍ତ (ଋତୁ) ଏହାଙ୍କୁ ସୃଷ୍ଟି କରିବାରେ ସ୍ରଷ୍ଟା ହୋଇଥିଲେ କି ? ତା' ନ ହୋଇ-ଥିଲେ, ବେଦାଭ୍ୟାସ କରିକରି ରସହୀନ ହୋଇଥିବା, ଏବଂ ବିଷୟ ବାସନାର ଆକର୍ଷଣରୁ ନିବୃତ୍ତ ହୋଇଥିବା ବୃଦ୍ଧ ଋଷି (ବ୍ରହ୍ମା ବା ନାରାୟଣ ଋଷି) କଅଣ ଏଭଳି ସୁନ୍ଦର ରୂପ ନିର୍ମାଣ କରି ପାରିଥା'ନ୍ତେ ? ୧୦ ॥

ଉର୍ବଶୀ—ସଖୀ ଚିତ୍ରଲେଖା ! ସଖୀମାନେ କେଉଁଠି ଅଛନ୍ତି ?

ଚିତ୍ର—ଅଭୟଦାତା ମହାରାଜା ଜାଣନ୍ତି ।

ରାଜା—(ଉର୍ବଶୀଙ୍କୁ ଚାହିଁ) ସଖୀମାନେ ଅତି ଦୁଃଖରେ ଅଛନ୍ତି । ଦେଖ—

ଗୋ ସୁନ୍ଦରି ! ଦୈବଯୋଗରେ ତୁମେ ଥରେ ମାତ୍ର ଯାହାର ନେତ୍ର-ପଥାରୂଢ଼ ହୁଅ, ତା'ର ନେତ୍ର ସଫଳ ହୋଇଯାଏ ଏବଂ ତୁମେ ତାର ନେତ୍ର-ପଥରୁ ଚାଲିଗଲେ ସେ ଉତ୍‌କଣ୍ଠିତ ହୋଇଉଠେ । ତୁମକୁ ନ ଦେଖିଲେ ତୁମ ସ୍ନେହସିଗ୍‌ଧା ସଙ୍ଗିନୀମାନଙ୍କର ଅବସ୍ଥା ଯାହା ହୁଏ, ସେ କଥା ବା କଅଣ କହିବା ? ୧୧ ॥

ଉର୍ବ—(ସ୍ୱଗତ) ତୁମର ବଚନ ଅମୃତ । ହଁ, ଚନ୍ଦ୍ରରୁ ଅମୃତ ଝରିଲେ ଆଶ୍ଚର୍ଯ୍ୟ ହେବାର ବା କ'ଣ ଅଛି ? (ପ୍ରକାଶ୍ୟରେ) ତେଣୁ ସେମାନଙ୍କୁ ଦେଖିବା-ପାଇଁ ମୋର ହୃଦୟ ବ୍ୟଗ୍ର ହୋଇ ଉଠୁଛି ।

ରାଜା—(ହାତରେ ଦେଖାଇ ଦେଇ) ଗୋ ସୁନ୍ଦରି ! ଏଇ ତୁମର ସଖୀମାନେ ହେମକୂଟ ଶୃଙ୍ଗରେ ଥାଇ, ଲୋକମାନେ ଗ୍ରହଣମୁକ୍ତ ଚନ୍ଦ୍ର ଆଡ଼କୁ ଚାହିଁଲା ପରି, ଉତ୍‌କଣ୍ଠିତ ନୟନରେ ତୁମ ଆଡ଼କୁ ଚାହିଁ ରହିଛନ୍ତି ॥ ୧୨ ॥

(ଉର୍ବଶୀ ସତୃଷ୍ଣ ନୟନରେ ଚାହିଁ ରହିଲେ)

ଚିତ୍ର—ସଖୀ ! କାହା ଆଡ଼କୁ ଚାହିଁଛ ?

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

उर्व— णं समदुक्खगदो पिवोअदि लोअणेहिं ।

(ननु समदुःखगतः पीयते लोचनाभ्याम् ।)

चित्र—(सस्मितम्) अइ को । (अयि कः ।)

उर्व— णं पणइअणो । (ननु प्रणयिजनः ।)

रंभा—(सहर्षमवलोक्य) हला ! चित्तलेहादुदीअं पिअसहीं उव्वसीं गेण्हिअ विसाहासहिदो विअ भअवं सोमो समुवट्ठिदो राएसी । (सखी ! चित्रलेखाद्वितीयां प्रियसखीमुर्वशीं गृहीत्वा विशाखा-सहित इव भगवान् सोमः, समुपस्थितो राजर्षिः ।)

मेन— (निर्वर्ण्य) हला दुवे वि णो एत्थ ष्पिआ उवणदा—इअं पच्चाणीदा पिअसही, अअं च अपरिक्खदसरीरो राएसी । (सखि ! द्वे अपि नोऽत्र प्रिये उपनते— इयं प्रत्यानीता प्रियसखी, अयं चाप-रिक्षतशरीरो राजर्षिः ।)

सह— सहि जुत्तं भणासि दुज्जओ दाणओ त्ति ।

(सखि ! युक्तं भणसि दुर्जयो दानव इति ।)

राजा—सूत ! इदं तच्छैलशिखरम् । अवतारय रथम् ।

सूतः— यदाज्ञापयत्यायुष्मान् । (तथा करोति)

(उर्वशी रथावतारक्षोभं नाटयन्ती सत्रासं राजानमवलम्बते ।)

राजा—(स्वगतम्) हन्त सफलो मे विषमावतारः ।

यदिदं रथसंक्षोभादङ्गेनाङ्गं ममायतेक्षणया ।
स्पृष्टं सरोमकण्ठकमङ्कुरितं मनसिजेनेव ॥ १३

उर्व— हला किं वि परदो ओसर । (सखि किमपि परतोऽपसर ।)

चित्र—णाहं सक्केमि । (नाहं शक्नोमि ।)

रंभा—एत्थ पिअआरिणं संभावेम्ह राएसिं ।

(अत्र प्रियकारिणं संभावयमो राजर्षिम् ।)

(सर्वा उपसर्पन्ति ।)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଉର୍ବ—ମୁଁ ମୋ ସମଦୁଃଖୀଙ୍କୁ ନେହଦ୍ରବ୍ୟରେ ପାନ କରୁଛି ।

ଚନ୍ଦ—(ସ୍ମିତହାସ୍ୟପୂର୍ବକ) କେଉଁ ସମଦୁଃଖୀଙ୍କୁ ?

ଉର୍ବ—ମୋର ସ୍ନେହୀଜନଙ୍କୁ ।

ରମ୍ଭା—(ଆନନ୍ଦରେ ଚାହିଁ) ସଖୀ ! ରାଜର୍ଷି ଚନ୍ଦ୍ରଲେଖା ସହିତ ପ୍ରିୟ ସଖୀ ଉର୍ବଶୀଙ୍କୁ ଘେନି, ବିଶାଖା ସଙ୍ଗରେ ଭଗବାନ୍ ଚନ୍ଦ୍ର ଆସିଲା ପରି ଆସୁଛନ୍ତି ।

ମେନକା—(ନିରୀକ୍ଷଣ କରି) ସଖୀ ! ଆମର ଦୁଇଟି ଶୁଭ ଉପସ୍ଥିତ । ଗୋଟିଏ—ପ୍ରିୟସଖୀ ଉର୍ବଶୀଙ୍କୁ ଆମେ ଫେରି ପାଇଥାଉଁ, ଅନ୍ୟଟି—ରାଜର୍ଷି ଅକ୍ଷତ ଶରୀରରେ ଆସିଛନ୍ତି ।

ସହ—ସଖୀ ! ଠିକ୍ କହୁଛ । ରାକ୍ଷସମାନଙ୍କୁ ଜୟ କରିବା କଷ୍ଟକର ବ୍ୟାପାର ।

ରାଜା—ସାରଥି ! ଏ ସେଇ ପର୍ବତଶିଖର । ରଥ ଅବତରଣ କରାଅ ।

ସାରଥି—ଆୟୁଷ୍ମାନ୍‌ଙ୍କର ଯାହା ଆଜ୍ଞା । (ସେଇଆ କଲେ)

(ଉର୍ବଶୀ ରଥ-ଅବତରଣ-ଜନିତ କଂପନରେ ହଲିବାର ଅଭିନୟ କରି ରାଜାଙ୍କୁ ଧରି ପକାଇଲେ)

ରାଜା—(ସ୍ୱଗତ) ବାଃ ! ଅସମତଳ ପ୍ରଦେଶରେ ମୋର ଅବତରଣ ସଫଳ ହେଲା । ଯେହେତୁ—

ରଥର କଂପନରେ ଏଇ ବିଶାଳନୟନାର ଅଙ୍ଗ ମୋର ଅଙ୍ଗକୁ ସ୍ପର୍ଶ କଲା । ଫଳରେ, କନ୍ଦର୍ପ ମୋର ଅଙ୍ଗକୁ ରୋମାଞ୍ଚରେ କଣ୍ଟକପୂର୍ଣ୍ଣ ଭଳି କରିଦେଲା ॥ ୧୩ ॥

ଉର୍ବଶୀ—ସଖୀ ! ଟିକିଏ ଘୁଞ୍ଚି ଆସ ତ ।

ଚନ୍ଦ—ନା, ମୁଁ ପାରିବିନି ।

ରମ୍ଭା—ଆସ, ଆମର ହିତକାରୀ ରାଜର୍ଷିଙ୍କୁ ପାଛୋଟି ଆଣିବା ।

(ସମସ୍ତେ ନିକଟକୁ ଗଲେ)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

राजा—सूत उपश्लेषय रथम् ।

यावन् पुनरियं सुभ्रूरुत्सुकाभिः समुत्सुका ।
सखीभिर्याति संपर्कं लताभिः श्रीरिवार्तवी ॥ १४

(सूतो रथं स्थापयति)

अप्स—दिट्ठिआ महाराओ विजएण वड्ढदि ।
(दिष्ट्या महाराजो विजयेन वर्धते ।)

राजा—भवत्यश्च सखीसमागमेन ।

उर्व— (चित्रलेखादत्तहस्तावलम्बा रथादवतीर्य) हला अहिअं परिस्सजह । ण क्खु मे आसी आसासो जहा पुणो वि सहीअणं पेक्खिस्सं त्ति । (सख्यः अधिकं परिष्वजथ । न खलु मे आसीदाश्वासो यथा पुनरपि सखीजनं प्रेक्षिष्य इति ।)

(सख्यः परिष्वजन्ते)

मेन— (साशंसम्) सव्वहा कप्पसदं महाराओ पुहविं पालअंतो होदु ।
(सर्वथा कल्पशतं महाराजः पृथिवीं पालयन् भवन्तु ।)

सूत— आयुष्मन् ! पूर्वस्यां दिशि महता रथवेगेनोपदर्शितः शब्दः—

अयं च गगनात् कोऽपि तप्तचामीकराङ्गदः ।
अधिरोहति शैलाग्रं तडित्वानिव तोयदः ॥ १५

अप्स—(पश्यन्त्यः) अम्मो चित्तरहो । (अहो चित्ररथः)

(ततः प्रविशति चित्ररथः ।)

चित्र—(राजानं दृष्ट्वा सबहुमानम् ।) दिष्ट्या महेन्द्रोपकारपर्याप्तेन विक्रममहिम्ना वर्धते भवान् ।

राजा— अये गन्धर्वराजः । (रथादवतीर्य) स्वागतं प्रियसुहृदे ।

(परस्परं हस्तौ स्पृशतः)

चित्र—वयस्य ! केशिना हृतामुर्वशीं नारदादुपश्रुत्य प्रत्याहरणार्थमस्याः शतक्रतुना गन्धर्वसेना समादिष्टा । ततो वयम् अन्तरा चारणेभ्यस्त्वदीयं जयोदाहरणं श्रुत्वा त्वामिहस्थमुपागताः । स भवानिमां

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରାଜା—ସାରଥି ! ରଥ ସ୍ଥିର କର । ଯେପରି କି—

ଏଇ ଉତ୍କଣ୍ଠିତା ସୁନ୍ଦରୀ ଉତ୍କଣ୍ଠିତା ସଖୀମାନଙ୍କ ସହିତ ମିଳିତା ହେବ, ଯେପରି ଲତାମାନଙ୍କ ସହିତ ବସନ୍ତଶ୍ରୀ ମିଳିତା ହୁଏ ॥ ୧୪ ॥

(ସାରଥି ରଥ ସ୍ଥିର କଲେ)

ଅପ୍ସରାଗଣ—ସୌଭାଗ୍ୟର ବିଷୟ, ମହାରାଜା ବିଜୟ ଲାଭରେ ବର୍ଦ୍ଧିତ ହୋଇଛନ୍ତି ।

ରାଜା—ଆପଣମାନେ ମଧ୍ୟ ସଖୀ ସହିତ ମିଳନରେ ବର୍ଦ୍ଧିତା ହୋଇଛନ୍ତି ।

ଉର୍ବଶୀ—(ଚନ୍ଦ୍ରଲେଖା ହାତ ବଢାଇ ଦେଲେ । ତାଙ୍କ ହାତ ଧରି ରଥରୁ ଅବତରଣ କରି) ସଖୀଗଣ ! ମୋତେ ନିବିଡ ଭାବରେ ଆଲିଙ୍ଗନ କର । ମୋ ମନରେ ବିଶ୍ୱାସ ନ ଥିଲି ତୁମ ମାନଙ୍କ ସହିତ ପୁଣି ମିଳିତ ହୋଇପାରିବି ବୋଲି ।

(ସଖୀମାନେ ଆଲିଙ୍ଗନ କଲେ)

ମେନକା—(ପ୍ରଶଂସାର ସହିତ) ମହାରାଜ ସର୍ବଥା ଶତ କଳ୍ପ ଯାଏଁ ପୃଥିବୀ ପାଳନ କରନ୍ତୁ ।

ସାରଥି ଆୟୁଷ୍ମାନ୍ ! ପୂର୍ବ ଦିଗରେ ପ୍ରବଳ ବେଗରେ ଆସୁଥିବା ଏକ ରଥର ଶବ୍ଦ ଶୁଭୁଛି ।

ଏଇ ! ହାତରେ ଉଜ୍ଜ୍ୱଳ ସୁନାର କଙ୍କଣ ପିନ୍ଧିଥିବା ଜଣେ ପୁରୁଷ, ବିଜୁଳିଯୁକ୍ତ ମେଘ ସମାନ, ଆକାଶରୁ ପର୍ବତଶିଖରକୁ ଆରୋହଣ କରୁଛନ୍ତି ॥ ୧୫ ॥

ଅପ୍ସରାଗଣ—(ଦେଖି) ଓହୋ ! ଚିତ୍ରରଥ !

(ଚିତ୍ରରଥଙ୍କର ପ୍ରବେଶ)

ଚିତ୍ର (ରାଜାଙ୍କୁ ଦେଖି ସମ୍ମାନର ସହିତ) ସୌଭାଗ୍ୟତଃ ଆପଣ ଇନ୍ଦ୍ରଙ୍କର ମହୋପକାର ସାଧନ କରି ନିଜର ପରାକ୍ରମ ମହିମାରେ ଅଭିବୃଦ୍ଧି ଲାଭ କରିଛନ୍ତି ।

ରାଜା—କିଏ ! ଗନ୍ଧର୍ବରାଜ ! ପ୍ରିୟବନ୍ଧୁ ! ସ୍ୱାଗତ ।

(ପରସ୍ପର କରମର୍ଦ୍ଦନ କଲେ)

ଚିତ୍ର—ବନ୍ଧୁ ! କେଶୀ ଅସୁର ଉର୍ବଶୀଙ୍କୁ ଅପହରଣ କରି ନେଇଥିବା କଥା ଶୁଣି ଇନ୍ଦ୍ର ତାଙ୍କୁ ଉଦ୍ଧାର କରିବା ପାଇଁ ଗନ୍ଧର୍ବସେନାଙ୍କୁ ଆଦେଶ ଦେଇଥିଲେ । କିନ୍ତୁ ପଥ ମଧ୍ୟରେ ଆମେ ଚାରଣମାନଙ୍କ ଠାରୁ ଶୁଣିଲୁ ଯେ ଆପଣ ସେହି

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

पुरस्कृत्य सहास्माभिर्मघवन्तं द्रष्टुमर्हति। महत् खलु तत्रभवतो मघोनः प्रियमनुष्ठितं भवता। पश्य—

पुरा नारायणेनेयमतिसृष्टा मरुत्वते।
दैत्यहस्तादपाच्छिद्य सुहृदा संप्रति त्वया॥ १६

राजा—सखे! मैवम्—

ननु वज्रिण एव वीर्यमेतद् विजयन्ते द्विषतो यदस्य पक्ष्याः।
वसुधाधर-कन्दरा-विसर्पी प्रतिशब्दोऽपि हरेर्हिनस्ति नागान्॥

चित्र—युक्तमेतत्। अनुत्सेकः खलु विक्रमालङ्कारः।

राजा—सखे! नायमवसरो मम शतक्रतुं द्रष्टुम्। अत स्त्वमेवात्रभवतीं प्रभोरन्तिकं प्रापय।

चित्र—यथा भवान् मन्यते। इत इतो भवत्यः। (सर्वाः प्रस्थिताः।)

उर्व— (जनान्तिकम्) हला चित्तलेहे, उवआरिणं राएसिं ण सक्कणोमि आमन्तेदुम्। ता तुमं एव्व मे मुहं होहि। (सखि चित्रलेखे! उपकारिणं राजर्षिं न शक्नोम्यामन्त्रयितुम् तत् त्वमेव मे मुखं भव।)

चित्र—(राजानमुपेत्य) महाराअ! उव्वसी विण्णवेदि— महाराएण अब्भणुण्णादा इच्छामि पिअसहिं विअ महाराअस्स किंत्ति सुरलोअं णेदुं। (महाराज! उर्वशी विज्ञापयति—महाराजेनाभ्यनुज्ञाता इच्छामि प्रियसखीमिव महाराजस्य कीर्त्तिं सुरलोकं नेतुम्।)

राजा—गम्यतां पुनर्दर्शनाय।

(सर्वाः सगन्धर्वा आकाशोत्पतनं रूपयन्ति।)

उर्व— (उत्पतनभङ्गं रूपयित्वा) अम्मो लदाविडवे एसा एआवली वेजयन्तिआ मे लग्गा। (सव्याजमुपसृत्य राजानं पश्यन्ती) सहि चित्तलेहे! मोआवेहि दाव णं। (अहो लताविटपे एषैकावली वैजयन्तिका मे लग्ना। (सव्याजमुपसृत्य राजानं पश्यन्ती) (सखि चित्रलेखे! मोचय तावदेनाम्।)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅସୁରକୁ ଜୟ କରିଛନ୍ତି । ତେଣୁ ଆମେ ଆପଣଙ୍କ ନିକଟକୁ ଆସିଲୁଁ । ଆପଣ ଭଗବାନ୍ ଇନ୍ଦ୍ରଙ୍କର ମହାନ୍ ଉପକାର ସାଧନ କରିଛନ୍ତି । ଦେଖନ୍ତୁ—

ପୂର୍ବେ ନାରାୟଣ ଋଷି ଏହାଙ୍କୁ (ଉର୍ବଶୀଙ୍କୁ) ଇନ୍ଦ୍ରଙ୍କୁ ପ୍ରଦାନ କରିଥିଲେ । ବର୍ତ୍ତମାନ ଆପଣ ଏହାଙ୍କୁ ଦୈତ୍ୟହସ୍ତରୁ ଉଦ୍ଧାର କରି ପୁନର୍ବାର ଇନ୍ଦ୍ରଙ୍କୁ ପ୍ରଦାନ କଲେ ॥ ୧୬ ॥

ରାଜା—ବନ୍ଧୁ ! ଏପରି କୁହନାହିଁ ।

ଇନ୍ଦ୍ରଙ୍କ ବନ୍ଧୁମାନେ ଯେ ଶତ୍ରୁଙ୍କୁ ଜୟ କରିପାରନ୍ତି, ଏହା ଇନ୍ଦ୍ରଙ୍କର ହିଁ ମହିମା । ସିଂହଗର୍ଜନର ପ୍ରତିଧ୍ୱନି ମଧ୍ୟ ପର୍ବତଗୁହାରେ ବ୍ୟାପ୍ତ ହୋଇ ହସ୍ତୀମାନଙ୍କୁ ଭୀତତ୍ରସ୍ତ କରିଥାଏ ॥ ୧୭ ॥

ଚିତ୍ର—ହଁ ଠିକ୍ କଥା । ପରାକ୍ରମର ଭୂଷଣ ହେଉଛି ନମ୍ରତା ।

ରାଜା—ବନ୍ଧୁ ! ବର୍ତ୍ତମାନ ମୋର ଇନ୍ଦ୍ରଙ୍କୁ ଦର୍ଶନ କରିବାର ସମୟ ନୁହେଁ । ଏଣୁ, ତୁମେ ଉର୍ବଶୀଙ୍କୁ ତାଙ୍କ ନିକଟକୁ ନେଇ ଯାଅ ।

ଚିତ୍ର—ଆପଣ ଯାହା ଭଲ ମନେ କରୁଛନ୍ତି । (ଅପ୍‌ସରାଗଣଙ୍କୁ) ଆପଣମାନେ ଏଣେ ଆସନ୍ତୁ । (ସମସ୍ତେ ପ୍ରସ୍ଥାନ କଲେ)

ଉର୍ବ—(ଚିତ୍ରଲେଖାକୁ ଟିକିଏ ନିଜ ଆଡକୁ ନେଇ ଗୁହିଁ) ସଖୀ ଚିତ୍ରଲେଖା ! ଉପକାରୀ ରାଜର୍ଷିଙ୍କ ସହିତ ମୁଁ ସମ୍ଭାଷଣ କରିପାରୁ ନାହିଁ । ତୁମେ ମୋ ପାଇଁ କୁହ ।

ଚିତ୍ର—(ରାଜାଙ୍କ ନିକଟକୁ ଯାଇ) ମହାରାଜ ! ଉର୍ବଶୀ ଜଣାଉଛନ୍ତି—ମହାରାଜ ଯଦି ଅନୁମତି ଦେବେ, ସେ ମହାରାଜଙ୍କ କୀର୍ତ୍ତିକୁ ପ୍ରିୟ ସଙ୍ଗିନୀଟି ପରି ସଙ୍ଗରେ ନେଇ ସ୍ୱର୍ଗକୁ ଯିବେ ।

ରାଜା—ଯାଆନ୍ତୁ । ପୁଣି ଦେଖାହେବ ।

(ଗନ୍ଧର୍ବଙ୍କ ସହିତ ସମସ୍ତେ ନାଟ୍ୟରେ ଆକାଶକୁ ଉଠିଲେ)

ଉର୍ବ—(ଉଠିବାରେ ବାଧା ଅନୁଭବ କରି) ଓଃ ! ଲତାରେ ମୋର ବୈଜୟନ୍ତୀ ମାଳାଟା ଲାଗିଗଲା ! (ବାହାନା କରି ବୁଲି ପଡ଼ି ରାଜାଙ୍କ ଆଡକୁ ଗୁହିଁ) ସଖୀ ! ଚିତ୍ରଲେଖା ! ଏହାକୁ ଛଡାଇ ଦିଅ ତ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

चित्र—(विलोक्य विहस्य च) आं दिढं क्खु लग्गा सा । असक्का मोआ-विदुं । (आम्, दृढं खलु लग्ना सा । अशक्यं मोचयितुम् ।)

उर्व— अलं पडिहासेन । मोआवेहि दाव णं ।
(अलं परिहासेन । मोचय तावदेनाम्)

चित्र—आं दुम्मोआ विअ मे पडिहादि । तहा वि मोआइस्सं दाव ।
(आम् दुर्मोच्येव मे प्रतिभाति । तथापि मोचयिष्ये तावत् ।)

उर्व— (स्मितं कृत्वा) पिअसहि ! सुमरेहि क्खु एदं अत्तणो वअणं ।
(प्रियसखि ! स्मर खल्वेतदात्मनो वचनम् ।)

राजा— (स्वगतम्)
प्रियमाचरितं लते त्वया मे गमनेऽस्याः क्षणविघ्नमाचरन्त्या ।
यदियं पुनरप्यपाङ्गनेत्रा परिवृत्तार्धमुखी मया हि दृष्टा ॥ १८
(चित्रलेखा मोचयति । उर्वशी राजानमालोकयन्ती सखीजन-मुत्पतन्तं पश्यति ।)

सूत— आयुष्मन् !
अदः सुरेन्द्रस्य कृतापराधान् प्रक्षिप्य दैत्यांल्लवणाम्बुराशौ ।
वायव्यमस्त्रं शरधिं पुनस्ते महोरगः श्वभ्रमिव प्रविष्टम् ॥ १९

राजा—तेन ह्युपश्लेषय रथम् । यावदारोहामि ।
(सूतस्तथा करोति । राजा नाट्येन रथमारोहति ।)

उर्व— (सस्पृहं राजानमवलोकयन्ती) अवि णाम पुणो वि उअआरिणं एदं पेक्खिस्सं (अपि नाम पुनरप्युपकारिणमेनं प्रेक्षिष्ये ।)
(सगन्धर्वा सह सखीभिर्निष्क्रान्ता)

राजा—(उर्वशीवर्त्मोन्मुखः) अहो दुर्लभाभिलाषी मदनः —
एषा मनो मे प्रसभं शरीरात् पितुः पदं मध्यमसुत्पतन्ती ।
सुराङ्गना कर्षति खण्डिताग्रात् सूत्रं मृणालादिव राजहंसी ॥ २०
(निष्क्रान्ताः सर्वे)

इति प्रथमोऽङ्कः

—*—

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଚନ୍ଦ—(ଗ୍ରହିଁ ଓ ହସି) ଓଃ ! ଖୁବ୍ ଛନ୍ଦ ହୋଇ ଲଗିଯାଇଛି ! ମୁଁ ଛଡ଼ାଇ-ପାରିବି ନା ।

ଉର୍ବ—ପରିହାସ କର ନା । ଛଡ଼ାଇ ଦିଅ ।

ଚନ୍ଦ—ଓଃ ! ଏହାକୁ ଛଡାଇବା ତ ମୋ ପକ୍ଷରେ ବଡ଼ କଷ୍ଟକର ଜଣାପଡୁଛି । ତଥାପି ଚେଷ୍ଟା କରେଁ ।

6944

ଉର୍ବ—(ଅଳ୍ପ ହସି) ପ୍ରିୟସଖୀ ! ନିଜର କଥାକୁ ସ୍ମରଣ କର ।

ରାଜା—(ସ୍ୱଗତ) ଗୋ ଲତା ! ତୁମେ ଯେ ଏହାର ଯିବା ପଥରେ କ୍ଷଣେ ପାଇଁ ବାଧା ସୃଷ୍ଟି କଲ, ଏହା ଦ୍ୱାରା ତୁମେ ମୋର ପ୍ରିୟ କାର୍ଯ୍ୟ କଲ । ଯେହେତୁ, ଏହି ବିଶାଳନୟନା ମୁହଁ ଅଧା ବୁଲାଇ ମୋ ଆଡ଼କୁ ଗ୍ରହିଁଲ ଏବଂ ମୁଁ ତାକୁ ଥରେ ଦେଖିପାରିଲି ॥ ୧୮ ॥

(ଚନ୍ଦ୍ରଲେଖା ହାର କାଢୁଥାଏ । ଉର୍ବଶୀ ଥରେ ରାଜାଙ୍କ ଆଡକୁ ତ ଥରେ ଆକାଶକୁ ଉଠୁଥିବା ସଖୀମାନଙ୍କ ଆଡ଼କୁ ଗ୍ରହୁଁଥାଆନ୍ତି ।)

ସାରଥି—ଆୟୁଷ୍ମାନ୍ ! ଏଇ ! ଆପଣଙ୍କର ବାୟବ୍ୟ ଅସ୍ତ୍ର ଇନ୍ଦ୍ରଙ୍କ ଶତ୍ରୁମାନଙ୍କୁ ଲବଣସମୁଦ୍ରରେ ଫିଙ୍ଗି, ପ୍ରଚଣ୍ଡ ସର୍ପ ନିଜ ବିଳକୁ ପଶିଲା ପରି, ଆପଣଙ୍କର ତୂଣୀର ଭିତରକୁ ପଶୁଛି ।

ରାଜା—ତା'ହେଲେ ନିକଟକୁ ରଥ ଆଣ, ଆରୋହଣ କରିବା ।

(ସାରଥି ତାହା କଲେ । ରାଜା ନାଟ୍ୟରେ ରଥ ଆରୋହଣ କଲେ ।)

ଉର୍ବଶୀ—(ସତୃଷ୍ଣ ନୟନରେ ରାଜାଙ୍କ ଆଡକୁ ଗ୍ରହିଁ) ଏହି ଉପକାରୀଙ୍କୁ ଆଉ ଥରେ ଦେଖିବାକୁ ପାଇବି କି ?

(ଗନ୍ଧର୍ବ ଓ ସଖୀମାନଙ୍କ ସହିତ ପ୍ରସ୍ଥାନ କଲେ)

ରାଜା—(ଉପରକୁ ମୁହଁ କରି ଉର୍ବଶୀଙ୍କ ଯିବା ବାଟକୁ ଗ୍ରହିଁ) ଓଃ ! ଯାହା ଦୁର୍ଲଭ, ତାହା ପାଇବାକୁ କନ୍ଦର୍ପର କି ଅଭିଳାଷ !

ଏହି ଦେବାଙ୍ଗନା (ଉର୍ବଶୀ) ଆକାଶ ପଥରେ ଯାଉଛି । କିନ୍ତୁ ରାଜହଂସୀଟିଏ ଅଗ୍ର-ଖଣ୍ଡିତ ପଦ୍ମନାଡରୁ ନାଡ଼ସୂତ୍ରକୁ ଟାଣିନେଲା ପରି, ସେ ମୋ ଦେହରୁ ମନକୁ ଟାଣିନେଇ ଯାଉଛି ।

(ସମସ୍ତଙ୍କର ପ୍ରସ୍ଥାନ)

॥ ପ୍ରଥମ ଅଙ୍କ ସମାପ୍ତ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

अथ मिश्रविष्कम्भकः

(ततः प्रविशति विदूषकः)

विदू— ही ही भो णिमंतणिओ परमण्णेण विअ राअरहस्सेण फुट्टमाणो ण सक्कणोमि जणाइण्णे अत्तणो जीहं धारिदुं। ता जाव सो राआ धम्मासणगदो इदो आअच्छइ दाव इमस्सिं विरलजण-संवादे देवच्छंदअप्पासादे आरुहिअ चिट्ठिस्सं। (ही ही भोः निमन्त्रणिकः परमान्नेनेव राजरहस्येन स्फुटन् न शक्नोमि जनाकीर्णे आत्मनो जिह्वां धारयितुम्। तद् यावन् स राजा धर्मासनगत इत आयाति तावदेतस्मिन् विरलजनसंपाते देव-च्छन्दकप्रासादे, आरुह्य स्थास्यामि) (परिक्रम्योपविश्य पाणिभ्यां मुखं पिधाय स्थितः।)

(ततः प्रविशति चेटी)

चेटी— आणत्तम्हि देवीए कासिराअदुहिदाए जधा— हंजे णिउणिए! जदो पहुदि भअअदो सुज्जस्स उअत्थाणं कदुअ पटिणिउत्तो महा-राओ तदो पहुदि सुण्णहिअओ विअ लक्खीअदि। ता तुमं वि दाव अज्जमाणवआदो जाणाहि से उक्कण्ठकालणं त्ति। ता कहं सो बम्हबन्धु अदिसंधादव्वो। अहवा तिणग्गलग्गं विअ अवस्सा-असलिलं ण तस्सिं राअरहस्सं चिरं चिट्ठदि त्ति तक्केमि। ता जा णं अण्णेसामि। (परिक्रम्यावलोक्य च) अम्मो आलेक्खवाणरो विअ किंपि मंतअंतो णिहदो अज्जमाणअवो चिट्ठदि। ता जाव णं उवसप्पामि। (उपसृत्य) अज्ज वंदामि। (आज्ञप्तास्मि देव्या काशिराजदुहित्रा यथा— हञ्जे निपुणिके! यतः प्रभृति भगवतः सूर्यस्योपस्थानं कृत्वा प्रतिनिवृत्तो महाराजः, ततः प्रभृति शून्य-हृदय इव लक्ष्यते। तत् त्वमपि तावदार्यमाणवकाज्जानीहि

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ମିଶ୍ରବିଷ୍କମ୍ଭକ

(ବିଦୂଷକଙ୍କର ପ୍ରବେଶ)

ବିଦୂ—ହେଃ ! ହେଃ ! ନିମନ୍ତ୍ରିତ ଲୋକ ଉତ୍କୃଷ୍ଟ ପାୟସାଦି ଖାଦ୍ୟ ଖାଇ ଯେପରି ପେଟ ଫାଟିଗଲା ପରି ହୁଏ, ସେହିପରି ରାଜାଙ୍କ ଗୁପ୍ତ କଥା ପୂରାଇ ମୋ ପେଟ ଫାଟିଗଲା ପରି ବୋଧ ହେଉଛି । ମୁଁ ଲୋକ ଗହଳରେ ମୋ ଜିହ୍ବାକୁ ଆଉ ଆକଟ କରି ରଖି ପାରୁନାହିଁ । ତେବେ, ରାଜା ଧର୍ମାସନକାର୍ଯ୍ୟ (ରାଜକାର୍ଯ୍ୟ) ସାରି ଏଣିକି ଯେପର୍ଯ୍ୟନ୍ତ ନ ଆସିଛନ୍ତି, ସେ ପର୍ଯ୍ୟନ୍ତ ମୁଁ ଏଇ ନିରୋଳା ଦେବଚ୍ଛନ୍ଦକ ପ୍ରାସାଦ ଆରୋହଣ କରି ବସି ରହିବି । (ପରିକ୍ରମା ପୂର୍ବକ ଉପବେଶନ କରି, ଦୁଇ ହାତରେ ତୁଣ୍ଡକୁ ଚାପି ରହିଲେ ।)

(ଦାସୀର ପ୍ରବେଶ)

ଦାସୀ—ମହାରାଣୀ କାଶୀରାଜକନ୍ୟା ମୋତେ ଆଦେଶ ଦେଇଛନ୍ତି—"ଆଲୋ ନିପୁଣିକା ! ମହାରାଜ ସୂର୍ଯ୍ୟ ପୂଜା ସାରି ଫେରିବା ଦିନଠାରୁ ଅନ୍ୟମନସ୍କ ପରି ଜଣାପଡ଼ୁଛନ୍ତି । ତେଣୁ ତୁ ଆର୍ଯ୍ୟ ମାଣବକଙ୍କ ଠାରୁ ତାଙ୍କ ଉତ୍କଣ୍ଠାର

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

अस्योत्कण्ठाकारणमिति । तत्, कथं स ब्रह्मबन्धुरतिसंधातव्यः ? अथवा तृणाग्रलग्नमिवावश्यायसलिलं न तस्मिन् राजरहस्यं चिरं तिष्ठतीति तर्कयामि । तद् तावदेनमन्वेषयामि । (परिक्रम्यावलोक्य च) अहो ! आलेख्यवानर इव किमपि मन्त्रयन् निभृत आर्यमाणवकस्तिष्ठति । तद्, यावदेनमुपसर्पामि । (उपसृत्य) आर्य ! वन्दे ।)

विदू— सत्थि भोदीए । (आत्मगतम्) एदं दुट्ठचेडिअं पेक्खिअ तं राअरहस्सं हिअअं भिंदिअ णिक्कमदि विअ (किंचिन्मुखं संवृत्य, प्रकाशम्) भोदि णिउणिए ! संगीदवावारं उज्झिअ कहिं पत्थिदासि । (स्वस्ति भवत्यै । (आत्मगतम्)एतां दुष्टचेटिकां प्रेक्ष्य तद् राजरहस्यं हृदयं भित्त्वा निष्क्रामतीव । (किञ्चिन्मुखं संवृत्य प्रकाशम्) भवति निपुणिके ! संगीतव्यापारमुज्झित्वा कुत्र प्रस्थितासि ।)

चेटी— देवीए वअणेण अज्जं एव्व पेक्खिदुम् ।
(देव्या वचनेनार्यमेव प्रेक्षितुम् ।)

विदू— किं तत्तभोदी आणवेदि । (किं तत्रभवती आज्ञापयति ।)

चेटी— देवी भणादि जधा— अज्जस्स मम उअरि अदक्खिणं । ण मं अणुइदवेदणं दुक्खिदं अवलोअदि त्ति । (देवी भणति यथा— आर्यस्य ममोपरि अदाक्षिण्यम् । न मामनुचितवेदनां दुःखितामवलोकयतीति ।)

विदू— णिउणिए ! किं वा पिअवअस्सेण तत्तभोदीए पडिऊलं किंवि समाचरिदं । (निपुणिके ! किं वा प्रियवयस्येन तत्रभवत्याः प्रतिकूलं किमपि समाचरितम् ।)

चेटी— जं णिमित्तं उण भट्टा उक्कण्ठिदो ताए इत्थिआए णामेण भट्टिणी देवी आलविदा । (यन्निमित्तं पुनर्भर्ता उत्कण्ठितः, तस्याः नाम्ना भर्त्री देवी आलपिता ।)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କାରଣ କଅଣ ବୁଝିବୁ । ତା' ହେଲେ ସେହି ଧୂର୍ତ୍ତ ବ୍ରାହ୍ମଣକୁ ମୁଁ କପଟ ଠକିବ ? ହଁ, ମୋର ଧାରଣା, ଘାସ ଅଗରେ ଲାଗିଥିବା କାକରବିନ୍ଦୁ ପରି ତା'ଠାରେ ରାଜାଙ୍କ ଗୁପ୍ତ କଥା ବେଶୀ ସମୟ ରହିପାରିବନାହିଁ । ତା'ହେଲେ ତାକୁ ଖୋଜି ବାହାର କରେଁ । (ପରିକ୍ରମାପୂର୍ବକ ଲକ୍ଷ୍ୟ କରି)ଏଇ ତ ଆର୍ଯ୍ୟ ମାଣବକ କ'ଣ ଚିନ୍ତା କଲା ପରି ଚିତ୍ରମାଙ୍କଡଟି ପରି ଚୁପ୍ ଚୁପ୍ ବସିଛନ୍ତି । ତା' ହେଲେ ତାଙ୍କ ପାଖକୁ ଯାଏଁ । (ପାଖକୁ ଯାଇ) ଆର୍ଯ୍ୟ, ନମସ୍କାର ।

ବିଦୂ —ତୋର ମଙ୍ଗଳ ହେଉ । (ସ୍ୱଗତ) ଏଇ ଦୁଷ୍ଟା ଦାସୀଟାକୁ ଦେଖି ରାଜାଙ୍କର ଗୁପ୍ତକଥାଗୁଡ଼ାକ ଯେପରିକି ମୋ ହୃଦୟ ଫଟାଇ ବାହାରି ଆସୁଛି ! (ମୁହଁକୁ ଟିକିଏ ବୁଲାଇ ରଖି ପ୍ରକାଶ୍ୟରେ) ଆଲୋ ନିପୁଣିକା ! ସଂଗୀତବ୍ୟାପାର ଛାଡ଼ି କୁଆଡ଼େ ଯାଉଛୁ ?

ଦାସୀ—ମହାରାଣୀଙ୍କ ଆଦେଶରେ ଆପଣଙ୍କୁ ସାକ୍ଷାତ କରିବାପାଇଁ ।

ବିଦୂ —ଆଦରଣୀୟା ମହାରାଣୀ କି ଆଦେଶ ଦେଇଛନ୍ତି ?

ଦାସୀ—ମହାରାଣୀ କହିଛନ୍ତି ଯେ—"ଆର୍ଯ୍ୟ ମାଣବକଙ୍କର ମୋ ଉପରେ ଦୟା ନାହିଁ । ମୁଁ ଦୁଃଖରେ ଦୁଃଖିତା ହେଉଛି, ସେ ମୋ ଆଡକୁ ଟିକିଏ ଚାହୁଁ ମଧ୍ୟ ନାହାନ୍ତି । "

ବିଦୂ — ନିପୁଣିକା ! ପ୍ରିୟ ବନ୍ଧୁ (ରାଜା) ଆଦରଣୀୟାଙ୍କ ପ୍ରତି କିଛି ପ୍ରତିକୂଳ ଆଚରଣ କରିଛନ୍ତି କି ?

ଦାସୀ—ରାଜା ଯେଉଁ ସ୍ତ୍ରୀ ପାଇଁ ଉତ୍କଣ୍ଠିତ, ସେଇ ସ୍ତ୍ରୀର ନାମ ଧରି ମହାରାଣୀଙ୍କୁ ଡାକଦେଲେ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

विदू—(स्वगतम्) कहं सअं एव्व तत्तभोदा वअस्सेण रहस्सभेदो किदो । किं दाणिं अहं जीहाजंतणेण दुक्खं अणुहवम्मि । (प्रकाशम् ।) किं उव्बसीणासधेएण आमंतिदा ? (कथं स्वयमेव तत्रभवता वयस्येन रहस्यभेदः कृतः । किमिदानीमहं जिह्वायन्त्रणेन दुःखमनुभवामि । (प्रकाशम्) किं तत्रभवता उर्वशीनामधेयेन आमन्त्रिता ?)

चेटी—अज्ज का सा उव्वसी ? (आर्य का सा उर्वशी ?)

विदू०—अत्थि उव्वसि त्ति अच्छरा । ताए दंसणेण उम्मादिदो ण केवलं तं आआसेदि, मं बि बम्हणं असिदव्वविमुहं दिढं पीडेदि । (अस्ति उर्वशीत्यप्सराः । तस्या दर्शनेनोन्मादितो न केवलं तामायासयति मामपि ब्राह्मणमशितव्यविमुखं दृढं पीडयति ।)

चेटी—(स्वगतम् ।) उव्वादिदो मए भेओ भट्टिणो रहस्सदुग्गस्स । ता गदुअ देवीए एदं णिवेदेमि । (उत्पादितो मया भेदो भर्तुः रहस्यदुर्गस्य । तद् गत्वा देव्यै एतन्निवेदयामि ।) (प्रस्थिता ।)

विदू०—णिउणिए ! विण्णावेहि मम वअणेण कासिराअदुहिदरं—परिस्संतम्हि इमाए मिअतिण्हिआए वअस्सं णिअत्तावेदुं । जइ भोदीए मुहकमलं पेक्खिस्सदि तदो णिअत्तिस्सदि त्ति । (निपुणिके ! विज्ञापय मम वचनेन काशीराजदुहितरम् परिश्रान्तोऽस्म्येतस्या मृगतृष्णिकाया वयस्यं निवर्तयितुम । यदि भवत्या मुखकमलं प्रेक्षिष्यते ततो निवर्तिष्यत इति ।)

चेटी—जं अज्जो आणवेदि । (यदार्य आज्ञापयति) (निष्क्रान्ता ।)

(नेपथ्ये वैतालिकः ।)

जयतु जयतु देवः ।

आ लोकान्तात् प्रतिहततमोवृत्तिरासां प्रजानां
तुल्योद्योगस्तव च सवितुश्चाधिकारो मतो नः ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବଦୂ— (ସ୍ୱଗତ) କ'ଣ ମୋର ମାନନୀୟ ମିତ୍ର (ରାଜା) ନିଜେ ନିଜର ଗୁପ୍ତ କଥା ଖୋଲିଦେଲେ ! ତା'ହେଲେ ମୁଁ ଆଉ କାହିଁକି ମୋ ଜିହ୍ୱାକୁ ଆକଟରେ ରଖି କଷ୍ଟ ଦେବି ? (ପ୍ରକାଶ୍ୟରେ) କ'ଣ ପ୍ରିୟବନ୍ଧୁ ମହାରାଣୀଙ୍କୁ ଉର୍ବଶୀ ନାମରେ ଡାକିଦେଲେ କି ?

ଦାସୀ—ଆର୍ଯ୍ୟ ! ସେହି ଉର୍ବଶୀ କିଏ ?

ବଦୂ—ଉର୍ବଶୀ ଏକ ଅପ୍‌ସରା । ତାକୁ ଦେଖିବା ଦିନଠାରୁ ରାଜା ପାଗଳ ପରି ହୋଇ କେବଳ ମହାରାଣୀଙ୍କୁ କଷ୍ଟ ଦେଉ ନାହାନ୍ତି, ମୋ ଭଳି ବ୍ରାହ୍ମଣକୁ ମଧ୍ୟ ଭୋଜନରୁ ବଞ୍ଚିତ କରି କଷ୍ଟ ଦେଉଛନ୍ତି ।

ଦାସୀ—(ସ୍ୱଗତ) ରାଜାଙ୍କ ଗୁପ୍ତକଥାରୂପକ ଦୁର୍ଗକୁ ମୁଁ ଭେଦ କରିଛି । ତା'ହେଲେ ଯାଉଛି, ମହାରାଣୀଙ୍କୁ ଏହା ଜଣାଇବି ।

ବଦୂ – ନିପୁଣିକା ! କାଶୀରାଜକନ୍ୟାଙ୍କୁ ମୋ କଥା ଅନୁସାରେ ଜଣାଇବୁ, ପ୍ରିୟ-ବନ୍ଧୁଙ୍କୁ ଏଇ ମୃଗତୃଷ୍ଣାରୁ ନିବୃତ୍ତ କରିବାକୁ ଚେଷ୍ଟା କରିକରି ମୁଁ ଥକିଗଲିଣି । ଯଦି ସେ ରାଣୀଙ୍କର ମୁଖ କମଳ ଦେଖିବେ, ତା' ହେଲେ ନିଶ୍ଚୟ ସେଥିରୁ ନିବୃତ୍ତ ହେବେ ।

ଦାସୀ— ଆର୍ଯ୍ୟଙ୍କର ଯାହା ଆଜ୍ଞା । (ଚାଲିଗଲା)

ନେପଥ୍ୟେ ବୈତାଳିକ (ଭାଟ)—

ମହାରାଜାଙ୍କର ଜୟ ହେଉ ।

ସୂର୍ଯ୍ୟଦେବ ସକଳ ଜଗତର ଅନ୍ଧକାର ନାଶ କରନ୍ତି, ଆପଣ ମଧ୍ୟ ପ୍ରଜା-ମାନଙ୍କର ଦୁଷ୍ଟଗୁଣରୂପକ ଅନ୍ଧକାର ନାଶ କରନ୍ତି । ତେଣୁ ଆପଣଙ୍କର ଓ ସୂର୍ଯ୍ୟ ଦେବଙ୍କର କାର୍ଯ୍ୟଧାରା ସମାନ ବୋଲି ଆମର ମତ । ଗ୍ରହରାଜ ସୂର୍ଯ୍ୟ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

तिष्ठत्येकः क्षणमधिपतिर्ज्योतिषां व्योममध्ये
षष्ठे काले त्वमपि लभसे देव विश्रान्तिमह्नः ॥ १ ॥

विदू०—(कर्णं दत्त्वा) एसो उण पिअवअस्सो धम्मासणसमुत्थिदो इदो जेव्व आअच्छदि। ता जाव पासपाडवत्ती होमि। (एष पुनः प्रियवयस्यो धर्मासनसमुत्थित इत एवागच्छति। तद् यावत् पार्श्वपरिवर्ती भवामि।)

(निष्क्रान्तः ।)

॥ इति मिश्रविष्कम्भः ॥

अथ द्वितीयोऽङ्कः

(ततः प्रविशत्युत्कण्ठितो राजा विदूषकश्च)

राजा—आ दर्शनात् प्रविष्टा सा मे सुरलोकसुन्दरी हृदयम्।
बाणेन मकरकेतोः कृतमार्गमवन्ध्यपातेन ॥ २ ॥

विदू०—सपीडा क्खु जादा तत्तभोदी कासिराअदुहिदा।
(सपीडा खलु जाता तत्रभवती काशिराजदुहिता।)

राजा—(निरीक्ष्य) अपि रक्ष्यते भवता रहस्यनिक्षेपः ?

विदू०—(आत्मगतम्) हा धिग्, वंचिदोम्हि दुट्ठ दासीए णिउणिआए। अण्णधा कथं एव्वं पुच्छदि वअस्सो। (हा धिक्! वञ्चितोऽस्मि दुष्टदास्या निपुणिकया। अन्यथा कथमेवं पृच्छति वयस्यः।)

राजा—किं भवाँस्तूष्णीमास्ते।

विदू०—भो एव्वं मए जीहा संजतिदा जेण भवदो वि णत्थि पदिवअणं। (भोः एवं मया जिह्वा संयन्त्रिता येन भवतोऽपि नास्ति प्रतिवचनम्।)

राजा—युक्तम्। अथ केनेदानीमात्मानं विनोदयामि।

विदू०—भो महाणसं गच्छम्ह। (भो महानसं गच्छाव।)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଦିବସର ଷଷ୍ଠ ଭାଗରେ ଆକାଶପଥରେ କ୍ଷଣେ ମାତ୍ର ବିଶ୍ରାମ ନିଅନ୍ତୁ । ଆପଣ ମଧ୍ୟ ଦିବସର ଷଷ୍ଠଭାଗରେ କ୍ଷଣେମାତ୍ର ବିଶ୍ରାମ ନିଅନ୍ତୁ ।

ବିଦୂ— (କାନ ଡେରି) ଏହି ତ ମହାରାଜ ଧର୍ମାସନରୁ ଉଠି ଏଣିକି ଆସୁଛନ୍ତି । ତା'ହେଲେ ମୁଁ ତାଙ୍କ ପାଖକୁ ଯାଏ । (ଗଲେ)

॥ ମିଶ୍ର ବିଷ୍କମ୍ଭକ ସମାପ୍ତ ॥

ଦ୍ୱିତୀୟ ଅଙ୍କ

ତା'ପରେ ଉତ୍କଣ୍ଠିତ ରାଜା ଓ ବିଦୂଷକଙ୍କର ପ୍ରବେଶ)

ସେହି ସ୍ୱର୍ଗସୁନ୍ଦରୀଙ୍କୁ ଦେଖିବାଦିନୁ କନ୍ଦର୍ପର ଅବ୍ୟର୍ଥ ଶର ମୋ ହୃଦୟ ମଧ୍ୟକୁ ପ୍ରବେଶ କରି ପଥ ପ୍ରସ୍ତୁତ କରିଦେଇଛି ଏବଂ ସେହି ପଥରେ ସ୍ୱର୍ଗସୁନ୍ଦରୀ ମୋ ହୃଦୟ ଭିତରକୁ ପ୍ରବେଶ କରିଯାଇଛି । ୨

ବିଦୂ -- ସେଇଥିପାଇଁ ତ ଆଦରଣୀୟା କାଶୀରାଜକନ୍ୟା କଷ୍ଟ ପାଉଛନ୍ତି ।

ରାଜା—ମୁଁ ତୁମ ଆଗରେ ଯେଉଁ ଗୋପନୀୟ କଥାଟି କହିଛି, ତାହାକୁ ସୁରକ୍ଷିତ ରଖିଛ ତ ?

ବିଦୂ -- (ସ୍ୱଗତ) ଆ ଧିକ୍ ! ସେହି ଦୁଷ୍ଟା ଦାସୀ ନିପୁଣିକା ମୋତେ ପ୍ରତାରିତ କରିଦେଲା । ତା ନହେଲେ ପ୍ରିୟବନ୍ଧୁ ଏପରି କାହିଁକି ପଚାରନ୍ତେ ?

ରାଜା – ନୀରବ ରହିଲ କାହିଁକି ?

ବିଦୂ— ଆହେ ! ମୁଁ ମୋ ଜିହ୍ୱାକୁ ଏଭଳି ନିୟନ୍ତ୍ରିତ କରି ରଖିଛି ଯେ ଆପଣଙ୍କୁ ମଧ୍ୟ ଉତ୍ତର ଦେଇ ପାରୁନାହିଁ ।

ରାଜା—ଠିକ୍ କରିଛ । ତେବେ ବର୍ତ୍ତମାନ କି ଉପାୟରେ ନିଜକୁ ଆନନ୍ଦଦାନ କରିବ ?

ବିଦୂ— ଆହେ ! ରୋଷେଇଶାଳକୁ ଯିବା ଚାଲନ୍ତୁ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

राजा—किं तत्र !

विदू०—तहिं पंचविहस्स अब्भवहारस्स उवणदसंभरस्स जोअणां पेक्खमाणेहिं सक्कं उक्कंठां विणोदेदुं । (तत्र पञ्चविधस्य अभ्यवहारस्य उपनतसंभारस्य योजनां प्रेक्षमाणाभ्यां शक्यमुत्कण्ठां विनोदयितुम् ।)

राजा—(सस्मितम्) तत्र ईप्सितसंनिधानाद् भवान् रंस्यते । मया खलु दुर्लभप्रार्थनः कथमात्मा विनोदयितव्यः ?

विदू०—णं भवं वि तत्तभोदीए उव्वसीए दंसणपहं गदो ?

(ननु, भवानपि तत्रभवत्या उर्वश्या दर्शनपथं गतः ?)

राजा—ततः किम् ?

विदू०—ण क्खु दे दुल्लह त्ति तक्केमि। (न खलु ते दुर्लभेति तर्कयामि ।)

राजा—पक्षपातोऽपि तस्यां सद्रूपस्यालौकिक एव ।

विदू०—एव्वं मंतअंतेण मे वड्ढिदं कोदूहलं । किं तत्तभोदी उव्वसी अद्दुदीआ रूवेण अहं विअ विरूवदाए ? (एवं मन्त्रयता मम वर्धितं कौतूहलम् । किं तत्रभवती उर्वशी अद्वितीया रूपेण अहमिव विरूपतया ?)

राजा—माणवक ! प्रत्यवयवमशक्यवर्णनां तामवेहि । तेन हि समासतः श्रूयताम् ।

विदू०—भो ! अवहिदोम्हि । (भोः ! अवहितोऽस्मि ।)

राजा—आभरणस्याभरणं प्रसाधनविधेः प्रसाधनविशेषः ।
उपमानस्यापि सखे प्रत्युपमानं वपुस्तस्याः ॥ ३ ॥

विदू०—अदो दाव तुए दिव्वरसाहिलासिणा चादअव्वदं गहीदं । ता दाव तुमं कहिं पत्थिदो ? (अतस्तावत् त्वया दिव्यरसाभिलाषिणा चातकव्रतं गृहीतम् । तत् तावत् त्वं कुत्र प्रस्थितः ?)

राजा—विविक्तादृते नान्यदुत्सुकस्य शरणम् । तद्, भवान् प्रमदवन-मार्गमादेशयतु ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରାଜା—ସେଠିକି ଗଲେ କଅଣ ହେବ ?

ବଦୂ — ସେଠି ପଞ୍ଚବିଧ ଭୋଜନସଂଭାର ଦେଖିଲେ ଉତ୍କଣ୍ଠା ଦୂର ହୋଇଯିବ ।

ରାଜା—(ମୃଦୁହାସ୍ୟର ସହିତ) ସେଠି ତୁମେ ତୁମର ଅଭିଲଷିତ ପଦାର୍ଥ ପାଇ ଖୁସି ହୋଇ ପାରିବ । କିନ୍ତୁ ମୁଁ ସେଠି କିପରି ଖୁସି ହେବି ? ମୋର ଅଭିଲାଷ ତ ଦୁର୍ଲଭ ।

ବଦୂ— ଆଚ୍ଛା, ଆପଣଙ୍କ ଆଦରଣୀୟା ଉର୍ବଶୀ ଦେଖିଛନ୍ତି ?

ରାଜା—ହିଁ । ତଦ୍ୱାରା କଅଣ ହେବ ?

ବଦୂ— ତଦ୍ୱାରା, ମୁଁ ଭାବୁଚି, ସେ ଆପଣଙ୍କ ଦୁର୍ଲଭ ହେବେ ନାହିଁ ।

ରାଜା—ତା'ଠାରେ ସୌନ୍ଦର୍ଯ୍ୟର ଅସାଧାରଣ ପକ୍ଷପାତ । (ସେ ଏଭଳି ସୁନ୍ଦରୀ ଯେ ତା' ଦୃଷ୍ଟିରେ ମୁଁ ସୁନ୍ଦର ପୁରୁଷ ବୋଲି ଆଦୌ ବିବେଚିତ ହେବିନାହିଁ ।)

ବଦୂ— ଆପଣ ଏଭଳି କହି ମୋର କୌତୂହଳ ବଢାଇ ଦେଲେଣି । ଆଚ୍ଛା, ମୁଁ ଯେପରି ଅଦ୍ୱିତୀୟ ବିରୂପ, ଉର୍ବଶୀ କଅଣ ସେହିପରି ଅଦ୍ୱିତୀୟ ସୁରୂପା ?

ରାଜା—ମାଣବକ ! ତା'ର ପ୍ରତି ଅଙ୍ଗର ବର୍ଣ୍ଣନା କରିହେବନାହିଁ । ତେଣୁ ସଂକ୍ଷେପରେ ଶୁଣ ।

ବଦୂ— ହିଁ, ଶୁଣିବାକୁ ପ୍ରସ୍ତୁତ ହେଲି ।

ରାଜା—ବନ୍ଧୁ ! ତା'ର ଶରୀର ସକଳ ଆଭରଣର ଆଭରଣ, ସକଳ ପ୍ରସାଧନର ପ୍ରସାଧନ, ତଥା ସକଳ ଉପମାନର ଉପମାନ । ୩

ବଦୂ— ଓ ! ସେଇଥିପାଇଁ ଆପଣ ଦିବ୍ୟ ରସ ଆଶାରେ ଚାତକବ୍ରତ ଗ୍ରହଣ କରିଛନ୍ତି ? ତା ହେଲେ ବର୍ତ୍ତମାନ ଆପଣ କୁଆଡେ ଯାଉଛନ୍ତି ?

ରାଜା—ଉତ୍କଣ୍ଠିତ ବ୍ୟକ୍ତି ପକ୍ଷରେ ଏକାନ୍ତ ସ୍ଥାନ ବିନା ଆଉ କଅଣ ଆଶ୍ରୟସ୍ଥଳ ହୋଇପାରେ ?

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

विदू०—(आत्मगतम्) का गदी। (प्रकाशम्) इदो इदो भवं।
(का गतिः। (प्रकाशम्) इत इतो भवान्) (परिक्रामतः)

विदू०—एसो पमदवणपरिसरो। आणमिअ पच्चूवगदो भवं आअन्तुओ दक्खिणमारुदेण। (एष प्रमदवनपरिसरः। आनम्य प्रत्युपगतो भवानागन्तुको दक्षिणमारुतेन।)

राजा—(विलोक्य) उपपन्नं विशेषणमस्य वायोः। अयं हि—

निषिञ्चन् माधवीं लक्ष्मीं लतां कौन्दीं च लासयन्।
स्नेहदाक्षिण्ययोर्योगात् कामीव प्रतिभाति मे॥ ४॥

विदू०—सरिसो एव्व से अहिणिवेसो। (परिक्रामन्।) एदं पमदवणम्। पविसदु भवम्। (सदृश एवास्याभिनिवेशः। (परिक्रामन्) एतत् प्रमदवनम्। प्रविशतु भवान्।)

राजा—वयस्य! प्रविश अग्रतः। (उभौ प्रवेशं नाटयतः)

राजा—(त्रासं रूपयित्वा।)वयस्य! साधु मनसा समर्थित आपत्प्रतीकारः किल ममोद्यानप्रवेशः। तच्चान्यथैवोपपन्नम्।

विविक्षोर्यदिदं नूनमुद्यानं तापशान्तये।
स्रोतसेवोह्यमानस्य प्रतीपतरणं महत्॥ ५॥

विदू०—कहं विअ? (कथमिव?)

रजा— इदमसुलभवस्तुप्रार्थनादुर्निवारं
प्रथममपि मनो मे पञ्चबाणः क्षिणोति।
किमुत मलयवातोन्मूलिताऽऽपाण्डुपत्रै-
रुपवनसहकारैर्दर्शितेष्वङ्कुरेषु॥ ६॥

विदू०—अलं परिदेविदेण। अइरेण दे इट्ठसंपादणेण अणंगो एव्व दे सहाओ भविस्सदि। (अलं परिदेवितेन। अचिरेण तवेष्टसम्पादनेनानङ्ग एव ते सहायो भविष्यति।)

राजा—प्रतिगृहीतं ब्राह्मणवचनम्। (परिक्रामतः)

विदू०—पेक्खदु भवं वसंतावदार सूअअं अहिरामत्तणं पमदवणस्स।
(प्रेक्षतां भवान् वसन्तावतारसूचकमभिरामत्वं प्रमदवनस्य।)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବିଦୂ — (ସ୍ୱଗତ) ଆଉ ଉପାୟ କଅଣ ? (ପ୍ରକାଶ୍ୟରେ) ଏଇ ବାଟେ, ଏଇବାଟେ ଆସନ୍ତୁ । (ଉଭୟେ ପରିକ୍ରମା କଲେ)

ବିଦୂ —ଏଇ ପ୍ରମୋଦବନର ପରିସର । ଏଠାରେ ଆପଣଙ୍କୁ ଆସୁଥିବାର ଦେଖି ଦକ୍ଷିଣ ପବନ ନଇଁପଡ଼ି ସ୍ୱାଗତ କରୁଛି ।

ରାଜା —(ହସି) ପବନର ଯେଉଁ 'ଦକ୍ଷିଣ' ବିଶେଷଣଟି ଦେଲ, ତାହା ଯଥାର୍ଥ। କାରଣ ଏହି ପବନ—

ବସନ୍ତଲତାଶ୍ରୀକୁ ପୁଷ୍ଟ କରି, କୁନ୍ଦଲତାକୁ ନଚାଇ, ସ୍ନେହ ଓ ଦାକ୍ଷିଣ୍ୟ ଗୁଣ ଯୋଗୁଁ ମୋତେ ଗୋଟିଏ 'ଦକ୍ଷିଣ' ନାୟକ ପରି ବୋଧ ହେଉଛି । ୪ ।

ବିଦୂ— ଏହାର ଏଭଳି ଆଗ୍ରହ ଯଥାର୍ଥ । (ପରିକ୍ରମା କରି) ଏଇ ପ୍ରମୋଦବନ, ଆପଣ ପ୍ରବେଶ କରନ୍ତୁ ।

ରାଜା—ବନ୍ଧୁ, ତୁମେ ଆଗେ ପ୍ରବେଶ କର । (ଦୁହେଁ ପ୍ରବେଶ କରିବାର ଅଭିନୟ କଲେ ।)

ରାଜା—(କଷ୍ଟ ଅନୁଭବ କରି) ବନ୍ଧୁ ! ମୁଁ ଭାବୁଥିଲି, ପ୍ରମୋଦବନକୁ ଆସିଲେ ବିରହ-ବିପତ୍ତିରୁ ରକ୍ଷା ପାଇବି । କିନ୍ତୁ ତାହା ତ ବିପରୀତ ହୋଇଗଲା ! ସ୍ରୋତର ଅନୁକୂଳ ଦିଗରେ ସନ୍ତରଣ କରି ଯାଉଥିବା ବ୍ୟକ୍ତିର ସ୍ରୋତର ପ୍ରତିକୂଳ ଦିଗରେ ସନ୍ତରଣ କରିବା ଯାହା,କାମତାପ ଉପଶମ କରିବାକୁ ଚାହୁଁଥିବା ବ୍ୟକ୍ତିର ଏହି ଉପବନରେ ପ୍ରବେଶ .କରିବା ତାହା ।

ବିଦୂ— କିପରି ?

ରାଜା —ଦୁର୍ଲଭ ବସ୍ତୁ କାମନା କରୁଥିବା ମୋର ମନକୁ ପ୍ରଥମରୁ କନ୍ଦର୍ପ ଆହତ କରିଦେଇଛି । ବର୍ତ୍ତମାନ ଉପବନର ଆମ୍ରଗଛଗୁଡ଼ିକ, ଯେଉଁଗୁଡ଼ିକରୁ କି ମଳୟପବନଦ୍ୱାରା ସମସ୍ତ ପାଚିଲାପତ୍ର ଝଡ଼ିପଡୁଛି, ସେଗୁଡ଼ିକ ରାଶିରାଶି ଆମ୍ର-ବଉଳ ଦର୍ଶାଉଥିବା ବେଳେ ମୋ ମନର ଅବସ୍ଥା କଅଣ ନ ହେବ ? ୬

ବିଦୂ— ବିଳାପରେ ଲାଭ ନାହିଁ । ଯଥାଶୀଘ୍ର କନ୍ଦର୍ପ ଆପଣଙ୍କର କାମନା ପୂରଣ କରିବାରେ ସହାୟକ ହେବ ।

ରାଜା—ବ୍ରାହ୍ମଣଙ୍କ ବଚନ ଗ୍ରହଣ କଲି । (ଉଭୟେ ପରିକ୍ରମା କଲେ)

ବିଦୂ—ବସନ୍ତ ଆଗମନର ସୂଚନା ଦେଉଥିବା ପ୍ରମୋଦବନର ଶୋଭା ଦର୍ଶନ କରନ୍ତୁ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

राजा—ननु प्रतिपादपमेव अवलोकयामि । अत्र हि—

अग्रे स्त्रीनखपाटलं कुरबकं श्यामं द्वयोर्भागयो
रक्ताशोकमुपोढरागसुभगं भेदोन्मुखं तिष्ठति ।
ईषद्बद्धरजःकणाग्रकपिशा चूते नवा मञ्जरी
मुग्धत्वस्य च यौवनस्य च सखे ! मध्ये मधुश्रीः स्थिता ॥७॥

विदू॰—भो एसो क्खु मणिसिलापट्टअसणाहो अदिमुत्तलदामंडवो भमर-संघट्टपडिदेहिं कुसुमेहिं सअं विअ किदोवआरो भवंतं पडिच्छदि । ता अणुगेण्हिअदु दाव एसो । (भोः एष खलु मणिशिलापट्टक-सनाथः अतिमुक्तलतामण्डपः भ्रमरसङ्घट्टपतितैः कुसुमैः स्वयमिव कृतोपचारो भवन्तं प्रतीच्छति । तदनुगृह्यतां तावदेषः ।)

राजा—यथा भवते रोचते । (परिक्रम्योपविशतः ।)

विदू॰—दाणिं इह सुहासीणो भवं ललिदलदाविलोहीअमाणणअणो उव्वसीगदं उक्कंठं विणोदेदु । (इदानीमिह सुखासीनो भवाँल्ललित-लता-विलोभ्यमान-नयनः, उर्वशीगतामुत्कण्ठां विनोदयतु ।)

राजा—(निःश्वस्य)

मम कुसुमितास्वपि सखे नोपवनलतासु नम्रविटपासु ।
चक्षुर्बध्नाति धृतिं तद्रूपालोकदुर्ललितम् ॥ ८ ॥

तदुपायश्चिन्त्यतां यथा सफलप्रार्थनो भवेयम् ।

विदू॰ —(विहस्य) भो अहल्लाकामुअस्स महिंदस्स वज्जो सचिवो, उव्वसीपज्जुच्छुअस्स अ भवदो अहं । दुवे वि एत्थ उम्मत्तआ । (भोः, अहल्याकामुकस्य महेन्द्रस्य वज्रः सचिवः, उर्वशीपर्युत्सु-कस्य च भवतः अहम् । द्वावप्यत्रोन्मत्तौ ।)

राजा—मा मैवम् । अतिस्नेहः खलु कार्यदर्शी । तत् उपायश्चिन्त्यताम् ।

विदू॰ —एसो चिंतेमि । मा उण परिदेविदेण मम समाधिं भिंधि । (एष चिन्तयामि । मा पुनः परिदेवितेन मम समाधिं भिन्धि ।)

(चिन्तां नाटयति ।)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରାଜା —ପ୍ରତି ବୃକ୍ଷରେ ମୁଁ ତାହା ଦେଖିପାରୁଛି । କାରଣ ଏଠାରେ ମୋ ଆଗରେ କାମିନୀମାନଙ୍କ ନଖ ପରି ପାଟଳବର୍ଣ୍ଣର କୁରବକ ଫୁଲ । ଲାଲ ଅଶୋକ ଫୁଲ ତା'ର ଦୁଇ ପାଖରେ ଶ୍ୟାମଳ ବର୍ଣ୍ଣ ଏବଂ ଭିତରେ ଲାଲ ବର୍ଣ୍ଣ ଧାରଣ କରି ପ୍ରସ୍ଫୁଟିତ ହେବାକୁ ଯାଉଛି । ଆମ୍ରଗଛରେ ବଉଳଗୁଡ଼ିକର ଅଗ୍ରଭାଗ ଅଳ୍ପ ଅଳ୍ପ ପରାଗ କଣିକା ଯୋଗୁ ପାଣ୍ଡୁରବର୍ଣ୍ଣ ଦିଶିଲାଣି । ବନ୍ଧୁ ! ଏଥିରୁ ମୋର ମନେ ହେଉଛି—ବସନ୍ତଶ୍ରୀ ବର୍ତ୍ତମାନ କିଶୋରୀ ଅବସ୍ଥା ଓ ଯୁବତୀ ଅବସ୍ଥା, ଉଭୟର ସନ୍ଧିରେ ବିଦ୍ୟମାନ । ୭

ବିଦୂ —ଆହେ ! ଏଇ ମାଧବୀଲତାକୁଞ୍ଜ । ଏହା ଭିତରେ ବସିବା ପାଇଁ ସ୍ଫଟିକ-ନିର୍ମିତ ଆସନଅଛି । ଭ୍ରମରମାନେ ଦଳଦଳ ହୋଇ ଉଡ଼ିବା ଫଳରେ ଯେଉଁ ଫୁଲ ସବୁ ଝଡ଼ୁଛି, ସେଗୁଡ଼ିକୁ ଦେଇ ଏ କୁଞ୍ଜ ସତେଯେପରି ଆପଣଙ୍କୁ ସ୍ୱାଗତ ଜଣାଉଛି । ତେଣୁ, ଆପଣ ଏ କୁଞ୍ଜକୁ ଅନୁଗୃହୀତ କରନ୍ତୁ । (ଏହା ଭିତରେ ବସନ୍ତୁ)

ରାଜା —ହେଉ, ତୁମକୁ ଯାହା ଭଲ ଲାଗୁଛି । (ପରିକ୍ରମାପୂର୍ବକ ବସିଲେ)

ବିଦୂ —ଏଇଠି ଆପଣ ଆରାମରେ ବସି, ସୁନ୍ଦର ଲତା ଆଡ଼କୁ ଚାହିଁ ଉର୍ବଶୀଦର୍ଶନ-ଲାଲସାକୁ ତୃପ୍ତ କରନ୍ତୁ ।

ରାଜା—(ଦୀର୍ଘନିଃଶ୍ୱାସ ପକାଇ) ବନ୍ଧୁ ! ମୋ ଚକ୍ଷୁ କେବଳ ତାହାର ରୂପକୁ ଦେଖିବା ନିମନ୍ତେ ଉତ୍କଣ୍ଠିତ । ଶାଖା ଝୁଲିପଡୁଥିବା, ଫୁଲଭରା, ଉପବନ-ଲତାଗୁଡ଼ିକରେ ମଧ୍ୟ ମୋ ଚକ୍ଷୁ ତୃପ୍ତି ଲାଭ କରୁନାହିଁ । ୮

ତେଣୁ କୌଣସି ଉପାୟ ଚିନ୍ତା କର, ଯାହାଦ୍ୱାରା କି ମୁଁ ସଫଳକାମ ହୋଇପାରିବ ।

ବିଦୂ— ଆହେ ! ଅହଲ୍ୟାକାମୀ ଇନ୍ଦ୍ରଙ୍କର ସଖା ବଜ୍ର ! ଆଉ ଉର୍ବଶୀକାମୀ ପୁରୁରବାଙ୍କର ସଖା ମୁଁ ! ଆମେ ଦୁହେଁ ଉନ୍ମତ୍ତ ! (ଇନ୍ଦ୍ର ବଜ୍ରାୟୁଧ ହେତୁ ଗର୍ବରେ ଅହଲ୍ୟାଙ୍କୁ ହରଣ କରିଥିଲେ । କିନ୍ତୁ ଗୌତମ ଋଷି ଯେତେବେଳେ ଅଭିଶାପ ଦେଲେ, ବଜ୍ର ତାଙ୍କର କୌଣସି କାମରେ ଆସିଲା ନାହିଁ । ସେହିପରି ଆପଣ ମୋ ଉପରେ ଭରସା ରଖିଛନ୍ତି, କିନ୍ତୁ ମହାରାଣୀଙ୍କ କୋପ ଆଗରେ ମୋର ସାମର୍ଥ୍ୟ ସଂପୂର୍ଣ୍ଣ ଅକାମି ।)

ରାଜା—ନା, ନା, ଏପରି ନୁହେଁ । ନିବିଡ଼ ସ୍ନେହ ନିଶ୍ଚୟ କୌଣସି ପ୍ରକାରେ କାର୍ଯ୍ୟ ସାଧନର ଉପାୟ ଦର୍ଶାଇପାରେ । ତେଣୁ ତୁମେ ଉପାୟ ଚିନ୍ତା କର ।

ବିଦୂ - ହେଉ, ଚିନ୍ତା କରୁଛି । କିନ୍ତୁ ତୁମେ କ୍ରନ୍ଦନ କରି ମୋର ଏକାଗ୍ରତା ଭଙ୍ଗ କରନାହିଁ । (ଚିନ୍ତା କରିବାର ଅଭିନୟ କଲେ)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

राजा—((निमित्तं सूचयित्वा । स्वगतम् ।)

न सुलभा सकलेन्दुमुखी च सा
किमपि चेदमनङ्गविचेष्टितम् ।
अभिमुखीष्विव काङ्क्षितसिद्धिषु
व्रजति निर्वृतिमेकपदे मनः ॥ १ ॥

(जाताशङ्कस्तिष्ठति)

(ततः प्रविशत्याकाशयानेनोर्वशी चित्रलेखा च ।)

विदू०—हला कहिं दाणिं अणिदिट्ठकालणं गच्छीअदि ?
(हला क्वेदानीमनिर्दिष्टकारणं गम्यते ?)

उर्व०—(मदनवेदनामभिनीय सलज्जम्) सहि तदा हेमऊडसिहरे लदा-विडवेण खणविग्घिदआआसगमणं मं ओहसिअ किं दाणिं पुच्छसि कहिं गछीअदि त्ति । (सखि ! तदा हेमकूटशिखरे लता-विटपेन क्षणविघ्निताकाशगमनां मामुपहस्य किमिदानीं पृच्छसि क्व गम्यते इति ।)

चित्र०—किं णु क्खु तस्स राएसिणो पुरूरवस्स सआसं पत्थिदासि ?
(किं नु खलु तस्य राजर्षेः पुरूरवसः सकाशं प्रस्थितासि ?)

उर्व०—अह इं । अअं मे अवहत्थिदलज्जो ववसाओ ।
(अथ किम् । अयं मे अपहस्तितलज्जो व्यवसायः ।)

चित्र०—को उण सहीए तहिं पुढमं पेसिदो ?
(कः पुनः सख्या तत्र पुरतः प्रेषितः ?)

उर्व०—णं हिअअं । (ननु हृदयम् ।)

चित्र०—तथा वि सअं एव्व साहु संपधारिअदु दाव ।
(तथापि स्वयमेव साधु सम्प्रधार्यतां तावत् ।)

उर्व०—सहि मअणो क्खु मं णिओएदि । किं एत्थ संपधारीअदि ?
(सखि ! मदनः खलु मां नियोजयति । किमत्र सम्प्रधार्यते ?)

चित्र०—अदोवरं णत्थि मे वअणम् । (अतः परं नास्ति मे वचनम् ।)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରାଜା—(ଶୁଭ ଶକୁନର ସୂଚନା ଦେଇ ସ୍ୱଗତ)

ସେହି ପୂର୍ଣ୍ଣଚନ୍ଦ୍ରମୁଖୀ ଉର୍ବଶୀ ଯଦ୍ୟପି ଦୁର୍ଲଭ, ତଥାପି (ଚକ୍ଷୁ ସ୍ଫୁରଣ ଆଦି) ଶୁଭଲକ୍ଷଣର କିଛି ନା କିଛି ଅର୍ଥ ଅଛି । ମୋର ମନ ସହସା ଏପରି ଶାନ୍ତ ହୋଇଯାଉଛି, ସତେ ଯେପରି ଅଭୀଷ୍ଟପ୍ରାପ୍ତି ନିକଟ ହୋଇ-ଆସିଲାଣି ! ୯

(ରାଜା ଆଶାବାନ୍ ଭଳି ବସିଥାଆନ୍ତି, ଆକାଶଯାନରେ ଉର୍ବଶୀ ଓ ଚିତ୍ରଲେଖାଙ୍କର ପ୍ରବେଶ)

ଚିତ୍ର— ସଖୀ ! ବିନା ନିର୍ଦ୍ଦିଷ୍ଟ କାରଣରେ ତୁମେ ବର୍ତ୍ତମାନ କୁଆଡ଼େ ଯାଉଛ ?

ଉର୍ବଶୀ—(କନ୍ଦର୍ପ-ପୀଡ଼ାର ଅଭିନୟ କରି ଲଜ୍ଜାର ସହିତ) ସଖୀ ! ହେମକୂଟ ପର୍ବତ ଶିଖରରେ ଯେତେବେଳେ ଏକ ଲତା ମୋର ଆକାଶକୁ ଉଠିବା ସମୟରେ କ୍ଷଣେପାଇଁ ବିଘ୍ନ ସୃଷ୍ଟି କରିଥିଲା, ସେତେବେଳେ ତ ତୁ ମୋତେ ଉପହାସ କରିଥିଲୁ । ବର୍ତ୍ତମାନ 'କୁଆଡ଼େ ଯାଉଛ ?' ବୋଲି ପଚାରୁଛୁ କେମିତି ?

ଚିତ୍ର — ତା ହେଲେ କଅଣ ସେଇ ରାଜର୍ଷି ପୁରୂରବାଙ୍କ ନିକଟକୁ ଯାଉଛ ?

ଉର୍ବଶୀ—ହଁ, ବର୍ତ୍ତମାନ ଏ ଉଦ୍ୟମରେ ମୋର ଆଉ ଲାଜ ନାହିଁ ।

ଚିତ୍ର— ଆଗରୁ କ'ଣ କାହାକୁ (ଦୂତରୂପେ) ତାଙ୍କ ନିକଟକୁ ପଠାଇଛ ?

ଉର୍ବଶୀ—ମୋର ହୃଦୟକୁ ।

ଚିତ୍ର— ତଥାପି ନିଜେ ଆହୁରି ଭଲ ଭାବେ ଚିନ୍ତା କର ।

ଉର୍ବଶୀ—ସଖୀ ! କନ୍ଦର୍ପ ତ ମୋତେ ଏଥିରେ ନିୟୋଜିତ କରିଛି । ଚିନ୍ତା କରିବି କଅଣ ?

ଚିତ୍ର— ଏହାପରେ ମୋର ଆଉ କିଛି କହିବାର ନାହିଁ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

उर्व०—तेण हि आदिसीअदु मग्गो जेण तहिं गच्छन्तीणं अंतराओ ण भवे। (तेन ह्यादिश्यतां मार्गो येन तत्र गच्छन्त्योः, अन्तरायो न भवेत् ।)

चित्र०—सहि ! विस्सद्धा होहि। णं भअवदा देवगुरुणा अवराइदं णाम सिहाबंधणविज्जं उवदिसंतेण तिदसपडिवक्खस्स अलंघणिज्जा कदम्ह । (सखि ! विस्रब्धा भव । ननु भगवता देवगुरुणा अपराजितां नाम शिखाबन्धनविद्यामुपदिशता त्रिदशप्रतिपक्षस्यालङ्घनीये कृते स्वः ।)

उर्व०—(सलज्जम्) अहो विसुमरिदं मे हिअअं ।
(अहो ! विस्मृतं मे हृदयम् ।) (उभे भ्रमणं रूपयतः ।)

चित्र०—सहि पेक्ख पेक्ख । इदं भअवदीए भाइरहीए जमुणासंगमविसेसपावणेसु सलिलेसु अत्ताणअं ओलोअंतस्स विअ पइट्ठाणस्स सिहाहरणभूदं तस्य राएसिणो भवणं उवट्ठिदम्ह । (सखि ! प्रेक्षस्व प्रेक्षस्व । एतद् भगवत्याः भागीरथ्याः यमुनासङ्गमविशेषपावनेषु सलिलेष्वात्मानमवलोकयत इव प्रतिष्ठानस्य शिखाभरणभूतं तस्य राजर्षेर्भवनमुपस्थिते स्वः ।)

उर्व०—(सस्पृहमवलोक्य) णं वत्तव्वं ठाणंतरगदो सग्गो त्ति । (विमृश्य) सहि कहिं णु क्खु सो आवण्णाणुकंपी भवे ? (ननु वक्तव्यं स्थानान्तरगतः स्वर्ग इति । (विमृश्य) सखि ! क्व नु खलु स आपन्नानुकम्पी भवेत् ?)

चित्र०—हला एदस्सिं णंदणवणेक्कदेसे विअ पमदवण ओदरिअ जाणिस्सामो । (हला एतस्मिन् नन्दनवनैकदेश इव प्रमदवने अवतीर्य ज्ञास्यावः ।) (उभे अवतरतः ।)

चित्र०—(राजानं दृष्ट्वा सहर्षम्) सहि ! एसो क्खु पढमोदिदो विअ चंदो कोमुदिं विअ तुमं पडिच्छदि । (सखि ! एष खलु प्रथमोदित इव चन्द्रः कौमुदीमिव त्वां प्रतीच्छति ।)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଉର୍ବଶୀ—ତା ହେଲେ ଏପରି ଏକ ବାଟ କହ, ଯଦ୍ଦ୍ୱାରା ଆମେ ଦୁହେଁ ଗଲାବେଳେ ଯେପରି କୌଣସି ବିଘ୍ନ ନ ପଡେ ।

ଚିତ୍ର— ସଖୀ ! ସ୍ମରଣ କର । ଭଗବାନ୍ ବୃହସ୍ପତି ପରା ଆମକୁ ଅପରାଜିତା ନାମକ ଶିଖାବନ୍ଧନ ବିଦ୍ୟା ଶିଖାଇଛନ୍ତି, ଯଦ୍ଦ୍ୱାରା ଅସୁରମାନେ ଆମକୁ ଆଉ ଧର୍ଷଣ କରିପାରିବେ ନାହିଁ ।

ଉର୍ବଶୀ—(ସଲଜ୍ଜ ଭାବରେ) ଓହୋ ! ମୁଁ ମୋ ହୃଦୟକୁ ମଧ୍ୟ ଭୁଲିଗଲିଣି ! (ଦୁହେଁ ଭ୍ରମଣର ଅଭିନୟ କଲେ) ।

ଚିତ୍ର— ସଖୀ ! ଦେଖ, ଦେଖ, ସେହି ରାଜର୍ଷିଙ୍କର ପ୍ରାସାଦ, ଯାହା କି ପ୍ରତିଷ୍ଠାନ ନଗରର ମୁକୁଟଭୂଷଣ ସ୍ୱରୂପ, ତା ନିକଟରେ ଆମେ ପହଞ୍ଚି ଯାଇଥାଇଁ । ମୋର ମନେହୁଏ, ଏହି ପ୍ରତିଷ୍ଠାନ ନଗର, ଯମୁନାସଙ୍ଗମ ହେତୁ ବିଶେଷ ଭାବେ ପବିତ୍ର ହୋଇଥିବା ଭଗବତୀ ଗଙ୍ଗାଙ୍କର ଜଳରେ ସତେ ଯେପରି ନିଜ ରୂପ ଅବଲୋକନ କରୁଛି !

ଉର୍ବଶୀ—(ଆଦର ସହକାରେ ଚାହିଁ) କୁହ ଯେ ଏ 'ପ୍ରତିଷ୍ଠାନ' ହେଉଛି ସ୍ଥାନାନ୍ତରିତ ସ୍ୱର୍ଗ । (ଚିନ୍ତାକରି) ସଖୀ ! ସେହି ବିପନ୍ନ ରକ୍ଷକ ରାଜା ବର୍ତ୍ତମାନ କେଉଁଠି ଥିବେ ?

ଚିତ୍ର— ସଖୀ ! ଏଇ ପ୍ରମୋଦବନ ନନ୍ଦନବନର ଗୋଟିଏ ଅଂଶ ଭଳି ବୋଧ ହେଉଛି । ଆମେ ଏଠାରେ ଓହ୍ଲାଇ ଜାଣିବା । (ଉଭୟେ ଓହ୍ଲାଇଲେ)

ଚିତ୍ର— (ରାଜାଙ୍କୁ ଦେଖି ହର୍ଷର ସହିତ) ସଖୀ ! ସଦ୍ୟ ଉଦୟ ହୋଇଥିବା ଚନ୍ଦ୍ର ଯେପରି ଜ୍ୟୋତ୍ସ୍ନାର ପ୍ରତୀକ୍ଷାରେ ଥାଏ, ସେହିପରି ଏ ରାଜା ବର୍ତ୍ତମାନ ତୋ ପ୍ରତୀକ୍ଷାରେ ଅଛନ୍ତି ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

उर्व०—(विलोक्य) हला दाणिं पढमदंसणादो सविसेसं पिअदंसणो महाराओ पडिहादि। (हला ! इदानीं प्रथमदर्शनात् सविशेषं प्रियदर्शनो महाराजः प्रतिभाति।

चित्र०—जुज्जदि। ता एहि उवसप्पम्ह। (युज्यते। तदेहि उपसर्पावः)

उर्व०—ण दाव उवसप्पिस्सं। तिरक्खरिणीपडिच्छण्णा पासगदा से भविअ सुणिस्सं दाव पासवत्तिणा वअस्सेण सह विअणे किं मंतअंतो चिट्ठदि त्ति। (न तावदुपसर्पिष्यामि। तिरस्करिणी-प्रतिच्छन्ना पार्श्वगताऽस्य भूत्वा श्रोष्यामि तावत् पार्श्ववर्तिना वयस्येन सह विजने किं मन्त्रयमाणस्तिष्ठतीति।)

चित्र०—जं दे रोअहि। (यत् ते रोचते।) (उभे यथोक्तमनुतिष्ठतः।)

विदू०—भो चिंतिदो मए दुल्लहप्पणइणीसमाअमोवाओ।
(भोः चिंतितो मया दुर्लभ-प्रणयिनी-समागमोपायः।)

(राजा तूष्णीमास्ते।)

उर्व०—(सेर्ष्यम्) का णु क्खु धण्णा इत्थिआ जा इमिणा पत्थिअमाणा अत्ताणअं किदित्थेइ। (का नु खलु धन्या स्त्री या अनेन प्रार्थ्य-मानात्मानं कृतार्थयति।)

चित्र०—किं उण माणुस्सअं विडंबीअदि। (किं पुनर्मानुष्यकं विडम्ब्यते)

उर्व०—सहि भीआमि सहसा पभावादो विण्णादुं।
(सखि ! बिभेमि सहसा प्रभावाद् विज्ञातुम्।)

विदू०—भो ! णं भणामि चिंतिदो मए उवाओ त्ति।
(भोः ! ननु भणामि चिंतितो मया उपाय इति।)

राजा—तेन हि कथ्यताम्।

विदू०—सिविणसमाअमआरिणिं णिद्दं सेवदु भवं। अहवा तत्तभोदीए उव्वसीए पडिकिदिं चित्तफलए आलिहिअ ओलोअंतो चिट्ठदु। (स्वप्नसमागमकारिणीं निद्रां सेवतां भवान्। अथवा तत्रभवत्या उर्वश्याः प्रतिकृतिं चित्रफलके आलिख्य अवलोकयंस्तिष्ठतु।)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଉର୍ବଶୀ—(ଗୃହିଁ) ସଖୀ ! ମହାରାଜା ପ୍ରଥମ ଦର୍ଶନରେ ମୋତେ ଯେପରି ସୁନ୍ଦର ଦିଶୁଥିଲେ, ବର୍ତ୍ତମାନ ତା' ଠାରୁ ଅଧିକ ସୁନ୍ଦର ଦିଶୁଛନ୍ତି ।

ଚିତ୍ର— ହଁ ଠିକ୍ । ତେବେ ଆସ, ତାଙ୍କ ଆଗକୁ ଯିବା ।

ଉର୍ବଶୀ—ନା, ମୁଁ ବର୍ତ୍ତମାନ ତାଙ୍କ ଆଗକୁ ଯିବିନାହିଁ । ଅନ୍ତର୍ଦ୍ଧାନ ବିଦ୍ୟାବଳରେ ଅଦୃଶ୍ୟ ହୋଇ ତାଙ୍କ ନିକଟରେ ରହି ପ୍ରଥମେ ଜାଣିବି, ସେ ତାଙ୍କ ପାଖରେ ବସିଥିବା ବନ୍ଧୁ ସହିତ କେଉଁ ବିଷୟରେ ଆଲାପ କରୁଛନ୍ତି ।

ଚିତ୍ର— ହେଉ, ଯାହା ତୁମକୁ ଭଲ ଲାଗୁଛି । (ଉଭୟେ ସେହିପରି କଲେ)

ବିଦୂ— ଆହେ ! ଦୁର୍ଲଭ ପ୍ରେୟସୀ ସହିତ ତୁମ ମିଳନର ଉପାୟ ମୁଁ ଚିନ୍ତା କରିନେଲି ।

(ରାଜା ନୀରବରେ ବସିଥାଆନ୍ତି)

ଉର୍ବଶୀ—(ଈର୍ଷ୍ୟାର ସହିତ) ସେହି ସୌଭାଗ୍ୟବତୀ ରମଣୀଟି କିଏ ଯେ କି ଏହାଙ୍କର କାମ୍ୟ ହୋଇ ନିଜକୁ କୃତାର୍ଥ କରୁଛି ?

ଚିତ୍ର -- ଏଭଳି ମନୁଷ୍ୟପ୍ରକୃତିର ଅନୁକରଣ କାହିଁକି କରୁଛ ? (ତୁମେ ଦେବାଙ୍ଗନା । ଧ୍ୟାନବଳରେ ଜାଣିନେଇପାରିବ ଏ କେଉଁ ବିଷୟରେ ଆଲାପ କରୁଛନ୍ତି । ମନୁଷ୍ୟଙ୍କ ପରି ଅନୁମାନ କରୁଛ କାହିଁକି ?)

ଉର୍ବଶୀ—ସଖୀ ! ମୁଁ ଦୈବୀପ୍ରକୃତି ଦ୍ୱାରା ସହସା ଜାଣିବାକୁ ଭୟ କରୁଛି ।

ବିଦୂ— ଆହେ ! ମୁଁ ପରି କହିଲି, ମୁଁ ଗୋଟିଏ ଉପାୟ ଚିନ୍ତା କରିସାରିଛି ।

ରାଜା— ତା ହେଲେ କୁହ ।

ବିଦୂ— ଆପଣ ନିଦ୍ରା ସେବନ କରନ୍ତୁ । ନିଦ୍ରା ଆପଣଙ୍କୁ ସ୍ୱପ୍ନରେ ପ୍ରିୟା ସହିତ ସଙ୍ଗମ କରାଇଦେବ । କିଂବା ଆଦରଣୀୟା ଉର୍ବଶୀଙ୍କର ରୂପକୁ ଚିତ୍ରପଟରେ ଅଙ୍କନ କରି ତାହାକୁ ଚାହିଁରହନ୍ତୁ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

उर्व०—(सहर्षमात्मगतम्) हीणसत्त हिअअ ! समस्सस समस्सस ।
(हीनसत्त्व हृदय ! समाश्वसिहि समाश्वसिहि ।)

राजा—उभयमप्यनुपपन्नम् । पश्य—

हृदयमिषुभिः कामस्यान्तः सशल्यमिदं सदा
कथमुपलभे निद्रां स्वप्ने समागमकारिणीम् ।
न च सुवदनामालेख्येऽपि प्रियामसमाप्य तां
मम नयनयोरुद्बाष्पत्वं सखे न भविष्यति ॥ १०

चित्र०—सुदं तुए वअणं । (श्रुतं त्वया वचनम् ।)

उर्व०—सहि सुदं । ण उण पज्जत्तं हिअअस्स ।
(सखि ! श्रुतं । न पुनः पर्याप्तं हृदयस्य ।)

विदू०—एत्तिओ एव्व मे मदिविहओ । (एतावानेव मे मतिविभवः ।)

राजा—(निःश्वस्य)

नितान्तकठिनां रुजं मम न वेद सा मानसीं
प्रभावविदितानुरागमवमन्यते वापि माम् ।
अलब्धफलनीरसं मम विधाय तस्मिञ्जने
समागम-मनोरथं भवतु पञ्चबाणः कृती ॥ ११

चित्र०—सहि सुदं तुए ? (सखि ! श्रुतं त्वया ?)

उर्व०—हद्धी हद्धी । मं एव्व अवगच्छदि । (सखीमवलोक्य) सहि असमत्थम्हि अग्गदो भविअ अत्ताणं दसिदुं । ता पहाव-णिम्मिदेण भुज्जवत्तेण लेहं संपादिअ अंतरा खिविदुं इच्छामि । (हा धिक् हा धिक् । माम् एवमवगच्छति । (सखीमवलोक्य) सखि ! असमर्थास्म्यग्रतो भूत्वा आत्मानं दर्शयितुम । तत्, प्रभावनिर्मितेन भूर्जपत्रेण लेखं संपाद्य अन्तरा क्षेप्तुमिच्छामि ।)

चित्र०—हला अणुमदं मे । (हला अनुमतं मे ।)
(उर्वशी तात्कालिकेन ससंभ्रममभिलिख्यान्तरा क्षिपति ।)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଉର୍ବଶୀ—(ହର୍ଷର ସହିତ ସ୍ୱଗତ) ରେ ଦୁର୍ବଳ ହୃଦୟ ! ଧୈର୍ଯ୍ୟ ଧର, ଧୈର୍ଯ୍ୟ ଧର ।

ରାଜା—ଏ ଉଭୟ ଉପାୟ ଖାଟିବ ନାହିଁ । ଦେଖ—

ମୋର ହୃଦୟ କନ୍ଦର୍ପର ଶରଦ୍ୱାରା ସର୍ବଦା ଭିତରେ ଭିତରେ ବିଦ୍ଧ ହେଉଛି । ଏଭଳି ଅବସ୍ଥାରେ ମୁଁ କପରି ନିଦ୍ରିତ ହୋଇପାରିବି, ଯଦ୍ଦ୍ୱାରା ସ୍ୱପ୍ନରେ ପ୍ରିୟା ସହିତ ମିଳନ ଘଟିପାରିବ ? ଆଉମଧ୍ୟ, ସେହି ସୁମୁଖୀ ପ୍ରିୟତମାର ଚିତ୍ର ଯଦି ଅଙ୍କନ କରିବସିବି, ତେବେ ଅଙ୍କନ ଶେଷ ହେବା ପୂର୍ବରୁ ଚକ୍ଷୁ ଯେ ଅଶ୍ରୁପୂର୍ଣ୍ଣ ନହୋଇଯିବ, ତା ନୁହେଁ । ୧୦

ଚିତ୍ର— ଆଳାପ ଶୁଣିନେଲ ତ ?

ଉର୍ବଶୀ—ଶୁଣିଲି । କିନ୍ତୁ ହୃଦୟ ପାଇଁ ଏତକ ପର୍ଯ୍ୟାପ୍ତ ନୁହେଁ ।

ବିଦୂ— ତା ହେଲେ ମୋ ବୁଦ୍ଧିବିଭବ ସେତିକ ।

ରାଜା—(ଦୀର୍ଘ ନିଃଶ୍ୱାସ ପକାଇ) ସେ (ଉର୍ବଶୀ) ମୋ ମନର ତୀବ୍ର ଦାରୁଣ ବେଦନା ଜାଣିପାରୁନାହିଁ ନା ନିଜର ଦୈବୀ ପ୍ରକୃତି ଦ୍ୱାରା ମୋର ଅନୁରାଗକୁ ଜାଣିଲେ ମଧ୍ୟ ମୋତେ ଅବଜ୍ଞା କରୁଛି ? କନ୍ଦର୍ପ ମୋ ମନରେ ତା' ସହିତ ମିଳନର ବାଞ୍ଛା ସୃଷ୍ଟି କରି, ସେହି ବାଞ୍ଛାକୁ ନିଷ୍ଫଳ, ନୀରସ ଅବସ୍ଥାରେ ରଖି ଧନ୍ୟ ହେଉ । ୧୧

ଚିତ୍ର— ସଖୀ ! ଶୁଣିଲୁ ତ ?

ଉର୍ବଶୀ—ହାୟ ! ମୋତେ ଧିକ୍ । ମୋତେ ସେ ଏଭଳି ମନେ କରୁଛନ୍ତି ! (ସଖୀକୁ ଚାହିଁ) ସଖୀ ! ମୁଁ ତାଙ୍କ ଆଗକୁ ଯାଇ ନିଜକୁ ଦେଖାଇବାକୁ ଅସମର୍ଥା । ତେଣୁ ଅଲୌକିକ ଶକ୍ତିରେ ଏକ ଭୂର୍ଜପତ୍ର ପ୍ରସ୍ତୁତ କରି, ସେଥିରେ ପତ୍ର ଲେଖି ଉଭୟଙ୍କ ମଝିରେ ପକାଇଦେବାକୁ ଚାହେଁ ।

ଚିତ୍ର— ସଖୀ ! ମୋର ମଧ୍ୟ ଏହା ପସନ୍ଦ ଆସୁଛି । (ଉର୍ବଶୀ ନାଟ୍ୟରେ ଭୂର୍ଜପତ୍ରରେ ଶୀଘ୍ର ଶୀଘ୍ର ଲେଖି ଉଭୟଙ୍କ ମଝିରେ ପକାଇଦେଲେ)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

विदू०—(दृष्ट्वा ससंभ्रमम्) अविहा अविहा। भो किं णु क्खु एदं ? भुअंगणिम्मोअं मं खादिदुं णिवडिदो। (अविधा अविधा, भोः किं नु खलु एतत् ? भुजङ्गनिर्मोकः किं मां खादितुं निपतितः।)

राजा—(विभाव्य विहस्य च।) वयस्य ! नायं भुजङ्गनिर्मोकः भूर्जपत्रगतोऽयमक्षरविन्यासः।

विदू०—णं अदिट्ठाए उव्वसीए भवदो परिदेविदं सुणिअ समाणाणुराअसूअआइं अक्खराइँ विसज्जिआइँ होन्ति। (ननु अदृष्टया उर्वश्या भवतः परिदेवितं श्रुत्वा समानानुरागसूचकान्यक्षराणि विसृष्टानि स्युः।)

राजा—नास्त्यगतिर्मनोरथानाम्। (गृहीत्वानुवाच्य च सहर्षम्) सखे ! प्रसन्नस्ते तर्कः।

विदू०—ही ही भो। किं बम्हणवअणाणि अण्णधा होन्ति। दाणिं पसीददु भवं। जं एत्थ लिहिदं तं सुणिदुं इच्छामि। (ही ही भोः ! किं ब्राह्मणवचनान्यन्यथा भवन्ति। तदिदानीं प्रसीदतु भवान्। यदत्र लिखितं तच्छ्रोतुमिच्छामि।)

उर्व०—साहु अज्ज णाअरोसि। (साधु आर्य ! नागरोऽसि।)

राजा—वयस्य श्रूयताम् !

विदू०—अवहिदो म्हि। (अवहितोऽस्मि।)

राजा—श्रूयताम् (वाचयति)

सामिअ ! संभाविआ जह अहं तुए अजाणिआ
तह अणुरत्तस्स जइ णाम तुज्झ उवरि अहं।
किं मे ललिअपारिआअ-सअणिज्जमि होन्ति
णंदणवण-वादा वि अच्चुण्हआ सरीरए॥ १२

(स्वामिन् संभाविता यथाहं त्वयाऽज्ञाता
तथानुरक्तस्य यदि नाम तवोपरि अहम्।
किं मे ललितपारिजातशयनीये भवन्ति
नन्दनवनवाता अप्यत्युष्णकाः शरीरके॥)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବିଦୂ—(ଦେଖି ହର୍ଷର ସହିତ) ଆରେ ! ଆରେ ! ଏ କଅଣ ? ଗୋଟାଏ ସାପକାତି ମୋତେ ଖାଇବାକୁ ଝପଟିଆସିଲା କି ?

ରାଜା—(ଭଲ କରି ଗ୍ରହି ଓ ହସି) ବନ୍ଧୁ ! ଏହା ସାପକାତି ନୁହେଁ, ଭୂର୍ଜପତ୍ରରେ କଅଣ ଲେଖା ହୋଇଛି ।

ବିଦୂ— କଅଣ ଉର୍ବଶୀ ଅଦୃଶ୍ୟ ରୂପରେ ରହି, ତୁମର ବିଳାପ ଶୁଣି, ତୁମର ଯେପରି ତାଙ୍କ ପ୍ରତି ଅନୁରାଗ, ତାଙ୍କର ମଧ୍ୟ ତୁମ ପ୍ରତି ସେହିପରି ଅନୁରାଗ—ଏହା ଲେଖି ପତ୍ର ଖଣ୍ଡିଏ ପକାଇ ଦେଇଛନ୍ତି କି ?

ରାଜା—ଆଶାର ଦୁର୍ଲଭ କିଛି ନାହିଁ । (ନେଇ, ପଢି ହର୍ଷର ସହିତ) ବନ୍ଧୁ ! ତୁମ କଥା ଠିକ୍ ପ୍ରମାଣିତ ହେଲା ।

ବିଦୂ— ହାଃ ହାଃ ହାଃ ! ଆହେ ! ବ୍ରାହ୍ମଣବଚନ କଅଣ ଅନ୍ୟଥା ହେବ ? ତେବେ ବର୍ତ୍ତମାନ ଆପଣ ଖୁସି ହୁଅନ୍ତୁ । ଏଥିରେ କଅଣ ଲେଖା ହୋଇଛି, ମୁଁ ଶୁଣିବାକୁ ଇଚ୍ଛୁକ ।

ଉର୍ବଶୀ—ବାଃ ! ଆର୍ଯ୍ୟ ! ତୁମେ ବି ବେଶ୍ ନାଗର ଅଛ ।

ରାଜା—ବନ୍ଧୁ ! ଶୁଣ ।

ବିଦୂ— ମନଯୋଗ ଦେଲି ।

ରାଜା—ଶୁଣ । (ପଢ଼ିଲେ) ହେ ସ୍ୱାମୀ ! ତୁମେ ମୋ ପ୍ରତି ଅନୁରକ୍ତ । କିନ୍ତୁ ମୋ ଅବସ୍ଥା ତୁମେ ଜାଣିନଥିବାରୁ ମୋ ବିଷୟରେ ଯେପରି ସମ୍ଭାବନା କରୁଛ, ମୁଁ ଯଦି ସେପରି ହୋଇଥାଆନ୍ତି, ତେବେ ସୁକୋମଳ ପାରିଜାତପୁଷ୍ପ-ଶଯ୍ୟାରେ ନନ୍ଦନବନର ବାୟୁ ମୋ ଶରୀରକୁ କାହିଁକି ଅତ୍ୟନ୍ତ ଉଷ୍ଣ ବୋଧ ହୁଅନ୍ତା ? ୧୨

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

उर्व०—किं णु क्खु संपदं भणिस्सदि। (किं नु खलु साम्प्रतं भणिष्यति।)

चित्र०—णं भणिदं एव्व मिलाणकमलणालाअमाणेहिं अंगेहिं।
(ननु भणितमेव म्लान-कमलनालायमानैरङ्गैः।)

विदू०—दिट्ठिआ मए बुभुक्खिदेण सोत्थिवाअणं विअ, उवलद्धं भवदा उक्कंठिदेण समासासणं। (दिष्टया, मया बुभुक्षितेन स्वस्ति-वाचनमिव, उपलब्धं भवता उत्कण्ठितेन समाश्वासनम्।)

राजा—समाश्वासनमिति किमुच्यते—

तुल्यानुरागपिशुनं ललितार्थबन्धं
पत्रे निवेशितमुदाहरणं प्रियायाः।
उन्पक्ष्मणा मम सखे मदिरेक्षणायाः
तस्याः समागतमिवाननमाननेन ॥ १३

उर्व०—एत्थ णो समविभाआ पीदी। (अत्रावयोः समविभागा प्रीतिः।)

राजा—वयस्य! अङ्गुलिस्वेदेन दूष्येरन्नक्षराणि। धार्यतामयं मम प्रियायाः स्वहस्तः।

विदू०—(गृहीत्वा)
किं दाणिं तत्तभोदी ऊव्वसी भवदो मणोरहाणं कुसुमं दंसिअ फले विसंवददि। (किमिदानीं तत्रभवती उर्वशी भवतो मनोरथानां कुसुमं दर्शयित्वा फले विसंवदति।)

उर्व०—सहि! जाव उवगमणकादरं हिअअं पज्जवत्थावेमि दाव तुमं से अत्ताणं दंसिअ जं मे खमं तं भणाहि। (सखि! यावदुपगमनकातरं हृदयं पर्यवस्थापयामि, तावत् त्वमस्य आत्मानं दर्शयित्वा, यन्मम क्षमं, तद् भण।)

चित्र०—तह (तथा)। (तिरस्करिणीमपनीय राजानमुपेत्य) जेदु जेदु महाराओ। (तिरस्करिणीमपनीय राजानमुपेत्य) (जयतु जयतु महाराजः।)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଉର୍ବଶୀ—ବର୍ତ୍ତମାନ ଏ କଅଣ କହିବେ ?

ଚିତ୍ର— ତାଙ୍କର ମଉଳା ମୃଣାଳ ଭଳି ଅଙ୍ଗଦ୍ୱାରା ତ କୁହାସରିଲଣି ।

ବିଦୂ—ସୌଭାଗ୍ୟର ବିଷୟ, ମୁଁ ଭୋକିଲା ଥିଲାବେଳେ ସ୍ୱସ୍ତି ବାଚନ ମୋତେ ଯେପରି ସାନ୍ତ୍ୱନା ଦିଏ, ତୁମେ ଉତ୍କଣ୍ଠିତ ଥିଲା ବେଳେ ଏ ପତ୍ର ତୁମକୁ ସେହିପରି ସାନ୍ତ୍ୱନା ଦେଲା । (ପୁରୋହିତଙ୍କ କର୍ମରେ ସବୁ ଶେଷରେ ସ୍ୱସ୍ତି ବାଚନ ହୁଏ । ସ୍ୱସ୍ତି ବାଚନ ପରେ ଉତ୍ସବ ଉପଲକ୍ଷେ ଭୋଜନ ଆରମ୍ଭ ହୁଏ । ତେଣୁ ସ୍ୱସ୍ତି ବାଚନ ଭୋଜନାର୍ଥୀ ମାନଙ୍କ ମନରେ ସାନ୍ତ୍ୱନା ଦିଏ ।)

ରାଜା-- ସାନ୍ତ୍ୱନା ବୋଲି କଅଣ କହୁଛ ? ହେ ବନ୍ଧୁ ! ପ୍ରିୟାର ସମ-ଅନୁରାଗ-ସୂଚକ, ସୁନ୍ଦର ଭାବମୟ ରଚନା ଏ ପତ୍ରରେ ରହିଛି । ଏହାକୁ ପାଇ ମୋର ମନେ ହେଉଛି, ସତେ ଯେପରି ମୋର ମୁଖ ମାଦକନୟନା ପ୍ରିୟାର ଉତ୍ପକ୍ଷ୍ମ ମୁଖ ସହିତ ମିଳିତ ହୋଇଯାଉଛି ! (ଉତ୍ପକ୍ଷ୍ମ ମୁଖ—ଯେଉଁ ମୁଖରେ ପକ୍ଷ୍ମ ଅର୍ଥାତ୍ ଆଖିବାଳ ଉପରକୁ ଠିଆ ହୋଇ ରହିଥାଏ) ୧୩

ଉର୍ବଶୀ—ଆମ ଦୁହିଁଙ୍କର ପ୍ରେମ ସମାନ ।

ରାଜା— ବନ୍ଧୁ ! ଅଙ୍ଗୁଳି ଝାଳରେ ଅକ୍ଷର ଗୁଡ଼ିକ ଲେସି ହୋଇଯାଇପାରେ । ତେଣୁ ପ୍ରିୟାର ସ୍ୱହସ୍ତ ଲିଖିତ ପତ୍ରକୁ ଯତ୍ନରେ ଧର ।

ବିଦୂ— (ଧରି) ତେବେ କଅଣ ଆଦରଣୀୟା ଉର୍ବଶୀ ଆପଣଙ୍କର କାମନାରେ ଫୁଲ ଫୁଟାଇ ଫଳ ଦେବାରେ ବିମୁଖ ହେବେ ?

ଉର୍ବଶୀ—ସଖୀ ! ମୋର ମିଳନକାତର ହୃଦୟକୁ ମୁଁ ଦୃଢ଼ କରୁଛି । ତୁ ଯାଆ, ତାଙ୍କ ଆଗରେ ନିଜକୁ ପ୍ରକଟ କରି, ମୋ ପକ୍ଷରେ ଯାହା କହିବା ଉଚିତ, ତାହା ତାଙ୍କୁ କହି ।

ଚିତ୍ର— ହେଉ । (ମାୟା ଆବରଣ ହଟାଇ ରାଜାଙ୍କ ନିକଟକୁ ଯାଇ) ମହାରାଜଙ୍କର ଜୟ ହେଉ, ଜୟ ହେଉ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

राजा—(दृष्ट्वा सहर्षं) स्वागतं भवत्यै। (पार्श्वमवलोक्य) भद्रे !

न तथा नन्दयसि मां सख्या बिरहिता तया।
सङ्गमे दृष्टपूर्वेव यमुना गङ्गया विना॥ १४

चित्र०—णं पढमं मेहराई दीसदि। पच्छा विज्जुलदा।
(ननु प्रथमं मेघराजि र्दृश्यते। पश्चाद् विद्युल्लता।)

विदू०—(अपवार्य) कहं ण एसा उव्वसी। ताए तत्तहोदीए अहिमदा महअरी। (कथं नैषोर्बशी। तस्यास्तत्रभवत्या अभिमता सहचरी ?

राजा—एतदासनमास्यताम्।

चित्र०—उव्वसी महाराअं सिरसा पणमिअ विण्णवेदि।
(उर्वशी महाराजं शिरसा प्रणम्य विज्ञापयति।)

राजा—किमाज्ञापयति ?

चित्र०—तस्सिं सुरारिसंभवे दुज्जादे महाराओ एव्व मं सरणं आसि। सा अहं संपदं, तुह दंसणसमुत्थेण मअणेण, बलिअं बाहीअमाणा, भूओवि महाराएण अणुकंपणीअम्हि। (तस्मिन् सुरारिसम्भवे दुर्जाते महाराज एव मम शरणमासीत्। साहं साम्प्रतं तव दर्शनसमुत्थेन मदनेन, बलवद् बाध्यमाना भूयोऽपि महाराजस्यानुकम्पनीया इति।)

राजा—अयि भद्रमुखि !

पर्युत्सुकां कथयसि प्रियदर्शनां ताम्
आर्तं न पश्यसि पुरूरवसं तदर्थे।
साधारणोऽयमुभयोः प्रणयः स्मरस्य
तप्तेन तप्तमयसा घटनाय योग्यम्॥ १५

चित्र०—(उर्वशीमुपेत्य) सहि एहि। तुवत्तोवि णिद्दअदरं मअणं पेक्खिअ पिअतमस्स दे दूदिम्हि संवुत्ता। (सखि ! एहि। त्वत्तोऽपि निर्दयतरं मदनं प्रेक्ष्य प्रियतमस्य ते दूत्यस्मि संवृत्ता।)

उर्व०—(तिरस्करिणीमपनीय) अम्महे लहुअं तुए उज्झिदम्हि।
(अहो लघु त्वया उज्झितास्मि।)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରାଜା—(ଦେଖି ହର୍ଷର ସହିତ) ସ୍ୱାଗତ ଭଦ୍ରେ ! (ପାର୍ଶ୍ୱକୁ ଚାହିଁ) ଭଦ୍ରେ ! 'ସଙ୍ଗମ'-ଠାରେ ଯେ ଗଙ୍ଗା ସହିତ ଯମୁନାକୁ ଦେଖିଥାଏ, ସେ ଗଙ୍ଗାବିହୀନ ଯମୁନାକୁ ଦେଖିଲେ ସେତେ ଆନନ୍ଦ ପାଏନାହିଁ । ମୁଁ ସେହିପରି କେବଳ ତୁମକୁ ଦେଖି, ତୁମ ସଖୀକୁ ନଦେଖି ସେତେ ଆନନ୍ଦ ପାଉନାହିଁ । ୧୪

ଚିତ୍ର— କିନ୍ତୁ ପ୍ରଥମେ ମେଘମାଳା ଦେଖାଯାଏ, ତା'ପରେ ବିଜୁଳି ।

ବିଦୂ— (ମୁହଁ ଆଡ଼ କରି) ଏ ଉର୍ବଶୀ ନୁହଁନ୍ତି ! ତାଙ୍କର ପ୍ରିୟ ସହଚରୀ !

ରାଜା—ଏଇ ଆସନ, ବସ ।

ଚିତ୍ର— ଉର୍ବଶୀ ମହାରାଜଙ୍କୁ ମୁଣ୍ଡ ନୁଆଁଇ ପ୍ରଣାମ କରି ଜଣାଇଛନ୍ତି ... .

ରାଜା—କଅଣ ଆଜ୍ଞା ଦେଇଛନ୍ତି ?

ଚିତ୍ର— "ଅସୁରଜନିତ ବିପତ୍ତି କାଳରେ ମହାରାଜା ମୋତେ ଶରଣ ଦାନକରିଥିଲେ । ମୁଁ ସେଇ ଉର୍ବଶୀ, ବର୍ତ୍ତମାନ ମହାରାଜାଙ୍କ ଦର୍ଶନଜନିତ କନ୍ଦର୍ପ-ପୀଡ଼ାରେ ଅତିଶୟ କଷ୍ଟ ପାଉଛି । ତେଣୁ ପୁଣି ଥରେ ମହାରାଜାଙ୍କ ଅନୁକଂପା ପାଇବାକୁ ମୁଁ ଆଶାୟୀ ।

ରାଜା ଗୋ ସୁମୁଖୀ ! ଉର୍ବଶୀ ବିରହ-ଉତ୍କଣ୍ଠିତା ବୋଲି ତୁମେ କହୁଛ, କିନ୍ତୁ ପୁରୁରବା ଯେ ତାଙ୍କ ବିନା କିପରି ଅଧୀର, ତାହା ତୁମେ ଦେଖିପାରୁନାହଁ । ଅନୁରାଗଜନିତ ପ୍ରେମ ଆମ ଉଭୟଙ୍କଠାରେ ସମାନ । ଏକ ଉତପ୍ତ ଲୌହ ଖଣ୍ଡ ଆଉ ଏକ ଉତପ୍ତ ଲୌହଖଣ୍ଡ ସହିତ ହିଁ ଜଡ଼ିତ ହେବା ସମ୍ଭବପର । ୧୫

ଚିତ୍ର— (ଉର୍ବଶୀଙ୍କ ନିକଟକୁ ଆସି) ସଖୀ ! ଆସ । ତୁମ ପ୍ରିୟତମଙ୍କ ଠାରେ ତୁମ ଅପେକ୍ଷା ଅଧିକ କାମପୀଡା ଦେଖି ମୁଁ ତାଙ୍କର ଦୂତୀ ହୋଇ ତୁମ ପାଖକୁ ଆସିଛି ।

ଉର୍ବଶୀ—(ମାୟା-ଆବରଣ କାଟି ଦେଇ) ଓ ହୋ ! ତୁ ମୋତେ ଏତେ ସମୟ ହେଲା ଛାଡ଼ି ଗଲୁଣି !

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

चित्र०—(सस्मितम्) सहि ! इदो मुहुत्तादो जाणिस्सं का कं उज्झिस्सदि। आआरं दाव पडिवज्ज। (सखि ! ईतो मुहूर्तादेव ज्ञास्यामि का कामुज्झिष्यतीति। आचारं तावत् प्रतिपद्यस्व।)

उर्व०—(ससाध्वसं राजानमुपेत्य प्रणम्य च सव्रीडम्) जेदु जेदु महाराओ। (जयतु जयतु महाराजः।)

राजा—(सहर्षम्) सुन्दरि !

मया नाम जितं यस्य त्वयायं समुदीर्यते।
जयशब्दः सहस्राक्षादागतः पुरुषान्तरम्॥ १६

(हस्ते गृहीत्वैनामुपवेशयति।)

विदू०—भोदि ! रण्णो पिअवअस्सो बम्हणो किं ण बन्दीअदि। (भवति ! राज्ञः प्रियवयस्यो ब्राह्मणः किं न वन्द्यते।)

(उर्वशी सस्मितं प्रणमति।)

विदू०—सत्थि भोदीए। (स्वति भवत्यै।)

(नेपथ्ये देवदूतः)

चित्रलेखे ! त्वरय त्वरय उर्वशीम्।

मुनिना भरतेन यः प्रयोगो
भवतीष्वष्टरसाश्रयो नियुक्तः।
ललिताभिनयं तमद्य भर्ता
मरुतां द्रष्टुमनाः सलोकपालः॥ १७

(सर्वे कर्णं ददति। उर्वशी विषादं रूपयति।)

चित्र०—सुदं पिअसहीए देवदूदस्स वअणं। ता अणुमाणीअदु महाराओ। (श्रुतं प्रियसख्या देवदूतस्य वचनम्। तदनुमान्यतां महाराजः।)

उर्व०—णत्थि मे वाआ। (नास्ति मे वाचा।)

चित्र०—महाराअ ! उव्वसी विण्णवेदि—परवसो अअं जणो। ता महाराएण अब्भणुण्णादा इच्छामि देवेसु अणवरद्धं अत्ताणअं कादुं त्ति। (महाराज ! उर्वशी विज्ञापयति—परवशोऽयं जनः। तन्महाराजेनाभ्यनुज्ञाता इच्छामि देवेष्वनपराद्धमात्मानं कर्तुम् इति।)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଚନ୍ଦ୍ର---(ମୃଦୁ ହାସ୍ୟର ସହିତ) ସଖୀ ! ଆଉ ମୁହୂର୍ତ୍ତିକ ପରେ ଜଣାଯିବ, କିଏ କାହାକୁ ଛାଡ଼ି ଯାଉଛି । ହଁ, ଆଗେ ଶିଷ୍ଟାଚାର ପାଳନ କର ।

ଉର୍ବଶୀ—(ସଂଭ୍ରମର ସହିତ ରାଜାଙ୍କ ନିକଟକୁ ଯାଇ, ପ୍ରଣାମ କରି ସଲଜ୍ଜ ଭାବରେ) ମହାରାଜାଙ୍କର ଜୟ ହେଉ ।

ରାଜା— (ହର୍ଷର ସହିତ) ସୁନ୍ଦରି !

ତୁମର 'ଜୟ' ଶବ୍ଦ ଇନ୍ଦ୍ରଙ୍କ ବ୍ୟତୀତ ଆଉ କାହାର ପ୍ରତି ପ୍ରଯୁକ୍ତ ହୋଇ-ନାହିଁ । ସେହି 'ଜୟ' ଶବ୍ଦ ମୋ ପ୍ରତି ପ୍ରଯୁକ୍ତ ହୋଇଥିବାରୁ ପ୍ରକୃତରେ ମୁଁ ଜୟୀ । ୧୭

(ଉର୍ବଶୀଙ୍କୁ ହାତ ଧରି ବସାଇଲେ)

ବିଦୂ— କଲ୍ୟାଣି ! ରାଜାଙ୍କ ପ୍ରିୟବନ୍ଧୁ ବ୍ରାହ୍ମଣଙ୍କୁ କାହିଁକି ନମସ୍କାର କରାନଯାଉଛି ?

(ଉର୍ବଶୀ ମୃଦୁ ହାସ୍ୟର ସହିତ ବିଦୂଷକଙ୍କୁ ନମସ୍କାର କଲେ)

ବିଦୂ – କଲ୍ୟାଣୀଙ୍କର ମଙ୍ଗଳ ହେଉ ।

(ନେପଥ୍ୟେ ଦେବଦୂତ)

ଚନ୍ଦ୍ରଲେଖା ! ଉର୍ବଶୀଙ୍କୁ ନେଇ ଶୀଘ୍ର ଆସ । ଭରତ ମୁନି ଯେଉଁ ଅଷ୍ଟରସ-ମୟ ନାଟକଟି ଆପଣମାନଙ୍କୁ ଶିଖାଇଛନ୍ତି, ଆଜି ଇନ୍ଦ୍ର, ଲୋକପାଳମାନଙ୍କ ସଙ୍ଗରେ ସେହି ନାଟକଟି ଆପଣମାନଙ୍କର ସୁନ୍ଦର ଅଭିନୟରେ ଦେଖି-ବାକୁ ଚାହାଁନ୍ତି ।

(ସମସ୍ତେ କାନ ଡେରି ଶୁଣିଲେ । ଉର୍ବଶୀ ବିଷାଦର ଅଭିନୟ କଲେ)

ଚନ୍ଦ୍ର— ପ୍ରିୟସଖୀ ! ଦେବଦୂତଙ୍କ କଥା ତ ଶୁଣିଲ । ବର୍ତ୍ତମାନ ମହାରାଜାଙ୍କଠାରୁ ବିଦାୟ ନେଇ ଚାଲ ।

ଉର୍ବଶୀ—ମୋ ଭୁଣ୍ଡରେ ଆଉ ଭାଷା ନାହିଁ ।

ଚନ୍ଦ୍ର— ମହାରାଜ ! ଉର୍ବଶୀ ଜଣାଉଛନ୍ତି, ସେ ପରାଧୀନା । ତେଣୁ ସେ ଆପଣଙ୍କ-ଠାରୁ ଅନୁମତି ନେଇ ଦେବତାମାନଙ୍କଠାରେ ନିଜକୁ ଅପରାଧୀ ନ କରି-ବାକୁ ଚାହୁଁଛନ୍ତି ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

राजा—(कथं कथमपि वाचं व्यवस्थाप्य।) नास्मि भवत्योः ईश्वर-नियोगप्रत्यर्थी। स्मर्तव्यस्त्वयं जनः।

(उर्वशी वियोगदुःखं रूपयित्वा राजानं पश्यन्ती सह सख्या निष्क्राता।)

राजा—(निःश्वस्य) सखे! वैयर्थ्यमिव मे चक्षुषोः संप्रति।

विदू०—(पत्रं दर्शयितुकामः) णं एदं (अर्धोक्ते सविषादमात्मगतम्) हद्धी हद्धी! उव्वसीदंसणविम्हिदेण मए तं भुज्जवत्तअं पब्भट्टं वि हत्थादो पमादेण ण विण्णादं। [ननु एतत् (इत्यर्धोक्ते सविषाद-मात्मगतम्) हा धिक् हा धिक्! उर्वशीदर्शनविस्मितेन मया तद् भूर्जपत्रं प्रभ्रष्टमपि हस्तात् प्रमादेन न विज्ञातम्।]

राजा—भद्र! किमपि वक्तुकाम इव?

विदू०—एव्वं वत्तुकामोम्हि—मा भवं अंगाइँ मुंचदु। दिढं क्खु तुइ वद्धभावा उव्वसी। ण सा इदोगदं अणुराअं सिढिलेदि त्ति। (एवं वक्तुकामोऽस्मि—'मा भवानङ्गानि मुञ्चतु। दृढं खलु त्वयि वद्धभावा उर्वशी। न सा इतोगतमनुरागं शिथिलयति'—इति।)

राजा—ममाप्येतदाशंसि मनः। तया खलु प्रस्थाने—

अनीशया शरीरस्य स्ववशं हृदयं मयि।
स्तनकम्पक्रियालक्ष्यैर्न्यस्तं निःश्वसितैरिव ॥ १८

विदू०—(स्वगतम्) वेवदि मे हिअअं इमं वेअलं अत्तभवदा तस्स भुज्जवत्तस्स णाम गेण्हिदव्वं त्ति॥ (वपते मे हृदयमिमां वेलामत्रभवता तस्य भूर्जपत्रस्य नाम ग्रहीतव्यमिति।)

राजा—वयस्य! केनेदानीं दृष्टिं विलोभयामि। (स्मृत्वा) आः, उपनयतु भवान् भूर्जपत्रम्।

विदू०—(सर्वतो दृष्ट्वा विषादं नाटयति) हंत ण दिस्सदि। भो दिव्वं क्खु तं भुज्जवत्तं गदं उव्वसीए मग्गेण। (हन्त न दृश्यते। भोः दिव्यं खलु तद् भूर्जपत्रं गतमुर्वश्या मार्गेण।)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରାଜା—(ବଡ଼ କଷ୍ଟରେ ଉଚ୍ଚାରଣ କରି) ଆପଣ ଦୁଇ ଜଣଙ୍କର ପ୍ରଭୁଙ୍କ (ଇନ୍ଦ୍ରଙ୍କ) ପ୍ରତି ଯେଉଁ କର୍ତ୍ତବ୍ୟ, ସେଥିରେ ମୁଁ ଅନ୍ତରାୟ ହେବାକୁ ଚାହୁଁନାହିଁ । କିନ୍ତୁ ଆପଣ ଦୁହେଁ ଏ ଲୋକଟିକୁ ମନେ ରଖିବେ !

(ଉର୍ବଶୀ ବିଚ୍ଛେଦଦୁଃଖର ଅଭିନୟ କରି, ରାଜାଙ୍କ ଆଡ଼କୁ ଚାହିଁ ସଖୀ ସହିତ ଚାଲିଗଲେ ।)

ରାଜା—(ଦୀର୍ଘ ନିଃଶ୍ୱାସ ପକାଇ) ବନ୍ଧୁ ! ବର୍ତ୍ତମାନ ମୋର ଚକ୍ଷୁ ନିଷ୍ଫଳ ।

ବିଦୂ—(ପତ୍ର ଦେଖାଇବାକୁ ଇଚ୍ଛା କରି) ଏଇ ପତ୍ର .... (ଅଧା କହି ବିଷାଦର ସହିତ ମନକୁ ମନ) ହାୟ ! ହାୟ ! ଉର୍ବଶୀଙ୍କୁ ଦେଖି ଚକିତ ହେବା ଅବସ୍ଥାରେ ମୁଁ କେତେବେଳେ ଅସାବଧାନତାବଶତଃ ଭୂର୍ଜପତ୍ରଟିକୁ ହଜାଇଦେଲିଣି, ଜାଣିପାରୁନାହିଁ ।

ରାଜା—ଭଦ୍ର ! କଅଣ କହିବାକୁ ଚାହୁଁଛ କି ?

ବିଦୂ—ହଁ, ମୁଁ କହିବାକୁ ଚାହୁଁଛି କି ଆପଣ ଏପରି ଅଧୀର ହୁଅନ୍ତୁନାହିଁ । ଆପଣଙ୍କ ପ୍ରତି ଉର୍ବଶୀଙ୍କର ଗଭୀର ଅନୁରାଗ ଅଛି । ଏଠାରୁ ଗଲେ ମଧ୍ୟ ସେ ଆପଣଙ୍କ ପ୍ରତି ଅନୁରାଗ ଶିଥିଳ କରିବେ ନାହିଁ ।

ରାଜା—ହଁ, ମୋ ମନ ମଧ୍ୟ ତାହା କହୁଛି । କାରଣ, ଗଲାବେଳେ —

ନିଜ ଶରୀର ଉପରେ ତାର ନିୟନ୍ତ୍ରଣ ନଥିଲା, କିନ୍ତୁ ହୃଦୟ ଉପରେ ତାର ନିୟନ୍ତ୍ରଣ ଥିଲା । ତେଣୁ ସିଏ ଯେପରି ସେ ଦୀର୍ଘନିଃଶ୍ୱାସ ପକାଇ ତାର ହୃଦୟକୁ ମୋଠାରେ ରଖିଦେଇ ଗଲା । ତାର ସ୍ତନଦ୍ୱୟ ଯେପରି ଭାବରେ କଂପି ଉଠୁଥିଲା, ସେଥିରୁ ତାର ଦୀର୍ଘନିଃଶ୍ୱାସ ବେଶ୍ ଲକ୍ଷ୍ୟ କରି ହେଉଥିଲା । ୧୮

ବିଦୂ—(ସ୍ୱଗତ) ମୋର ହୃଦୟ କଂପି ଉଠୁଛି, ଯଦି ଏ ବର୍ତ୍ତମାନ ସେହି ଭୂର୍ଜପତ୍ରର ନାମ ଧରନ୍ତି .... ।

ରାଜା—ବନ୍ଧୁ ! ବର୍ତ୍ତମାନ କାହାକୁ ଚାହିଁ ମୋର ଦୃଷ୍ଟିକୁ ତୃପ୍ତ କରିବି ? (ମନେ ପକାଇ) ହଁ, ତୁମେ ସେହି ଭୂର୍ଜ ପତ୍ର ବାହାର କର ।

ବିଦୂ—(ଚାରି ଆଡକୁ ଚାହିଁ ବିଷାଦର ଅଭିନୟ କଲେ) ହାୟ ! କେଉଁଠି ଦେଖା ଯାଉନାହିଁ । ସେହି ଅଲୌକିକ ଭୂର୍ଜପତ୍ର ଉର୍ବଶୀଙ୍କ ପଛେ ପଛେ ଚାଲିଗଲା ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

राजा—(सासूयम्) अहो सर्वत्र प्रमादी वैधेयः । ननु विचिनोतु भवान् ।

विदू०—(उत्थाय) णं इदो भवे, इह वा भवे, इह वा भवे ।
(ननु इतो भवेत्, इह वा भवेत्, इह वा भवेत् ।) (विचेतव्यं नाटयति ।)

(ततः प्रविशति सपरिवारा काशिराजपुत्री देवी चेटी च ।)

देवी—हंजे णिउणिए ! सच्चं तुए भणिदं इमं लदागेहं पविसंतो अज्ज-माणवअ-सहाओ अज्जउत्तो दिट्ठो त्ति । (हञ्जे निपुणिके ! सत्यं त्वया भणितमिदं लतागृहं प्रविशन्नार्यमाणवकसहाय आर्यपुत्रो दृष्ट इति ।)

निपु०—किं अण्णहा भट्टिणी मए कदावि विण्णविदपुव्वा ?
(किमन्यथा भट्टिनी मया कदापि विज्ञापितपूर्वा ?)

देवी—तेण हि लदाविडवंतरिदा सुणिस्सं दाव से विस्सद्ध मंत्तिदाणि जं तुए कहिदं तं सच्चं ण व त्ति । (तेन हि लताविटपान्तरिता श्रोष्यामि तावदस्य विश्रब्धमन्त्रितानि यत् त्वया कथितं तत् सत्यं न वेति ।)

निपु०—जं भट्टिणीए रोअदि । (यद् भट्टिन्यै रोचते ।)

देवी—(परिक्रम्य पुरस्तादवलोक्य च) हंजे णिउणिए ! किं णु क्खु एदं जिण्णचीअरं विअ इदोमुहं दक्खिण-मारुदेण आणीअदि । (हञ्जे निपुणिके ! किं नु खल्वेतज्जीर्णचीवरमिव इतोमुखं दक्षिण-मारुतेनानीयते ।)

निपु०—(विभाव्य) भट्टिणी ! पडिवत्तणविभाविदक्खरं भुज्जवत्तं क्खु एदं । हंत भट्टिणीए एव्व णेउरकोडीए लग्गं । (गृहीत्वा) णं वाईअदु एदम् । (भट्टिनि ! परिवर्त्तनविभाविताक्षरं भूर्जपत्रं खल्वेतत् । हन्त भट्टिन्या एव नूपुरकोट्यां लग्नम् । (गृहीत्वा) ननु वाच्यतामेतत् ।)

देवी—अणुवाएहि दाव एदं । जदि अविरुद्धं तदो सुणिस्सं ।
(अनुवाचय तावदेतत् । यद्यविरुद्धं ततः श्रोष्यामि ।)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରାଜା—(ଟିକିଏ ବିରକ୍ତିର ସହିତ) ଓଃ ! ମୂର୍ଖ ସବୁକ୍ଷେତ୍ରରେ ଅସାବଧାନ । ଆଚ୍ଛା, ତାହାକୁ ଖୋଜ ।

ବିଦୂ— (ଉଠି) ବୋଧହୁଏ ଏଆଡେ ଥିବ, ଅବା ଏଆଡ଼େ ଥିବ ,ଅବା ଏଣେ ଥିବ । (ଖୋଜିବାର ଅଭିନୟ କଲେ)

(ସେତିକିବେଳେ ପରିଜନବେଷ୍ଟିତା ପାଟରାଣୀ କାଶୀରାଜ-କନ୍ୟା ଏବଂ ଦାସୀ ନିପୁଣିକାଙ୍କର ପ୍ରବେଶ)

ଦେବୀ—ସଖୀ ନିପୁଣିକା ! ତୁ ସତ କହୁଛୁ ଆର୍ଯ୍ୟ ମାଣବକଙ୍କ ସଙ୍ଗରେ ଆର୍ଯ୍ୟପୁତ୍ର ଏଇ ଲତାକୁଞ୍ଜ ଭିତରକୁ ପ୍ରବେଶ କଲେ ତୁ ଦେଖିଛୁ ?

ନିପୁ— ଦେବୀଙ୍କୁ ମୁଁ କ'ଣ କେବେ ମିଛ କଥା କହୁଛି ?

ଦେବୀ—ତା ହେଲେ ମୁଁ ଲତାଶାଖାଗୁଡ଼ିକ ଭିତରେ ଲୁଚି ରହି ତାଙ୍କର ଗୁପ୍ତ ଆଲାପ ସବୁ ଶୁଣିବି । ତୁ ଯାହା ମୋତେ କହୁଛୁ, ତାହା ସତ କି ନା ଜାଣିବି ।

ନିପୁ—ଦେବୀଙ୍କୁ ଯାହା ଭଲ ବୋଧ ହେଉଛି ।

ଦେବୀ—(ପରିକ୍ରମା କରି, ଆଗକୁ ଚାହିଁ) ସଖୀ ! ନିପୁଣିକା ! ଏ ଆଡ଼କୁ କଅଣ ଗୋଟିଏ ଚିରିକନା ଭଳି ପଦାର୍ଥ ଦକ୍ଷିଣ ପବନରେ ଉଡି ଆସୁଛି !

ନିପୁ— (ନିରୀକ୍ଷଣ କରି) ଓଲଟ ପାଲଟ ହେଉଥିବା ଯୋଗୁ ଏଥିରେ ଅକ୍ଷର ଲେଖା ହୋଇଥିବାର ଦେଖାଯାଉଛି । ଏ ଗୋଟିଏ ଭୂର୍ଜପତ୍ର । ବାଃ ! ଏହା ଆସି ଦେବୀଙ୍କ ନୂପୁରରେ ଲାଗିଗଲାଣି । (ଉଠାଇନେଇ) ପଢ଼ନ୍ତୁ ।

ଦେବୀ—ତୁ ଆଗେ ପଢିନେ । ଯଦି ଖରାପ କିଛି ନଥିବ, ଶୁଣିବି ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

निपु०—(तथा कृत्वा) भट्टिणी ! तं एव्व कौलीणं विअ पडिहादि भट्टारअं उद्दिसिअ उव्वसीए कव्वबंधो त्ति तक्केमि, अज्जमाणवअप्पमादेण अम्हाणं हत्थं आगदो त्ति। (भट्टिनि ! तदेव कौलीनमिव प्रतिभाति। भट्टारकमुद्दिश्य उर्वश्याः काव्यबन्ध इति तर्कयामि, आर्यमाणवक-प्रमादेन आवयोर्हस्तमागत इति ।)

देवी—तेण हि से गहीदत्था होमि। (तेन ह्यस्य गृहीतार्था भवामि।)

(निपुणिका वाचयति।)

देवी—(श्रुत्वा)एहि इमिणा एव्व उवाअणेण दं अच्छराकामुअं पेक्खामि। (एहि, अनेनैवोपायनेन तमप्सरःकामुकं प्रेक्षे।)

निपु०—तह। (तथा।)

(परिजनसहिते लतागृहं परिक्रामतः।)

विदू०—(विलोक्य) भो वअस्स ! किं एदं पवणवसगामि पमदवणसमीवगदकीलापव्वदपज्जंते दीसदि। (भो वयस्य ! किमेतत् पवनवशगामि प्रमदवनसमीपगतक्रीडापर्वतपर्यन्ते दृश्यते।)

राजा—(उत्थाय) भगवन् वसन्त-प्रिय दक्षिणवायो !

वासार्थं हर संभृतं सुरभिणा पौष्पं रजो वीरुधां
किं मिथ्या भवतो हृतेन दयितास्नेह स्वहस्तेन मे।
जानात्येव मनोविनोदनशतैरेवंविधैर्धारितं
कामार्तं जनमङ्गनां प्रति भवानालक्षितप्रार्थनः ॥ १९

निपु०—भट्टिणि ! पेक्ख। पेक्ख। एदस्स एव्व अण्णेसणा वट्टदि। (भट्टिनी ! प्रेक्षस्व प्रेक्षस्व। एतस्यैवान्वेषणा वर्तते।)

देवी—णं पेक्खामि दाव। तुण्हि चिट्ठ। (ननु पश्यामि तावत्। तूष्णीं तिष्ठ।)

विदू०—(सविषादम्) हद्धी हद्धी भो मिलाअमाणकेसरच्छविणा मोरपिच्छेण विप्पलद्धो म्हि। (हा धिक् हा धिक् भोः म्लायमानकेसरच्छविना मयूरपिच्छेन विप्रलब्धोऽस्मि।)

राजा—सर्वथा हतोऽस्मि।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ନିପୁ— (ମେଦ୍ୱପର କର) ଦେବୀ ! ସେହି ଅପବାଦ କଥା ଭଳି ଜଣାପଡୁଛି । ମହାରାଜଙ୍କୁ ସମ୍ବୋଧନ କରି ଉର୍ବଶୀ ଦ୍ୱାରା ଲିଖିତ ଗୋଟିଏ କବିତା ଭଳି ମୋତେ ବୋଧ ହେଉଛି ।

ବୋଧହୁଏ ଆର୍ଯ୍ୟ ମାଣବକଙ୍କ ଅସାବଧାନତା ହେତୁ ଏହା ଆମ ହାତକୁ ଚାଲିଆସିଛି ।

ଦେବୀ—ତା ହେଲେ ମୁଁ ଏହାର ଅର୍ଥ ବୁଝିବି ।

(ନିପୁଣିକା ପଢ଼ିଲା)

ଦେବୀ—(ଶୁଣି) ଆ, ଏହି ଉପହାର ଘେନି ଅପ୍‌ସରାପ୍ରେମିକଙ୍କୁ ଭେଟିବା ।

ନିପୁ — ହେଉ । (ଦୁହେଁ ପରିଜନଙ୍କ ସହିତ ଲତାକୁଂଜ ଆଡ଼କୁ ଚାଲିଲେ)

ବିଦୂ— ବନ୍ଧୁ ! ପ୍ରମୋଦବନ ନିକଟରେ, କ୍ରୀଡ଼ାପର୍ବତ ପାଖେ ପାଖେ ପବନରେ କଅଣ ଗୋଟିଏ ଉଡ଼ିଯାଉଥିବାର ଦେଖାଯାଉଛି !

ରାଜା—(ଉଠି) ହେ ଭଗବାନ୍ ବସନ୍ତପ୍ରିୟ ଦକ୍ଷିଣା ପବନ ! ଲତାମାନଙ୍କର ବସନ୍ତ-ପ୍ରସୂତ ପୁଷ୍ପପରାଗକୁ ଆପଣ ସୁଗନ୍ଧି ନିମନ୍ତେ ହରଣ କରି ନିଅନ୍ତୁ । ମୋ ପ୍ରିୟାର ସ୍ୱହସ୍ତ ଲିଖିତ ପତ୍ରକୁ ହରଣ କରିନେଲେ ଆପଣଙ୍କର ଲାଭ କଅଣ ? ଆପଣ ତ ଜାଣନ୍ତି, ଏହିଭଳି ମନୋରଂଜକ ବସ୍ତୁ ଦ୍ୱାରା ବିରହୀ ବ୍ୟକ୍ତି-ମାନେ ପ୍ରାଣ ଧାରଣ କରି ରହନ୍ତି । ଆପଣ ତ ପୁଣି ଅଞ୍ଜନାଙ୍କ ନିକଟରେ ପ୍ରଣୟପ୍ରାର୍ଥୀ ହୋଇଥିଲେ ! ୧୯

ନିପୁ— ଦେବୀ ! ଦେଖନ୍ତୁ, ଦେଖନ୍ତୁ, ଏହାକୁ ଖୋଜାଚାଲିଛି ।

ଦେବୀ—ହଁ, ମୁଁ ଦେଖୁଛି, ତୁ ନୀରବ ହୋଇ ରହ ।

ବିଦୂ -- (ବିଷାଦର ସହିତ) ହା ଧିକ୍ ! ହା ଧିକ୍ ! ଶୁଖିଲା ଫୁଲକେଶର ଭଳି ଦିଶୁଥିବା ମୟୂର ପୁଚ୍ଛଟାଏ ମୋତେ ଠକେଇଦେଲା !

ରାଜା—ହାୟ ! ମୁଁ ସବୁ ଆଡ଼ୁ ମଲି !

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

देवी—(सहसोपसृत्य) अज्जउत्त ! अलं आवेएण । एदं तं भुज्जवत्तं ।

(आर्यपुत्र ! अलमावेगेन । एतत् तद् भूर्जपत्रम् ।)

राजा—(ससंभ्रमम्) अये देवी ! स्वागतं देव्य ।

विदू०—(अपवार्य) दुरागदं दाणिं संवुत्तं । (दुरागतमिदानीं संवृत्तम् ।)

राजा—(जनान्तिकम्) वयस्य ! किमत्र प्रतिविधेयम् ?

विदू०—(अपवार्य) लोत्तेण गहीदस्स कुंभीलअस्स अत्थि वा पडिवअणं ।

(लोप्त्रेण गृहीतस्य कुंभीलकस्यास्ति वा प्रतिवचनम् ।)

राजा—(जनान्तिकम्) मूढ ! नायं परिहासकालः । (प्रकाशम्) देवि ! नेदं मया मृग्यते । अयं खलु परान्वेषणार्थमारम्भः ।

देवी—जुज्जदि अत्तणो सोहग्गं पच्छादेदुं ।

(युज्यते आत्मनः सौभाग्यं प्रच्छादयितुम् ।)

विदू०—भोदि ! तुवरेहि से भोअणं जं पित्तोवसमणसमत्थं होदि ।

(भवति ! त्वरय अस्य भोजनं यत् पित्तोपशमनसमर्थं भवति ।)

देवी—णिउणिए ! सोहणं क्खु बम्हणेण अणुमाणिदो वअस्सो ।

(निपुणिके ! शोभनं खलु ब्राह्मणेनानुमानितो वयस्यः ।)

विदू०—भोदि ! णं पेक्ख आवेसिदो पिसाचोवि भोअणेण उज्झइ ।

(भवति ! ननु पश्य आवेशितः पिशाचोऽपि भोजनेन उज्झति ।)

राजा—मूर्ख ! बलादपराधिनं मां प्रतिपादयसि ।

देवी—णत्थि क्खु भवदो अवराहो । अहं एव्व एत्थ अवरद्धा जा पडिउलदंसणा भविअ अग्गदो दे चिट्ठामि । इदो अहं गमिस्सं । णिउणिए, एहि गच्छम्ह । (नास्ति खलु भवतोऽपराधः । अहमेवात्र अपराद्धा, या प्रतिकूलदर्शना भूत्वा अग्रतस्ते तिष्ठामि । इतोऽहं गमिष्यामि । निपुणिके ! एहि गच्छामः ।)

(कोपं नाटयित्वा प्रस्थिता ।)

राजा—(अनुसृत्य)

अपराधी नामाहं प्रसीद रम्भोरु ! विरम संरम्भात् ।
सेव्यो जनश्च कुपितः कथं च दासो निरपराधः ॥ २०

(पादयोः पतति ।)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଦେବୀ—(ହଠାତ ନିକଟକୁ ଆସି) ଆର୍ଯ୍ୟପୁତ୍ର ! ଏତେ ଦୁଃଖିତ ହୁଅନ୍ତୁ ନାହିଁ । ଏଇ ସେଇ ଭୂର୍ଜପତ୍ର ।

ରାଜା—(ସଂଭ୍ରମର ସହିତ) କିଏ ! ଦେବୀ ! ସ୍ୱାଗତମ୍ ।

ବିଦୂ— (ମୁହଁ ବୁଲେଇ) ଖରାପ ବେଳ ଆସିଗଲା ।

ରାଜା—(ଆଡ କରି ବିଦୂଷକଙ୍କ ପ୍ରତି) ବର୍ତ୍ତମାନ କ'ଣ କରିବା ?

ବିଦୂ—(ମୁହଁ ବୁଲେଇ) ଚୋର ତ ଚୋରିମାଲ ସହିତ ଧରା ପଡ଼ିଛି, କି ଉତ୍ତର ଦେବ ?

ରାଜା—(ଆଡ କରି) ମୂର୍ଖ ! ବର୍ତ୍ତମାନ ଉପହାସର ସମୟ ନୁହେଁ । (ପ୍ରକାଶ୍ୟରେ) ଦେବୀ ! ଏହାକୁ ଆମେ ଖୋଜୁନଥିଲୁଁ, ଆଉ ଅନ୍ୟ ଗୋଟିଏ ପଦାର୍ଥ ଖୋଜୁଥିଲୁଁ ।

ଦେବୀ—ହଁ, ନିଜର ସୌଭାଗ୍ୟ ଲୁଚେଇବା ଉଚିତ ।

ବିଦୂ—ଦେବୀ ! ଆପଣ ଶୀଘ୍ର ଏହାଙ୍କ ପାଇଁ ଭୋଜନର ବ୍ୟବସ୍ଥା କରନ୍ତୁ । ଭୋଜନଦ୍ୱାରା ଏହାଙ୍କର ପିତ୍ତ ଉପଶମ ହୋଇଯିବ ।

ଦେବୀ—ନିପୁଣିକା ! ବ୍ରାହ୍ମଣ ତ ତାଙ୍କ ବନ୍ଧୁଙ୍କ ବିଷୟରେ ଠିକ୍ ଅନୁମାନ କରିଛନ୍ତି ।

ବିଦୂ— ଦେବୀ ! ଆପଣ ଦେଖନ୍ତୁ, ଭୋଜନ ପାଇଲେ ମାଡ଼ିବସିଥିବା ଭୂତ ମଧ୍ୟ ଛାଡ଼ି ଚାଲିଯାଏ ।

ରାଜା— ମୂର୍ଖ ! ତୁମେ ମୋତେ ଜବରଦସ୍ତି ଅପରାଧୀ ବୋଲି ପ୍ରମାଣିତ କରୁଛ ?

ଦେବୀ—ନା, ଆପଣ ଅପରାଧୀ ନୁହନ୍ତି, ଅପରାଧୀ ମୁଁ । କାରଣ, ଆପଣ ମୋତେ ଦେଖିବାକୁ ଚାହୁଁ ନାହାନ୍ତି, ଅଥଚ ମୁଁ ଆପଣଙ୍କ ଆଗରେ ଠିଆହୋଇଛି । ତେଣୁ ମୁଁ ଏଠାରୁ ଚାଲିଯାଉଛି ।

(କୋପର ଅଭିନୟ କରି ଚାଲିଯିବାକୁ ଉଦ୍ୟତ)

ରାଜା-- ସୁନ୍ଦରି ! ମୁଁ ପ୍ରକୃତରେ ଅପରାଧୀ । ତୁମେ କୋପକର ନାହିଁ । ସେବ୍ୟ ଯଦି ସେବକ ଉପରେ କୋପ କରେ, ତେବେ ସେଭଳି ସେବକକୁ କିଅଣ ନିର୍ଦ୍ଦୋଷ କୁହାଯାଇପାରେ ?

(ରାଣୀଙ୍କ ପାଦତଳେ ପଡ଼ିଲେ)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

देवी—(स्वगतम्) मा क्खु लहुहिअआ अहं अणुणअं बहु मण्णे । किंदु अदक्खिण्णकिदस्स पच्छादावस्स भाएमि । (मा खलु लघुहृदयाहमनुनयं बहुमन्ये । किंतु अदाक्षिण्यकृतात् पश्चात्तापाद् बिभेमि ।)

(राजानमपहाय सपरिवारा निष्क्रान्ता ।)

विदू०—पाउसणई विअ अप्पसण्णा गदा देवी । ता उट्ठेहि ।
(प्रावृण्नदीव अप्रसन्ना गता देवी । तदुत्तिष्ठ ।)

राजा—(उत्थाय) वयस्य, नेदमनुपपन्नम् । पश्य—

प्रियवचनकृतोऽपि योषितां दयितजनानुनयो रसादृते ।
प्रविशति हृदयं न तद्विदां मणिरिव कृत्रिमरागयोजितः ॥२१

विदू०—अणुऊलं एव्व एत्थभवदो एदं । ण क्खु अक्खिदुक्खिदस्स पमुहे दीवसिहा सहेदि । (अनुकूलमेवात्रभवत एतत् । न खलु अक्षिदुःखितस्य प्रमुखे दीपशिखा सहते ।)

राजा—मा मैवम् ! उर्वशीगतमनसोऽपि मे स एव देव्यां बहुमानः । किन्तु प्रणिपातलङ्घनाद् अहमस्यां धैर्यमवलम्बिष्ये ।

विदू०—भो चिट्ठदु दाव भवदो धीरदा । बुभुक्खिदस्स बम्हणस्स जीविदं अवलबदु भवं । समओ क्खु ण्हाणभोअणं सेविदुं (भो तिष्ठतु तावद् भवतो धीरता । बुभुक्षितस्य ब्राह्मणस्य जीवितमवलम्बतां भवान् । समयः खलु स्नानभोजनं सेवितुम् ।)

राजा—(ऊर्ध्वमवलोक्य) गतमर्धं दिवसस्य । अतः खलु—

उष्णालुः शिशिरे निषीदति तरोर्मूलालवाले शिखी
निर्भिद्योपरि कर्णिकारमुकुलान्यालीयते षट्पदः ।
तप्तं वारि विहाय तीरनलिनीं कारण्डवः सेवते
क्रीडावेश्मनि चैष पञ्जरशुकः क्लान्तो जलं याचते ॥ २२

(निष्क्रान्तौ)

॥ इति द्वितीयोऽङ्कः ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଦେବୀ—(ସ୍ୱଗତ) ମୁଁ ଏପରି ହାଲୁକା ମନର ନାହିଁ ନୁହେଁ ଯେ ଏହାଙ୍କର ଅନୁନୟକୁ ବଡ଼ କଥା ବୋଲି ଭାବିନେବି । କିନ୍ତୁ ମୋ ରୁକ୍ଷତା ହେତୁ ପଛରେ କାଳେ ମୋତେ ପଶ୍ଚାତ୍ତାପ କରିବାକୁ ପଡ଼ିବ, ଏଥିପାଇଁ ହିଁ ଡର ଲାଗୁଛି ।

(ରାଜାଙ୍କୁ ପରିତ୍ୟାଗ କରି, ପରିଜନଙ୍କ ସହିତ ଚାଲିଗଲେ)

ବିଦୂ—ବର୍ଷାଦିନର ନଦୀ ପରି ରାଣୀ ଗୋଳିଆ ମନ ଘେନି ଚାଲିଗଲେ । ଏବେ ତୁମେ ଉଠ ।

ରାଜା—(ଉଠି) ବନ୍ଧୁ ! ତାଙ୍କର ଚାଲିଯିବାଟା କିଛି ଅନୁଚିତ ହୋଇନାହିଁ । ଦେଖ — କାମିନୀମାନଙ୍କୁ ସେମାନଙ୍କର ପ୍ରିୟତମମାନେ ଯେଉଁ ଅନୁନୟ ବିନୟ କରନ୍ତି, ସେଥିରେ ଯଦି ଆନ୍ତରିକତା ନ ଥାଏ, ତା ହେଲେ ସେହି ଅନୁନୟ ବିନୟ ସେମାନଙ୍କର ହୃଦୟ ଭିତରକୁ ପ୍ରବେଶ କରିପାରେନାହିଁ, ଯେପରି କୃତ୍ରିମ-ରଙ୍ଗ-ରଞ୍ଜିତ ମଣି ମଣିଜ୍ଞମାନଙ୍କ ମନକୁ ରୁଚେ ନାହିଁ ।୨୧

ବିଦୂ—ଯେ ଯାହାହେଉ, ଆପଣଙ୍କୁ ତାଙ୍କ ଚାଲିଯିବାଟା ଭଲ ହେଲା । କାରଣ, ଯାହାର ଆଖି ଧରିଥାଏ, ତା ସାମନାରେ ଦୀପଶିଖା ସହ୍ୟ ହୁଏ ନାହିଁ ।

ରାଜା—ନା, ନା ସେପରି କୁହନାହିଁ । ଉର୍ବଶୀ ପ୍ରତି ଯଦିଓ ମୁଁ ଅନୁରକ୍ତ, ତଥାପି ରାଣୀଙ୍କ ପ୍ରତି ମୋର ଆଦର ଅତୁଟ ରହିଛି । କିନ୍ତୁ ରାଣୀ ଯେ ମୋର ପ୍ରଣିପାତକୁ ଅବଜ୍ଞା କରି ଚାଲିଗଲେ, ସେଥିପାଇଁ ମୋତେ ଧୈର୍ଯ୍ୟ ଧରିବାକୁ ପଡ଼ିବ ।

ବିଦୂ—ହେଉ, ଆପଣଙ୍କ ଧୈର୍ଯ୍ୟ ତିଷ୍ଠି ରହୁ । ମୁଁ କିନ୍ତୁ ଭୋକିଲା ବ୍ରାହ୍ମଣ । ଆପଣ ମୋର ଜୀବନ ରକ୍ଷା କରନ୍ତୁ । ସ୍ନାନଭୋଜନର ସମୟ ହୋଇ-ଗଲାଣି ।

ରାଜା—(ଉପରକୁ ଚାହିଁ) ହଁ, ମଧ୍ୟାହ୍ନ ହୋଇଗଲାଣି । ଦେଖ, ମୟୂରମାନେ ସୂର୍ଯ୍ୟତାପକୁ ଡ଼ରି ଗଛ ମୂଳର ଶୀତଳ ଜଳମନ୍ଦାକୁ ଗଲେଣି, ଭ୍ରମରଗଣ କନିଆର କଢି ଗୁଡ଼ିକୁ ଭେଦ କରି ତା ଭିତରେ ଛପିଗଲେଣି, ବତକ-ମାନେ ପୋଖରୀର ତାତିଲା ପାଣିରୁ ଉଠିଆସି କୂଳ ନିକଟ ପଦ୍ମଲତା ଗହଳରେ ପଶିଗଲେଣି, ଏବଂ କ୍ରୀଡ଼ାଗୃହରେ ପଞ୍ଜୁରିଭିତରେ ଥିବା ଶୁକପକ୍ଷୀମାନେ ତୃଷାର୍ତ୍ତ ହୋଇ ଜଳ ମାଗିଲେଣି । ୨୨

(ସମସ୍ତଙ୍କର ପ୍ରସ୍ଥାନ)

ଦ୍ୱିତୀୟ ଅଙ୍କ ସମାପ୍ତ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

अथ मिश्रविष्कम्भकः

(ततः प्रविशतो भरतशिष्यौ)

गाल०—सखे पेलव ! महेन्द्रभवनं गच्छता भगवतोपाध्यायेन त्वमासनं प्रतिग्राहितः । अग्निशरणसंरक्षणाय स्थापितोऽहम् । अतः खलु पृच्छामि—अपि गुरोः प्रयोगेण दिव्या परिषदाराधिता ?

पेल०—गालव ! ण जाणे आराहिदा ण व त्ति । तस्सिं उण सरस्सई-किदकव्वबंधे लच्छीसअंवरे तेसु तेसु रसंतरेसु तम्मई आसि । किंतु—। (गालव ! न जाने आराधिता न वा इति । तस्मिन् पुनः सरस्वतीकृतकाव्यबन्धे लक्ष्मीस्वयंवरे तेषु तेषु रसान्तरेषु तन्मयी आसीत् । किन्तु—)

गाल०—सदोषावकाश इव ते वाक्यशेषः ।

पेल०—आम, तस्सिं उव्वसीए वअणं पमादक्खलिदं आसि ।
(आम्, तस्मिन् उर्वश्या वचनं प्रमादस्खलितमासीन् ।)

गाल०—कथमिव ?

पुल०—लच्छीभूमिआए वट्टमाणा उव्वसी वारुणीभूमिआए वट्टमाणए मेणआए पुच्छिदा—सहि ! समागदा एदे तेलोक्कसुपुरिसा सकेसवा लोअवाला । कदमस्सिं दे भावाहिणिवेसोत्ति (लक्ष्मीभूमिकायां वर्त्तमाना उर्वशी वारुणीभूमिकायां वर्त्तमानया मेनकया पृष्टा—सखि ! समागता एते त्रैलोक्यसुपुरुषाः सकेशवा लोकपालाः । कतमस्मिंस्ते भावाभिनिवेश इति ।)

गाल०—ततस्ततः ।

पेल०—तदो ताए पुरुसत्तमे त्ति भणिदव्वे पुरूरवसि त्ति ताए निग्गदा वाणी । (ततः पुरुषोत्तमे इति भणितव्ये पुरूरवसीति तस्या निर्गता वाणी ।)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ମିଶ୍ରବିଷ୍କମ୍ଭକଃ

(ଭରତଙ୍କର ଦୁଇ ଜଣ ଶିଷ୍ୟଙ୍କର ପ୍ରବେଶ)

ଗାଲବ—ବନ୍ଧୁ ପେଲବ ! ଗୁରୁ ଭରତ ଇନ୍ଦ୍ରଙ୍କ ଭବନକୁ ଗଲାବେଳେ ଆସନ ବହନ କରି ନେବାପାଇଁ ତୁମକୁ ସାଙ୍ଗରେ ନେଇଥିଲେ ଏବଂ ମୋତେ ଯଜ୍ଞଶାଳା ରକ୍ଷାରେ ନିଯୁକ୍ତ କରି ଯାଇଥିଲେ । ଏଣୁ ମୁଁ ତୁମକୁ ପଚାରୁଛି । ତାଙ୍କ ନିର୍ଦ୍ଦେଶିତ ନାଟକ-ଅଭିନୟ ଦେଖି ସ୍ୱର୍ଗର ଦର୍ଶକମଣ୍ଡଳୀ ଖୁସି ହେଲେ ତ ?

ପେଲବ—ମୁଁ ଜାଣେନି ସେମାନେ ଖୁସି ହେଲେ କି ନାହିଁ । ଲକ୍ଷ୍ମୀ ସ୍ୱୟମ୍ବର କଥା ବସ୍ତୁକୁ ନେଇ ସରସ୍ୱତୀ ଏକ ନାଟକ ଲେଖିଥିଲେ । ସେହି ନାଟକର ବିଭିନ୍ନ ରସ ପରିବେଷଣ କରାଯାଉଥିଲା ବେଳେ ଦର୍ଶକମଣ୍ଡଳୀ ତନ୍ମୟ ଜଣା ପଡୁଥିଲେ । କିନ୍ତୁ… …

ଗାଲବ—ଅସମ୍ପୂର୍ଣ୍ଣ କଥାରୁ କିଛି ପ୍ରମାଦ ଘଟିଲା ଭଳି ମନେ ହେଉଛି ।

ପେଲବ—ହଁ, ଉର୍ବଶୀଙ୍କର ଅସାବଧାନତା ହେତୁ ଆଳାପ ଭୁଲ ହୋଇଗଲା ।

ଗାଲବ—କି ପ୍ରକାର ଭୁଲ ହେଲା ?

ପେଲବ—ଲକ୍ଷ୍ମୀ ଭୂମିକାରେ ଅଭିନୟ କରୁଥିବା ଉର୍ବଶୀଙ୍କୁ ବାରୁଣୀ ଭୂମିକାରେ ଅଭିନୟ କରୁଥିବା ମେନକା ପଚାରିଲେ— "ସଖୀ ! ତ୍ରୈଲୋକ୍ୟର ଶ୍ରେଷ୍ଠ ପୁରୁଷ ଭଗବାନ ବିଷ୍ଣୁଙ୍କ ସମେତ ଲୋକପାଳମାନେ ଏଠାରେ ଉପସ୍ଥିତ ଅଛନ୍ତି । ଏମାନଙ୍କ ମଧ୍ୟରେ କାହା ପ୍ରତି ତୁମର ଅନୁରାଗ ?"

ଗାଲବ—ତା'ପରେ ?

ପେଲବ—ତା'ପରେ ଉର୍ବଶୀଙ୍କର କହିବାର ଥିଲା "ପୁରୁଷୋତ୍ତମଙ୍କ ଠାରେ" କିନ୍ତୁ ସେ କହିପକାଇଲେ "ପୁରୂରବାଙ୍କଠାରେ" ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

गाल०—भवितव्यतानुविधायीनि इन्द्रियाणि । न खलु तामभिक्रुद्धो गुरुः ?

पेल०—सा क्खु सत्ता उवज्झाएण । महिंदेण उण अणुगिहीदा । (सा खलु शप्ता उपाध्यायेन । महेन्द्रेण पुनरनुगृहीता ।)

गाल०—कथमिव ?

पेल०—जेण मम उवदेसो तुए लंघिदो तेण ण दे दिव्वं ठाणं हविस्सदि त्ति उवज्झाअस्स सावो । महिंदेण उण पेक्खणावसाणे लज्जावणद-मुही सा एव्वं भणिदा—जस्सिं तुमं बद्धभावासि तस्स मे रण-सहाअस्स राएसिणो पिअं एत्थ करणिज्जं । ता दाव तुमं जहाकामं पुरूरवसं उवचिट्ठ जाव सो तुइ दिट्ठसंताणो भोदि त्ति । (येन ममोपदेशस्त्वया लङ्घितः तेन न ते दिव्यं स्थानं भविष्यति इति उपाध्यायस्य शापः । महेन्द्रेण पुनः प्रेक्षणावसाने लज्जावनत-मुखी सा एवं भणिता—यस्मिंस्त्वं बद्धभावासि तस्य मे रणसहा-यस्य राजर्षेः प्रियमत्र करणीयम् । तत् तावत् त्वं यथाकामं पुरूरवसमुपतिष्ठस्व यावत् स त्वयि दृष्टसन्तानो भवेदिति ।)

गाल०—सदृशमेतत् पुरुषान्तरविदो महेन्द्रस्य ।

पेल०—(सूर्यमवलोक्य) कधापसंगेण अम्हेहिं अवरद्धा अहिसेअवेला क्खु उवज्झाअस्स । ता एहि । से पासवत्तिणो होम । (कथाप्रसंगेन अस्माभिः अपराद्धा अभिषेकवेला खलु उपाध्यायस्य । तदेहि । अस्य पार्श्ववर्तिनौ भवाव ।

गाल०—तथा ।

(निष्क्रान्तौ)

(ततः प्रविशति कञ्चुकी)

कञ्चु०—(विनिःश्वस्य)

सर्वः कल्पे वयसि यतते लब्धुमर्थान् कुटुम्बी
पश्चात् पुत्रैरपहृतभरः कल्पते विश्रमाय ।
अस्माकं तु प्रतिदिनमियं साधयन्ति प्रतिष्ठां
सेवा कारा-परिणतिरहो स्त्रीषु कष्टोऽधिकारः ॥ १

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଗାଲବ– ଯାହା ଘଟିବାର ଥାଏ, ଇନ୍ଦ୍ରିୟମାନେ ସେହି ଆଡ଼କୁ ହିଁ ଗତି କରିଯାଆନ୍ତି । ତା, ହେଲେ ଗୁରୁ ଉର୍ବଶୀଙ୍କ ଉପରେ ରାଗିଗଲେ ନାହିଁ ତ ?

ପେଲବ—ଗୁରୁ ତାଙ୍କୁ ଅଭିଶାପ ଦେଲେ । କିନ୍ତୁ ଇନ୍ଦ୍ର ଦୟା କଲେ ।

ଗାଲବ—କିପରି ?

ପେଲବ—ଗୁରୁ ଅଭିଶାପ ଦେଲେ — "ତୁ ମୋର ଶିକ୍ଷା ଲଙ୍ଘନ କଲୁ, ତୋର ଆଉ ସ୍ୱର୍ଗରେ ସ୍ଥାନ ନାହିଁ ।" କିନ୍ତୁ ନାଟକ ଶେଷରେ ଲଜ୍ଜାରେ ତଳକୁ ମୁହଁ କରି ଠିଆ ହୋଇଥିବା ଉର୍ବଶୀଙ୍କୁ ଇନ୍ଦ୍ର କହିଲେ — "ତୁମେ ଯାହାଙ୍କଠାରେ ଅନୁରାଗିଣୀ ହୋଇଛ, ସେ ଯୁଦ୍ଧରେ ମୋର ସାହାଯ୍ୟକାରୀ ମିତ୍ର । ସେହି ପ୍ରିୟ ରାଜର୍ଷିଙ୍କର ପ୍ରିୟ କାର୍ଯ୍ୟ କରିବା ତୁମ ପକ୍ଷରେ ଉଚିତ । ତେଣୁ ତୁମେ ଯାଅ । ସେହି ରାଜର୍ଷି ତୁମ ଗର୍ଭଜାତ ଗୋଟିଏ ସନ୍ତାନ ଦେଖିବା ପର୍ଯ୍ୟନ୍ତ ତାଙ୍କ ପାଖରେ ରୁହ ।"

ଗାଲବ – ଏପରି କହିବା ଇନ୍ଦ୍ରଙ୍କ ପକ୍ଷରେ ଉପଯୁକ୍ତ । କାରଣ, ସେ ଅନ୍ୟର ହୃଦୟ-କଥା ଜାଣନ୍ତି ।

ପେଲବ—(ସୂର୍ଯ୍ୟଙ୍କ ଆଡକୁ ଚାହିଁ) କଥାପ୍ରସଙ୍ଗରେ ଆମେ ଗୁରୁଙ୍କର ସ୍ନାନସମୟ ଅତିକ୍ରମ କରି ଅପରାଧୀ ହେଲେଣି । ତେଣୁ ଆସ, ଶୀଘ୍ର ତାଙ୍କ ପାଖକୁ ଯିବା ।

(ଉଭୟଙ୍କର ପ୍ରସ୍ଥାନ)

(କଞ୍ଚୁକୀର ପ୍ରବେଶ)

କଞ୍ଚୁକୀ—ସବୁ ଗୃହସ୍ଥ ବୟସର ପୂର୍ବାହ୍ଣରେ ଅର୍ଥ ଉପାର୍ଜନ ପାଇଁ ଚେଷ୍ଟା କରନ୍ତି, ପରେ ପୁତ୍ର ଉପରେ ଦାୟିତ୍ୱ ଦେଇ ବିଶ୍ରାମ ନିଅନ୍ତି । କିନ୍ତୁ ହାୟ ! ମୋ ଭଳି ଲୋକଙ୍କ ପକ୍ଷରେ ସେବା (ଚାକିରି) କାରାଗାର ସଦୃଶ, ଯାହା କି ପ୍ରତିଦିନ ଶରୀରକୁ କ୍ଷୀଣ କରୁଛି । ପ୍ରକୃତରେ ସ୍ତ୍ରୀମାନଙ୍କ ସେବାରେ ରହିବା କଷ୍ଟକର ବ୍ୟାପାର । ୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

(परिक्रम्य) आदिष्टोस्मि सनियमया काशिराजपुत्र्या व्रतसम्पादनार्थं मया मानमुत्सृज्य निपुणिकामुखेन पूर्वं याचितो महाराजः। तदेव त्वं मद्वचनाद् विज्ञापय इति। यावदहमिदानीम् अवसितसन्ध्याजप्यं महाराजं पश्यामि। (परिक्रम्यावलोक्य च) रमणीयः खलु दिवसावसानवृत्तान्तो राजवेश्मनः। इह हि—

उत्कीर्णा इव वासयष्टिषु निशानिद्रालसा बर्हिणो
धूपैर्जालविनिःसृतैर्वलभयः संदिग्धपारावताः।
आचारप्रयतः सपुष्पबलिषु स्थानेषु चार्चिष्मतीः
सन्ध्या-मङ्गलदीपिका विभजते शुद्धान्तवृद्धो जनः॥ १

(नेपथ्याभिमुखमवलोक्य) अये इत एव प्रस्थितो देवः—

परिजनवनिताकरार्पिताभिः
परिवृत एष विभाति दीपिकाभिः।
गिरिरिव गतिमानपक्षसादाद्
अनुतटपुष्पितकर्णिकारयष्टिः॥ ३

यावदेनमवलोकनमार्गे स्थितः प्रतिपालयामि।

(परिक्रम्य स्थितः।)

॥ इति मिश्रविष्कम्भकः॥

—*—

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

(ପରିକ୍ରମା କରି) କାଶୀରାଜପୁତ୍ରୀ ବ୍ରତ ପାଳନ କରୁଛନ୍ତି । ସେ ମୋତେ ଆଦେଶ ଦେଇଛନ୍ତି -- "ମୁଁ ଏଥିପୂର୍ବରୁ ମାନ ତ୍ୟାଗ କରି, ବ୍ରତ ଉଦ୍‌ଯାପନ ନିମନ୍ତେ ନିପୁଣିକା ହାତରେ ମହାରାଜାଙ୍କୁ ଅନୁରୋଧ କରିଥିଲି । ସେହି କଥା ତୁମେ ଆଉ ଥରେ ମହାରାଜାଙ୍କୁ ଜଣାଅ ।" ତେଣୁ ମୁଁ ଯାଉଛି, ମହାରାଜ ସନ୍ଧ୍ୟାଜପ ସାରିବେଣି, ତାଙ୍କୁ ଭେଟିବି । (ପରିକ୍ରମା କରି ଓ ଚାହିଁ) ରାଜପ୍ରାସାଦର ସନ୍ଧ୍ୟାକାଳୀନ ଦୃଶ୍ୟ କି ସୁନ୍ଦର ! ଏଠାରେ —

ମୟୂରମାନେ ନିଦ୍ରାବଶତଃ ସେମାନଙ୍କର ବାସ-ଯଷ୍ଟି ଉପରେ ନୀରବନିଶ୍ଚଳ ଭାବରେ ବସି ଚିତ୍ରଲିଖିତ ମୟୂର ଭଳି ଦେଖାଯାଉଛନ୍ତି । ଝରକାମାନଙ୍କରୁ ଧୂପ ଧୂଆଁ ବହିର୍ଗତ ହେଉଥିବାରୁ ପାରିମାନେ ବାହାରକୁ ଉଡ଼ିଆସୁଥିବା ଭଳି ବୋଧ ହେଉଛି । ଅନ୍ତଃପୁରର ଶୁଦ୍ଧାଚାରଶୀଳା ବୃଦ୍ଧାମାନେ ଫୁଲ ପ୍ରଭୃତି ପୂଜା-ସାମଗ୍ରୀ-ଶୋଭିତ ସ୍ଥାନମାନଙ୍କରେ ଉଜ୍ଜ୍ୱଳ ମଙ୍ଗଳ-ପ୍ରଦୀପ ଗୁଡ଼ିକୁ ଗୋଟିଏ ଗୋଟିଏ କରି ଥୋଉଛନ୍ତି । ୨

(ନେପଥ୍ୟ ଆଡ଼କୁ ଚାହିଁ)

ଆହେ ! ମହାରାଜା ତ ଏ ଆଡ଼କୁ ଆସୁଛନ୍ତି !

ଦାସଦାସୀମାନେ ତାଙ୍କ ଚାରିପାଖରେ ପ୍ରଦୀପ ଧରି ଚାଲିଛନ୍ତି । ସେମାନଙ୍କ ମଧ୍ୟରେ ମହାରାଜ ଶୋଭା ପାଉଛନ୍ତି । ତାଙ୍କୁ ଦେଖିଲେ ମନେ ହେଉଛି, ସତେ ଯେପରି ଗୋଟିଏ ପର୍ବତ ନିଜର ପକ୍ଷଚ୍ଛେଦ ନ ହୋଇଥିବାରୁ ଗତି କରୁଛି, ଯାହାର ପାଦ ଦେଶରେ ପୁଷ୍ପିତ କନିଅର ଗଛଗୁଡ଼ିଏ ରହିଛି । ୩

ଏଇ ବାଟରେ ଆସିଲି ବେଳେ ମହାରାଜା ଦେଖାହେବେ । ମୁଁ ଏଇଠି ତାଙ୍କ ପ୍ରତୀକ୍ଷାରେ ରହିବି ।

ମିଶ୍ରବିଷ୍କମ୍ଭକ ଶେଷ

★

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

अथ तृतीयोऽङ्कः

(ततः प्रविशति यथानिर्दिष्टो राजा विदूषकश्च ।)

राजा—(स्वगतम्) आः !

कार्यान्तरितोत्कण्ठं दिनं मया नीतमनतिकृच्छ्रेण ।
अविनोददीर्घयामा कथं नु रात्रिर्गमयितव्या ॥ ४

कञ्चु०—(उपसृत्य) जयतु जयतु देवः ! देव ! देवी विज्ञापयति—मणिहर्म्यपृष्ठे सुदर्शनश्चन्द्रः । तत्र संनिहितेन देवेन प्रतिपालयितुमिच्छामि यावद् रोहिणीसंयोग इति ।

राजा—आर्य लातव्य ! विज्ञाप्यतां देवी यस्ते छन्द इति ।

कञ्चु०—यदाज्ञापयति देवः । (निष्क्रान्तः)

राजा—वयस्य ! किं परमार्थत एव देव्या व्रतनिमित्तोऽयमारम्भः स्यात् ?

विदू०—भो तक्केमि संजादपच्छादावा तत्तभोदी वदावदेसेण भवदो पणिपादलंघणं पमाज्जिदुकामे त्ति । (भोः तर्कयामि सञ्जातपश्चात्तापा तत्रभवती व्रतापदेशेन भवतः प्रणिपातलङ्घनं प्रमार्ष्टुकामेति ।)

राजा—उपपन्नं भवानाह—

अवधूतप्रणिपाताः पश्चात् सन्तप्यमानमनसो हि ।
निभृतैर्व्यपत्रपन्ते दयितानुनयैर्मनस्विन्यः ॥ ५

तदादेशय मणिहर्म्य-पृष्ठमार्गम् ।

विदू०—इदो इदो भवं । इमिणा गंगातरङ्गसस्सिरीएण फलिअमणिसोवाणेण आरोहदु भवं पदोसावसररमणिज्जं मणिहम्मिअपिट्ठं । (इत इतो भवान् । एतेन गङ्गातरङ्गसश्रीकेण स्फटिकमणिसोपानेन आरोहतु भवान् प्रदोषावसररमणीयं मणिहर्म्यपृष्ठम् ।)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ତୃତୀୟ ଅଙ୍କ

(ତା' ପରେ ମେଘପର ଦୃଶ୍ୟରେ ରାଜାଙ୍କର ପ୍ରବେଶ । ସଙ୍ଗରେ ବିଦୂଷକ ।)

ରାଜା—(ସ୍ୱଗତ) ଓଃ ! ଦିନବେଳେ କାର୍ଯ୍ୟରେ ବ୍ୟାପୃତ ରହିବା ହେତୁ ମୋର ଉତ୍କଣ୍ଠା ତୀବ୍ର ହୋଇ ରହୁଛି । ଫଳରେ ଦିନ ସମୟ ଅଳ୍ପ କଷ୍ଟରେ ବିତି ଯାଉଛି । କିନ୍ତୁ ରାତିରେ ମନକୁ ଆହ୍ଲାଦ ଦେଲା ଭଳି କିଛି ନାହିଁ । ତେଣୁ ରାତିସମୟକୁ ମୁଁ କିପରି ବିତାଇବି ? ୪

କଞ୍ଚୁକୀ—(ନିକଟକୁ ଆସି) ମହାରାଜଙ୍କର ଜୟ ହେଉ । ମହାରାଜ, ମହାରାଣୀ ଜଣାଇଛନ୍ତି — ମଣିପ୍ରାସାଦ ଉପରେ ଚନ୍ଦ୍ର ଖୁବ୍ ସୁନ୍ଦର ଦିଶୁଛନ୍ତି । ମହାରାଜ ସେଠାରେ ଉପସ୍ଥିତ ହେବେ । ସେଠାରେ ସେ ଚନ୍ଦ୍ର ଏବଂ ରୋହିଣୀଙ୍କର ସଂଯୋଗକୁ ପ୍ରତୀକ୍ଷା କରି ରହିଛନ୍ତି ।

ରାଜା—ଆର୍ଯ୍ୟ ଲତବ୍ୟ ! ମହାରାଣୀଙ୍କୁ କହିଦିଅ, ଯାହା ତାଙ୍କର ଇଚ୍ଛା ।

କଞ୍ଚୁକୀ – ମଣିମାଙ୍କର ଯାହା ଆଜ୍ଞା । (ଚାଲିଗଲେ)

ରାଜା— ବନ୍ଧୁ ! କଅଣ ପ୍ରକୃତରେ ବ୍ରତପାଳନ ନିମନ୍ତେ ମହାରାଣୀଙ୍କର ଏ କାର୍ଯ୍ୟ ?

ବିଦୂ— ଆଜ୍ଞେ, ମୁଁ ଭାବୁଛି, ମହାରାଣୀ ଯେ ଆପଣଙ୍କର ପ୍ରଣିପାତକୁ ଖାତିର ନକରି ଚାଲିଯାଇଥିଲେ, ତଦ୍ୱାରା ତାଙ୍କର ପଶ୍ଚାତ୍ତାପ ଜାତ ହୋଇଛି ଏବଂ ସେ ବ୍ରତପାଳନ ଛଳରେ ସେହି ଅପରାଧକୁ ମାର୍ଜନ କରାଇବା ଚାହୁଁଛନ୍ତି ।

ରାଜା – ହଁ, ତୁମେ ଠିକ୍ କଥା କହିଲ । କାରଣ, ମାନବତୀ ରମଣୀ ପ୍ରିୟତମଙ୍କର ପ୍ରଣିପାତ ଆଦିକୁ ବେଖାତିର କରିଥାନ୍ତି ସତ, କିନ୍ତୁ ପରେ ତାଙ୍କ ମନରେ ପଶ୍ଚାତ୍ତାପ ଜାତ ହୋଇଥାଏ । ସେମାନେ ନିଭୃତରେ ପ୍ରିୟତମଙ୍କ ଅନୁନୟ ବିନୟ କଥା ମନେପକାଇ ଲଜ୍ଜିତା ହୁଅନ୍ତି । ୫
ତା ହେଲେ ମଣି ଭବନ ଉପରକୁ ବାଟ ଦେଖାଅ ।

ବିଦୂ—ମହାରାଜା ଏଣେ ଆସନ୍ତୁ । ଗଙ୍ଗାର ତରଙ୍ଗ ସଦୃଶ ସ୍ଫଟିକମଣି ନିର୍ମିତ ସୋପାନରେ ଆପଣ ମଣିଭବନ ଉପରକୁ ଆରୋହଣ କରନ୍ତୁ । ବର୍ତ୍ତମାନ ସନ୍ଧ୍ୟା ସମୟରେ ଏ ଭବନ ବେଶ୍ ରମଣୀୟ ଦେଖା ଯାଉଛି ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

राजा—आरोहाग्रतः। (सर्वे सोपानारोहणं नाटयन्ति।)

विदू०—(निरूप्य) भो पच्चासण्णेण चंदोदएण होदव्वं जह तिमिररेई-अमाणं पुव्वदिसामुहं आलोअसुहअं दिसदि। (भोः प्रत्यासन्नेन चन्द्रोदयेन भवितव्यम्, यथा तिमिररिच्यमानं पूर्वदिशामुखम् आलोकसुभगं दृश्यते।)

राजा—सम्यग् भवान् मन्यते—

उदयगूढशशाङ्कमरीचिभि-
स्तमसि दूरतरं प्रतिसारिते।
अलकसंयमनादिव लोचने
हरति मे हरिवाहनदिङ्मुखम्॥ ६

विदू०—(विलोक्य) ही ही भो, एसो क्खु खंडमोदअसरिसो उदिदो राआ दुआदीणं। (ही ही भोः, एष खलु खण्डमोदकसदृशः उदितो राजा द्विजातीनाम्।)

राजा—(सस्मितम्) सर्वत्रौदरिकस्य अभ्यवहार्यमेव विषयः। (प्राञ्जलिः प्रणम्य) भगवन् क्षपानाथ—

रविमावसते सतां क्रियायै
सुधया तर्पयते सुरान् पितॄँश्च।
तमसां निशि मूर्च्छतां निहन्त्रे
हरचूडानिहितात्मने नमस्ते॥ ७

(उपतिष्ठते)

विदू०—भो बह्मणसंकामिदक्खरेण दे पिदामहेण अब्भणुण्णादो सि। ता आसणट्ठिदो होहि जाव अहं वि सुहासीणो होमि।

(भोः ब्राह्मणसंक्रामिताक्षरेण ते पितामहेनाभ्यनुज्ञातोऽसि। तत्, आसनस्थितो भव। यावदहमपि सुखासीनो भवामि।)

राजा—(विदूषकवचनं परिगृह्योपविष्टः परिजनं विलोक्य।) अभिव्यक्ताय चन्द्रिकायां किं दीपिकापौनरुक्त्येन? तद् विश्राम्यन्तु भवत्यः।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରାଜା—ତୁମେ ଆଗେ ଆଗେ ଆରୋହଣ କର ।

(ସମସ୍ତେ ସୋପାନ ଆରୋହଣର ଅଭିନୟ କଲେ)

ବିଦୂ— (ନିରୀକ୍ଷଣ କରି) ଆହେ ! ଚନ୍ଦ୍ର ଉଦୟ ସମୟ ନିକଟ ହୋଇ ଆସୁଥିଲା ପରି ଜଣାପଡ଼ୁଛି । କାରଣ, ଅନ୍ଧକାର ଅପସରି ଯାଉଥିବା ଫଳରେ ପୂର୍ବ ଦିଗ୍‌ବଳୟ ଉଜ୍ଜ୍ୱଳ ହୋଇ ଉଠୁଛି ।

ରାଜା— ଠିକ୍ କହୁଛ ।

ଉଦୟାଚଳର ବାହାରକୁ ଆସିନଥିବା ଚନ୍ଦ୍ରର କିରଣରେ ଅନ୍ଧକାର ଦୂରକୁ ଅପସରିଯାଉଛି । ତେଣୁ ଏକ ରମଣୀ ନିଜ ମୁଖ ଉପରୁ କେଶରାଶିକୁ ଆଡ଼େଇ ଦେଲେ ମୁଖଟି ଯେପରି ଦେଖାଯାଏ, ପୂର୍ବ ଦିଗ୍‌ବଳୟ ମୋତେ ସେହିପରି ନେତ୍ରପ୍ରୀତିକର ବୋଧ ହେଉଛି । ୭

ବିଦୂ— ହାଃ ! ହାଃ ! ହାଃ ! ଆହେ ! ହେଇ, କନ୍ଦମୋଦକ ଭଳି ସୁନ୍ଦର ଚନ୍ଦ୍ର ଉଦୟ ହେଲେଣି ।

ରାଜା— (ସ୍ମିତହାସ୍ୟ ପୂର୍ବକ) ପେଟୁକୁ ସବୁ କିଛି ଖାଇବାଜିନିଷ ଭଳି ଦେଖାଯାଏ । (ହାତ ଯୋଡ଼ି ପ୍ରଣାମ କରି) ଭଗବାନ୍ ନିଶାପତି !

ସଜ୍ଜନମାନଙ୍କର ଯଜ୍ଞାଦି କିମ୍ବା ସମ୍ପାଦିତ ହେବା ନିମନ୍ତେ ତୁମେ ସୂର୍ଯ୍ୟଙ୍କଠାରେ ଅବସ୍ଥାନ କର, ଦେବଗଣ ଓ ପିତୃଗଣଙ୍କୁ ନିଜର ଅମୃତଦ୍ୱାରା ତୃପ୍ତ କର, ରାତ୍ରିରେ ଘୋଟିଯାଉଥିବା ଅନ୍ଧକାରକୁ ଧ୍ୱଂସ କର, ଶିବଙ୍କ ମସ୍ତକରେ ତୁମର ଅବସ୍ଥାନ, ତୁମକୁ ମୋର ନମସ୍କାର ।

(ବନ୍ଦନା କଲେ)

ବିଦୂ— ଆହେ ! ମୁଁ ବ୍ରାହ୍ମଣ, ମୋ ମାଧ୍ୟମରେ ଆପଣଙ୍କ ପିତାମହ ଚନ୍ଦ୍ରଦେବ ଆପଣଙ୍କୁ ଆସନରେ ବସିବାପାଇଁ କହୁଛନ୍ତି । ତା ହେଲେ ମୁଁ ମଧ୍ୟ ଟିକିଏ ସୁଖରେ ବସିପାରିବି ।

ରାଜା—(ବିଦୂଷକଙ୍କ କଥା ମାନି ବସିଲେ । ପରିଜନମାନଙ୍କୁ ଚାହିଁ) ଜହ୍ନ ପଡ଼ିଲାଣି । ଆଉ ପ୍ରଦୀପର ଆବଶ୍ୟକତା ନାହିଁ । ତେଣୁ ତୁମେମାନେ ବିଶ୍ରାମ ନିଅ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

परि०—जं देवो आणवेदि । (यद् देव आज्ञापयति ।) (निष्क्रान्तः)

राजा—(चन्द्रमसमवलोक्य विदूषकं प्रति) वयस्य ! परं मुहूर्तादागमनं देव्याः । तद् विविक्ते कथयिष्यामि स्वामवस्थाम् ।

विदू०—णं दीसदि एव्व सा । किंदु तारिसं अणुराअं पेक्खिअ सक्कं क्खु आसाबंधेण अत्ताणं धारेदुं । (ननु दृश्यत एव सा । किन्तु तादृशमनुरागं प्रेक्ष्य शक्यं खलु आशाबन्धेनात्मानं धारयितुम् ।)

राजा—एवमेतत् । बलवान् पुनर्मे मनसोऽभितापः ।

नद्या इव प्रवाहो विषमशिलासङ्कटस्खलितवेगः ।
विघ्नितसमागमसुखो मनसिशयः शतगुणीभवति ॥ ८

विदू०—भो जहा परिहीअमाणेहिं अंगेहिं अहिअं सोहसि तहा अदूरे पिआसमागमं दे पेक्खामि । (भोः यथा परिहीयमानैरङ्गै-रधिकं शोभसे तथा अदूरे प्रियासमागमं ते प्रेक्षे ।)

राजा—(निमित्तं सूचयन् ।) वयस्य—

वचोभिराशाजननैर्भवानिव गुरुव्यथम् ।
अयं मां स्पन्दितैर्बाहुराश्वासयति दक्षिणः ॥ ९

विदू०—ण क्खु अण्णहा बह्मणस्स वअणं ।
(न खल्वन्यथा ब्राह्मणस्य वचनम् ।)

(राजा सप्रत्याशस्तिष्ठति ।)

(ततः प्रविशति आकाशयानेनाभिसारिकावेषा उर्वशी चित्रलेखा च ।)

उर्व०—(आत्मानमवलोक्य) हला चित्तलेहे ! अवि रोअदि दे अअं मम मोत्ताहरणभूसिदो णीलंसुअपरिग्गहो अहिसारिआवेसो । (हला चित्रलेखे ! अपि रोचते ते अयं मम मुक्ताऽऽभरणभूषितः नीलांशुकपरिग्रहः अभिसारिकावेषः ।)

चित्र०—सहि ! णत्थि मे वाआविहवो पसंसिदुं । इदं तु चिंतेमि अवि णाम अहं पुरूरवा भवेअं त्ति । (सखि ! नास्ति मे वाग्विभवः प्रशंसितुम् । इदं तु चिन्तयामि अपि नामाहं पुरूरवा भवेयमिति ।)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ପରିଜନବର୍ଗ—ମଣିମାଙ୍କର ଯାହା ଆଜ୍ଞା । (ପ୍ରସ୍ଥାନ କଲେ)

ରାଜା—(ଚନ୍ଦ୍ର ଆଡ଼କୁ ଚାହିଁ) ବନ୍ଧୁ ! ରାଣୀଙ୍କର ଆସିବା ଘଡ଼ିଏ ବିଳମ୍ବ ଅଛି । ତେଣୁ ନିଭୃତରେ ତୁମକୁ ମୋର ଅବସ୍ଥା ବିଷୟରେ କହିବି ।

ବିଦୂ— ଆପଣଙ୍କ ଅବସ୍ଥା ମୋତେ ସ୍ୱତଃ ଦେଖାଯାଉଛି । ହଁ, ଉର୍ବଶୀଙ୍କର ସେଭଳି ଅନୁରାଗ ଆପଣ ନିଜେ ଦେଖିଛନ୍ତି । ତେଣୁ ଆପଣ ଆଶା ଧରି ରହି-ପାରନ୍ତି ।

ରାଜା—ହଁ, ତାହା ଠିକ୍ । ତଥାପି ମୋ ମନରେ ବେଦନା ଅଧିକ ତୀବ୍ର ହେଉଛି ।

ନଦୀର ସ୍ରୋତ ବିଷମ ଶିଳାମୟ ସ୍ଥାନରେ ପ୍ରତିହତ ହେଲେ ଯେପରି ଶତଧାରାରେ ପରିଣତ ହୁଏ, ସେହିପରି ଉର୍ବଶୀ-ମିଳନ-ପଥର ବିଘ୍ନରେ ପ୍ରତିହତ ହୋଇ ମୋର କାମନା ଶତଗୁଣିତ ହୋଇ-ଉଠୁଛି । ୮

ବିଦୂ— ଆହେ ! ଆପଣଙ୍କର ଅଙ୍ଗଗୁଡ଼ିକ ଯେପରି କ୍ଷୀଣ ହେଲାଣି ଏବଂ ଆପଣ ଯେପରି ସୁନ୍ଦର ଦିଶିଲେଣି, ସେଥିରୁ ମୁଁ ଅନୁମାନ କରୁଛି, ଆପଣଙ୍କର ମିଳନ ନିକଟ ହୋଇ ଆସିଲାଣି ।

ରାଜା—(ଶୁଭ ଶକୁନର ସୂଚନା ଦେଇ) ବନ୍ଧୁ ! ମୁଁ ଗଭୀର ବ୍ୟଥା ଅନୁଭବ କରୁଥିଲା ବେଳେ ତୁମେ ଯେପରି ଆଶାଜନକ ବାଣୀ ଶୁଣାଇ ମୋତେ ଆଶ୍ୱାସନା ଦେଉଛ, ମୋର ଏହି ଦକ୍ଷିଣ ବାହୁ ସ୍ଫୁରିତ ହୋଇ ମୋତେ ସେହିପରି ଆଶ୍ୱାସନା ଦେଉଛି । ୯

ବିଦୂ—ବ୍ରାହ୍ମଣର ବଚନ କେବେ ଅନ୍ୟଥା ହୁଏନାହିଁ ।

(ରାଜା ଆଶାସ୍ଥୀ ଭାବରେ ବସି ରହିଲେ)

(ତା ପରେ ଆକାଶଯାନରେ ଅଭିସାରିକା ବେଶରେ ଉର୍ବଶୀଙ୍କର ପ୍ରବେଶ । ସଙ୍ଗରେ ସଖୀ ଚନ୍ଦଲେଖା)

ଉର୍ବଶୀ—(ନିଜକୁ ଚାହିଁ) ସଖୀ ଚନ୍ଦଲେଖା ! ମୁଁ ଅଳ୍ପ ଅଳଙ୍କାର ଓ ନୀଳ ରଙ୍ଗର ବସ୍ତ୍ର ପିନ୍ଧିଛି । ମୋର ଏଇ ଅଭିସାରିକା-ବେଶ ତୋତେ ଭଲ ଦେଖା-ଯାଉଛି ?

ଚନ୍ଦ— ସଖୀ ! ତୁମ ବେଶର ପ୍ରଶଂସା କରିବାପାଇଁ ମୋର ଭାଷାବିଭବ ନାହିଁ । ମୁଁ କେବଳ ଏତିକି ଚିନ୍ତା କରୁଛି, ମୁଁ ପୁରୁରବା ହୋଇଥାନ୍ତି କି !

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

उर्व०—सहि! मदणो क्खु तुमं आणवेदि। ता सिग्घं णेहि मं तस्स सुहअस्स वसदिं। (सखि! मदनः खलु त्वामाज्ञापयति। तच्छीघ्रं नय मां तस्य सुभगस्य वसतिम्।)

चित्र०—(विलोक्य) णं एदं परिवट्टिदं विअ केलाससिहरं पिअदमस्स दे भवणं उवगद म्ह। (नन्वेतत् परिवर्तितमिव कैलासशिखरं प्रियतमस्य ते भवनमुपगते स्वः।)

उर्व०—तेण हि पहावदो जाणीहि दाव कहिं सो मम हिअअचोरो किं वा अणुचिट्ठदि त्ति। (तेन हि प्रभावाज्जानीहि तावत्, क्व स मम हृदयचौरः, किं वानुतिष्ठतीति।)

चित्र०—(ध्यात्वा विहस्यात्मगतम्) भोदु कीलिस्सं दा एदाए। (प्रकाशम्) हला दिट्ठो एसो मणोरहलद्धपिआसमाअमसुहं अणुहवंतो उवहोअक्खमे ओआसे चिट्ठदि त्ति। (भवतु। क्रीडिष्यामि तावदेतया। (प्रकाशम्) हला दृष्टो मया एष मनोरथलब्धप्रियासमागमसुखमनुभवन् उपभोगक्षमे अवकाशे तिष्ठतीति।)

उर्व०—(विषादं नाटयति। निःश्वस्य) धण्णो सो जणो जो एव्वं भवे। (धन्यः स जनो य एवं भवेत्।)

चित्र०—मुद्धे! का उण चिंता तुए विणा अण्णपिआ-समाअमस्स? (मुग्धे! का पुनश्चिन्ता त्वया विना अन्यप्रियासमागमस्य?)

उर्व०—(सोच्छ्वासम्) सहि अदक्खिणं संदेहदि मे हिअअं। (सखि! अदक्षिणं संदेग्धि मे हृदयम्।)

चित्र०—एसो मणिहम्मिअप्पासादपिट्ठगदो वअस्समेत्तसहाओ राएसी। ता एहि उवसप्पाम णं। (एष मणिहर्म्यप्रासादपृष्ठगतः, वयस्यमात्रसहायो राजर्षिः। तदेहि उपसर्पाव एनम्।)

(उभे अवतरतः)

राजा—वयस्य! रजन्या सह वर्धते मदनबाधा।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଉର୍ବଶୀ—ସଖୀ ! କାମଦେବ ତୋତେ ଆଦେଶ ଦେଉଛନ୍ତି, ତୁ ମୋତେ ଶୀଘ୍ର ମୋ ପ୍ରିୟତମଙ୍କ ଭବନକୁ ନେଇ ଚାଲ ।

ଚିତ୍ର— ଏଇ, ତୁମ ପ୍ରିୟତମଙ୍କ ଭବନରେ ଆମେ ଉପସ୍ଥିତ ହୋଇଥାଉଁ । ବୋଧ ହେଉଛି, ଏ ଭବନ ସତେ ଯେପରି ସ୍ଥାନାନ୍ତରିତ କୈଳାସ ଶିଖର !

ଉର୍ବଶୀ—ତା ହେଲେ ତୁ ଦିବ୍ୟଶକ୍ତିରେ ଅବଗତ ହୁଅ— ମୋ ହୃଦୟେଶ୍ବର ବର୍ତ୍ତମାନ କେଉଁଠି ଅଛନ୍ତି ଓ କଅଣ କରୁଛନ୍ତି ।

ଚିତ୍ର— (ଧ୍ୟାନ କରି ହସି ସ୍ୱଗତ) ହେଉ, ଏହା ସହିତ ଟିକିଏ ଖେଳିବି । (ପ୍ରକାଶ୍ୟରେ) ସଖୀ ! ଏଇ ତୁମ ପ୍ରିୟତମ ବସି ମନମଧ୍ୟରେ ପ୍ରିୟା ସହିତ ମିଳନସୁଖ ଅନୁଭବ କରୁଛନ୍ତି । ତାଙ୍କର ଏହା ଉପଭୋଗର ଉପଯୁକ୍ତ ସମୟ ।

ଉର୍ବଶୀ—(ବିଷାଦର ଅଭିନୟ କଲେ । ଦୀର୍ଘ ନିଃଶ୍ୱାସ ପକାଇ) ସେହି ସ୍ତ୍ରୀ ଧନ୍ୟ, ଯାହାପାଇଁ ଏ ଏଭଳି ଚିନ୍ତା କରୁଛନ୍ତି ।

ଚିତ୍ର— ପାଗଳୀ ! ତୁମ ଛଡ଼ା ଅନ୍ୟ ପ୍ରିୟା ସହିତ ମିଳନ ଚିନ୍ତା କ'ଣ ତାଙ୍କ ମନରେ ଉଠିପାରେ ?

ଉର୍ବଶୀ—(ଦୀର୍ଘ ନିଶ୍ୱାସ ପକାଇ) ସଖୀ ! ମୋର ଏହି ଅନୁଦାର ହୃଦୟ ବଡ଼ ସନ୍ଦେହୀ ।

ଚିତ୍ର— (ଚାହିଁ) ଏଇ, ମଣିଭବନ ଉପରେ ରାଜର୍ଷି ବସିଛନ୍ତି । ତାଙ୍କ ପାଖରେ କେବଳ ତାଙ୍କର ବନ୍ଧୁ ଅଛନ୍ତି । ତା ହେଲେ ଆସ, ତାଙ୍କ ପାଖକୁ ଯିବା ।

(ଦୁହେଁ ଅବତରଣ କଲେ ।)

ରାଜା—ବନ୍ଧୁ ! ରାତ ଯେତିକି ବଢୁଛି, ମୋର କାମପୀଡ଼ା ସେତିକି ବଢୁଛି ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

उर्व०—अणिब्भिण्णत्थेण इमिणा वअणेण आकंपिदं मे हिअअं। ता अन्तरिदा एव्व सुणास से सेरालावं जाव णो संसअच्छेदो होदि। (अनिर्भिन्नार्थेनानेन वचनेन आकम्पितं मे हृदयम्। तदन्तर्हिते शृणुवः अस्य स्वैरालापं यावदावयोः संशयच्छेदो भवति।)

चित्र०—जं दे रोअदि। (यत्ते रोचते।)

विदू०—णं इमे असिअगब्भा सेवीअंदु चंदवादा।

(नन्वेते अमृतगर्भाः सेव्यन्तां चन्द्रपादाः।)

राजा—वयस्य! एवमादिभिरनुपक्रम्योऽयमातङ्कः। पश्य—

कुसुमशयनं न प्रत्यग्रं न चन्द्रमरीचयो
न च मलयजं सर्वाङ्गीणं न वा मणियष्टयः।
मनसिजरुजं सा वा दिव्या ममालमपोहितुं

उर्व०—(उरसि हस्तं दत्त्वा।) का वा अवरा। (का वा अपरा।)

राजा— रहसि लघयेदारब्धा वा तदाश्रयिणी कथा॥ १०

उर्व०—हिअअ! मं उज्झिअ इदो संकंतेण तुए दाणिं फलं उवलद्धं। (हृदय! मामुज्झित्वा इतः संक्रान्तेन त्वयेदानीं फलमुपलब्धम्।)

विदू०—आम्। हं वि जदा सिहरिणीं रसालं अ ण लहे, तदा णं पत्थयंतो संकित्तअंतो आसासेमि अत्ताणं। (अम्। अहमपि यदा शिखरिणीं रसालं च न लभे, तदा तत् प्रार्थयन्तः सङ्कीर्तयन्नाश्वासयाम्यात्मानम्।)

राजा—सम्पद्यते पुनरिदं भवतः।

विदू०—भवं वि तं अइरेणं पाविस्सदि। (भवानपि तामचिरेण प्राप्स्यति।)

राजा—सखे! एवं मन्ये—।

चित्र०—सुणु, असंतुट्ठे! सुणु। (शृणु, असन्तुष्टे! शृणु।)

विदू०—कहं विअ। (कथमिव)

राजा— अयं तस्या रथक्षोभादंसेनांसो निपीडितः।
एकः कृती शरीरेऽस्मिन् शेषमङ्गं भुवो भरः॥ ११

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଉର୍ବଶୀ—ଏହାଙ୍କ କଥାର ଅର୍ଥ ପରିଷ୍କୃତ ହେଉନଥିବାରୁ ମୋର ହୃଦୟ ଥରି ଉଠୁଛି । ଆମେ ଲୁଚିରହି ଏହାଙ୍କର ଗୋପନ ଆଳାପ ଶୁଣିବା । ତାହେଲେ ଆମର ସନ୍ଦେହ ଦୂର ହୋଇଯିବ ।

ଚିତ୍ର—ଯାହା ତୁମକୁ ଭଲ ଲାଗୁଛି ।

ବିଦୂ—ଆଚ୍ଛା ! ତା ହେଲେ ଏଇ ଅମୃତ ପରିପୂର୍ଣ୍ଣ ଚନ୍ଦ୍ର କିରଣ ସେବନ କରନ୍ତୁ ।

ରାଜା—ବନ୍ଧୁ ! ଏଭଳି ଉପାୟ ସବୁ ଦ୍ୱାରା ମୋ କଷ୍ଟ ଦୂର ହୋଇ ପାରିବ ନାହିଁ । ଦେଖ—

ସଦ୍ୟଫୁଟା ଫୁଲର ଶଯ୍ୟା, ଚନ୍ଦ୍ର କିରଣ, ସର୍ବାଙ୍ଗରେ ଲିପ୍ତ ଚନ୍ଦନ କିମ୍ବା ଶୀତଳମଣିନିର୍ମିତ ହାର, କୌଣସିଟି ମୋର ପୀଡ଼ା ଉପଶମ କରିପାରିବ ନାହିଁ । ହଁ, ସେଇ···

ଉର୍ବଶୀ – (ଛାତିରେ ହାତ ଦେଇ) ଅନ୍ୟ କିଏ ?

ରାଜା – ସେଇ ଦେବାଙ୍ଗନା ସମ୍ବନ୍ଧରେ ଗୋପନରେ ଆଳାପ କଲେ ଅବା ମୋର ପୀଡା ଦୂର ହୋଇପାରିବ । ୧୦

ଉର୍ବଶୀ – ହୃଦୟ ! ତୁ ଯେ ମୋତେ ଛାଡ଼ି ଏହାଙ୍କ ପାଖକୁ ଚାଲି ଆସିଲୁ, ବର୍ତ୍ତମାନ ତାର ଫଳ ଭୋଗ କଲୁ ।

ବିଦୂ—ହଁ ହଁ, ମୁଁ ଯେତେବେଳେ 'ଶିଖରିଣୀ' (ଦହି, ଦୁଧ ପ୍ରଭୃତିରେ ପ୍ରସ୍ତୁତ ସୁସ୍ୱାଦୁ ଖାଦ୍ୟବିଶେଷ) କିମ୍ବା ଆମ୍ବ ଖାଇବାକୁ ନ ପାଏଁ, ସେତେବେଳେ ମନେ ମନେ ତାହାକୁ ଆଶା କରି କରି କିମ୍ବା ତାହାର ନାମ ଉଚ୍ଚାରଣ କରି କରି ତୃପ୍ତି ଲଭ କରେଁ ।

ରାଜା—ତୁମ ପକ୍ଷରେ ତ ସେ ସବୁ ଦ୍ରବ୍ୟ ସୁଲଭ ।

ବିଦୂ—ଆପଣଙ୍କ ପକ୍ଷରେ ମଧ୍ୟ ଉର୍ବଶୀ ଖୁବ୍ ଶୀଘ୍ର ସୁଲଭ ହେବେ ।

ରାଜା—ବନ୍ଧୁ ! ମୁଁ ବର୍ତ୍ତମାନ ମନେ କରୁଛି........

ଚିତ୍ର—ଗୋ ଅସନ୍ତୁଷ୍ଟା ! ଶୁଣ, ଶୁଣ ।

ବିଦୂ—କଅଣ ମନେ କରୁଛ ?

ରାଜା—ମୋର ଏଇ କାନ୍ଧଟି ରଥ ହଲିଲା ବେଳେ ତା'ର କାନ୍ଧ ସହିତ ମିଶି ଯାଇଥିଲା । ତେଣୁ ମୋର ଏଇ ଗୋଟିକ ଅଙ୍ଗ ହିଁ ଶରୀର ମଧ୍ୟରେ ସାର୍ଥକ, ଅନ୍ୟ ସବୁ ଅଙ୍ଗ ପୃଥିବୀର ଭାର ମାତ୍ର । ୧୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

चित्र०—सहि ! किं दाणिं विलबिअदि । (सखि ! किमिदानीं विलम्ब्यते)

उर्व०—(सहसोपसृत्य) हला ! अग्गदो वि मम ट्ठिदाए उदासोणो विअ महाराओ । (हला ! अग्रतोऽपि मम स्थिताया उदासीन इव महाराजः ।)

चित्र०—(सस्मितम्) अइ अदितुवरिदे ! अणक्खित्ततिरक्खरिणीआसि । (अयि अतित्वरिते ! अनाक्षिप्ततिरस्करिणिकासि ।)

(नेपथ्ये)

इदो इदो भट्टिणी । (इत इतो भट्टिनी)

(सर्वे कर्णं ददति । उर्वशी सह सख्या विषण्णा ।)

विदू०—(सविस्मयम्) अइ भो ! उवट्ठिदा देवी । ता वाचंयमो होहि । (अयि भोः ! उपस्थिता देवी । तद् वाचंयमो भव ।)

राजा—भवानपि संवृताकारमास्ताम् ।

उर्व०—सहि ! किं एत्थ करणिज्जं । (सखि ! किमत्र करणीयम् ।)

चित्र०—अलं आवेएण । अंतरिदा दाणिं वयं । विहिद-णिअम-वेसा राएसि-महिसी दीसदि । ता ण एसा इह चिरं चिट्ठिस्सदि । (अलमावेगेन । अन्तर्हिते इदानीमावाम् । विहितनियमवेषा राजर्षिमहिषी दृश्यते । तन्नैवेह चिरं स्थास्यति ।)

(ततः प्रविशति औपहारिकहस्तपरिजना देवी चेटी च ।)

देवी—(परिक्रम्य चन्द्रमसमवलोक्य च) हंजे णिउणिए ! एसो रोहिणी-संजोएण अहिअं सोहदि भअवं मिअलंछणो । (हञ्जे निपुणिके ! एष रोहिणीसंयोगेनाधिकं शोभते भगवान् मृगलाञ्छनः ।)

चेटी—णं भट्टिणीसहिदो भट्टा विसेसरमणिज्जो ।
(ननु भट्टिनीसहितो भर्त्ता विशेषरमणीयः ।)

(परिक्रामतः)

विदू०—(दृष्ट्वा ।) भो ण जाणामि सोत्थिवाअणं मे देइ त्ति, आदु वदव्ववदेसेण मुक्करोसा भवदो पणिपादलंघणं पमज्जिदुकाम त्ति ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଚନ--ସଖୀ ! ବର୍ତ୍ତମାନ ଆଉ ବିଳମ୍ବ କାହିଁକି ?

ଉର୍ବଶୀ—(ସହସା ରାଜାଙ୍କ ନିକଟକୁ ଯାଇ) ସଖୀ ! ମୁଁ ମହାରାଜାଙ୍କ ଆଗରେ ଉପସ୍ଥିତ ହୋଇଥିଲେ ମଧ୍ୟ ମହାରାଜା କ'ଣ ଉଦାସୀନ ରହିଛନ୍ତି !

ଚନ—(ସ୍ମିତହାସ୍ୟ କରି) ଅତି ତରତର ହୋଇ ତୁମେ ଯେ 'ତିରସ୍କରଣୀ' (ମାୟା ଆବରଣ) କାଢି ନାହିଁ ।

(ନେପଥ୍ୟେ)

ଦେବୀ ! ଏଣିକି ଆସନ୍ତୁ, ଏଣିକି ।

(ସମସ୍ତେ କାନ ଡେରିଲେ । ଉର୍ବଶୀ ସଖୀ ସହିତ ବିସ୍ମିତ ହୋଇଗଲେ ।)

ବିଦୂ—ହାୟ ! ହାୟ ! ମହାରାଣୀ ଉପସ୍ଥିତା ! ବର୍ତ୍ତମାନ ମୌନ ହୋଇଯାଅ ।

ରାଜା—ତୁମେ ମଧ୍ୟ ମୁଖ ବନ୍ଦ କରି ରୁହ ।

ଉର୍ବଶୀ—ସଖୀ ! ବର୍ତ୍ତମାନ କ'ଣ କରିବା ?

ଚନ— ଭୟ କରନାହିଁ । ଆମେ ଦୈବୀ ଶକ୍ତି ଦ୍ୱାରା ଅଦୃଶ୍ୟ ହୋଇ ରହିଥାଉଁ । ରାଜର୍ଷିଙ୍କର ପତ୍ନୀ ବ୍ରତପାଳନ ପୋଷାକ ପରିଧାନ କରିଥିବାର ଦେଖା ଯାଉଛନ୍ତି । ତେଣୁ ସେ ଏଠି ବେଶୀ ସମୟ ରହିବେ ନାହିଁ ।

(ତା'ପରେ ପୂଜାସାମଗ୍ରୀ ହାତରେ ଧରିଥିବା ସେବିକାମାନଙ୍କ ଗହଣରେ ମହାରାଣୀଙ୍କର ପ୍ରବେଶ । ତାଙ୍କ ସଙ୍ଗରେ ଦାସୀ ନିପୁଣିକା ।)

ରାଣୀ—(ଚନ୍ଦ୍ର ଆଡ଼କୁ ଚାହିଁ) ସଖୀ ! ନିପୁଣିକା ! ଭଗବାନ୍ ଚନ୍ଦ୍ର, ରୋହିଣୀ ସଂଯୋଗରେ ଅତିଶୟ ସୁନ୍ଦର ଦିଶିଲେଣି ।

ଦାସୀ—ହଁ, ମହାରାଣୀଙ୍କ ସଙ୍ଗରେ ମହାରାଜ ଏଇପରି ସୁନ୍ଦର ଦିଶନ୍ତି ।

ବିଦୂ— ଆହେ ! ମୁଁ ଜାଣେନି, ମହାରାଣୀ ମୋତେ ସ୍ୱସ୍ତିବାଚନ ମିଠେଇ ଦେବାକୁ ଆସୁଛନ୍ତି ବା ଆପଣଙ୍କ ପ୍ରଣିପାତକୁ ଅବଜ୍ଞା କରି ଯାଇଥିଲେ ବୋଲି ବର୍ତ୍ତମାନ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

अज्ज मे अक्खीणं सुहदंसणा देवी । (भोः न जानामि स्वस्तिवाचनं मे ददातीति अथवा व्रतव्यपदेशेन मुक्तरोषा भवतः प्रणिपातलङ्घनं प्रमार्ष्टुकामेति । अद्य मे अक्ष्णोः शुभदर्शना देवी ।)

राजा—(सस्मितम्) उभयमपि घटते । तथापि भवता यत् पश्चादभिहितं तन्मां प्रतिभाति । यदत्रभवती—

सितांशुका मङ्गलमात्रभूषणा
पवित्रदूर्वाङ्कुरलाञ्छितालका ।
व्रतापदेशोज्झितगर्ववृत्तिना
मयि प्रसन्ना वपुषैव लक्ष्यते ॥ १२

देवी—(उपसृत्य) जेदु जेदु अज्जउत्तो । (जयतु जयतु आर्यपुत्रः ।)

परि॰—जेदु जेदु भट्टारओ । (जयतु जयतु भट्टारकः ।)

विदू॰—सत्थि भोदीए । (स्वस्ति भवत्यै)

राजा—स्वागतं देव्यै । (तां हस्तेन गृहीत्वोपवेशयति ।)

उर्वशी— हला ठाणे क्खु इअं देवीसद्देण उवचरीअदि । ण किं वि परिहीअदि सचीए ओजस्सिदाए । (हला ! स्थाने खलु इयं देवीशब्देनोपचर्यते । न किमपि परिहीयते शच्या ओजस्वितया ।)

चित्र॰—साहु असूआपरम्मुहं मंतिदं तुए । (साधु असूयापराङ्मुखं मंत्रितं त्वया ।)

देवी—अज्जउत्तं पुरोकरिअ कोवि वदविसेसो मए संपादणीओ । ता मुहुत्तं उवरोधो सहीअदु । (आर्यपुत्रं पुरस्कृत्य कोऽपि व्रतविशेषो मया संपादनीयः । तन्मुहूर्तमुपरोधः सह्यताम् ।)

राजा—मा मैवम् । अनुग्रहः खलु अयम्, नोपरोधः ।

विदू॰—ईरिसो सोत्थिवाअणवंतो उवरोहो बहुसो होदु ।
(ईदृशः स्वस्तिवाचनवानुपरोधो बहुशो भवतु ।)

राजा—किं नामधेयमेतद् देव्या व्रतम् ?
(देवी निपुणिकामुखमवेक्षते ।)

निपु॰—भट्टा ! पिआणुप्पसादणं णाम । (भर्तः ! प्रियानुप्रसादनं नाम ।)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କ୍ରୋଧ ଗ୍ରୁଡ଼ି, ବ୍ରତପାଳନ ଛଳରେ ଆପଣଙ୍କଠାରେ ନିଜ ଅପରାଧ ମାର୍ଜନା କରାଇବାକୁ ଆସୁଛନ୍ତି ? ସେ ଯାହା ହେଉ, ଆଜ ମହାରାଣୀ ମୋ ଆଖିକୁ ଭାରି ଶୁଭ ଦେଖା ଯାଉଛନ୍ତି ।

ରାଜା—(ସ୍ମିତହାସ୍ୟ କରି) ଉଭୟ କଥା ହୋଇପାରେ । ତଥାପି ତୁମେ ପଛରେ ଯେଉଁ କଥାଟି କହିଲ, ତାହା ମୋତେ ଅଧିକ ଠିକ୍ ଜଣା ପଡ଼ୁଛି । କାରଣ, ଦେବୀ—

ଧବଳ ବସ୍ତ୍ର ଓ କେତୋଟି ମାତ୍ର ମଙ୍ଗଳ ଭୂଷଣ ପରିଧାନ କରିଛନ୍ତି ଏବଂ କେଶରେ ପବିତ୍ର ଦୂର୍ବାଙ୍କୁର ଖୋସିଛନ୍ତି । ତେଣୁ ତାଙ୍କ ଚେହେରାରୁ ଜଣା ପଡ଼ୁଛି, ସେ ବ୍ରତ ପାଳନ ଛଳରେ ମାନ ପରିହାର କରି ମୋ ଉପରେ ପ୍ରସନ୍ନା ହୋଇଛନ୍ତି । ୧୨

ଦେବୀ—(ନିକଟକୁ ଆସି) ଆର୍ଯ୍ୟପୁତ୍ରଙ୍କର ଜୟ ହେଉ ।

ପଃବର୍ଗ—ମହାରାଜାଙ୍କର ଜୟ ହେଉ ।

ବିଦୂ—ଦେବୀଙ୍କର ମଙ୍ଗଳ ହେଉ ।

ରାଜା—ଦେବୀଙ୍କୁ ସ୍ୱାଗତ (ତାଙ୍କୁ ହାତ ଧରି ବସାଇଲେ) ।

ଉର୍ବଶୀ—ଏହାଙ୍କୁ 'ଦେବୀ' ନାମରେ ଯେ ସମ୍ମାନ ପ୍ରଦର୍ଶନ କରାଯାଉଛି, ତାହା ଯଥାର୍ଥ । କାରଣ, ଏ ତେଜସ୍ୱିତାରେ ଶଚୀଙ୍କଠାରୁ କୌଣସି ଗୁଣରେ ନ୍ୟୂନା ନୁହନ୍ତି ।

ଚିତ୍ର—ତୁମେ ଈର୍ଷ୍ୟା ଗ୍ରୁଡ଼ି ବହୁତ ଭଲ କଥା କହୁଛ ।

ଦେବୀ—ଆର୍ଯ୍ୟପୁତ୍ରଙ୍କ ସଙ୍ଗରେ ମୁଁ ଏକ ବ୍ରତ ସମ୍ପାଦନ କରିବି । ତେଣୁ ଆର୍ଯ୍ୟପୁତ୍ର ମୁହୂର୍ତ୍ତେ ପାଇଁ କଷ୍ଟ ସହ୍ୟ କରନ୍ତୁ ।

ରାଜା—ନା, ନା, ଏପରି କୁହନାହିଁ । ଏହା ମୋ ପ୍ରତି ଅନୁଗ୍ରହ, କଷ୍ଟ ନୁହେଁ ।

ବିଦୂ—ଏଭଳି ସ୍ୱସ୍ତି ବାଚନ ମିଳେଇ ଥିବା କଷ୍ଟ ବାରମ୍ବାର ପଡ଼ୁ ।

ରାଜା—ଦେବୀଙ୍କର ଏ ବ୍ରତର ନାମ କଅଣ ?

(ଦେବୀ ନିପୁଣିକା ଆଡ଼କୁ ଚାହିଁଲେ ।)

ନିପୁ—ମହାରାଜ ! ଏ ବ୍ରତର ନାମ 'ପ୍ରିୟାନୁପ୍ରସାଦନ' ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

राजा—(देवीं विलोक्य) यद्येवम् ।

अनेन कल्याणि मृणालकोमलं
व्रतेन गात्रं ग्लपयस्यकारणम् ।
प्रसादमाकाङ्क्षति यस्तवोत्सुकः
स किं त्वया दासजनः प्रसाद्यते ॥ १३

उर्व०—महन्तो खु से इमस्सि वहुमाणो । (महान्खल्वस्यैतस्यां बहुमानः ।)

चित्र०—अइ मुद्धे अण्णसंकन्तप्पेम्माणो णाअरा भारिआए अहिअं दक्खिणा होन्ति । (अयि मुग्धे ! अन्यसंक्रान्तप्रेमाणो नागरा भार्यायामधिकं दक्षिणा भवन्ति) ।

देवी—(सस्मितम्) णं इमस्स वदपरिग्गहस्स अअं पहावो जं एत्तिअं मन्ताविदो अज्जउत्तो । (नन्वेतस्य व्रतपरिग्रहस्यायं प्रभावो यदेतावन्मन्त्रित आर्यपुत्रः) ।

विदू०—विरमदु भवं । ण जुत्तं सुहासिदं पच्चाचक्खिदुं ।
(विरमतु भवान् । न युक्तं सुभाषितं प्रत्याख्यातुम् ।)

देवी—दारिआओ ! आणेध ओवहारिअं जाव मणिहम्मिअपिट्ठगदे चन्दपादे अच्चेमि । (दारिका ! आनयतौपहारिकं यावन्मणिहर्म्यपृष्ठगतांश्चन्द्रपादानर्चामि ।)

परि०—जं भट्टिणी आणवेदि । एसो गन्धकुसुमादि उवहारो ।
(यत् भट्टिन्याज्ञापयति । एष गन्धकुसुमाद्युपहारः ।)

देवी—(नाट्येन गन्धपुष्पादिभिश्चन्द्रपादानभ्यर्च्य) हञ्जे णिउणिए ! इमे ओवहारिअमोदए अज्ज माणवअं लम्भावेहि । (हञ्जे निपुणिके ! एतानौपहारिकमोदकानार्यमाणवकं लम्भय ।)

परि०—जं भट्टिणी आणवेदि । अज्ज माणवअ ! एदं दाव दे ।
(यद् भट्टिन्याज्ञापयति । आर्य माणवक ! इदं तावत्ते ।)

विदू०—(मोदकशरावं गृहीत्वा) सोत्थि भोदिए । बहुफलो दे एसो वदो भोदु । (स्वस्ति भवत्यै । वहुफलं तवैतद् व्रतं भवतु)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରାଜା—(ଦେବୀଙ୍କୁ ଚାହିଁ) ଯଦି ଏପରି—

ଗୋ କଲ୍ୟାଣି ! ଏହି ବ୍ରତ ଦ୍ୱାରା ତୁମେ ବୃଥାରେ ତୁମର ମୃଣାଳ ତୁଲ୍ୟ କୋମଳ ଶରୀରକୁ କଷ୍ଟ ଦେଉଛ । ଯେଉଁ ସେବକ ତୁମକୁ ପ୍ରସନ୍ନ କରିବାକୁ ବ୍ୟଗ୍ର, ତୁମେ ତାକୁ ହିଁ ପ୍ରସନ୍ନ କରିବାକୁ ଚାହୁଁଛ ! ୧୩

ଉର୍ବଶୀ—ରାଣୀଙ୍କ ପ୍ରତି ଏହାଙ୍କର ଖୁବ୍ ଆଦର ।

ଚିତ୍ର— ଗୋ ସରଳମତି ! ଚତୁର ପୁରୁଷମାନେ ଅନ୍ୟ ପ୍ରେୟସୀମାନଙ୍କ ଠାରେ ମନ ରଖି ନିଜ ସ୍ତ୍ରୀ ପ୍ରତି ଅଧିକ ଆଦର ଦେଖାନ୍ତି ।

ଦେବୀ—(ସ୍ମିତହାସ୍ୟ କରି) ଆର୍ଯ୍ୟପୁତ୍ର ଯେ ଏଭଳି ପ୍ରସନ୍ନ ଭାବରେ ଆଳାପ କରୁଛନ୍ତି, ଏହା ମୋ ବ୍ରତପାଳନର ପ୍ରଭାବ ।

ବିଦୂ – ବନ୍ଧୁ ! ଆପଣ ରହନ୍ତୁ । ମହାରାଣୀଙ୍କ ମଧୁର ବଚନକୁ ଉପେକ୍ଷା କରିବାର ନୁହେଁ ।

ଦେବୀ—ସେବିକାଗଣ ! ପୂଜା ସାମଗ୍ରୀ ଆଣ । ମୁଁ ମଣିପ୍ରାସାଦର ସ୍ତୁତି ଉପରେ ଚନ୍ଦ୍ରକିରଣକୁ ପୂଜା କରିବି ।

ପ. ବର୍ଗ— ଯାହା ମହାରାଣୀଙ୍କର ଆଜ୍ଞା । ଏଇ, ଚନ୍ଦନ, ପୁଷ୍ପ ଆଦି ପୂଜା-ସାମଗ୍ରୀ ।

ଦେବୀ—(ନାଟ୍ୟରେ ଚନ୍ଦନ ପୁଷ୍ପାଦି ଦେଇ ଚନ୍ଦ୍ରକିରଣକୁ ପୂଜା କଲେ ।)
ସଖୀ ! ନିପୁଣିକା ! ଏଇ ଭୋଗ ମିଠେଇ ଗୁଡ଼ିକ ଆର୍ଯ୍ୟ ମାଣବକଙ୍କୁ ଦିଅ ।

ପ.ବର୍ଗ—ମହାରାଣୀଙ୍କର ଯାହା ଆଜ୍ଞା । ଆର୍ଯ୍ୟ, ଏହା ଆପଣଙ୍କର ।

ବିଦୂ —(ମୋଦକଶରା ଗ୍ରହଣ କରି) ମହାରାଣୀ ! ଆପଣଙ୍କର ମଙ୍ଗଳ ହେଉ । ଆପଣଙ୍କର ଏ ବ୍ରତ ବହୁତ ଶୁଭଫଳ ପ୍ରଦାନ କରୁ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

देवी—अज्जउत्त इदो दाव। (आर्यपुत्र इतस्तावत्।)

राजा—अयमस्मि।

देवी—(राज्ञः पूजामभिनीय प्राञ्जलिः प्रणिपत्य) एसा अहं देवदामिहुणं रोहिणीमिअलञ्छणं सक्खीकरिअ अज्जउत्तं अणुप्पसादेमि। अज्जप्पहुदि जं इत्थिअं अज्जउत्तो पत्थेहि जा अ अज्जउत्तस्स समाअमप्पणयिणी ताए सह मए पीदिबन्धेण वत्तिदव्वं त्ति। (एषाहं देवतामिथुनं रोहिणीमृगलाञ्छनं साक्षीकृत्य आर्यपुत्रमनुप्रसादयामि। अद्यप्रभृति यां स्त्रियमार्यपुत्रः प्रार्थयते या चार्यपुत्रस्य समागमप्रणयिनी तया सह मया प्रीतिबन्धेन वर्तितव्यमिति।)

उर्व०—अम्हहे ण आणे किं परं से वअणं त्ति। मम उण विस्सासविसदं हिअअं संवुत्तं। (अहो न जाने किं परमस्या वचनमिति। मम पुनर्विश्वासविशदं हृदयं संवृत्तम्।)

चित्र०—सहि महाणुहावाए पदिव्वदाए अब्भणुण्णादो अणंतराओ दे पिअसमाअमो हविस्सदि। (सखि! महानुभावया पतिव्रतया अभ्यनुज्ञातोऽनन्तरायस्ते प्रियसमागमो भविष्यति।)

विदू०—(अपवार्य) छिन्नहत्थे मच्छे पलाइदे णिव्विण्णो धीवरो भणदि—गच्छ धम्मो मे हविस्सदि त्ति। (प्रकाशम्) भोदि! किं तारिसो दे पिओ तत्तभवं। (छिन्नहस्ते मत्स्ये पलायिते निर्विण्णो धीवरो भणति—गच्छ धर्मो मे भविष्यतीति। भवति! किं तादृशस्ते प्रियस्तत्रभवान्?

देवी—मूढ! अहं क्खु अत्तणो सुहावसाणेण अज्जउत्तं णिव्वुदसरीरं कादुं इच्छामि। एत्तिएण चिंतेहि दाव पिओ ण वत्ति। (मूढ! अहं खल्वात्मनः सुखावसानेनार्यपुत्रं निर्वृतशरीरं कर्तुमिच्छामि। एतावता चिन्तय तावत् प्रियो न वेति।)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରାଣୀ—ଆର୍ଯ୍ୟପୁତ୍ର, ଏଣିକି ଟିକିଏ ଆସନ୍ତୁ ।

ରାଜା – ଏଇ ଆସିଲି ।

ରାଣୀ—(ରାଜାଙ୍କୁ ପୂଜା କରିବାର ଅଭିନୟ କରି ଏବଂ ହାତଯୋଡ଼ି ପ୍ରଣାମକରି) ମୁଁ ଚନ୍ଦ୍ର ଓ ରୋହିଣୀ—ଏହି ଯୁଗଳଙ୍କୁ ସାକ୍ଷୀ ରଖି ଆର୍ଯ୍ୟପୁତ୍ରଙ୍କୁ ପ୍ରୀତ କରିବାକୁ ଯାଉଛି । ଆଜିଠାରୁ ଆର୍ଯ୍ୟପୁତ୍ର ଯେଉଁ ସ୍ତ୍ରୀକୁ ଇଚ୍ଛା କରିବେ କିମ୍ବା ଯେଉଁ ସ୍ତ୍ରୀ ଆର୍ଯ୍ୟପୁତ୍ରଙ୍କ ସହିତ ମିଳନ ଅଭିଳାଷିଣୀ ହେବ, ତା ସହିତ ମୁଁ ସ୍ନେହ ବ୍ୟବହାର କରିବି ।

ଉର୍ବଶୀ—ଓଃ ! ଏହାଙ୍କ କଥାର ଅର୍ଥ କଅଣ, ମୁଁ ବୁଝିପାରୁ ନାହିଁ । କିନ୍ତୁ ମୋର ହୃଦୟ ବିଶ୍ୱାସରେ ସ୍ୱଚ୍ଛ ହୋଇଯାଉଛି ।

ଚିତ୍ର—ସଖୀ ! ଏ ଉଦାରହୃଦୟା ପତିବ୍ରତା ବର୍ତ୍ତମାନ ଅନୁମତି ଦେଇଦେଲେ । ପ୍ରିୟତମଙ୍କ ସହିତ ତୁମର ମିଳନରେ ଆଉ କୌଣସି ପ୍ରତିବନ୍ଧକ ରହିବ ନାହିଁ ।

ବିଦୂ—(ମୁହଁ ବୁଲେଇ କେହି ନ ଶୁଣିଲା ଭଳି) ମାଛ ଜାଲ ଛିଣ୍ଡେଇ ପଳେଇ ଗଲା ପରେ ଉଦାସ ଧୀବର କହେ—"ଯା, ମୋର ଧର୍ମ ହେବ ।"

(ପ୍ରକାଶ୍ୟରେ) ଦେବୀ ! ମହାରାଜା କଅଣ ଆପଣଙ୍କର ଏତେ ପ୍ରିୟ ?

ରାଣୀ—ମୂଢ଼ ! ମୁଁ ମୋ ନିଜର ସୁଖ ବଳି ଦେଇ ମହାରାଜାଙ୍କର ସନ୍ତାପ ଦୂର କରିଦେବାକୁ ଚାହେଁ । ଏତିକିରୁ ବିଚାରିନିଅ, ସେ ମୋର ପ୍ରିୟ କି ନା ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

राजा—

दातुं वा प्रभवसि मामन्यस्मै कर्तुमेव वा दासम् ।
नाहं पुनस्तथा त्वयि यथा हि मां शङ्कसे भीरु ॥ १४

देवी—होहि वा मा वा । जधाणिद्दिट्ठं संपादिदं पिआणुप्पसादणं णाम वदं । दारिआओ ! एध गच्छम्ह । (भव वा मा वा । यथानिर्दिष्टं सम्पादितं प्रियानुप्रसादनं नाम व्रतम् । दारिका ! एत गच्छाम ।)

(इति प्रस्थिता)

राजा—प्रिये ! न खलु प्रसादितोऽस्मि यदि संप्रति विहाय गम्यते ।

देवी—अज्जउत्त ! अलङ्घिदपुव्वो मए णिअमो । (आर्यपुत्र ! अलङ्घितपूर्वो मया नियमः ।) (इति सपरिवारा निष्क्रान्ता ।)

उर्व०—सहि ! पिअकलत्तो राएसि । ण उण हिअअं णिवत्तेदुं सक्कणोमि । (सखि ! प्रियकलत्रो राजर्षिः । न पुनर्हृदयं निवर्तयितुं शक्नोमि ।)

चित्र०—किं उण तुए णिरासाए णिवत्तीअदि । (किं पुनस्त्वया निराशया निवर्त्यते ।)

राजा—(आसनमुपेत्य) वयस्य ! न खलु दूरं गता देवी ।

विदू०—भण विस्सद्धं जं वत्तुकामो । असज्झो त्ति वेज्जेण आदुरो विअ सेरं मुत्तो भवं तत्तहोदीए । (भण विश्रब्धं यदसि वक्तुकामः । असाध्य इति वैद्येनातुर इव स्वैरं मुक्तो भवाँस्तत्रभवत्या ।)

राजा—अपि नामोर्वशी—

उर्व०—(आत्मगतम्) अज्ज किदत्था भवे । (अद्य कृतार्था भवेत् ।)

राजा— गूढा नूपुरशब्दमात्रमपि मे कान्तं श्रुतौ पातयेत् ।
पश्चादेत्य शनैः कराम्बुजवृते कुर्वीत वा लोचने ।
हर्म्येऽस्मिन्नवतीर्य साध्वसवशान्मन्दायमाना बला-
दानीयेत पदात्पदं चतुरया सख्या ममोपान्तिकम् ॥

उर्व०—हला इमं दाव से मणोरहं संपादइस्सं । (हला इमं तावदस्य मनोरथं संपादयिष्यामि ।)

(पृष्ठतो गत्वा राज्ञो नयने संवृणोति ।)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରାଜା— ଗୋ ଭୀରୁ ! ତୁମେ ମୋତେ ଅନ୍ୟ କାହାକୁ ଦେଇପାର କିମ୍ବା କିଙ୍କର ଦାସ କରି ରଖିପାର, ଯାହା ତୁମର ଇଚ୍ଛା । କିନ୍ତୁ ତୁମେ ମୋ ବିଷୟରେ ଯେପରି ଆଶଙ୍କା କରୁଛ, ମୁଁ ସେପରି ନୁହେଁ ।

ରାଣୀ—ଆପଣ ସେପରି ହୁଅନ୍ତୁ ବା ନ ହୁଅନ୍ତୁ, ମୁଁ 'ପ୍ରିୟାନୁପ୍ରସାଦନ' ବ୍ରତ ଯଥା-ନିୟମରେ ସମ୍ପାଦନ କଲି । ସେବିକାମାନେ ! ଆସ ଯିବା ।

(ପ୍ରସ୍ଥାନ କଲେ)

ରାଜା—ପ୍ରିୟେ ! ତୁମେ ଯଦି ମୋତେ ଛାଡ଼ି ଚାଲିଯିବ, ତେବେ ମୋତେ ପ୍ରୀତ କରିନାହଁ ବୋଲି ଜାଣ ।

ଦେବୀ—ଆର୍ଯ୍ୟପୁତ୍ର ! ମୁଁ ଏପର୍ଯ୍ୟନ୍ତ ନିୟମ ଲଙ୍ଘନ କରିନାହିଁ ।

(ସପରିଜନ ପ୍ରସ୍ଥାନ କଲେ ।)

ଉର୍ବଶୀ—ସଖୀ ! ପତ୍ନୀଙ୍କ ପ୍ରତି ରାଜର୍ଷିଙ୍କର ବଡ଼ ଆଦର । ତଥାପି ମୁଁ ଏହାଙ୍କ-ଠାରୁ ହୃଦୟ ଫେରାଇ ନେଇ ପାରୁନାହିଁ ।

ଚିତ୍ର— ତୁମେ କଅଣ ନିରାଶ ହୋଇ ଫେରିଯିବ ?

ରାଜା—(ଆସନରେ ବସି) ବୟସ୍ୟ ! ରାଣୀ କଅଣ ଦୂରକୁ ଚାଲିଯାଇ ନଥିବେ ?

ବିଦୂ—ବନ୍ଧୁ ! ଯାହା କହିବାକୁ ଚାହୁଁଛ, ନିଶ୍ଚିନ୍ତ ହୋଇ କୁହ ।

ବୈଦ୍ୟ ଯେପରି ଅସାଧ୍ୟ ରୋଗୀକୁ ଛାଡ଼ି ଚାଲିଯାଏ, ମହାରାଣୀ ସେହିପରି ତୁମକୁ ଅସାଧ୍ୟ ମନେକରି ଛାଡ଼ି ଚାଲି ଗଲେଣି ।

ରାଜା—ଯଦି ଉର୍ବଶୀ..........

ଉର୍ବଶୀ—ଆଜି କୃତାର୍ଥ ହୁଅନ୍ତା ।

ରାଜା— ଲୁଚିରହି ମଧ୍ୟ ମୋ କର୍ଣ୍ଣରେ ତାର ମଧୁର ନୂପୁର ଧ୍ୱନି ଶୁଣାଇ ଦିଅନ୍ତା, କିମ୍ବା ପଛରୁ ଧୀରେ ଧୀରେ ଆସି ପଦ୍ମତୁଲ୍ୟ ହସ୍ତରେ ମୋର ଚକ୍ଷୁଦ୍ୱୟ ବୁଜି ଧରନ୍ତା, କିମ୍ବା ଏହି ପ୍ରାସାଦରେ ଅବତରଣ କରି ଲଜ୍ଜାବଶତଃ ଧୀରେ ଧୀରେ ପାହୁଣ୍ଡ ପକାଇ ଆସନ୍ତା, ଚତୁରା ସଖୀ ତାକୁ ସେହିଭଳି ଭାବରେ ମୋ ନିକଟକୁ ଆଣନ୍ତା........

ଉର୍ବଶୀ—ସଖୀ ! ମୁଁ ଏହାଙ୍କର ଅଭିଳାଷ ପୂରଣ କରିବି ।

(ପଛରୁ ଯାଇ ରାଜାଙ୍କର ଦୁଇ ଆଖି ବୁଜି ଧରିଲେ ।)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

चित्र०—(विदूषकं संज्ञापयति ।)

विदू०—भो वअस्स ! का उण एसा । (भो वयस्य ! का पुनः एषा ।)

राजा—(स्पर्शं रूपयित्वा) सखे ! नारायणोरूसंभवा सेयं वरोरूः ।

विदू०—कहं भवं अवगच्छदि । (कथं भवानवगच्छति ।)

राजा—किमत्र ज्ञेयम् ।

अङ्गमनङ्गक्लिष्टं सुखयेदन्या न मे करस्पर्शात् ।
नोच्छ्वसिति तपनकिरणैश्चन्द्रस्यैवांशुभिः कुमुदम् ॥ १६

उर्व०—(हस्तावपनीय उत्तिष्ठति । किंचिदपसृत्य) जेदु जेदु महाराओ । (जयतु जयतु महाराजः ।)

राजा—सुन्दरी ! स्वागतम् । (एकासन उपवेशयति ।)

चित्र०—अवि सुहं वअस्सस्स । (अपि सुखं वयस्यस्य ।)

राजा—नन्वेतदुपपन्नम् ।

उर्व०—हला देवीए दिण्णो महाराओ । अदो से पणअवदी विअ सरीर-संपक्कं गदम्हि । मा क्खु मं पुरोभाइणिं समत्थेहि । (हला देव्या दत्तो महाराजः । अतोऽस्य प्रणयवतीव शरीरसंपर्कं गतास्मि । मा खलु मां पुरोभागिनीं समर्थयस्व ।)

विदू०—कहं इह ज्जेव दुम्हाणं अत्थमिदो सुज्जो । (कथमिहैव युवयोरस्त-मितः सूर्यः ।)

राजा—(उर्वशीमवलोक्य)

देव्या दत्त इति यदि व्यापारं व्रजसि मे शरीरेऽस्मिन् ।
प्रथमं कस्यानुमते चोरितमयि मे त्वया हृदयम् ॥ १७

चित्र०—वअस्स, निरुत्तरा एसा । संपदं मह विण्णवणा सुणीअदु । (वयस्य निरुत्तरैषा । सांप्रतं मम विज्ञापना श्रूयताम् ।)

राजा—अवहितोऽस्मि ।

चित्र०—वसन्ताणन्तरं उण्हसमए भअवं सुज्जो मए उवचरिदव्वो । ता जहा इअं मे पिअसही सग्गस्स ण उक्कण्ठेदि तहा वअस्सेण

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଚନ୍ଦ— (ବିଦୂଷକଙ୍କୁ ଇଙ୍ଗିତ ଦେଲେ ।)

ବିଦୂ— ହେ ବନ୍ଧୁ ! ଏ କିଏ ?

ରାଜା—(ସ୍ପର୍ଶ ଅନୁଭବର ଅଭିନୟ କରି) ବନ୍ଧୁ ! ଏ ହେଉଛନ୍ତି ସେଇ ସୁନ୍ଦରୀ ଉର୍ବଶୀ ।

ବିଦୂ— କିପରି ଜାଣୁଛ ?

ରାଜା—ଏଥିରେ ଜାଣିବାର କଅଣ ଅଛି ?

ମୋର କାମପୀଡ଼ିତ ଅଙ୍ଗକୁ ତା' ଛଡା ଆଉ କିଏ କରସ୍ପର୍ଶସୁଖ ଦେଇପାରିବ ? କୁମୁଦ କେବଳ ଚନ୍ଦ୍ର କିରଣରେ ବିକଶିତ ହୁଏ, ସୂର୍ଯ୍ୟ-କିରଣରେ ନୁହେଁ । ୧୬

ଉର୍ବଶୀ—(ହାତ ବାହାର କରି ନେଇ ଟିକିଏ ପଛକୁ ହଟିଯାଇ) ମହାରାଜାଙ୍କର ଜୟ ହେଉ ।

ରାଜା—ସୁନ୍ଦରୀ ! ସ୍ୱାଗତମ୍ । (ନିଜ ଆସନରେ ବସାଇଲେ ।)

ଚନ୍ଦ— ବନ୍ଧୁଙ୍କୁ ଏବେ ସୁଖ ମିଳିଲା ତ ?

ରାଜା—ସୁଖ ତ ବର୍ତ୍ତମାନ ସ୍ୱତଃସିଦ୍ଧ ।

ଉର୍ବଶୀ—ସଖୀ ! ମହାରାଣୀ ମୋତେ ମହାରାଜାଙ୍କୁ ପ୍ରଦାନ କରିଛନ୍ତି । ତେଣୁ ମୁଁ ଏହାଙ୍କର ପ୍ରଣୟିନୀ ପରି ଦେହରେ ମିଶିଯିବି । ତୁ ମନେ କରନାହିଁ ଯେ ମୁଁ ଆପେ ଆପେ ମୋ ସ୍ୱାର୍ଥ ହାସଲ କରୁଛି ।

ବିଦୂ— ଆପଣ ଦୁହିଁଙ୍କର ଏଠି ସୂର୍ଯ୍ୟାସ୍ତ ହୋଇଗଲା କିପରି ?

ରାଜା—(ଉର୍ବଶୀଙ୍କୁ ଚାହିଁ) ପ୍ରିୟେ ! ରାଣୀ ମୋତେ ତୁମକୁ ପ୍ରଦାନ କରିଛନ୍ତି, ଏଇଥିପାଇଁ ଯଦି ତୁମେ ମୋ ଶରୀର ସହିତ ଜଡିତ ହେଉଛ, ତା' ହେଲେ କୁହ, ତୁମେ ପ୍ରଥମେ କାହା ଅନୁମତିରେ ମୋ ହୃଦୟକୁ ଚୋରି କରି ନେଇଥିଲ ? ୧୭

ଚନ୍ଦ—ବନ୍ଧୁ ! ଏ ବର୍ତ୍ତମାନ ନିରୁତ୍ତର । ବର୍ତ୍ତମାନ ମୋ ନିବେଦନ ଶୁଣନ୍ତୁ ।

ରାଜା— କୁହ ।

ଚନ୍ଦ—ବସନ୍ତ ପରେ ଗ୍ରୀଷ୍ମ ଋତୁରେ ମୋତେ ଭଗବାନ୍ ସୂର୍ଯ୍ୟଙ୍କର ଉପାସନା

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

कादव्वं। (वसन्तानन्तरमुष्णसमये भगवान्सूर्यो मयोपचरितव्यः। तद्यथेयं मे प्रियसखी स्वर्गस्य नोत्कण्ठते तथा वयस्येन कर्तव्यम्।)

विदू०—भोदि ! किं वा सग्गे सुमरिदव्वं। ण वा खादीअदि ण वा पीअदि, केवलं अणिमिसेहिं णअणेहिं मीणा विडम्बीअन्ति। (भवति ! किं वा स्वर्गे स्मर्तव्यम्। न वा खाद्यते न वा पीयते। केवलमनिमिषैर्नयनैर्मीना विडम्ब्यन्ते।)

राजा—भद्रे !

अनिर्देश्यसुखः स्वर्गः कस्तं विस्मारयिष्यति।
अनन्यनारीसामान्यो दासस्त्वस्याः पुरूरवाः॥ १८

चित्र०—अणुगहीदम्हि। हला उव्वसि ! अकादरा भविअ विसज्जेहि मं। (अनुगृहीतास्मि। हला उर्वशि ! अकातरा भूत्वा विसर्जय माम्।)

उर्व०—(चित्रलेखां परिष्वज्य सकरुणम्) सहि ! मा क्खु मं विसुमरेहि। (सखि ! मा खलु मां विस्मर।)

चित्र०—(सस्मितम्) वअस्सेण संगदा तुमं एव्व एदं मए जाचिदव्वा ! (वयस्येन सङ्गता त्वमेवैतन्मया याचितव्या।)

(राजानं प्रणम्य निष्क्रान्ता।)

विदू०—दिट्ठिआ मणोरहसंपदीए वड्ढदि भवं। (दिष्ट्या मनोरथसम्पत्त्या वर्धते भवान्।)

राजा—इयं तावद् वृद्धिर्मम। पश्य—

सामन्त-मौलिमणिरञ्जित-पादपीठम्
एकातपत्रमवनेर्न तथा प्रभुत्वम्।
अस्याः सखे ! चरणयोरहमद्य कान्तम्
आज्ञाकरत्वमधिगम्य यथा कृतार्थः॥१९

उर्व०—णत्थि मे वाआविहवो अदो पिअदरं मंतिदुं। (नास्ति मे वाग्विभवः अतः प्रियतरं मन्त्रयितुम्।)

राजा—(उर्वशीं हस्तेनावलम्ब्य) अहा विरुद्धसंवर्धन ईप्सितलाभो नाम। यतः—

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କରିବାକୁ ପଡ଼ିବ । ତେଣୁ, ମୋର ଏ ପ୍ରିୟ ସଖୀ ଯେପରି ସ୍ୱର୍ଗକଥା ଭାବି ଉତ୍କଣ୍ଠିତା ନହୁଏ, ଆପଣ ସେଥିପ୍ରତି ଦୃଷ୍ଟି ଦେବେ ।

ବିଦୂ—ଗୋ ଆଦରଣୀୟା ! ସ୍ୱର୍ଗରେ ଏପରି କଅଣ ଅଛି ଯେ ତାକୁ ସ୍ମରଣ କରିବାକୁ ପଡ଼ିବ ? ସେଠି ତ କେହି ଖାଆନ୍ତି ନାହିଁ କି ପିଅନ୍ତି ନାହିଁ, କେବଳ ମାଛ ପରି ପଲକଶୂନ୍ୟ ଚକ୍ଷୁରେ ଚାହିଁ ଥାଆନ୍ତି ।

ରାଜା—ଭଦ୍ରେ ! ସ୍ୱର୍ଗ ତ ଅବର୍ଣ୍ଣନୀୟ ସୁଖର ସ୍ଥାନ । ତାହାକୁ କିଏ ବିସ୍ମୃତ ହୋଇ ପାରିବ ? ସେ ଯାହା ହେଉ, ପୁରୁରବା କୌଣସି ନାରୀର ଲଭ୍ୟ ନୁହେଁ, କିନ୍ତୁ କେବଳ ଉର୍ବଶୀଙ୍କର ଦାସ । ୧୮

ଚିତ୍ର — ଅନୁଗୃହୀତା ହେଲି । ସଖୀ ! ଦୁଃଖିତା ନ ହୋଇ ମୋତେ ବିଦାୟ ଦିଅ ।

ଉର୍ବଶୀ—(ଚିତ୍ରଲେଖାଙ୍କୁ ଆଲିଙ୍ଗନ କରି ଦୁଃଖର ସହିତ) ସଖୀ ! ମୋତେ ପାଶୋରିଯିବୁ ନାହିଁ ତ ?

ଚିତ୍ର—(ସ୍ମିତ ହାସ୍ୟରେ) ବନ୍ଧୁଙ୍କ ସହିତ ତୋର ମିଳନ ହୋଇଛି । ବର୍ତ୍ତମାନ ତୋର ପ୍ରଶ୍ନ ମୁଁ ତୋତେ ପଚାରୁଛି ।

(ରାଜାଙ୍କୁ ପ୍ରଣାମ କରି ଚାଲିଗଲେ ।)

ବିଦୂ—ବନ୍ଧୁ ! ବର୍ତ୍ତମାନ ତୁମର କାମନା ପୂରଣ ହୋଇଛି । ତୁମର ଆହୁରି ଅଭ୍ୟୁଦୟ ହେଉ ।

ରାଜା—ହଁ, ପ୍ରକୃତରେ ଏହା ମୋର ଅଭ୍ୟୁଦୟ । ଦେଖ—ମୁଁ ପୃଥିବୀର ଏକଚ୍ଛତ୍ର ପ୍ରଭୁ । ମୋର ପାଦପୀଠକୁ ସାମନ୍ତ ରାଜାମାନେ ସେମାନଙ୍କ ମସ୍ତକମଣିର ଜ୍ୟୋତିରେ ରଂଜିତ କରନ୍ତି । କିନ୍ତୁ ଏଭଳି ପ୍ରଭୁତ୍ୱ ଦ୍ୱାରା ମୁଁ ନିଜକୁ ସେତେ କୃତାର୍ଥ ମନେ କରେନାହିଁ, ଯେତେ କୃତାର୍ଥ ମନେକରେଁ ଉର୍ବଶୀଙ୍କର ପାଦଦ୍ୱୟର ଭୃତ୍ୟ ହୋଇ । ୧୯

ଉର୍ବଶୀ—ଏହାଠାରୁ ଅଧିକ ପ୍ରିୟ କଥା କହିବା ପାଇଁ ମୋର ଭାଷା ସମ୍ପତ୍ତି ନାହିଁ ।

ରାଜା—(ଉର୍ବଶୀଙ୍କ ହାତ ଧରି) ଆହା ! ମନୋବାଞ୍ଛା ପୂର୍ଣ୍ଣ ହେଲେ କି ଆଶ୍ଚର୍ଯ୍ୟଜନକ କି ପରିବର୍ତ୍ତନ ଘଟେ ! କାରଣ—

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

पादास्त एव शशिनः सुखयन्ति गात्रं
बाणास्त एव मदनस्य मनोऽनुकूलाः ।
संरम्भरूक्षमिव सुन्दरि ! यद् यदासीत्
त्वत्सङ्गमेन मम तत् तदिवानुनीतम् ॥ २०

उर्व०—अवरद्धम्हि चिरकारिया अज्जउत्तस्स । (अपराद्धास्मि चिरकारिका आर्यपुत्रस्य ।)

राजा—सुन्दरि ! मा मैवम् ।

यदेवोपनतं दुःखात् सुखं तद् रसवत्तरम् ।
निर्वाणाय तरुच्छाया तप्तस्य हि विशेषतः ॥ २१

विदू०—भो सेविदा पदोस-रमणीआ चंदवादा । समओ क्खु दे वास-घरपवेसस्स । (भोः सेविताः प्रदोषरमणीयाश्चन्द्रपादाः । समयः खलु ते वासगृहप्रवेशस्य ।)

राजा—तेन हि सख्यास्ते मार्गमादेशय ।

विदू०—इदो इदो भवदी । (इतो इतो भवती ।)

(सर्वे परिक्रामन्ति)

राजा— सुन्दरि ! इयमिदानीं मेऽभ्यर्थना ।

उर्व०—कीरिसी सा । (कीदृशी सा)

राजा—

अनुपनतमनोरथस्य पूर्वं शतगुणितेव गता मम त्रियामा ।
यदि तु तव समागमे तथैव प्रसरति सुभ्रु ! ततः कृती भवेयम् ॥२२

(निष्क्रान्ताः सर्वे)

॥ इति तृतीयोऽङ्कः ॥

★

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସେଇ ଚନ୍ଦ୍ରକିରଣ ଆଜ ଶରୀରକୁ ସୁଖଦାନ କରୁଛି, ସେଇ କାମ-ଶର ଆଜି ମନକୁ ରୁଚିକର ହେଉଛି । ଗୋ ସୁନ୍ଦରୀ ! ବିରହକାଳରେ ଯେଉଁ ସବୁ ବସ୍ତୁ ରୁକ୍ଷ ବୋଧ ହେଉଥିଲା, ତୁମ ସହିତ ମିଳନ ଫଳରେ ଆଜ ସେ ସମସ୍ତ ବାଂଛିତ ବୋଧ ହେଉଛି । ୨୦

ଉର୍ବଶୀ—ମୁଁ ବିଳମ୍ବ କରି ଆର୍ଯ୍ୟପୁତ୍ରଙ୍କ ନିକଟରେ ଅପରାଧ କରିଛି ।

ରାଜା—ସୁନ୍ଦରୀ, ଏପରି କୁହନାହିଁ ।

ଦୁଃଖ ପରେ ଯେଉଁ ସୁଖ ଆସେ, ତାହା ଅଧିକ ଆନନ୍ଦପ୍ରଦ ହୁଏ ।
ପ୍ରଚଣ୍ଡ-ସୂର୍ଯ୍ୟତାପ-ତାପିତ ବ୍ୟକ୍ତିକୁ ହିଁ ବୃକ୍ଷଛାୟା ଅଧିକ ଶାନ୍ତିପ୍ରଦ ହୁଏ ।୨୧

ବିଦୂ—ଆହେ ! ସନ୍ଧ୍ୟାବେଳରେ ରମଣୀୟ ଚନ୍ଦ୍ରକିରଣ ଆପଣ ଉପଭୋଗ କଲେଣି । ବର୍ତ୍ତମାନ ଆପଣଙ୍କର ବାସଗୃହକୁ ଯିବାର ସମୟ ହୋଇଗଲାଣି ।

ରାଜା—ତା' ହେଲେ ତୁମ ସଖୀଙ୍କୁ ବାଟ ଦେଖାଅ ।

ବିଦୂ—ଆଦରଣୀୟା ! ଏଣେ ଆସନ୍ତୁ ।

(ସମସ୍ତେ ଯିବାରେ ଲଗିଲେ ।)

ରାଜା – ସୁନ୍ଦରୀ ! ବର୍ତ୍ତମାନ ତୁମକୁ ମୋର ଗୋଟିଏ ମାଗୁଣି ।

ଉର୍ବଶୀ—କଅଣ ?

ରାଜା—ସୁନ୍ଦରୀ ! ଯେତେବେଳେ ମୋର ମନୋବାଞ୍ଛା ପୂରଣ ହୋଇନଥିଲା, ସେତେବେଳେ ଦିନ ପ୍ରହର ରାତି ଶତଶତ ପ୍ରହର ହେଉଥିଲା । ବର୍ତ୍ତମାନ ତୁମ ସହିତ ମିଳନ ଘଟିଛି । ରାତି ଯଦି ଠିକ୍ ସେହିପରି ହୁଅନ୍ତା, ତେବେ ମୁଁ ଧନ୍ୟ ହୁଅନ୍ତି ।

(ସମସ୍ତଙ୍କର ପ୍ରସ୍ଥାନ ।)

ତୃତୀୟ ଅଙ୍କ ସମାପ୍ତ ।

★

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

अथ चतुर्थोऽङ्कः

(प्रवेशकः)

प्रक्षेपः—(नेपथ्ये चित्रलेखासहजन्ययोः प्रावेशिकी आक्षिप्तिका)

पिअसहिविओअविमणा सहीसहिता वाउला समुल्लवइ ।
सूर-कर-फंस-विअसिअ-तामरसे सरुवरुच्छंगे ॥ १

(प्रियसखी-वियोगविमना सखी-सहिता व्याकुला समुल्लपति ।
सूर्यकरस्पर्शविकसित-तामरसे सरोवरोत्सङ्गे ॥)

(ततः प्रविशति विमनस्का चित्रलेखा सहजन्या च)

प्रक्षेपः—चित्र०—प्रवेशानन्तरं द्विपदिकया दिशोऽवलोक्य)

सहअरीदुक्खालिढअं सरवरअम्मि सिणिद्धअं ।
बाहोवग्गिअणअणअं तम्मइ हंसी-जुअलअं ॥ २

(सहचरी-दुःखालीढं सरोवरे स्निग्धम् ।
बाष्पोपवल्गित-नयनं ताम्यति हंसीयुगलकम् ॥)

सह०—(चित्रलेखां विलोक्य सखेदम्) सहि चित्तलेहे ! मिलाअमाण-सदवत्तस्स विअ दे मुहस्स छाआ हिअअस्स असुत्थदं सूएदि । ता कहेहि अणिव्विति कालणं । दे समदुक्खा भवेदुं इच्छामि (सखि चित्रलेखे ! म्लायमानशतपत्रस्येव ते मुखस्य छाया हृदयस्य असुस्थतां सूचयति । तत् कथय ते अनिर्वृतेः कारणम् । ते सम-दुःखा भवितुमिच्छामि ।)

चित्र०—(सकरुणम्) सहि ! अच्छरोवारपज्जाएण इह भअवदो सुज्जस्स पादमूलोवट्ठाणं वट्ठदि त्ति वलिअं क्खु उव्वसीए उक्कंठिदह्मि । (सखि ! अप्सरो-वारपर्यायेणेह भगवतः सूर्यस्य पादमूलोपस्थानं वर्तत इति बलवन् खलु उर्वश्या उत्कण्ठितास्मि ।

सह०—सहि ! जाणे वो अण्णोण्णसिणेहं । तदो तदो ? (सखि ! जानामि युवयोरन्योन्यस्नेहम् । ततस्ततः ?)

चित्र०—तदो इमाइं दिवसाइं को णु क्खु वृत्तंतो त्ति पणिधाणट्ठिदाए मए अत्याहिदं उवलद्धं । (ततः एतेषु दिवसेषु को नु खलु वृत्तान्तः इति प्रणिधानस्थितया मया अत्याहितमुपलब्धम् ।)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଚତୁର୍ଥ ଅଙ୍କ

(ପ୍ରବେଶକ)

[ପ୍ରକ୍ଷେପ*—(ନେପଥ୍ୟେ ଚନ୍ଦ୍ରଲେଖା ଓ ସହଜନ୍ୟାଙ୍କ ପ୍ରବେଶସୂଚକ ଆକ୍ଷିପ୍ତିକା ନାମକ ଗୀତ ।)

ପ୍ରିୟ ସଂଗିନୀର ବିରହରେ ଉତ୍କଣ୍ଠିତା ଏକ ସଂଗିନୀ ତାର ଆଉ ଜଣେ ସଙ୍ଗିନୀ ସହିତ ଆକୁଳ ଭାବରେ ସୂର୍ଯ୍ୟକିରଣ-ବିକଶିତ-ପଦ୍ମପୂର୍ଣ୍ଣ ସରୋବରରେ ବିଳାପ କରୁଛି ।୧]

(ଉଦାସ ମନରେ ଚନ୍ଦ୍ରଲେଖା ଓ ସହଜନ୍ୟାଙ୍କର ପ୍ରବେଶ ।)

[ପ୍ରକ୍ଷେପ—ଚନ୍ଦ୍ର- (ପ୍ରବେଶ ପରେ ଦୁଇ ପାଦ ଚାଲି ବିଭିନ୍ନ ଦିଗକୁ ଚାହିଁ)

ପରସ୍ପର ସ୍ନେହସିକ୍ତା ଯୋଡ଼ିଏ ହଂସୀ ସହଚରୀର ଦୁଃଖରେ ଦୁଃଖିନୀ ହୋଇ ବାଷ୍ପପୂର୍ଣ୍ଣ ଚକ୍ଷୁରେ ସରୋବରରେ କ୍ରନ୍ଦନ କରୁଛନ୍ତି । ୨]

ସହଜନ୍ୟା—(ଚନ୍ଦ୍ରଲେଖାକୁ ଚାହିଁ ଦୁଃଖର ସହିତ) ସଖୀ ଚନ୍ଦ୍ରଲେଖା ! ତୁମର ମୁଖ-କାନ୍ତି ଯେପରି ଝାଉଁଳା ପଦ୍ମଫୁଲ ପରି ଦିଶୁଛି, ସେଥିରୁ ତୁମ ହୃଦୟସ୍ଥିତ ଦୁଃଖ ସୂଚିତ ହେଉଛି । ତୁମ ଦୁଃଖର କାରଣ କଅଣ, କୁହ । ମୁଁ ତୁମ ସହିତ ସମଦୁଃଖିନୀ ହେବାକୁ ଚାହେଁ ।

ଚନ୍ଦ୍ର—(ଆକୁଳ ଭାବରେ) ସଖୀ ! ଏଠାରେ ଭଗବାନ୍ ସୂର୍ଯ୍ୟଦେବଙ୍କ ଚରଣପୂଜା ନିମନ୍ତେ ଅପସରାମାନଙ୍କ ମଧ୍ୟରେ ମୋର ପାଳି ପଡ଼ିଛି । ତେଣୁ ମୁଁ ଉର୍ବଶୀ ପାଇଁ ମନରେ ବହୁତ ଉତ୍କଣ୍ଠା ଅନୁଭବ କରୁଛି ।

ସହ— ସଖୀ ! ତୁମ ଦୁହିଁଙ୍କର ପରସ୍ପର ସ୍ନେହ ମୁଁ ଜାଣେ । ଆଚ୍ଛା, ତା'ପରେ ?

ଚନ୍ଦ୍ର—ତା'ପରେ, ଏଥିମଧ୍ୟରେ ତାର କଅଣ ଖବର, ତାହା ଜାଣିବା ପାଇଁ ମୁଁ ଯେତେବେଳେ ଧ୍ୟାନସ୍ଥ ହେଲି, ସେତେବେଳେ ଗୋଟାଏ ଅତି ଉଦ୍‌ବେଗ-ଜନକ କଥା ଜାଣିବାକୁ ପାଇଲି ।

---

* ଯେଉଁ ଅଂଶଗୁଡ଼ିକ ମିଳୁଥିବା ସମସ୍ତ ପୋଥିରେ ନାହିଁ, କେତେକ ମାତ୍ର ପୋଥିରେ ଅଛି, ସେଗୁଡ଼ିକୁ 'ପ୍ରକ୍ଷେପ' ନାମ ଦିଆଯାଇଛି ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

सह—(सावेगम्) सहि कीरिसं तं ? (सखि कीदृशं तत् ?)

चित्र०—(सकरुणम) उव्वसी किल तं रदि-सहाअं राएसिं अमच्चेसु णिवेसिद-रज्जधुरं गेण्हिअ गन्धमादणवणं विहरिदुं गदा । (उर्वशी किल तं रतिसहायं राजर्षिममात्येषु निवेशितराज्यधुरं गृहीत्वा गन्धमादनवनं विहर्त्तुं गता ।)

सह०—(सश्लाघम्) सो णाम संभोओ जो तारिसेसु पदेसेसु । तदो तदो ? (स नाम संभोगो यस्तादृशेषु प्रदेशेषु । ततस्ततः ?)

चित्र०—तहिं क्खु मंदाइणीए पुलिणेसु गदा सिअदापव्वद-केलीहिं कीलमाणा विज्जाधरदारिआ उदयवदी णाम तेण राएसिणा णिज्झाइद त्ति कुविदा उव्वसी । (तत्र खलु मन्दाकिन्याः पुलिनेषु गत्वा सिकतापर्वतकेलीभिः क्रीडन्ती विद्याधरदारिका उदयवती नाम तेन राजर्षिणा निध्यातेति कुपिता उर्वशी ।

सह०—होदव्वं । दूरारूढो क्खु पणओ असहणो । तदो तदो ? (भवितव्यम् । दूरारूढः खलु प्रणयोऽसहनः । ततस्ततः ?)

चित्र०—तदो सा भट्टिणो अणुणअं अप्पडिवज्जमाणा गुरुसावसंमूढहिअआ विसुमरिद-देवदा-णिअमा इत्थिआ-जण-परिहरणिज्जं कुमारवणं पविट्ठा । पवेसाणंतरं अ काणणोवंतवत्ति-लदाभावेण परिणदं से रूवम् । (ततः सा भर्तुः अनुनयमप्रतिपद्यमाना गुरुशापसंमूढ-हृदया विस्मृतदेवतानियमा स्त्रीजनपरिहरणीयं कुमारवनं प्रविष्टा । प्रवेशानन्तरं च काननोपान्तवर्तिलताभावेन परिणतमस्या रूपम् ।)

सह०—(सशोकम्) सव्वधा णत्थि विहिणो अलंघणिज्जं णाम । जेण तारिसस्स अणुराअस्स अअं एक्कवदे अण्णारिसो एव्व पलिणामो संवुत्तो । अह किमवत्थो सो राएसी ? (सर्वथा नास्ति विधेरलङ्घनीयं नाम । येन तादृशस्यानुरागस्यायमेकपदे अन्यादृशः एव परिणामः संवृत्तः । अथ किमवस्थः स राजर्षिः ?)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସହ— (ଆବେଗରେ) ସଖୀ ! କି କଥା ?

ଚିତ୍ର—ଉର୍ବଶୀ ରାଜର୍ଷିଙ୍କ ସଙ୍ଗରେ ବିହାର କରିବା ପାଇଁ ଗନ୍ଧମାଦନ ପର୍ବତକୁ ଗଲା । ରାଜର୍ଷି ଅମାତ୍ୟମାନଙ୍କ ଉପରେ ରାଜ୍ୟଭାର ନ୍ୟସ୍ତ କରି ତା' ସଙ୍ଗରେ ଗଲେ ।

ସହ—ହଁ, ସେଭଳି ସ୍ଥାନରେ ସମ୍ଭୋଗ ଯଥାର୍ଥରେ ସମ୍ଭୋଗ । ଆଚ୍ଛା, ତା ପରେ ?

ଚିତ୍ର—ଉଦୟବତୀ ନାମରେ ଏକ ବିଦ୍ୟାଧର କନ୍ୟା ସେଠାକୁ ଯାଇ ମନ୍ଦାକିନୀ କୂଳରେ ବାଲୁକାସ୍ତୂପ ଉପରେ ଖେଳୁଥିଲା । ରାଜର୍ଷି ତା ଆଡକୁ କେତେକ୍ଷଣ ମାତ୍ର ଚାହିଁବାରୁ ଉର୍ବଶୀ କୁପିତା ହୋଇଗଲା ।

ସହ— ହୋଇଥିବ । ଗଭୀର ପ୍ରେମ ଏପରି ଅସହିଷ୍ଣୁତାର କାରଣ ହୁଏ । ଆଚ୍ଛା, ତା ପରେ ?

ଚିତ୍ର—ଗୁରୁ (ଭରତ)ଙ୍କ ଅଭିଶାପ ଯୋଗୁଁ ତ ତାର ଚିତ୍ତର ସ୍ଥିରତା ନଥିଲା । ସେ ସ୍ୱାମୀଙ୍କର ଅନୁନୟ ପ୍ରତି କର୍ଣ୍ଣପାତ ନକରି, କୁମାରବନକୁ ସ୍ତ୍ରୀ ଲୋକ-ମାନଙ୍କର ଯିବା ନିଷିଦ୍ଧ, ଏହି ଦେବନିୟମକୁ ଭୁଲିଯାଇ ତାହା ଭିତରକୁ ପ୍ରବେଶ କରିଗଲା । ପ୍ରବେଶ କଲା ମାତ୍ରେ ତାର ଶରୀର ବନସୀମାରେ ଏକ ଲତାରୂପେ ପରିଣତ ହୋଇଗଲା ।

ସହ— (କାନ୍ଦି ପକାଇ) ବିଧାତାର ଅସାଧ୍ୟ କିଛି ନାହିଁ । ସେଭଳି ଅନୁରାଗର ହଠାତ୍ କି ଭିନ୍ନ ପରିଣତି ହୋଇଗଲା ! ଆଚ୍ଛା, ସେ ରାଜର୍ଷିଙ୍କର ଅବସ୍ଥା କଅଣ ?

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

चित्र॰—सो वि तस्सिं एव्व काणणे पिअदमं विचिण्णन्तो अहोरत्ते अदिवाहेदि। (नभोऽवलोक्य) इमिणा उण णिव्वुदाणं वि उक्कंठाकारिणा मेहोदएण अणत्थाहीणो हविस्सदि। (सोऽपि तस्मिन्नेव कानने प्रियतमां बिचिन्वन् अहोरात्रानतिवाहयति। (नभोऽवलोक्य) एतेन पुनर्निर्वृतानामप्युत्कण्ठाकारिणा मेघोदयेनानर्थाधीनो भविष्यति।)

प्रक्षेपः—(नेपथ्ये जम्भलिका)

सहअरिदुक्खालिढअं सरवरअंमि सिणिद्धअं।
अविरलवाहजलोल्लअं तम्मइ हंसी जुअलअं॥ ३
(सहचरीदुःखालीढं सरोवरे स्निग्धम्।
अविरलबाष्पजलार्द्रं ताम्यति हंसीयुगलम्॥)

सह॰—सहि! ण क्खु तारिसा आकिदिविसेसा चिरं दुक्खभाइणो होन्ति। ता अवस्सं किंपि अणुग्गहणिमित्तं भूयोवि समाअमकारणं हविस्सदि। (प्राचीदिशं विलोक्य) ता एहि। उदअम्मुहस्स भअवदो सुज्जस्स उवठ्ठाणं करेम्ह।
(सखि! न खलु तादृशा आकृतिविशेषाश्चिरं दुःखभागिनो भवन्ति। तदवश्यं किमप्यनुग्रहनिमित्तं भूयोऽपि समागमकारणं भविष्यति। (प्राचीदिशं विलोक्य) तदेहि। उदयोन्मुखस्य भगवतः सूर्यस्योपस्थानं कुर्वः।)

(निष्क्रान्ते)

प्रक्षेपः—(नेपथ्ये खण्डवारा)

चिंतादुम्मिअमाणसिआ सहअरिदंसणलालसिआ।
विअसिअ-कमल-मणोहरए विहरइ हंसी सरवरए॥ ४
(चिन्तादूनमानसिका सहचरीदर्शनलालसिका।
विकसितकमलमनोहरे विहरति हंसी सरोवरे॥)

(इति प्रवेशकः)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଚନ୍ଦ— ସେ ସେହି ବନରେ ପ୍ରିୟତମାଙ୍କୁ ଖୋଜି ଖୋଜି ଦିନରାତି ବିତାଉଛନ୍ତି । (ଆକାଶକୁ ଚାହିଁ) ସେଥିରେ ପୁଣି ମେଘ ଉଠି ଆସିଲାଣି । ମେଘ ଦର୍ଶନରେ ସୁଖୀ ଦଂପତିମାନେ ମଧ୍ୟ ଉତ୍କଣ୍ଠିତ ହୋଇ ପଡନ୍ତି । ବର୍ତ୍ତମାନ ମହାରାଜ ବିପତ୍ତିରେ ପଡ଼ିଯିବେ ।

[ପ୍ରକ୍ଷେପ—ନେପଥ୍ୟେ ଜମ୍ଭଳିକା ନାମକ ଗୀତ—

ସହଚରୀର ଦୁଃଖରେ ଦୁଃଖିତା, ପରସ୍ପର ସ୍ନେହସିକ୍ତ ମୁଗ୍ଧା ଯୋଡ଼ିଏ ହଂସୀ ଆଖିରୁ ଅନବରତ ଅଶ୍ରୁଜଳ ଝରାଇ ସରୋବରରେ କାନ୍ଦୁଛନ୍ତି । ୩]

ସହ— ସଖୀ! ସେଭଳି ଆକୃତିର ଲୋକମାନେ ଦୀର୍ଘ ସମୟ ଦୁଃଖ ପାଆନ୍ତି ନାହିଁ । ତେଣୁ ନିଶ୍ଚୟ କାହାରି ଅନୁଗ୍ରହରେ ଦୁହିଁଙ୍କର ପୁଣି ମିଳନ ହେବ ! (ପୂର୍ବ ଦିଗକୁ ଚାହିଁ) ତା ହେଲେ ଆସ, ଉଦୟ ହୋଇ ଆସୁଥିବା ଭଗବାନ୍ ସୂର୍ଯ୍ୟଙ୍କର ଉପାସନା କରିବା ।

(ଦୁହିଁଙ୍କର ପ୍ରସ୍ଥାନ)

[ପ୍ରକ୍ଷେପ— ନେପଥ୍ୟେ ଖଣ୍ଡଧାରା ନାମକ ଗୀତ—

ଚିନ୍ତାରେ ବିଚଳିତହୃଦୟା, ସଙ୍ଗୀମାନଙ୍କୁ ଦେଖିବା ପାଇଁ ଉତ୍କଣ୍ଠିତା ହଂସୀଟିଏ ବିକସିତ ପଦ୍ମ ପୂର୍ଣ୍ଣ ସରୋବରରେ ବିଚରଣ କରୁଛି । ୪]

(ପ୍ରବେଶକ ଶେଷ)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

प्रक्षेपः—(नेपथ्ये पुरूरवसः प्रावेशिकी अक्षिप्तिका ।)

गहणं गइंदणाहो पिअविरहुम्माअ-पअलिअ-विआरो ।
विसइ तरुकुसुमकिसलअभूसिअणिअदेहपब्भारो ॥ ५

(गहनं गजेन्द्रनाथः प्रियाविरहोन्मादप्रकटितविकारः ।
विशति तरुकुसुमकिसलयभूषितनिजदेहप्राग्भारः ॥)

(ततः प्रविशति आकाशबद्धलक्ष्यः उन्मत्तवेषो राजा ।)

राजा—(सक्रोधम्) आः दुरात्मन् रक्षः ! तिष्ठ तिष्ठ । मे प्रियतमामादाय गच्छसि ? (विलोक्य)—हन्त! शैलशिखराद् गगनमुत्पत्य बाणैर्मामभिवर्षति ।

प्रक्षेपः— (नेपथ्ये)

हिअआहिअपिआदुक्खओ सरवरए धुदपक्खओ ।
वाहोवग्गिअणअणओ तम्मइ हंसजुआणओ ॥ ६

(हृदयाहितप्रियादुःखः सरोवरे धुतपक्षः ।
बाष्पावलिगतनयनस्ताम्यति हंसयुवा ॥)

(लोष्ठं गृहीत्वा हन्तुं धावन् द्विपदिकया विभाव्य सकरुणम् ।)

कथम्—

नवजलधरः संनद्धोऽयं न दृप्तनिशाचरः
सुरधनुरिदं दूराकृष्टं न नाम शरासनम् ।
अयमपि पटुर्धारासारो न बाणपरम्परा
कनकनिकषस्निग्धा विद्युत् प्रिया न ममोर्वशी ॥ ७

प्रक्षेपः— (नेपथ्ये द्विपदिकया निश्वस्य)

मइँ जाणिअँ मिअलोअणी, णिसाअरो कोइ हरेइ ।
जाव णु णवतिडसामलि, धाराहरु वरिसेइ ॥ १

(मया ज्ञातं मृगलोचना निशाचरः कोऽपि हरति ।
यावन्नु नवतडिच्छ्यामलो धाराधरो वर्षति ॥)

(विचिन्त्य सकरुणम्) क्व नु खलु सा रम्भोरूर्गता स्यात् ?

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

[ପ୍ରକ୍ଷେପ—ନେପଥ୍ୟେ ପୁରୂରବାଙ୍କ ପ୍ରବେଶ ସୂଚକ ଆକ୍ଷିପ୍ତିକା ଗୀତ—
ନିଜର ବିଶାଳ ଶରୀରକୁ ବୃକ୍ଷର କୁସୁମ ଓ ନବପଲ୍ଲବରେ ଭୂଷିତ କରି ଏକ ଗଜରାଜ ନିବିଡ଼ ବନ ଭିତରକୁ ପ୍ରବେଶ କରୁଛି । ୫]

(ତା ପରେ ଆକାଶ ଆଡ଼କୁ ଦୃଷ୍ଟି ନିବଦ୍ଧ କରି ପାଗଳ ଭଳି ରାଜାଙ୍କର ପ୍ରବେଶ)

ରାଜା—(କ୍ରୋଧର ସହିତ) ଆଃ ଦୁରାତ୍ମା ! ରାକ୍ଷସ ! ରହ ରହ । ମୋର ପ୍ରିୟତମାକୁ ଘେନି ଯାଉଛୁ ? (ଚାହିଁ) ହାୟ ! ଏ ପର୍ବତ ଶିଖରରୁ ଆକାଶକୁ ଉଠି ମୋ ଉପରେ ଶର ବର୍ଷା କରୁଛି !

[ପ୍ରକ୍ଷେପ—ନେପଥ୍ୟେ—

ଏକ ହଂସ ଯୁବା ହୃଦୟରେ ପ୍ରିୟା-ବିରହ-ଦୁଃଖ ବହନ କରି, ପକ୍ଷ ଦୋହଲାଇ, ଅଶ୍ରୁ ପୂର୍ଣ୍ଣ ଚକ୍ଷୁରେ ସରୋବରରେ କଷ୍ଟ ପାଉଛି । ୬]

(ରାଜା ପଥର ଖଣ୍ଡେ ଧରି ମାରିବାକୁ ଦଉଡ଼ୁ ଦଉଡ଼ୁ ଦୁଇପାଦ ଚାଲି କରୁଣ ଭାବରେ)

କଅଣ ! ଏ ଖଣ୍ଡେ ନୂଆ ମେଘ ! ଯୁଦ୍ଧ ପାଇଁ ପ୍ରସ୍ତୁତ ରାକ୍ଷସ ନୁହେଁ ? ଏହା ଦୂରଲମ୍ବୀ ଇନ୍ଦ୍ରଧନୁ ! ରାକ୍ଷସର ଧନୁ ନୁହେଁ ! ପୁନଶ୍ଚ ଏହା ପ୍ରବଳ ବର୍ଷାଧାରା ! ଶରଧାରା ନୁହେଁ ! ଏ କଷଟିପଥରରେ ସୁନ୍ଦର ରେଖା ଭଳି ଦିଶୁଥିବା ବିଜୁଳି ! ମୋର ପ୍ରିୟା ଉର୍ବଶୀ ନୁହେଁ ! ୧

[ପ୍ରକ୍ଷେପ—ନେପଥ୍ୟେ ଦୁଇପାଦ ଚାଲି, ଦୀର୍ଘଶ୍ୱାସ ପକାଇ—
ବିଜୁଳିଯୁକ୍ତ, ଶ୍ୟାମଳବର୍ଣ୍ଣ ନୂଆ ମେଘ ବର୍ଷୁଛି, ଅଥଚ ମୁଁ ମନେ କଲି, ମୋର ମୃଗନୟନା ପ୍ରିୟାକୁ କେଉଁ ରାକ୍ଷସ ହରଣ କରି ନେଉଛି ! ୭]

(ଚିନ୍ତା କରି କରୁଣ ଭାବରେ) ତା ହେଲେ ମୋର ପ୍ରିୟତମା କୁଆଡ଼େ ଗଲା ?

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

तिष्ठेत् कोपवशात् प्रभावपिहिता, दीर्घं न सा कुप्यति,
स्वर्गायोत्पतिता भवेत् मयि पुनर्भावार्द्र मस्या मनः ।
तां हर्तुं विबुधद्विषोऽपि न च मे शक्ताः पुरोवर्तिनीं,
सा चात्यन्तमदर्शनं नयनयोर्यातेति कोऽयं विधिः ॥ २

(दिशोऽवलोक्य सनिःश्वासम्) अये ! परावृत्तभागधेयानां दुःखं दुःखानुबन्धि । कुतः—

अयमेकपदे तया वियोगः प्रियया चोपनतः सुदुःसहो मे ।
नववारिधरोदयादहोभिर्भवितव्यं च निरातपत्वरम्यैः ॥ ३

प्रक्षेपः—(नेपथ्ये चर्चरी)

जलहर संहर एहु कोपइँ आढत्तओ
अविरलधारासारदिसामुहकंतओ ।
ए मइँ पुहवि भमंतो जइ पिअँ पेक्खिमि
तव्वे जं जु करीहिसि तं तु सहीहिमि ॥ ८

(जलधर ! संहरैतं कोपमाज्ञप्तः अविरल-धारासार-दिशामुख-कान्तः ।
एषोऽहंपृथ्वीं भ्रमन् यदि प्रियां प्रेक्षे तदा यद् यत् करिष्यसि तत तत सहिष्ये ॥)

(विहस्य) मुधैव खलु मया मनसः परितापवृद्धिरुपेक्ष्यते । यथा मुनयोऽपि व्याहरन्ति—राजा कालस्य कारणमिति । तत् किमहं जलद-समयं न प्रत्यादिशामि ?

(नेपथ्ये चर्चरी)

गंधुम्माइअ महुअरगीएहिं
वज्जंतेहिं परहुअतूरेहिं ।
पसरिअपवणुव्वेलिअपल्लवणिअरु
सुललिअविविहपआरेहिं णच्चइ कप्पअरु ॥ ९

(गन्धोन्मादितमधुकरगीतैः, वाद्यमानैः परभृततूर्यैः ।
प्रसृतपवनोद्वेलितपल्लवनिकरः सुललितविविधप्रकारं नृत्यति कल्पतरुः ॥)

अथवा न प्रत्यादिशामि जलदसमयं यत् प्रावृषेण्यैरेव लिङ्गैर्मम राजोपचारः सम्प्रति ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସେ କୁପିତା ହୋଇ ନିଜ ପ୍ରଭାବରେ ନିଜକୁ ଅଦୃଶ୍ୟ କରି ରହିଛି କି ? ସେ ତ ବେଶୀ ସମୟ କୁପିତା ହୋଇ ରହିପାରେ ନାହିଁ । ସେ ସ୍ୱର୍ଗକୁ ଚାଲିଗଲା କି ? ତା ମନ ତ ମୋ ଠାରେ ସ୍ନେହସ୍ନିଗ୍ଧ । ରାକ୍ଷସମାନେ ତ ତାକୁ ମୋ ଆଗରୁ ହରଣ କରି ନେଇପାରିବେ ନାହିଁ । ତେବେ ସେ କିପରି ମୋ ଚକ୍ଷୁରୁ ସମ୍ପୂର୍ଣ୍ଣ ଅଦୃଶ୍ୟ ହୋଇଗଲା ? ମୋର କି ଦୁର୍ଭାଗ୍ୟ ! ୨

(ବିଭିନ୍ନ ଦିଗକୁ ଚାହିଁ ଦୀର୍ଘଶ୍ୱାସ ପକାଇ) ଆହା ! ଯାହାର ଭାଗ୍ୟ ଖରାପ ପଡ଼ିଥାଏ, ତାର ଦୁଃଖ ପରେ ଦୁଃଖ ମାଡ଼ି ଆସେ । କାରଣ—

ପ୍ରିୟଠାରୁ ମୋର ସଦ୍ୟ ବିଚ୍ଛେଦ ଘଟିଛି, ଯାହା କି ସହିବା ମୋ ପକ୍ଷରେ ଅତ୍ୟନ୍ତ କଷ୍ଟକର । ଏଣେ ପୁଣି ନୂଆ ମେଘମାଳା ଉଠି ଆସିଲାଣି, ଯାହା କି ଦିନକୁ ଖରାବିହୀନ କରି ରମଣୀୟ କରିବ । ୩

[ପ୍ରକ୍ଷେପ—ନେପଥ୍ୟେ ଚର୍ଚ୍ଚରୀ ଗୀତ—

ରେ ମେଘ ! ତୁ ଘନ ଘୋର,ମୁଷଳ ଧାରରେ ବର୍ଷା କରି ଦିଗ-ବିଦିଗରେ ସୁନ୍ଦର ଦିଶୁଛୁ । ମୁଁ ପୃଥିବୀ ସାରା ବୁଲି ବୁଲି ଯଦି ପ୍ରିୟାକୁ ପାଇଯାଏ, ତେବେ ତୁ ଯେତେ ଯେତେ ଉତ୍ପାତ କରିବୁ, ମୁଁ ସବୁ ସହିବି । ୮

(ହସି କରି) ମୁଁ ବୃଥାରେ ମୋର ମନୋବେଦନା ବୃଦ୍ଧି କରୁଛି । ମୁନିମାନେ ମଧ୍ୟ କହିଛନ୍ତି—ରାଜା ହିଁ ସମୟର କାରଣ (ରାଜା ଯେଉଁଭଳି ସମୟ ଚାହିଁବେ, ସମୟ ସେହିଭଳି ହୋଇ ପାରିବ ।) ତେବେ ମୁଁ କାହିଁକି ବର୍ଷାକାଳକୁ ନିଷିଦ୍ଧ ନ କରିବି ?

(ନେପଥ୍ୟେ ଚର୍ଚ୍ଚରୀ ଗୀତ)

କଳ୍ପବୃକ୍ଷ କି ସୁନ୍ଦର ଭାବରେ ବିବିଧ ପ୍ରକାରେ ନୃତ୍ୟ କରୁଛି ! ପବନର ତାଳେ ତାଳେ ତାର ପଲ୍ଲବରାଜି ଉଦ୍‌ବେଳିତ ହୋଇ ଉଠୁଛି । ଭ୍ରମରଗଣ ପୁଷ୍ପର ସୁଗନ୍ଧରେ ଉନ୍ମାଦିତ ହୋଇ ଗୀତ ଗାଉଛନ୍ତି । କୋକିଳ ଗଣ ରବ କରି ସତେ ଯେପରି ତୂରୀ ବଜାଉଛନ୍ତି ! ୯]

ଅବା ମୁଁ ବର୍ଷାକାଳକୁ ନିଷିଦ୍ଧ କରିବି ନାହିଁ । କାରଣ, ମେଘର ସମସ୍ତ ଲକ୍ଷଣ ଦ୍ୱାରା ମୋର ରାଜତ୍ୱ ସୂଚିତ ହେଉଛି ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

विद्युल्लेखा-कनकरुचिरं श्रीवितानं ममाभ्रं
व्याधूयन्ते निचुलतरुभिर्मञ्जरीचामराणि ।
घर्मच्छेदात् पटुतरगिरो वन्दिनो नीलकण्ठाः
धारासारोपनयनपरा नैगमाः सानुमन्तः ॥ ४

भवतु । किमेवं परिच्छदश्लाघया ? यावदस्मिन् कानने तां प्रियामन्वेषयामि ।

प्रक्षेपः—(नेपथ्ये पाठस्यान्ते भिन्नकः)

दइआरहिओ अहिअं दुहियो विरहाणुगओ परिमंथरओ ।
गिरिकाणणए कुसुमुज्जलए गजजूहवई बहुझीणगई ॥ १०
(दयितारहितोऽधिकं दुःखितो विरहानुगतः परिमन्थरः ।
गिरिकानने कुसुमोज्ज्वले गजयूथपतिर्बहुक्षीणगतिः ॥)

(परिक्रम्यावलोक्य च) हन्त हन्त ! व्यवसितस्य मे संदीपनमिव संवृत्तम् । कुतः—

आरक्तराजिभिरियं कुसुमैर्नवकन्दली सलिलगर्भैः ।
कोपादन्तर्बाष्पे स्मारयति मां लोचने तस्याः ॥ ५

इतो गतेति कथं नु तत्रभवती मया सूचयितव्या । यतः—

पद्भ्यां स्पृशेद् वसुमतीं यदि सा सुगात्री
मेघाभिवृष्टसिकतासु वनस्थलीषु ।
पश्चान्नता गुरुनितम्बतया ततोऽस्या
दृश्येत चारुपदपङ्क्तिरलक्तकाङ्का ॥ ६

(परिक्रम्यावलोक्य च सहर्षम्) उपलब्धमुपलक्षणं येन तस्याः कोपनाया मार्गोऽनुमीयते ।

हृतोष्ठरागैर्नयनोदबिन्दुभिः, निमग्ननाभेर्निपतद्भिरङ्कितम् ।
च्युतं रुषा भिन्नगतेरसंशयं शुकोदरश्याममिदं स्तनांशुकम् ॥ ७

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ନବଜଳ ରୂପକ ସୁନାରେ ଖଚିତ ମେଘ ମୋର ସୁନ୍ଦର ଚନ୍ଦୁଆ ସ୍ୱରୂପ ହୋଇଛି । ବେତଗଛ ଗୁଡ଼ିକ ମନ୍ତ୍ରୀରୂପକ ଚାମର ଚାଳନ କରୁଛନ୍ତି । ମୟୂରମାନଙ୍କର ସ୍ୱର, ଗ୍ରୀଷ୍ମକାଳ ଶେଷ ହୋଇଯାଇ ଥିବାରୁ ଅଧିକ ସ୍ପଷ୍ଟ ହୋଇଯାଇଛି । ସେମାନେ ମୋର ସ୍ତୁତିଗାନ କରୁଛନ୍ତି । ଆଉ ମଧ୍ୟ, ପର୍ବତ-ମାନେ ବର୍ଷାଧାରା ରୂପକ ଉପହାର ପ୍ରଦାନ କରି ମୋ ରାଜ୍ୟର ବଣିକ ସ୍ୱରୂପ ହୋଇଛନ୍ତି । ୪

ହେଉ । କିନ୍ତୁ ଏଭଳି ନିଜର ପରିଚ୍ଛଦର ପ୍ରଶଂସା କରି ଲାଭ କଅଣ ? ଏ ବନରେ ପ୍ରିୟାକୁ ଖୋଜିବି ।

[ପ୍ରକ୍ଷେପ—ନେପଥ୍ୟେ 'ପାଠ' ପରେ 'ଭଜନ' ଗୀତ—

ପ୍ରିୟାସଙ୍ଗହୀନ ଗଜଯୂଥପତି ବିରହର୍ପୀଡ଼ାରେ ପୀଡ଼ିତ ହୋଇ ଅତି ଦୁଃଖରେ କୁସୁମ-ଉଜ୍ଜ୍ୱଳ ଗିରି କାନନରେ ଧୀରେ ଧୀରେ ଗତି କରୁଛି । ୧୦]

(ପରିକ୍ରମା କରି ଏବଂ ଚାହିଁ) ହାୟ ! ହାୟ ! ମୁଁ ପ୍ରିୟାକୁ ଖୋଜିବାକୁ ଟିକିଏ ଚେଷ୍ଟା କଲା ବେଳକୁ ମୋର ପୀଡ଼ାବର୍ଦ୍ଧକ ଉପାଦାନ ସବୁ ଆସିଯାଉଛି ! କାରଣ—

ଏଇ ନୂତନ କନ୍ଦଳୀଗଛର ଫୁଲଗୁଡ଼ିକ ଲାଲ ବର୍ଣ୍ଣର ରେଖାରେ ମଣ୍ଡିତ । ଏଗୁଡ଼ିକର ଭିତରେ ତୁଷାର ବିନ୍ଦୁ ରହିଛି । ତେଣୁ ଏହି ଫୁଲ-ଗୁଡ଼ିକ ମୋତେ ମୋ ପ୍ରିୟାର କ୍ରୋଧ ସମୟର ଅଶ୍ରୁପୂର୍ଣ୍ଣ ଚକ୍ଷୁଦୁଇଟିକୁ ସ୍ମରଣ କରାଇ ଦେଉଛନ୍ତି । ୫

ମୋର ଆଦରଣୀୟା ଏଠାରୁ କୁଆଡ଼େ ଚାଲିଗଲା, କିପରି ଜାଣିବି ? କାରଣ—

ଏ ବନ ଭୂମିରେ ବାଲୁକାଭୂମି ମେଘଜଳରେ ସିକ୍ତ ହୋଇଛି । ତେଣୁ ସେହି ଶୋଭନାଙ୍ଗୀ ଯଦି ଏ ଭୂମି ସ୍ପର୍ଶ କରି ଯାଇଥା'ନ୍ତା, ତେବେ ତାର ନିତମ୍ବର ପୃଥୁଳତା ହେତୁ ଅଲତାରଞ୍ଜିତ ସୁନ୍ଦର ପାଦଚିହ୍ନ ପଡ଼ିଥାଆନ୍ତା । ୬

(ପରିକ୍ରମା କରି ଓ ଚାହିଁ ଆନନ୍ଦର ସହିତ) ସୂଚନା ପାଇଗଲି, ଯଦ୍ଦ୍ୱାରା ସେଇ କୋପନାର ଯିବାବାଟ ମୁଁ ଅନୁମାନ କରିପାରୁଛି ।

ସେଇ ଗମ୍ଭୀରନାଭିବତୀ ସୌନ୍ଦର୍ଯ୍ୟମୟୀ ଯେତେବେଳେ ରୁଷି କରି, କାନ୍ଦି କାନ୍ଦି ଦ୍ରୁତ ପଦରେ ଚାଲି ଯାଉଥିଲା, ତା' ଆଖିରୁ ଅଶ୍ରୁଜଳ ବିନ୍ଦୁ ବିନ୍ଦୁ ହୋଇ ଓଷ୍ଠ ଉପରେ ପଡ଼ି, ଓଷ୍ଠର ଅରୁଣିମାକୁ ମ୍ଳାନ କରୁଥିଲା ଏବଂ ଶୁକ-ଉଦର-ତୁଲ୍ୟ ଶ୍ୟାମଳବର୍ଣ୍ଣ ସ୍ତନ-ଉତ୍ତରୀର ଉପରେ ପଡୁଥିଲା । ଏ ହେଉଛି ତା'ର ସେଇ ଅଶ୍ରୁବିନ୍ଦୁ ଚହ୍ନିତ ଶ୍ୟାମଳ ଉତ୍ତରୀ । ୭

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

भवतु। आदास्ये तावत्। (परिक्रम्य विभाव्य च सास्रम्) कथं सेन्द्रगोपं नवशाद्वलमिदम्? कुतो नु खलु निर्जने वने प्रियाप्रवृत्ति-रवगमयितव्या। (शिखिनं दृष्ट्वा) अये! अयमासारोच्छ्वसितशैलेय-स्थलीपाषाणमारूढः—

आलोकयति पयोदान् प्रबलपुरोवातताडितशिखण्डः।
केकागर्भेण शिखी दूरोन्नमितेन कण्ठेन ॥ ८

(उपेत्य) भवतु। यावदेनं पृच्छामि।

प्रक्षेपः—(नेपथ्ये खण्डकः)

संपात-विसूरणओ तुरिअं परवारणओ।
पिअअम दंसण-लालसओ गअवरु विम्हिअ-मानसओ ॥ ११

(सम्प्राप्तविसूरणः त्वरितं परवारणः।
प्रियतमदर्शनलालसो गजवरो विस्मितमानसः॥)

(तेनाखण्डकान्तरे चर्चरी)

बर्हिण तइँ इअ अब्भत्थिअम्मि ओअक्खहि मं ता
एन्थ वणे भम्मंते जइ तइँ दिट्ठी सा महु कंता।
णिसम्महि मिअंकसरिसवअणा हंसगई
ए चिण्हे जाणीहिसि आअक्खिउ तुज्झ मइँ ॥ १२

(बर्हिण! त्वामित्यभ्यर्थये आचक्ष्व मे तत्
अत्र वने भ्रमता यदि त्वया दृष्टा सा मम कान्ता।
निशामय मृगाङ्कसदृशवदना हंसगतिः
अनेन चिह्नेन ज्ञास्यस्याख्यातं तव मया॥)

नीलकण्ठ धृतोत्कण्ठा वनेऽस्मिन् वनिता त्वया।
दीर्घापाङ्गा सितापाङ्ग! दृष्टा दृष्टिक्षमा भवेत् ॥ ९

(विचिन्त्य) कथमदत्त्वैव प्रतिवचनं नर्तितुं प्रवृत्तः? किं नु खलु हर्षकारणमस्य? (विचिन्त्य) आं, ज्ञातम्—

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଆଚ୍ଛା, ମୁଁ ଏହାକୁ ଆଗେ । (ଆଗକୁ ଯାଇ, ଭଲ ଭାବେ ଦେଖି, ଅଗ୍ରୁଲ ନୟନରେ) କଅଣ ! ଏହା ନୂଆ ଘାସ ! ଏହା ଉପରେ ସାଧବ-ବୋହୂ କୀଟ ସବୁ ବସିଛନ୍ତି ! ତେବେ, ଏ ନିର୍ଜନ ବନରେ ପ୍ରିୟାର ଖବର କେଉଁଠୁ ପାଇବ ? (ଏକ ମୟୂରକୁ ଦେଖି) ଆରେ ! ବର୍ଷାଭିଜା, ଶିଉଳିଲଗା ପଥର ଉପରେ ବସି—

ଏ ମୟୂରଟି ଉପରକୁ ଗ୍ରୀବା ଟେକି, କେକାରବ କରି ମେଘ ଆଡକୁ ଚାହୁଁଛି । ପ୍ରବଳ ସମ୍ମୁଖ ବାୟୁରେ ତାର ପୁଚ୍ଛ ଆନ୍ଦୋଳିତ ହୋଇ ଉଠୁଛି । ୮

ଆଚ୍ଛା, ଏହାକୁ ପଚାରେଁ ।

[ପ୍ରକ୍ଷେପ—ନେପଥ୍ୟେ ଖଣ୍ଡକ ନାମକ ଗୀତ—

ଗଜରାଜ ଶୀଘ୍ର ଶତ୍ରୁନାଶକ (ନିର୍ଭୀକ) ହେଲେ ମଧ୍ୟ, ପ୍ରିୟତମାର ବିରହରେ ଦୁଃଖିତ ହୋଇ ତାକୁ ଦେଖିବା ଇଚ୍ଛାରେ ଚକିତ ଶଙ୍କିତ ହୋଇଉଠୁଛି । ୧୧

('ଚେତନା' ଓ ଖଣ୍ଡକ' ମଧ୍ୟରେ ଚର୍ଚ୍ଚରୀ ଗୀତ)

ମୟୂର ! ତୁ ତ ଏ ବନରେ ବିଚରଣ କରୁଛୁ । ଯଦି ମୋ ପ୍ରିୟାକୁ ଦେଖିଛୁ, ମୋତେ କହି ଦେ । ମୁଁ ପ୍ରାର୍ଥନା କରୁଛି । ଶୁଣ, ମୋ ପ୍ରିୟାର ମୁଖ ଚନ୍ଦ୍ର ପରି, ଗତି ହଂସର ଗତି ପରି । ତୁ ଏଇ ଦୁଇଟି ଲକ୍ଷଣ ଦ୍ୱାରା ତାକୁ ଜାଣି ପାରିବୁ, ମୁଁ ତୋତେ କହିଦେଲି । ୧୨]

ଧବଳ-ଅପାଙ୍ଗ (ଧବଳନେତ୍ରକୋଣ) ମୟୂର ! ଏ ବନରେ ଏକ ଦୀର୍ଘ-ଅପାଙ୍ଗୀ ରମଣୀ, ଯେ କି ତାର ପ୍ରିୟ ସହିତ ମିଳନ ଆଶାରେ ଉତ୍କଣ୍ଠିତା, ତାକୁ ଦେଖିଛୁ କି ? ପ୍ରକୃତରେ ସେ ଏଭଳି ଏକ ରମଣୀ, ଯାହାକୁ କି ତୋର ଦେଖିବାର କଥା । ୯

(ଚିନ୍ତା କରି) ଆରେ ! ଏ କଅଣ ଉତ୍ତର ନ ଦେଇ ନାଚିବା ଆରମ୍ଭ କରିଦେଲାଣି ! ଏହାର ହର୍ଷର କାରଣ କଅଣ ? (ଚିନ୍ତାକରି) ହଁ, ଜାଣିଲି—

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

मृदुपवनविभिन्नो मत्प्रियाया विनाशाद्
घनरुचिरकलापो निःसपत्नोऽस्य जातः ।
रतिविगलितबन्धे केशपाशे सुकेश्याः
सति कुसुमसनाथे कं हरेदेष बर्ही ॥ १०

भवतु । परव्यसननिवृत्तं न खलु एनं पृच्छामि । (परिक्रम्यावलोक्य च)

अये इयमातपान्त-संधुक्षितमदा जम्बूविटपमध्यास्ते परभृता । विहङ्गमेषु पण्डिता खलु जातिरेषा । यावदेनामभ्यर्थये ।

प्रक्षेपः—(नेपथ्ये खुरकः)

विज्जज्झरकाणणलीणओ दुक्खविणिग्गअबाहुप्पीडओ ।
दूरोस्सारिअहिअआणंदओ अंबरमाणे भमइ गइंदओ ॥ १३
(विद्याधरकाननलीनो दुःखविनिर्गतबाष्पोत्पीडः ।
दूरोत्सारितहृदयानन्दोऽम्बरमानेन भ्रमति गजेन्द्रः ॥)

(नर्तित्वा वलन्तिकयोपसृत्य जानुभ्यां च स्थित्वा)
(खुरकान्ते चर्चरी) हेले हेले ।

परहुअ महुरपलाविणि कंती णंदणवणे सच्छंद-भमंती ।
जइ तइँ पिअअमा सा महु दिट्ठी ता आअक्खहि महु परपुट्ठी ॥१४
(परभृते ! मधुरप्रलापिनि कान्ते नन्दनवने स्वच्छन्दं भ्रमन्ती ।
यदि त्वया प्रियतमा सा मम दृष्टा तर्ह्याचक्ष्व मे परपुष्टे ॥)

भवति ! (वलन्तिकयोपसृत्य)

त्वां कामिनो मदनदूतिमुदाहरन्ति
मानावभङ्गनिपुणं त्वममोघमस्त्रम् ।
तामानय प्रियतमां मम वा समीपं
मां वा नयाशु कलभाषिणि यत्र कांता ॥ ११

किमाह भवती । कथं त्वाम् एवमनुरक्तं विहाय गता (अग्रतोऽवलोक्य) शृणोतु भवती—

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ମୃଦୁ ପବନରେ ଆନ୍ଦୋଳିତ ଏହାର ଘନ ପୁଚ୍ଛଗୁଚ୍ଛ ମୋର ପ୍ରିୟା ନାହିଁ ବୋଲି ନିଷ୍କଣ୍ଟକ ହୋଇଯାଇଛି । ମୋର ସୁକେଶୀ ପ୍ରିୟାର ପୁଷ୍ପ-ସଜ୍ଜିତ, ରତି ମୁକୁଳା କେଶକଲାପ ଥିଲେ ଏ ମୟୂର କାହାର ମନ ହରଣ କରିପାରନ୍ତା ? ୧୦

ହେଉ, ଏ ଅନ୍ୟର ଦୁଃଖରେ ଦୁଃଖୀ ନୁହେଁ, ଏହାକୁ ମୁଁ ପଚାରିବି ନାହିଁ । (ପରିକ୍ରମା କରି ଏବଂ ଦୃଷ୍ଟି) ଆରେ ! ଜାମୁଗଛ ଶାଖା ଭିତରେ ଗୋଟିଏ କୋଇଲି ବସିଛି, ସେ କି ଖରା ଝାଉଁଳି ଥିବାରୁ ଉନ୍ମତ୍ତ ହୋଇ-ଉଠୁଛି । ପକ୍ଷୀମାନଙ୍କ ମଧ୍ୟରେ ଏ ଜାତି ଖୁବ୍ ଚତୁର । ଯାଏଁ, ଏହାକୁ ପଚାରେଁ ।

[ପ୍ରକ୍ଷେପ—ନେପଥ୍ୟେ 'ଖୁରକ' ଗୀତ—*

ବିଦ୍ୟାଧରମାନଙ୍କ ଉପବନରେ ରହି, ଦୁଃଖରେ ଅଶ୍ରୁଧାରା ଝରାଇ ଆକାଶ-ଉଚ୍ଚ ଗଜରାଜ ଭ୍ରମଣ କରୁଛି । ତାର ହୃଦୟରୁ ଆନନ୍ଦ ସମ୍ପୂର୍ଣ୍ଣ ଉଭେଇ ଯାଇଛି । ୧୩

(ନାଚ କରି 'ବଲନ୍ତିକା' ନାମକ 'ରାଗ'ରେ ଦୁଇ ଆଣ୍ଠୁ ମାଡ଼ି ବସି)

('ଖୁରକ' ପରେ 'ଚର୍ଚ୍ଚରୀ' ଗୀତ) ଆଗୋ ! ଆଗୋ ! କୋକିଳା ! ମଧୁରଭାଷିଣୀ ! ରମଣୀୟା ! ତୁ ତ ନନ୍ଦନ ବନରେ ସ୍ୱଚ୍ଛନ୍ଦ ଭାବରେ ଭ୍ରମଣ କରୁଛୁ । ଯଦି ମୋ ପ୍ରିୟତମାକୁ ଦେଖିଛୁ, ତେବେ ମୋତେ କହିଦେ ।୧୪]

ଗୋ ଆଦରଣୀୟା ! ('ବଲନ୍ତିକା' ରାଗରେ ନିକଟକୁ ଯାଇ)

କାମୀ ଜନମାନେ ତୋତେ କନ୍ଦର୍ପର ଦୂତ ବୋଲି କହନ୍ତି, ତୁ କାମିନୀମାନଙ୍କର ମାନ ଭାଙ୍ଗିବାରେ ନିପୁଣା ଅମୋଘ ଅସ୍ତ୍ର ସ୍ୱରୂପା । ଗୋ ମଧୁରଭାଷିଣୀ ! ତୁ ମୋର ପ୍ରିୟତମାକୁ ମୋ ନିକଟକୁ ଆଣ, କିମ୍ବା ମୋତେ ମୋ ପ୍ରିୟା ଯେଉଁଠି ଅଛି, ସେଠାକୁ ନେଇଚାଲ । ୧୧

କଅଣ କହିଲୁ ? ମୋ ଭଳି ଅନୁରକ୍ତ ପୁରୁଷକୁ ଛାଡ଼ି ସେ କାହିଁକି ଚାଲିଗଲା ? ଶୁଣ—

* 'ଖୁରକ'କୁ କେହି କେହି ଗୀତ ଓ କେହି କେହି ନୃତ୍ୟ ବୋଲି କହିଛନ୍ତି ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

कुपिता, न तु कोपकारणं सकृदप्यात्मगतं स्मराम्यहम् ।
प्रभुता रमणेषु योषितां नहि भावस्खलितान्यपेक्षते ॥ १२

(ससंभ्रममुपविश्य अनन्तरं जानुभ्यां स्थित्वा 'कुपिता' इति पुनः पठित्वा उत्थाय विलोक्य च) कथं कथाविच्छेदकारिणी स्वकार्य एव व्यासक्ता ।

अथवा—

महदपि परदुःखं शीतलं सम्यगाहुः
प्रणयमगणयित्वा यन्ममापद्गतस्य ।
अधरमिव मदान्धा पातुमेषा प्रवृत्ता
फलमभिनवपाकं राजजम्बूद्रुमस्य ॥ १६

एवंगतेऽपि प्रियेव मे मञ्जुस्वनेति न मे कोपोऽस्याम् । सुखमास्तां भवती । इतो वयं साधयामस्तावत् ।

(परिक्रम्य कर्णं दत्त्वा) अये दक्षिणेन वनधारां प्रियाचरणनिक्षेपशंसी नूपुररवः श्रूयते । यावदेनमनुगच्छामि (परिक्रम्य) ।

प्रक्षेपः— (नेपथ्ये ककुभेन षड्पभङ्गाः)

पिअअमविरहकिलामिअ-वअणो अविरल-बाह-जलाउल-णअणो ।
दूसह-दुक्ख-विसंठुल-गमणो पशरिअउरुतावदीविअअंगो ।
अहिअं दुम्मिअमाणसओ काणणे भमइ गइंदओ ॥ १५

(प्रियतमाविरहक्लान्तवदनः अविरलबाष्पजलाकुलनयनः ।
दुःसहदुःखविसंष्ठुलगमनः प्रसृतगुरु-ताप-दीप्ताङ्गः ।
अधिकं दूनमानसः कानने भ्रमति गजेन्द्रः ॥)

(द्विपदिका)

पिअकरिणी-विच्छोइअओ गुरुसोआणल-दीविअओ ।
वाहजलाउललोअणओ करिवरु भमइ समाउलओ ॥ १६
(प्रियकरिणीवियुक्तो गुरुशोकानलदीप्तः ।
बाष्प-जलाकुल-लोचनः करिवरो भ्रमति समाकुलः ॥)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସେ କୁପିତା ହୋଇ ଯାଇଛି । କିନ୍ତୁ ମୁଁ ନିଜର କୌଣସି ଗୋଟିଏ ଅପରାଧ ସ୍ମରଣ କରିପାରୁନାହିଁ, ଯାହା କି ତାର କୋପର କାରଣ ହୋଇଥିବ । ରମଣୀମାନଙ୍କର ନିଜ ପ୍ରିୟତମମାନଙ୍କ ଉପରେ ସବୁ ପ୍ରକାର ଅଧିକାର । ସେମାନଙ୍କର କୁପିତ ହେବା ପାଇଁ ପ୍ରିୟତମମାନଙ୍କର ଦୋଷ ରୂପକ କାରଣ ଯେ ଆବଶ୍ୟକ, ତା ନୁହେଁ । ୧୨

(ଫକ୍ରମର ସହିତ ବସି, ତା'ପରେ ଦୁଇ ଆଣ୍ଠୁ ମାଡ଼ି ବସି 'ସେ କୁପିତା ହୋଇଯାଇଛି' ଇତ୍ୟାଦି କଥାକୁ ଆଉ ଥରେ କହି, ଉଠି, ଏବଂ ଚାହିଁ)

କଅଣ ! ଏ କୋକିଳା ମୋ କଥାରେ ପୂର୍ଣ୍ଣଚ୍ଛେଦ ପକାଇ ନିଜ କାର୍ଯ୍ୟରେ ଲାଗିଗଲାଣି ! ! ଅବା—

କାହାର ଦୁଃଖ ଯେତେ ତୀବ୍ର ହେଉ ନା କାହିଁକି, ଅନ୍ୟମାନେ ତାହାକୁ ସାଧାରଣ ଦୁଃଖ ବୋଲି ଭାବନ୍ତି । ତେଣୁ ଏ ମଦାନ୍ଧ କୋକିଳା, ମୁଁ ବିପତ୍ତିରେ ପଡ଼ିଥିଲେ ମଧ୍ୟ ମୋର ବନ୍ଧୁତା ପ୍ରତି ନଜର ନ ଦେଇ, ରାଜଜମ୍ବୁ ବୃକ୍ଷର ସଦ୍ୟପକ୍ୱ ଫଳକୁ, ଅଧରକୁ ଆସ୍ୱାଦନ କଲି ଭଳି, ଆସ୍ୱାଦନ କରିବାରେ ଲାଗିଗଲାଣି ! ୧୩

ତଥାପି ମୁଁ ଏହା ଉପରେ ରାଗିବି ନାହିଁ । କାରଣ, ମୋ ପ୍ରିୟା ପରି ଏ ମଧୁରସ୍ୱନା । ଗୋ କୋକିଳା, ତୁମେ ଏଠାରେ ସୁଖରେ ରହ । ମୁଁ ଚାଲିଯାଉଛି ।

(ପରିକ୍ରମା କରି, କାନ ଡେରି) ଆରେ ! ବନରାଜିର ଦକ୍ଷିଣ ଦିଗରେ ପ୍ରିୟା-ପଦପାତ-ସୂଚକ ନୂପୁର ଧ୍ୱନି ଶୁଭୁଛି ! ତା'ହେଲେ ମୁଁ ସେହି ଆଡ଼କୁ ଯାଏଁ (ପରିକ୍ରମା କରି)

[ପ୍ରକ୍ଷେପ—ନେପଥ୍ୟେ 'କକୁଭ' ରାଗର ଛଅ ପାଦ ବିଶିଷ୍ଟ ଗୀତ—

ପ୍ରିୟତମାର ବିରହରେ ଗଜରାଜର ମୁଖ ମ୍ଳାନ ହୋଇଯାଇଛି, ତାର ନୟନଯୁଗଳରୁ ଅବିରଳ ଅଶ୍ରୁଜଳ ଝରୁଛି, ଦୁଃସହ ଦୁଃଖରେ ଗତି ଭଙ୍ଗ ହୋଇଯାଉଛି, ଭୀଷଣ ତାପରେ ଶରୀର ଜଳିଲା ଭଳି ହେଉଛି । ଏହିପରି ଅତି ଯନ୍ତ୍ରଣାପୀଡ଼ିତ ମନରେ ସେ ବନରେ ବିଚରଣ କରିବାରେ ଲାଗିଛି ।୧୫

(ଦୁଇପାଦ ଯାଇ)

ଗଜରାଜ ନିଜ ପ୍ରିୟାଠାରୁ ବିଚ୍ଛିନ୍ନ ହୋଇ, ତୀବ୍ର ଶୋକାନଳରେ ଜଳି ଜଳି, ଅଶ୍ରୁପୂର୍ଣ୍ଣ ନୟନରେ ଅତି ଆକୁଳ ଭାବରେ ଭ୍ରମଣ କରୁଛି । ୧୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

(अनन्तरं द्विपदिकया दिशोऽवलोक्य सकरुणम्) हा धिक् कष्टम् ।

मेघश्यामा दिशो दृष्ट्वा मानसोत्सुकचेतसाम् ।
कूजितं राजहंसानां नेदं नूपुरशिञ्जितम् ॥ १४

भवतु । यावदेते मानसोत्सुकाः पतत्त्रिणः सरसोऽस्मान्नोत्पतन्ति तावदेतेभ्यः प्रियाप्रवृत्तिरवगमयितव्या । (उपसृत्य) भो ! भो ! जलविहङ्गमराज !

पश्चात् सरः प्रतिगमिष्यसि मानसं तत्
पाथेयमुत्सृज बिसं ग्रहणाय भूयः ।
मां तावदुद्धर शुचो दयिताप्रवृत्त्या
स्वार्थात् सतां गुरुतरा प्रणयिक्रियैव ॥ १५

अये ! यथोन्मुखो विलोकयति तथा मया न लक्षितेत्येवं वचनमाह ।

(उपविश्य)

प्रक्षेपः— (चर्चरी)

रे रे हंसा किं गोइज्जइ
(नर्त्तित्वा उत्थाय च)
गइअणुसारें महँ लक्खिज्जइ ।
कइँ पइँ सिक्खिउ ए गइ लालस
सा पइँ दिट्ठी जहणभरालस ॥ १७

(रे ! रे ! हंस किं गोपाय्यते गत्यनुसारेण मया लक्ष्यते । केन तव शिक्षिता एषा गतिः लालसा सा त्वया दृष्टा जघनभरालसा ॥)

यदि हंस गता न ते नतभ्रूः
सरसो रोधसि दर्शनं प्रिया मे ।
मदखेलपदं कथं नु तस्याः
सकलं चौर ! गतं त्वया गृहीतम् ॥ १६

अतश्च—(अञ्जलिं बद्ध्वा)

हंस प्रयच्छ मे कान्तां गतिस्त्वस्यास्त्वया हृता ।
विभावितैकदेशेन देयं यदभियुज्यते ॥ १७

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

(ତା'ପରେ ଦୁଇ ପାଦ ଯାଇ ବିଭିନ୍ନ ଦିଗକୁ ଚାହିଁ କରୁଣ ଭାବରେ)
ଓଃ ! କି କଷ୍ଟ !

ମେଘ ଛାଇଁ ଆସୁଥିବାରୁ ଦିଗ ସବୁ ଶ୍ୟାମଳବର୍ଣ୍ଣ ହୋଇ ଆସୁଛନ୍ତି । ତାହା ଦେଖି ରାଜହଂସମାନେ ମାନସ ସରୋବରକୁ ଯିବା ପାଇଁ ଉତ୍ସୁକ ହୋଇ ଉଠୁଛନ୍ତି । ଏହି ଶବ୍ଦ ସେମାନଙ୍କର କୂଜନ; ନୂପୁର ସ୍ୱନ ନୁହେ । ୧୪

ହେଉ, ମାନସ ସରୋବରକୁ ଯିବା ପାଇଁ ଉତ୍ସୁକ ଏ ପକ୍ଷୀମାନେ ପୁଷ୍କରିଣୀରୁ ଉଡ଼ିଯିବା ପୂର୍ବରୁ ମୁଁ ଏମାନଙ୍କଠାରୁ ପ୍ରିୟାର ଖବର ଜାଣିବି । (ନିକଟକୁ ଯାଇ) ହେ ଜଳପକ୍ଷୀରାଜ !

ତୁମେ ପରେ ମାନସ ସରୋବର ଆଡକୁ ଯାତ୍ରା କରିବ । ଯେଉଁ ମୃଣାଳ ଖଣ୍ଡକୁ ଯାତ୍ରାର ପାଥେୟ ସ୍ୱରୂପ ଧରିଛ, ତାହା ରଖିଦିଅ । ତାହାକୁ ପରେ ପୁଣି ଧରିବ । ମୋତେ ଆଗେ ମୋ ପ୍ରିୟାର ଖବର ଦେଇ ରକ୍ଷା କର । ସଜ୍ଜନମାନେ ବନ୍ଧୁର କାର୍ଯ୍ୟକୁ ସ୍ୱାର୍ଥ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ମନେ କରନ୍ତି । ୧୫

ଆରେ ! ଏ ଯେପରି ଭାବରେ ଉପରକୁ ଚାହୁଁଛି, ସେଥିରୁ ଜଣାପଡ଼ୁଛି—ସେ କହୁଛି, 'ମୁଁ ଦେଖିନାହିଁ' ।

(ବସି)

[ପ୍ରକ୍ଷେପ—ଚର୍ଚ୍ଚରୀ—

ରେ ରେ ହଂସ ! ତୁ ମୋତେ କାହିଁକି ଲୁଚାଉଛୁ ?
(ନାଚ ଉଠି)

ତୋର ଗତିରୁ ମୁଁ ଅନୁମାନ କରି ସାରିଲିଣି । ପୃଥୁଳଜଘନର ଭାର ହେତୁ ମନ୍ଥର ଭାବରେ ଚାଲୁଥିବା ମୋର ପ୍ରିୟାକୁ ତୁ ଯଦି ଦେଖି ନ ଥାନ୍ତୁ, ତେବେ ଏଭଳି ଚାଲି ତୁ କାହାଠାରୁ ଶିଖିଥାନ୍ତୁ ? ୧୬]

ରେ ହଂସ ! ନତଭ୍ରୂଲତାଶାଳିନୀ ମୋ ପ୍ରିୟାକୁ ତୁ ଯଦି ସରୋବର କୂଳରେ ଦେଖି ନ ଥାନ୍ତୁ, ତେବେ ରେ ଚୋର ! ତାର ଉନ୍ମାଦନାପୂର୍ଣ୍ଣ ଚାଲି ତୁ କିପରି ପାଇଥାଆନ୍ତୁ ? ୧୬

ଏଣୁ (ହାତ ଯୋଡ଼ି) —

ରେ ହଂସ ! ମୋ ପ୍ରିୟତମାକୁ ମୋତେ ଫେରାଇ ଦେ । ତୁ ତାହାର ଚାଲିକୁ ଅପହରଣ କରିଛୁ । ଯାହାଠାରୁ ଚୋର ଧନର କିଛି ଅଂଶ ମିଳେ, ସେ ପୂରା ଧନ ଦେବାକୁ ବାଧ୍ୟ ହୁଏ । ୧୭

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

(विहस्य) एष चौरानुशासी राजेति भयादुत्पतितः। यावदन्यमवकाशमवगाहिष्ये। (परिक्रम्यावलोक्य च)

अयमिदानीं प्रियासहायश्चक्रवाकः। तावदेनं पृच्छामि ।

प्रक्षेपः—(नेपथ्ये अतोऽन्तरे)

(कुटिलिका) (मल्लघटी)

मंमररणिअमणोहरए कुसुमिअतरुवरपल्लवए।

(चर्चरी)

दइआविरहुम्माइअओ काणणे भमइ गइंदओ ॥ १८

(मर्मररणितमनोहरे कुसुमिततरुवरपल्लवे।

दयिताविरहोन्मादितः कानने भ्रमति गजेन्द्रः ॥)

प्रक्षेपः— (द्विलयान्ते चर्चरी)

गोरोअणा कुंकुमवण्णा चक्का भणइ मइँ।

महुवासर कीलंती धणिआ ण दिट्ठी पइँ ॥ १६

(गोरोचनाकुङ्कुमवर्ण ! चक्र ! भण माम्।

मधुवासरे क्रीडन्ती धन्या न दृष्टा त्वया ॥)

(चर्चरिकयोपसृत्य जानुभ्यां स्थित्वा)

रथाङ्गनामन् वियुतो रथाङ्गश्रोणिबिम्बया।

अयं त्वां पृच्छति रथी मनोरथशतैर्वृतः ॥ १८

कथं कः क इत्याह माम्। मा तावत्। न खलु विदितोऽहमस्य।

सूर्याचन्द्रमसौ यस्य मातामहपितामहौ।

स्वयं वृतः पतिर्द्वाभ्यामुर्वश्या च भुवा च यः ॥ १६

कथं तूष्णीं स्थितः। भवतु। उपालभे तावदेनम्।

सरसि नलिनीपत्रेणापि त्वमावृतविग्रहां

ननु सहचरीं दूरे मत्वा विरौषि समुत्सुकः।

इति च भवतो जायास्नेहात् पृथक्स्थितिभीरुता

मयि च विधुरे भावः कान्ताप्रवृत्तिपराङ्मुखः ॥ २०

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

(ହସିକରି) ରାଜା ମେଘରକୁ ଶାନ୍ତି ହଉଅଛନ୍ତି ବୋଲି ଏ ଭୟରେ ଉଡ଼ି ପଳାଇଲା । ଯାଉଛି, ଅନ୍ୟ ଏକ ସ୍ଥାନକୁ ଯିବି । (ପରିକ୍ରମା କରି ଓ ଚାହିଁ) ଏଇ, ନିଜ ପ୍ରିୟା ସଙ୍ଗରେ ଥିବା ଏକ ଚକ୍ରବାକ ପକ୍ଷୀ ।

ତା'ହେଲେ ସ୍ୱାକୁ ପଚାରେ ।

[ପ୍ରକ୍ଷେପ—ନେପଥ୍ୟେ ଏଥିମଧ୍ୟରେ 'କୁଟିଳିକା' ଓ 'ମଲ୍ଲଘଟୀ' ନାମକ ନାଟ୍ୟ ବିଶେଷ ।)

ପ୍ରିୟା ବିରହରେ ଉନ୍ମାଦିତ ଗଜରାଜ ବୃକ୍ଷପତ୍ରର ମର୍ମର ସ୍ୱନରେ ମନ ଆକର୍ଷଣ କରୁଥିବା ପୁଷ୍ପିତ-ପଲ୍ଲବିତ-ତରୁ-ପୂର୍ଣ୍ଣ ବନରେ ବିଚରଣ କରୁଛି । (ଚର୍ଚ୍ଚରୀ) ୧୮]

[ପ୍ରକ୍ଷେପ—ଦୁଇ 'ଲୟ' ପରେ ଚର୍ଚ୍ଚରୀ—

ଆରେ ! ଗୋରୋଚନା-କୁଙ୍କୁମ-ବର୍ଣ୍ଣ ଚକ୍ରବାକ ! ମୋତେ କହି ଦେ, ଏ ବସନ୍ତ ଉତ୍ସବରେ କ୍ରୀଡ଼ାପ୍ରିୟା ମହୀୟସୀ ଉର୍ବଶୀକୁ ତୁ ଦେଖିଛୁ କି ନାହିଁ । ୧୯]

(ଚର୍ଚ୍ଚରିକା ଦ୍ୱାରା ପାଖକୁ ଯାଇ ଆଣୁ ମାଡ଼ି ବସି)

ରେ ରଥାଙ୍ଗନାମା (ଚକ୍ରବାକ) ! ରଥାଙ୍ଗ (ଚକ) ଭଳି ପୃଥୁଳ-ନିତମ୍ବଶାଳିନୀ ଉର୍ବଶୀ ଠାରୁ ବିଚ୍ଛିନ୍ନ ହୋଇ ମୁଁ ରଥୀ ପୁରୁରବା, ମନରେ ଶତଶତ ମନୋରଥ ଘେନି ତୋତେ ପଚାରୁଛି । ୧୮

ଏ କଅଣ ମୋତେ 'କିଏ ? କିଏ ?' ବୋଲି କହୁଛି ! ନା, ନା, ଏ ମୋତେ ଜାଣିନାହିଁ ।

ସୂର୍ଯ୍ୟ ଓ ଚନ୍ଦ୍ର ଯାହାର ମାତାମହ ଓ ପିତାମହ, ଯାହାକୁ ଉର୍ବଶୀ ଓ ପୃଥିବୀ ଉଭୟେ ସ୍ୱଇଚ୍ଛାରେ ପତିରୂପେ ବରଣ କରିଛନ୍ତି (ମୁଁ ହେଉଛି ସେହି ପୁରୁରବା) । ୧୯

ଏ କଅଣ ଚୁପ୍ ରହିଲା । ହେଉ, ମୁଁ ଏହାକୁ ତିରସ୍କାର କରିବି—

ତୋର ସଙ୍ଗିନୀ ଚକ୍ରବାକୀ ସରୋବରରେ ପଦ୍ମପତ୍ର ଆଢ଼ୁଆଳରେ ଯଦି ଟିକିଏ ହୋଇଯାଏ, ସେ ଦୂରକୁ ଚାଲିଗଲା ବୋଲି ଭାବି ତୁ ଉତ୍କଣ୍ଠାର ସହିତ କାନ୍ଦିଉଠୁ । ତୁ ତୋର ପତ୍ନୀ ପ୍ରତି ସ୍ନେହବଶତଃ ତା'ଠାରୁ ବିଚ୍ଛିନ୍ନ ହୋଇ ରହିବାର କଳ୍ପନାକୁ ମଧ୍ୟ ଭୟ କରୁ । କିନ୍ତୁ ମୁଁ ମୋ ପ୍ରିୟାଠାରୁ ବିଚ୍ଛିନ୍ନ ହୋଇସାରିଛି, ମୋତେ ମୋ ପ୍ରିୟାର ଖବର ଟିକିଏ ଦେବାପାଇଁ ମଧ୍ୟ ତୁ ବିମୁଖ ! ! ୨୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

सर्वथा मदीयानां भागधेयविपर्ययाणामयं प्रभावप्रकाशः। यावद् अन्यमवकाशम् अवगाहिष्ये। (पदान्तरे स्थित्वा) भवतु न तावद् गच्छामि। (परिक्रम्यावलोक्य च)

इदं रुणद्धि मां पद्ममन्तःकूजितषट्पदम्।
मया दष्टाधरं तस्याः ससीत्कारमिवाननम्॥ २१

भवतु। इतो गतस्य मेऽनुशयो मा भूदित्यस्मिन्नपि कमलसेविनि मधुकरे प्रणयं करिष्ये।

प्रक्षेपः—(नेपथ्ये अर्धद्विचतुरस्रः)

एक्कक्कमवड्ढिअगुरुअरपेम्मरसें।
सरे हंसजुआणओ कीलइ कामरसें॥ २०

(एकक्रमवर्धितगुरुतरप्रेमरसेन। सरसि हंसयुवा क्रीडति कामरसेन॥)

(चतुरस्रकेणोपसृत्य)

मधुकर! मदिराक्ष्याः शंस तस्याः प्रवृत्तिं
(विभाव्य) वरतनुरथवाऽसौ नैव दृष्टा त्वया मे।
यदि सुरभिमवाप्स्यस्तन्मुखोच्छ्वासगन्धं
तव रतिरभविष्यत् पुण्डरीके किमस्मिन्॥ २२

साधयामस्तावत्। (द्विपदिकया परिक्रम्यावलोक्य च)

अये! एष नीपस्कन्धनिषण्णहस्तः करिणीसहायो नागराजस्तिष्ठति। अस्मात् प्रियोदन्तमुपलप्स्ये। यावदेनमुपसर्पामि।

प्रक्षेपः—(नेपथ्ये कुटिलिका)

करिणी विरह संताविअओ।
(मल्लघटी)
काणणे गंधुद्धुअ महुअरु॥ २१

(करिणीविरहसंतापितः। कानने गन्धोद्धतमधुकरः॥)

(विलोक्य) अथवा न त्वरा कार्या। न तावदयमुपसर्पणकालः।

अयमचिरोद्गतपल्लवमुपनीतं प्रियकरेणुहस्तेन।
अभिलषतु तावदासवसुरभिरसं सल्लकीभङ्गम्॥ २३

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଏ ସବୁ ମୋ ଭାଗ୍ୟ ବିପର୍ଯ୍ୟୟର ଫଳ । ଯାଉଛି, ଅନ୍ୟ କୌଣସି ସ୍ଥାନ ଦେଖିବି । (ଏକ ପାଦ ମାତ୍ର ଯାଇ, ଅଟକିଯାଇ)

ଏ ଗୋଟିଏ ପଦ୍ମଫୁଲ, ଏହାର ଅଭ୍ୟନ୍ତରରେ ଥିବା ଭ୍ରମରର ଗୁଞ୍ଜନ ଦ୍ୱାରା ଏ ମୋତେ ଅଟକାଇ ରଖୁଛି । ମୋର ଚୁମ୍ବନ ଦ୍ୱାରା ଉର୍ବଶୀର ଅଧର କ୍ଷତ ହୋଇଗଲେ ତା'ର ମୁଖରୁ ସ୍‌ସ୍‌ସ୍‌ ଶବ୍ଦ ବାହାରେ । ଏହି ଭ୍ରମର ଗୁଞ୍ଜନଯୁକ୍ତ ପଦ୍ମଫୁଲଟି ମୋତେ ଠିକ୍ ତା'ର ମୁହଁଟି ଭଳି ବୋଧ ହେଉଛି ।

ହେଉ, ଏଠାରୁ ଚାଲିଗଲା ପରେ ମୋର ପଶ୍ଚାତ୍ତାପ ନ ହେଉ, ଏଥିପାଇଁ ମୁଁ ପଦ୍ମ ଫୁଲକୁ ଉପଭୋଗ କରୁଥିବା ଭ୍ରମର ସହିତ ବନ୍ଧୁତା କରିବି ।

[ପ୍ରକ୍ଷେପ—(ନେପଥ୍ୟେ 'ଅର୍ଦ୍ଧଦ୍ୱିଚତୁରସ୍ର' ନାମକ ନାଟ୍ୟ)

କ୍ରମଶଃବର୍ଦ୍ଧିତ ଗାଢ଼ ପ୍ରେମରସରେ ଓ କାମରସରେ ମଗ୍ନ ହଂସ-ଯୁବା ସରୋବରରେ କ୍ରୀଡ଼ା କରୁଛି । ୨୦]

('ଚତୁରସ୍ର' ଦ୍ୱାରା ନିକଟକୁ ଆସି)

ରେ ଭ୍ରମର ! ମୋର ଖଞ୍ଜନାକ୍ଷୀ ପ୍ରିୟାର ବୃତ୍ତାନ୍ତ ମୋତେ ଜଣାଅ । (ଚିନ୍ତାକରି) ଅବା ମୋର ସେହି ଲାବଣ୍ୟମୟୀକୁ ତୁ ଦେଖିନାହୁଁ । ତୁ ଯଦି ତା'ର ସୁଗନ୍ଧପୂର୍ଣ୍ଣ ମୁଖବାୟୁ ଆଘ୍ରାଣ କରିଥାଆନ୍ତୁ, ତେବେ ଏହି ପଦ୍ମ-ଫୁଲ ପ୍ରତି ଅନୁରାଗୀ ହୋଇ ନଥାନ୍ତୁ । ୨୨

ତା' ହେଲେ ମୁଁ ଯାଏଁ । (ଦୁଇପାଦ ଯାଇ ଏବଂ ଚାହିଁ) ଆରେ ! ଏଠି କଦମ୍ବ ଗଛ ଉପରେ ଶୁଣ୍ଢ ରଖି ହସ୍ତିନୀ ସଙ୍ଗରେ ହସ୍ତୀରାଜ ଠିଆ ହୋଇଛି । ସେଠାରୁ ପ୍ରିୟାର ଖବର ପାଇବି । ତା' ହେଲେ ସେ ନିକଟକୁ ଯାଏଁ ।

[ପ୍ରକ୍ଷେପ—ନେପଥ୍ୟେ କୁଟିଳିକା—

ହସ୍ତୀ ହସ୍ତିନୀର ବିରହରେ ସନ୍ତାପିତ ହେଉଛି ।

(ମଲ୍ଲଘଟୀ)

ବନରେ ତାର ଗଣ୍ଡସ୍ଥଳର ମଦଜଳରେ ଭ୍ରମରମାନେ ଉନ୍ମାଦିତ ହୋଇ ଉଡ଼ୁଛନ୍ତି । ୨୧]

(ଚାହିଁ) ଅଥବା, ତରତର ହେବା ଉଚିତ ନୁହେଁ । ବର୍ତ୍ତମାନ ତା' ପାଖକୁ ଯିବାର ଠିକ୍ ସମୟ ନୁହେଁ ।

ସେଆର ପ୍ରିୟା ହସ୍ତିନୀ ନିଜ ଶୁଣ୍ଢରେ ସଲ୍ଲକୀ ଗଛର ଡାଳ ଭାଙ୍ଗି ସେକୁ ବର୍ତ୍ତମାନ ଦେଇଛି । ମଦ୍ୟ ଭଳି ସୁଗନ୍ଧ ରସମୟ ସେଇ ସଲ୍ଲକୀଡାଳକୁ ଏ ଆଗେ ଆସ୍ୱାଦନ କରିସାରୁ । ୨୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

(क्षणमात्रं स्थित्वा । अवलोक्य) हन्त कृताह्निकः संवृत्तः । भवतु ।
समीपमस्य गत्वा पृच्छामि ।

प्रक्षेपः—(चर्चरी)

हउँ पइँ पुच्छिमि आअक्खहि गअवरु ललिअपहारें णासिअतरुवरु ।
दूरविणिज्जिअ ससहरुकंती दिट्ठि पिआ पइँ सम्मुह जंती ॥ २२

(अहं त्वां पृच्छामि आचक्ष्व गजवर ! ललितप्रहारेण नाशिततरुवर ! ।
दूर-विनिर्जित-शशधर-कान्तिः दृष्टा प्रिया त्वया सम्मुखं यान्ती ॥)

(पदद्वयं पुरतः उपसृत्य)

मदकल ! युवतिशशिकला गजयूथप ! यूथिकाशबलकेशी ।
स्थिरयौवना स्थिता ते दूरालोके सुखालोका ? ॥ २४

(आकर्ण्य सहर्षम्) अहह अनेन भवतः स्निग्धमन्द्रेण गर्जितेन प्रियोपलम्भशंसिना समाश्वासितोऽस्मि । साधर्म्याच्च त्वयि मे भूयसी प्रीतिः ।

मामाहुः पृथिवीभृतामधिपतिं, नागाधिराजो भवान्,
अव्युच्छिन्न पृथुप्रवृत्ति भवतो दानं, ममाप्यर्थिषु ।
स्त्रीरत्नेषु ममोर्वशी प्रियतमा, यूथे तवेयं वशा
सर्वं मामनु ते, प्रियाविरहजां त्वं तु व्यथां माऽनुभूः ॥ २५

सुखमास्तां भवान् । साधयामस्तावत् । (द्विपदिकया परिक्रम्य पार्श्वतो दृष्टिं दत्त्वा)

अये ! अयमसौ सुरभिकन्दरो नाम विशेषरमणीयः सानुमानालोक्यते । प्रियश्चायमप्सरसाम् । अपि नाम सा सुतनुरस्योपत्यकायामुपलभ्येत (परिक्रम्यावलोक्य च) कथमन्धकारः ? भवतु विद्युत्प्रकाशेनावलोकयामि । हन्त ! मदीयैर्दुरितपरिणामैर्मेघोऽपि शतह्रदाशून्यः संवृत्तः, तथापि शिलोच्चयमेनमपृष्ट्वा न निवर्तिष्ये ।

प्रक्षेपः—(खण्डकः)

पसरिअखरखुरदारिअमेइणि वणगहणे अविचल्लु ।
परिसप्पइ पेच्छह लीणो णिअकज्जुज्जुअ कोलु ॥ २३

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

(କ୍ଷଣେମାତ୍ର ରହି ଓ ଗୁହିଁ) ଏଥର ଦେବାଭେଜନ ସରଗଲା । ହେଉ, ବର୍ତ୍ତମାନ ନିକଟକୁ ଯାଇ ପଗ୍ଚାରିବି ।

[ପ୍ରକ୍ଷେପ—ଚର୍ଚ୍ଚରୀ—

ହେ ଗଜରାଜ ! ତୁମେ ସାଧାରଣ ଭାବରେ ମଧ୍ୟ ଆଘାତ ଦେଇ ବଡ଼ ବଡ଼ ଗଛକୁ ଧ୍ୱଂସ କରିପାର । ମୁଁ ତୁମକୁ ପଗ୍ଚାରୁଛି, ମୋତେ କୁହ । ମୋର ପ୍ରିୟା, ଯେ କି କାନ୍ତିରେ ଚନ୍ଦ୍ରମାକୁ ଜିଣିଯାଇଛି, ସେ ତୁମ ସମ୍ମୁଖରେ ଯାଇଥିବାର ତୁମେ ଦେଖିଛ କି ? ୨୨]

(ଦୁଇପାଦ ଆଗକୁ ଆସି)

ହେ ମଦଜଳ-ସ୍ରାବୀ, ସୁନ୍ଦର ଗଜଯୂଥରାଜ । ଯୁବତୀମାନଙ୍କ ମଧ୍ୟରେ ଚନ୍ଦ୍ରକଳା ସଦୃଶୀ, ଯୂଇଫୁଲ-ସଜ୍ଜିତକେଶୀ, ସ୍ଥିରଯୌବନା, ସୁଦର୍ଶନା ମୋର ପ୍ରିୟାକୁ ତୁମେ ଦୂରରୁ ମଧ୍ୟ ଦେଖିଛ କି ? ୨୪

(କାନ ଡେରି ହର୍ଷର ସହିତ) ଆହା ! ତୁମର ଧୀର, ଗମ୍ଭୀର ଗର୍ଜନ ମୋର ପ୍ରିୟା ସମ୍ବନ୍ଧରେ ସୂଚନା ଦେଇ ମୋତେ ଆଶ୍ୱାସନା ପ୍ରଦାନ କରୁଛି । ତୁମ ମୋ ମଧ୍ୟରେ ସାଧର୍ମ୍ୟ (ସାମଞ୍ଜସ୍ୟ) ଅଛି । ତେଣୁ ତୁମ ପ୍ରତି ମୋର ଖୁବ୍ ଶ୍ରଦ୍ଧା ଜାତ ହେଉଛି ।

ମୋତେ ରାଜାମାନଙ୍କର ଅଧିପତି ବୋଲି କହନ୍ତି, ତୁମକୁ ହସ୍ତୀ-ମାନଙ୍କର ଅଧିପତି ବୋଲି କହନ୍ତି । ତୁମର 'ଦାନ' (ଗଣ୍ଡସ୍ଥଳରୁ ନିଃସୃତ ଜଳଧାରା) ଅବିଚ୍ଛିନ୍ନ ଥାଏ, ମୋର 'ଦାନ' (ଧନ ବିତରଣ) ପ୍ରାର୍ଥୀ-ମାନଙ୍କ ପ୍ରତି ଅବିଚ୍ଛିନ୍ନ ଥାଏ । ମୋର ସ୍ତ୍ରୀରତ୍ନମାନଙ୍କ ମଧ୍ୟରେ ଉର୍ବଶୀ ପ୍ରିୟତମା, ହସ୍ତିନୀମାନଙ୍କ ମଧ୍ୟରେ ଏ ହସ୍ତିନୀ ତୁମର ପ୍ରିୟତମା । ତୁମ ସହିତ ମୋର ସବୁ ବିଷୟରେ ସାମଞ୍ଜସ୍ୟ ରହିଛି । କେବଳ (ମୁଁ ପ୍ରିୟା-ବିରହ ଜନିତ ଦୁଃଖ ଭୋଗୁଛି) ତୁମେ ପ୍ରିୟାବିରହଜନିତ ଦୁଃଖ ଭୋଗୁନାହଁ ।

ତୁମେ ସୁଖରେ ଥାଅ । (ଦୁଇପାଦ ଗ୍ଲି ଏବଂ ପାର୍ଶ୍ୱକୁ ଦୃଷ୍ଟି ଦେଇ) ଆରେ ! ଏଇ ସୁରଭିକନ୍ଦର ନାମକ ବିଶେଷ ରମଣୀୟ ପର୍ବତ ଦେଖାଯାଉଛି । ଏ ପର୍ବତ ଅପ୍ସରାମାନଙ୍କର ପ୍ରିୟସ୍ଥଳ । ସେଇ ସୁନ୍ଦରୀ ଏହାର ଉପତ୍ୟକାରେ ଥିବା ଥାଇପାରେ । (ପରିକ୍ରମା କରି ଓ ଗୁହିଁ) କି ଅନ୍ଧକାର ! ଆଚ୍ଛା, ବିଜୁଳି-ସ୍ଫୁରଣରେ ଦେଖିବି । ହାୟ ! ମୋର ପାପ ଫଳରେ ମେଘ ମଧ୍ୟ ବିଜୁଳିଶୂନ୍ୟ ହେଲାଣି । ତଥାପି ଏ ପର୍ବତକୁ ନ ପଗ୍ଚାରି ଯିବିନାହିଁ ।

[ପ୍ରକ୍ଷେପ— ଖଣ୍ଡିକ ନାମକ ଗୀତବିଶେଷ—

ଦେଖ, ଦେଖ, ଏହି ଗହନ ବନରେ ଏକ ବନ୍ୟ ବରାହ ଖୁରାରେ ଭୂପୃଷ୍ଠକୁ ବିଦୀର୍ଣ୍ଣ କରି, ଧୂଳି ଉଡ଼ାଇ, ଅବିଚଳିତ ଭାବରେ ଏହି କାର୍ଯ୍ୟରେ ଲାଗି ରହିଛି । ୨୩]

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

(प्रसृतखरखुरदारितमेदिनिर्वनगहनेऽविचलः।
परिसर्पति पश्यत लीनो निजकार्योद्युक्तः कोलः॥)

अपि वनान्तरमल्पकुचान्तरा श्रयति पर्वतपर्वसु संनता।
इदमनङ्गपरिग्रहमङ्गना पृथुनितम्ब! नितम्बवती तव॥ २६

कथं तूष्णीमेवास्ते। शङ्के विप्रकर्षान्न शृणोतीति। भवतु। समीपेऽस्य गत्वा पुनरेनं पृच्छामि।

प्रक्षेपः—(चर्चरी)

फलिह-सिलाअल-णिम्मलणिज्भरु बहुबिहकुसुमें विरइअसेहरु।
किणरमहुरुग्गीअमणोहरु देक्खावहि महु पिअअम महिअरु॥२४

(स्फटिकशिलातलनिर्मलनिर्भर! बहुविधकुसुमैर्विरचितशेखर।
किंनरमधुरोद्गीतमनोहर! दर्शय मम प्रियतमां महीधर॥)

(परिक्रम्य अञ्जलिं बद्ध्वा।)

सर्वक्षितिभृतां नाथ! दृष्टा सर्वाङ्गसुन्दरी।
रामा रम्ये वनान्तेऽस्मिन् मया विरहिता त्वया॥२७

(नेपथ्ये तदेवाकर्ण्य सहर्षम्) कथं यथाक्रमं दृष्टा इत्याह। भवानपि अतः प्रियतरं शृणोतु। क्व तर्हि मे प्रियतमा? (पुनरेव सर्व-क्षितिभृतामित्यादि पठति, नेपथ्ये तदेवाकर्ण्य। विभाव्य च) हा धिक्। ममैवायं कन्दरमुखविसर्पी प्रतिशब्दः। (मूर्च्छति उत्थाय सविषादम्।) अहह श्रान्तोऽस्मि। अस्यास्तावद् गिरिनद्यास्तीरे स्थितस्तरङ्ग-वातमासेविष्ये। (परिक्रम्यावलोक्य च) इमां नवाम्बुकलुषामपि स्रोतोवहां पश्यतो मे रमते मनः। कुतः—

तरङ्गभ्रूभङ्गा क्षुभितविहगश्रेणिरसना
विकर्षन्ती फेनं वसनमिव संरम्भशिथिलम्।
यथाविद्धं याति स्खलितमभिसन्धाय बहुशो
नदीभावेनेयं ध्रुवमसहना सा परिणता॥ २८

भवतु। प्रसादयामि तावदेनाम्। (अञ्जलिं बद्ध्वा)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ହେ ବିଶାଳପୃଷ୍ଠ ପର୍ବତ ! ସେଇ ପୃଥୁଲ ସ୍ତନବତୀ, କ୍ଷୀଣକଟୀ, ନିତମ୍ବିନୀ ଅଙ୍ଗନା (ଉର୍ବଶୀ) କାମଦେବର ନିବାସସ୍ଥଳସ୍ୱରୂପ ତୁମର ଏହି ବନରେ ଅଛି କି ?

କଅଣ ! ଏ ନୀରବ ରହିଲା ! ମନେ ହେଉଛି, ଏ ବୋଧହୁଏ ଦୂରତା ହେତୁ ଶୁଣି ପାରୁନାହିଁ ! ହେଉ, ନିକଟକୁ ଯାଇ ପୁଣି ଏହାଙ୍କୁ ପଚାରିବ ।

[ପ୍ରକ୍ଷେପ—ନେପଥ୍ୟେ ଚର୍ଚ୍ଚରୀ—

ହେ ପର୍ବତ ! ତୁମର ସ୍ଫଟିକପାଷାଣ ଉପରେ ନିର୍ମଳ ନିର୍ଝର ବହି-ଯାଉଛି । ବିବିଧ ପ୍ରକାର ପୁଷ୍ପରେ ତୁମର ମସ୍ତକଦେଶ ସଜ୍ଜିତ । କିନ୍ନରମାନଙ୍କ ସଙ୍ଗୀତରେ ତୁମେ ଅତ୍ୟନ୍ତ ରମଣୀୟ । ତୁମେ ମୋତେ ମୋ ପ୍ରିୟତମାକୁ ଦେଖାଇଦିଅ । ୨୪]

(ପରିକ୍ରମା ପୂର୍ବକ ହାତ ଯୋଡ଼ି)

ହେ ସର୍ବପର୍ବତରାଜ ! ମୋର ସର୍ବାଙ୍ଗସୁନ୍ଦରୀ ପ୍ରିୟାକୁ ତୁମେ ଏଇ ସୁନ୍ଦର ବନ ମଧ୍ୟରେ ଦେଖିଛ କି ? ମୋ ପ୍ରିୟା ମୋଠାରୁ ବିଚ୍ଛିନ୍ନ ହୋଇ-ଯାଇଛି । ୨୫

(ନେପଥ୍ୟରୁ ତାହା ହିଁ ଶୁଣି ଅର୍ଥାତ୍ ନିଜ କଥାର ପ୍ରତିଧ୍ୱନି ଶୁଣି ଆନନ୍ଦରେ) କଅଣ ! ମୋର କଥା ପରେ 'ଦେଖିଛି' ବୋଲି କହିଲା । ତୁମକୁ ମଧ୍ୟ ଏହାଠାରୁ ବଳି ପ୍ରିୟ କଥା ଶୁଣିବାକୁ ମିଳୁ । ତା' ହେଲେ ମୋ ପ୍ରିୟତମା କେଉଁଠି ? (ଆଉ ଥରେ "ହେ ସର୍ବପର୍ବତରାଜ ! ......" ଇତ୍ୟାଦି କହିଲେ । ନେପଥ୍ୟରୁ ତାହା ହିଁ ଶୁଣି, ଚିନ୍ତା କରି) ହା ଧିକ୍ ! ଏହା ମୋର କଥାର ହିଁ ପ୍ରତିଧ୍ୱନି, ଯାହା କି ଗୁମ୍ଫାଗୁଡ଼ିକର ଦ୍ୱାରରୁ ଫେରି ଆସୁଛି । (ମୂର୍ଚ୍ଛିତ ହୋଇ, ପୁଣି ଉଠି ବିଷାଦର ସହିତ) ଓଃ ! କ୍ଳାନ୍ତ ହୋଇ ପଡ଼ିଲିଣି । ଏଇ ଗିରିନଦୀର ତୀରରେ ବସି ତରଙ୍ଗ ଉପରେ ବହି ଆସୁଥିବା ବାୟୁ ସେବନ କରିବି । (ପରିକ୍ରମା କରି ଓ ଚାହିଁ) ଏଇ ନୂତନ ଜଳରେ ଗୋଳିଆ ହୋଇଥିବା ସ୍ରୋତସ୍ୱିନୀ ମୋତେ ଦେଖିବାକୁ ଖୁବ୍ ଭଲ ଲାଗୁଛି । କାରଣ—

ଏହାର ତରଙ୍ଗମାଳା ପ୍ରିୟାର ଭ୍ରୂକୁଟୀକୁଞ୍ଚନ ସଦୃଶ, କୂଜନ କରୁଥିବା ପକ୍ଷୀପଂକ୍ତି ଅର୍ଦ୍ଧାସୂତ୍ର ସଦୃଶ । ମୋ ପ୍ରିୟା ନିଜର କୋଧ ହେତୁ ଶିଥିଳ ହୋଇ ପଡ଼ୁଥିବା ବସ୍ତ୍ରକୁ ଆବୋରି ଧରେ, ଏ ସେପରି ନିଜର ଫେନକୁ ଆବୋରି ଧରିଛି । ପୁଣି ଏ ଯେପରି ପଡ଼ି ଉଠି ଧାଉଁଛି, ସେଥିରୁ ଜଣାପଡ଼ୁଛି, ନିଶ୍ଚୟ ମୋର ପ୍ରିୟା ମନରେ ମୋ ଅପରାଧର ଧାରଣା କରି, ଅସହନଶୀଳା ହୋଇ ଏଇ ନଦୀ-ରୂପରେ ଚାଲିଯାଉଛି ! ୨୮

ହେଉ, ତା' ହେଲେ ଏହାକୁ ପ୍ରୀତ କରିବି । (ହାତଯୋଡ଼ି)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

प्रक्षेपः—(कुटिलिका नाट्येन)

पसीअ पिअअम सुन्दरि ए णए खुहिआकरुण विहंगम ए णए।
सुरसरितीरसमूसूअ ए णए अलिउलझंकारिअ ए णए॥ २५

(प्रसीद प्रियतमे! सुन्दरि! नदि! क्षुभिताकरुणबिहङ्गमे! नदि!
सुरसरित्तीरसमुत्सुके! नदि! अलिकुलझङ्कारिते! नदि!)

(नेपथ्ये चर्चरी)

पुव्वदिसापवणाहअकल्लोलुग्गअबाहओ
मेहअंगे णच्चइ सललिअँ जलणिहिणाहओ।
हंसविहंगमकुंकुमसंखकआभरणु
करिमअराउलकसणकमलकआभरणु।
वेलासलिलुव्वेल्लिअहत्थदिण्णतालु
ओत्थरइ दसदिस रुंधेविणु णवमेहआलु॥ २६

(पूर्वदिक्पवनाहतकल्लोलोद्गतबाहुः
मेघाङ्गैर्नृत्यति सललितं जलनिधिनाथः।
हंसविहङ्गमकुङ्कुमशङ्खकृताभरणः
करिमकराकुलकृष्णकमलकृतावरणः।
वेलासलिलोद्वेलितदत्तहस्तत्तालोऽ
वस्तृणाति दशदिशो रुद्ध्वा नवमेघकालः॥)

त्वयि निबद्धरतौ प्रियवादिनि प्रणयभङ्गपराङ्मुखचेतसि।
कमपराधलवं मयि पश्यसि त्यजसि मानिनि दासजनं यतः॥

(विचिन्त्य)

कथं तूष्णीमेवास्ते। अथवा परमार्थसरिदेवैषा। न खलूर्वशी पुरूरवसमपहाय समुद्राभिसारिणी भविष्यति। भवतु। अनिर्वेद-प्राप्याणि श्रेयांसि। यावत् तमेव प्रदेशं गच्छामि यत्र मे नयनयोः सा सुनयना तिरोहिता। (परिक्रम्य विलोक्य च)

इमं तावत्प्रियाप्रवृत्तये सारङ्गमासीनमभ्यर्थये। (जानुभ्यां स्थित्वा)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

[ପ୍ରକ୍ଷେପ—କୁଟିଳିକା ନାମକ ନାଟ୍ୟରେ—

ଗୋ ପ୍ରିୟତମା ସୁନ୍ଦରୀ ! କଳରବକାରୀ-ହର୍ଷ୍ୟ-ବିହଙ୍ଗଶାଳିନୀ ନଦୀ ! ଗଙ୍ଗା-ସଙ୍ଗମ-ଉତ୍କଣ୍ଠିତା ନଦୀ ! ଭ୍ରମରଗଣ-ଝଙ୍କାର-ଶାଳିନୀ ନଦୀ ! ମୋ ପ୍ରତି ପ୍ରୀତା ହୁଅ । ୨୫

(ନେପଥ୍ୟେ ଚର୍ଚ୍ଚରୀ)

* ସମୁଦ୍ରପତି ପୂର୍ବ ଦଗର ବାୟୁ ଦ୍ୱାରା ଉଠୁଥିବା ତରଙ୍ଗରୂପକ ହାତ ଉଠାଇ, ମେଘରୂପକ ଅଙ୍ଗଗୁଡ଼ିକଦ୍ୱାରା ସୁନ୍ଦର ଭାବରେ ନୃତ୍ୟ କରୁଛି । ହଂସ ପ୍ରଭୃତି ପକ୍ଷୀ, କୁଙ୍କୁମ ଓ ଶଙ୍ଖ ତାହାର ଆଭରଣ ସ୍ୱରୂପ ହୋଇଛି । ଜଳହସ୍ତୀ,ମଗର ପ୍ରଭୃତିଙ୍କ ଦ୍ୱାରା ଆନ୍ଦୋଳିତ ହେଉଥିବା ନୀଳ ପଦ୍ମ ପୁଷ୍ପମାନ ତାହାର ବସ୍ତ୍ରସ୍ୱରୂପ ହୋଇଛି । ବେଳାଭୂମିରେ ଆସି ପିଟି ହେଉଥିବା ତରଙ୍ଗର ଶବ୍ଦ ତାହାର ହସ୍ତତାଳ (ହାତରେ ତାଳି ମାରିବା) ସଦୃଶ ହେଉଛି । ଏହିପରି ନବ ମେଘ ସଦୃଶ ଶ୍ୟାମବର୍ଣ୍ଣ ସମୁଦ୍ର ଦଶଦଗକୁ ରୁନ୍ଧି ବ୍ୟାପ୍ତ ହୋଇଯାଉଛି । (କିମ୍ବା ନବ ମେଘକାଳ ଦଶଦଗକୁ ରୁନ୍ଧି ବ୍ୟାପ୍ତ ହୋଇ ଯାଉଛି ।) * ୨୬]

ଗୋ ପ୍ରିୟଭାଷିଣୀ ! ତୁମ ପ୍ରତି ମୋର ଅବିଚଳିତ ଅନୁରକ୍ତି ରହିଛି । ଯେଉଁ କାର୍ଯ୍ୟ ତୁମର ପ୍ରତ୍ୟେ ଭଙ୍ଗ କରିବ, ସେଭଳି କାର୍ଯ୍ୟ କରିବାକୁ ମୁଁ ସର୍ବଦା ପରାଙ୍ମୁଖ । ତଥାପି ଗୋ ମାନିନୀ ! ତୁମେ ମୋ ଭଳି ଦାସ ଜନକୁ କେଉଁ ଲେଶମାତ୍ର ମଧ୍ୟ ଅପରାଧ ଦେଖି ପରିତ୍ୟାଗ କଲ ? ୨୯

(ଚିନ୍ତାକରି)

କଅଣ ! ଏ ନୀରବ ରହିଛି ! ଓଃ ! ଏ ବାସ୍ତବରେ ଉର୍ବଶୀ ନୁହେଁ, ଏକ ନଦୀ ! ଉର୍ବଶୀ ପୁରୂରବାକୁ ଛାଡ଼ି ସାଗରର ପ୍ରଣୟିନୀ ହୋଇ ନପାରେ । ହେଉ, ବିପତ୍ତି ମନୋଭାବରୁ ମଙ୍ଗଳ ମିଳେ ନାହିଁ । ଯାଉଛି, ଯେଉଁଠି ସେଇ ସୁନୟନା ମୋ ନୟନପଥରୁ ଅଦୃଶ୍ୟ ହୋଇଯାଇଥିଲା, ସେହି ସ୍ଥାନକୁ ଯିବି । (ପରିକ୍ରମା କରି ଓ ଚାହିଁ)

ଏଇଠି ଗୋଟିଏ ହରିଣ ଶୋଇଛି । ପ୍ରିୟାର ଖବର ଜାଣିବାକୁ ମୁଁ ଏହାକୁ ପ୍ରାର୍ଥନା କରିବି । (ଆଣ୍ଠୁମାଡ଼ି ବସି)

---

* ଏଠାରେ ଉନ୍ମାଦବଶତଃ 'ନଦୀପତି' ସ୍ଥାନରେ 'ସମୁଦ୍ରପତି' କହିପକାଇଛନ୍ତି ।

* ଏହି ଷଟ୍‌ପଦୀ ଗୀତଟି ଉନ୍ମତ୍ତର ଗୀତ ଭଳି ହୋଇଛି । ତେଣୁ ଏଥିରେ ସମୁଦ୍ର କଥା କୁହାଯାଇଛି କି ନଦୀ କଥା କୁହାଯାଇଛି କି ମେଘ କଥା କୁହାଯାଇଛି, ସ୍ପଷ୍ଟ ବୁଝାପଡୁ ନାହିଁ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

कृष्णशारच्छवियोंऽसौ दृश्यते काननश्रिया ।
नवसष्पावलोकाय कटाक्ष इव पातितः ॥ ३०

(विलोक्य) किं नु खलु मामवधीरयन्निव अन्यतोमुखः संवृत्तः ।
(दृष्ट्वा)

अस्यान्तिकमायान्ती शिशुना स्तनपायिना मृगी रुद्धा ।
तामयमनन्यदृष्टिर्भग्नग्रीवो विलोकयति ॥ ३१

प्रक्षेपः—(चर्चरी)

सुरसुन्दरि जहणभरालस पीणुत्तुंग घणत्थणि
थिरजोव्वण तणुसरीरि हंसगई ।
गअणुज्जलकाणणे मिअलोअणि भमंती
दिट्ठी पइँ तह विरहसमुद्दन्तरे उत्तारहि मईं ॥
(सुरसुन्दरी जघनभरालसा पीनोत्तुङ्गघनस्तनी ।
स्थिरयौवना तनुशरीरा हंसगतिः ।
गगनोज्ज्वलकानने मृगलोचना भ्रमन्ती
दृष्टा त्वया तर्हि विरहसमुद्रान्तरादुत्तारय माम् ॥)

(उपसृत्य अञ्जलिं बद्ध्वा) हंहो हरिणीपते !

अपि दृष्टवानसि मम प्रियां वने ? कथयामि ते तदुपलक्षणं शृणु ।
पृथुलोचना सहचरी यथैव ते सुभगं तथैव खलु सापि वीक्षते ॥ ३२

कथमनादृत्य मद्वचनं कलत्राभिमुखं स्थितः । उपपद्यते 'परिभवास्पदं दशाविपर्ययः' । यावदितोऽहमन्यमवकाशमवगाहिष्ये । (परिक्रम्यावलोक्य च) हन्त ! दृष्टमुपलक्षणं तस्या मार्गस्य ।

रक्तकदम्बः सोऽयं प्रियया घर्मान्तशंसि यस्यैकम् ।
कुसुममसमग्रकेसरविषममपि कृतं शिखाभरणम् ॥ ३३

(परिक्रम्य अवलोक्य च)

अये प्रियावामपादप्रियः अशोकः । भवतु अत्र प्रणयी भवामि—

रक्ताशोक ! कृशोदरी क्व नु गता त्यक्त्वानुरक्तं जनं

(पवनधूयमानमूर्धानमवलोक्य सक्रोधम्)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଏ ଯେଉଁ ନୀଳ, ଚିତ୍ରିତ ବର୍ଣ୍ଣର ମୃଗଟି ଦେଖାଯାଉଛି, ମନେ ହେଉଛି, ନବୀନ ସବୁଜ ତୃଣରାଜିକୁ ଦେଖିବାପାଇଁ ବନଲକ୍ଷ୍ମୀର ଏ କଟାକ୍ଷପାତ !

(ଚୃହିଁ) ଏ କଅଣ ମୋତେ ଅବଜ୍ଞା କରି ଭଳି ଅନ୍ୟ ଆଡ଼କୁ ମୁହଁ ବୁଲାଇ ନେଲା ! (ଦେଖିକରି)

ଏହା ନିକଟକୁ ଏକ ମୃଗୀ ଆସୁଛି । ସ୍ତନ୍ୟପାୟୀ ଶାବକଟିଏ ମୃଗୀର ଗତିରୋଧ କରୁଛି । ମୃଗ ଗ୍ରୀବା ଭଙ୍ଗି ଏକ ଲୟରେ ମୃଗୀକୁ ଚୃହିଁ ରହିଛି । ୩୧

[ପ୍ରକ୍ଷେପ—ଚର୍ଚ୍ଚରୀ—

ଜଘନଭର-ଅଲସ-ଗମନା, ପୃଥୁଳ ଉଚ୍ଚ-ଘନ-ସ୍ତନୀ, ଚିରଯୌବନ-ଶାଳିନୀ, କୃଶାଙ୍ଗୀ, ହଂସଗମନା, ମୃଗନୟନା, ଦେବାଙ୍ଗନା ଉର୍ବଶୀ ଏହି ଆକାଶ ତୁଲ୍ୟ ସ୍ୱଚ୍ଛବନରେ ଭ୍ରମଣ କରୁଥିବାର ତୁ ଯଦି ଦେଖିଛୁ,ତେବେ ମୋତେ ବିରହ ସମୁଦ୍ରରୁ ଉଦ୍ଧାର କର । ୨୭]

(ନିକଟକୁ ଯାଇ, ହାତ ଯୋଡ଼ି) ହେ ହରିଣୀପତି !

ତୁମେ ମୋ ପ୍ରିୟାକୁ ବନରେ ଦେଖିଛ କି ? ମୁଁ ମୋ ପ୍ରିୟାର ଲକ୍ଷଣ କହୁଛି, ଶୁଣ । ତୁମର ଏ ବିଶାଳନୟନା ସଙ୍ଗିନୀ (ହରିଣୀ) ଯେପରି ସୁନ୍ଦର ଭାବରେ ଚୃହେଁ, ମୋ ପ୍ରିୟା ସେହିପରି ସୁନ୍ଦର ଭାବରେ ଚୃହେଁ । ୩୨

କଅଣ ମୋ କଥାକୁ ଅନାଦର କରି ପତ୍ନୀ ଆଡ଼କୁ ମୁହଁ ବୁଲାଇ ନେଲା ! ହଁ, ଦଶା ବଦଳିଗଲେ ସବୁ ସ୍ଥାନରେ ଅନାଦର ମିଳେ । ତା'ହେଲେ ଏଠାରୁ ଅନ୍ୟ ସ୍ଥାନକୁ ଯିବି । (ପରିକ୍ରମା କରି ଓ ଚୃହିଁ) ହାୟ ! ସେ ଯେଉଁ ବାଟରେ ଯାଇଛି, ତାର ସୂଚନା ମିଳିଗଲା ।

ଏ ସେଇ ରକ୍ତକଦମ୍ବ ଗଛ, ଯାହାର ଗୋଟିଏ ଫୁଲକୁ ମୋ ପ୍ରିୟା ନିଜ ମସ୍ତକରେ ଖୋସିଦେଇଥିଲା । ଫୁଲଟି ଥିଲା ନିଦାଘ କାଳର ଅବସାନ-ସୂଚକ । ତାର ସବୁ କେଶର ପ୍ରସ୍ଫୁଟିତ ହୋଇ ନଥିଲା । ତେଣୁ ତାହା ଉଚ୍ଚମନ୍ଦ ଆକୃତିରେ ଥିଲା । ୩୩

(ପରିକ୍ରମା କରି ଓ ଚୃହିଁ)

ଆରେ ! ପ୍ରିୟାର ବାମପାଦ-ଲାଳସୀ ଅଶୋକ ବୃକ୍ଷଟିଏ ! ଆଚ୍ଛା, ଏହା ସହିତ ବନ୍ଧୁତା କରିବି ।

ହେ ରକ୍ତାଶୋକ ! ମୋଭଳି ଅନୁରକ୍ତ ଲୋକକୁ ଛାଡ଼ି ମୋର କୃଶୋଦରୀ ପ୍ରିୟା କୁଆଡ଼େ ଗଲା ?

(ଗଛର ଉପର ଭାଗ ପବନରେ ଦୋହଲୁଥିବାର ଦେଖି କ୍ରୋଧରେ)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

नो दृष्टेति मुधैव चालयसि किं वातावधूतं शिरः ।
उत्कण्ठाघटमानषट्पदघटासङ्घट्टदष्टच्छदस्
तत्पादाहतिमन्तरेण भवतः पुष्पोद्गमोऽयं कुतः ॥ ३४

भवतु । सुखमास्तां भवान् । (परिक्रम्यावलोक्य च)

किं नु खलु एतच्छिलाभेदगतं नितान्तरक्तमवलोक्यते ।

प्रभालेपी नायं हरिहतगजस्यामिषलवः
स्फुलिङ्गो वा नाग्नेर्गहनमभिवृष्टं यत इदम् ।
(विभाव्य)
अये रक्ताशोकप्रसवसमरागो मणिरयं
यमुद्धर्तुं पूषा व्यवसित इवालम्बितकरः ॥ ३५

अहो अयं हरति मे मनः । भवतु । आदास्ये तावदेनम् ।

प्रक्षेपः—(नेपथ्ये)

पणइणि-बद्धासाइअओ वाहाउल-णिअ-णअणओ ।
गअवइ गहणे दुहिअओ भमइ क्खामिअवअणओ ॥ २८
(प्रणयिनीबद्धाशः बाष्पाकुलनिजनयनः ।
गजपतिर्गहने दुःखितः भ्रमति क्षामितवदनः ॥)

(ग्रहणं नाटयति । द्विपदिकयोपसृत्य गृहीत्वाऽऽत्मगतम्) अथवा

मन्दारपुष्पैरधिवासितायां यस्याः शिखायामयमर्पणीयः ।
सैव प्रिया सम्प्रति दुर्लभा मे किमेनमस्रोपहतं करोमि ॥ ३६
(उत्सृजति)

(नेपथ्ये) वत्स ! गृह्यताम् ।

सङ्गमनीयो मणिरिह शैलसुताचरणरागयोनिरयम् ।
आवहति धार्यमाणः सङ्गममचिरात् प्रियजनेन ॥ ३७

राजा—(कर्णं दत्वा) को नु खलु मामेवमनुशास्ति । (अवलोक्य) अये ! अनुकम्पते मां कश्चिन्मृगचारी मुनिर्भगवान् । भगवन् ! अनुगृहीतोऽस्मि अहमुपदेशाद्भवतः । (मणिमादाय) हंहो सङ्गमनीय !

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

'ଦେଖିନାହିଁ' ବୋଲି କହି କାହିଁକି ବୃଥାରେ ପବନ କଂପିତ ମସ୍ତକକୁ ହଲାଉଛୁ ? ତୋ ଦେହରେ ଏଇ ଯେଉଁ ପୁଷ୍ପ ଉଦ୍‌ଭବ ହୋଇଛୁ, ଯେଉଁ ପୁଷ୍ପ ଉପରେ କି ମଧୁପାନ-ଉତ୍‌କଣ୍ଠାରେ ଦଳଦଳ ଭ୍ରମର ଉଡ଼ିଆସି ବସିବା ଫଳରେ ପୁଷ୍ପର ପାଖୁଡ଼ା ଗୁଡ଼ିକ ଖଣ୍ଡିତ ହୋଇଯାଉଛି. ମୋ ପ୍ରିୟା ପାଦପ୍ରହାର କରିନଥିଲେ ତୋର ଏ ପୁଷ୍ପ କ'ଣ ସମ୍ଭବ ହୋଇଥାନ୍ତା ? ୩୪

ହେଉ, ଆପଣ ସୁଖରେ ରହନ୍ତୁ । (ପରିକ୍ରମା କରି ଓ ଗୁହିଁ) ଏ ପଥର-ଫାଟ ଭିତରେ ଅତ୍ୟନ୍ତ ଲାଲ ରଙ୍ଗର କି ବସ୍ତୁଟି ଦେଖାଯାଉଛି ?

ଯେହେତୁ ଏଥିରୁ ଜ୍ୟୋତି ପ୍ରକାଶିତ ହେଉଛି, ତେଣୁ ଏହା ସିଂହ-ନିହତ ହସ୍ତୀର ମାଂସଖଣ୍ଡ ନୁହେଁ । ଏହା ଅଗ୍ନିର ସ୍ଫୁଲିଙ୍ଗ ମଧ୍ୟ ନୁହେଁ, ଯେ ହେତୁ ବନରେ ଏଇ ଲାଗେ ବର୍ଷା ହୋଇଯାଇଛି । (ଚିନ୍ତାକରି) ଆରେ ! ରକ୍ତାଶୋକ ପୁଷ୍ପ ସଦୃଶ ଲାଲ ରଙ୍ଗର ଏ ଗୋଟିଏ ମଣି, ଯାହାକୁ ଉଠାଇ ନେଇଯିବା ପାଇଁ ସୂର୍ଯ୍ୟ ନିଜର କିରଣ ରୂପକ ହସ୍ତ ବଢ଼ାଇ ଦେଇଛନ୍ତି ! ୩୫

ଓହୋ ! ଏହା ମୋର ମନକୁ ଆକର୍ଷଣ କରୁଛି । ତା'ହେଲେ ଏହାକୁ ଆଣିବି ।

[ପ୍ରକ୍ଷେପ—ନେପଥ୍ୟେ—

ଗଜରାଜ ପ୍ରଣୟିନୀଙ୍କୁ ପାଇବାର ଆଶାରେ, ଦୁଃଖିତ ଭାବରେ, ବାଷ୍ପାକୁଳ ନେତ୍ରରେ, ଝାଉଁଳା ମୁଖରେ, ବନରେ ବିଚରଣ କରୁଛି । ୨୮

(ମଣି ଉଠାଇ ନେବାର ଅଭିନୟ କଲେ । 'ଦ୍ୱିପଦିକା'ରେ ନିକଟକୁ ଆସି, ଉଠାଇ ନେଇ ସ୍ୱଗତ) ଅବା—

ଯାହାର ମନ୍ଦାର-ପୁଷ୍ପ-ସୁଗନ୍ଧିତ କେଶଗୁଚ୍ଛରେ ଏ ମଣି ଖଚିତ ହେବା କଥା, ମୋର ସେଇ ପ୍ରିୟା ତ ବର୍ତ୍ତମାନ ଦୁର୍ଲଭ ହୋଇ ଯାଇଛି । ଏ ମଣିକୁ ନେଇ କାହିଁକି ଅଶ୍ରୁଜଳରେ ଦୂଷିତ କରିବି ? ୩୬

(ଛାଡ଼ିଦେଲେ)

(ନେପଥ୍ୟେ) ବତ୍ସ ! ନିଅ, ନିଅ ।

ଭଗବତୀ ପାର୍ବତୀଙ୍କର ପାଦର ଅରୁଣିମାରୁ ଉତ୍ପନ୍ନ ଏ 'ସଙ୍ଗମନୀୟ' ନାମକ ମଣି । ଏହାକୁ ଧାରଣ କଲେ ପ୍ରିୟଜନ ସହିତ ଅବିଳମ୍ବେ ମିଳନ ଘଟିବ । ୩୭

ରାଜା—(କାନ ଡେରି) କିଏ ମୋତେ ଆଦେଶ ଦେଉଛନ୍ତି ? ଆହେ ! କେହି ଜଣେ ମୃଗ-ତୁଲ୍ୟ-ସରଳ-ସ୍ୱଭାବ ପରମପୂଜ୍ୟ ମୁନି ମୋ ପ୍ରତି ଅନୁକଂପା ଦେଖାଉଛନ୍ତି ! ହେ ପ୍ରଭୁ ! ଆପଣଙ୍କ ଉପଦେଶରେ ମୁଁ ଅନୁଗୃହୀତ ହେଲି । (ମଣି ନେଇ) ହେ ସଙ୍ଗମନୀୟ ମଣି !

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

तया वियुक्तस्य निमग्नमध्यया भविष्यसि त्वं यदि सङ्गमाय मे ।
ततः करिष्यामि भवन्तमात्मनः शिखामणिं बालमिवेन्दुमीश्वरः ॥३८

(परिक्रम्यावलोक्य च) अये ! किं नु खलु कुसुमरहितामपि लतामिमां पश्यतो मे मनो रमते । अथवा स्थाने मनोरमा ममेयम् । इयं हि—

तन्वी मेघजलार्द्रपल्लवतया धौताधरेवाश्रुभिः
शून्येवाभरणैः स्वकालविरहाद् विश्रान्तपुष्पोद्गमा ।
चिन्तामौनमिवास्थिता मधुलिहां शब्दैर्विना लक्ष्यते
चण्डी मामवधूय पादपतितं जातानुतापेव सा ॥ ३९

यावदस्यां प्रियानुकारिण्यां परिष्वङ्गप्रणयी भवामि ।

प्रक्षेपः—(चर्चरी)

लए पेक्ख विणु हिअएँ भमामि । जइ विहिजोएँ पुणि तहिं पाविमि ।
ता रण्णें विणु करमि णिभंती । पुणु णइ मेल्लुइँ ताह कअन्ती ॥ २९

(लते प्रेक्षस्व विना हृदयेन भ्रमामि । यदि विधियोगेन पुनस्तां प्राप्नोमि तदारण्येन विना करोमि निर्भ्रान्ति । पुनर्न प्रवेशयामि तां कृतान्ताम् ॥)

(उपसृत्य लतामालिङ्गति । ततः प्रविशति तत्स्थान एव उर्वशी ।)

राजा—(निमीलिताक्ष एव स्पर्शं रूपयित्वा ।) अये ! उर्वशीगात्रसंस्पर्शादिव निर्वृतं मे शरीरम् । तथापि नास्ति विश्वासः । कुतः

समर्थये यत् प्रथमं प्रियां प्रति
क्षणेन तन्मे परिवर्ततेऽन्यथा ।
अतो विनिद्रे सहसा विलोचने
करोमि न स्पर्शविभावितप्रियः ॥ ४०

(शनैश्चक्षुष्युन्मील्य) कथं सत्यमेव प्रियतमा । (मूर्च्छितः पतति)

उर्वशी—(बाष्पं विसृज्य) समस्ससदु समस्ससदु महाराओ ।
(समाश्वसितु समाश्वसितु महाराजः ।)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ମୋ କ୍ଷୀଣକଟୀ ପ୍ରିୟାଠାରୁ ମୁଁ ବିଚ୍ଛିନ୍ନ ହୋଇଛି । ତୁମେ ଯଦି ତା' ସହିତ ମୋର ମିଳନ ଘଟାଇ ଦେଇପାରିବ, ତେବେ ଶିବ ଯେପରି ବାଳଚନ୍ଦ୍ରକୁ ଶିରୋଭୂଷଣ କରନ୍ତି, ମୁଁ ସେହିପରି ତୁମକୁ ମୋର ଶିରୋ-ଭୂଷଣ କରିବି । ୩୮

(ପରିକ୍ରମା କରି ଓ ଚିନ୍ତି) ଆରେ ! ଏ ଲତାଟିରେ ଫୁଲ ନଥିଲେ ମଧ୍ୟ ଏହାକୁ ଦେଖି ମୋ ମନ କାହିଁକି ଉତ୍‌ଫୁଲ୍ଲ ହୋଇ ଉଠୁଛି ! ହଁ, ଏ ଯେ ମୋତେ ଖୁବ୍ ପ୍ରିୟ ବୋଧ ହେଉଛି, ତାହା ଯଥାର୍ଥ । କାରଣ—

ଏ ଲତାଟି କୃଶାଙ୍ଗୀ, ମେଘ ଜଳରେ ଏହାର ପଲ୍ଲବ ଧୌତ ହୋଇଛି । ମନେ ହେଉଛି, ମୋ ପ୍ରିୟାର ଅଧର ହିଁ ଅଶ୍ରୁଜଳରେ ଧୌତ ହୋଇଛି ! ଋତୁ ସମସ୍ତ ବିତିଯାଇଥିବାରୁ ଏହା ଦେହରେ ଆଉ ଫୁଲ ଫୁଟୁ-ନାହିଁ । ମନେ ହେଉଛି, ମୋ ପ୍ରିୟା ହିଁ ଆଭରଣହୀନା ହୋଇଯାଇଛି ! ଭ୍ରମରଗଣ ଏହା ନିକଟରେ ଗୁଞ୍ଜନ କରୁନାହାନ୍ତି । ମନେ ହେଉଛି, ମୋର ପ୍ରିୟା ହିଁ ମୌନ ହୋଇ ରହିଛି ! ଏହିପରି ମୋର କୁପିତା ପ୍ରିୟା ସତେ ଯେପରି ତା' ପାଦ ତଳେ ମୋର ପ୍ରଣତିକୁ ଉପେକ୍ଷା କରି, ପରେ ଅନୁତାପ କରୁଛି । ୩୯

ତା'ହେଲେ ମୋର ପ୍ରିୟାସଦୃଶୀ ଏହି ଲତାକୁ ଆଲିଙ୍ଗନ କରିବି ।

[ପ୍ରକ୍ଷେପ—ଚର୍ଚ୍ଚରୀ—

ଗୋ ଲତା ! ଦେଖ, ମୁଁ ମୋ ହୃଦୟକୁ ହରାଇ ବୁଲୁଛି । ଯଦି ଦୈବଯୋଗରେ ତାକୁ ପାଇବି, ତା'ହେଲେ ଅରଣ୍ୟରେ ଆଉ ବୁଲିବି-ନାହିଁ କି ସେହି ନଷ୍ଟୁରହୃଦୟାକୁ ଆଉ ଅରଣ୍ୟକୁ ଆଣିବି ନାହିଁ । ୨୯]

(ନିକଟକୁ ଯାଇ ଲତାକୁ ଆଲିଙ୍ଗନ କଲେ । ସେହି ସ୍ଥାନରେ ଉର୍ବଶୀଙ୍କର ଆବିର୍ଭାବ ।)

ରାଜା—(ଆଖି ବୁଜି ରହି, ସ୍ପର୍ଶ ଅନୁଭବ କରି) ଆହା ! ଉର୍ବଶୀର ଅଙ୍ଗ ସ୍ପର୍ଶ କଲା ପରି ମୋର ଶରୀର ଶାନ୍ତି ଲଭ କରୁଛି ! ତଥାପି ମୋର ବିଶ୍ୱାସ ହେଉ-ନାହିଁ । କାରଣ—

ମୁଁ ଯାହାକୁ ପ୍ରିୟାର ସମ୍ପର୍କିତ ବୋଲି ମନେ କରୁଛି, ସେ ପର କ୍ଷଣରେ ଅନ୍ୟ ପ୍ରକାର ହୋଇ ଯାଉଛି । ତେଣୁ, ମୁଁ ପ୍ରିୟାର ସ୍ପର୍ଶ ସୁଖ ଅନୁଭବ କରୁଥିବା ବେଳେ ସହସା ଚକ୍ଷୁ ଖୋଲିବି ନାହିଁ । ୪୦

(ଧୀରେ ଧୀରେ ଚକ୍ଷୁ ଖୋଲି) କଅଣ ! ସତରେ ପ୍ରିୟତମା !!

(ମୂର୍ଚ୍ଛିତ ହୋଇ ପଡ଼ିଗଲେ)

ଉର୍ବଶୀ—(କାନ୍ଦି କାନ୍ଦି) ଧୈର୍ଯ୍ୟ ଧରନ୍ତୁ, ଧୈର୍ଯ୍ୟ ଧରନ୍ତୁ ମହାରାଜ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

राजा—(संज्ञां लब्ध्वा) प्रिये ! अद्य जीवितम् ।

त्वद् वियोगोद्भवे तन्वि मया तमसि मज्जता ।
दिष्ट्या प्रत्युपलब्धासि चेतनेव गतासुना ॥ ४१

उर्व०—अब्भंतरकरणाए मए पच्चक्खीकिदवुत्तन्तो क्खु महाराओ ।
(अभ्यन्तरकरणया मया प्रत्यक्षीकृतवृत्तान्तः खलु महाराजः ।)

राजा— अभ्यन्तरकरणयेति न खलु ते वचनार्थमवैमि ।

उर्व०—कहइस्सं । इदं दाव पसीददु महाराओ जं मए कोववसं गदाए एदं अवत्थंतरं पाविदो महाराओ । (कथयिष्यामि । एतत् तावत् प्रसीदतु महाराजो यन्मया कोपवशं गतया एतदवस्थान्तरं प्रापितो महाराजः ।)

राजा—कल्याणि ! न तावदहं प्रसादयितव्यः । त्वद्दर्शनादेव प्रसन्न-बाह्यान्तःकरणोऽन्तरात्मा । तत् कथय कथमियन्तं कालम-वस्थिता मया विना भवती ।

प्रक्षेपः—(चर्चरी)

मोरा परहुउ हंसु रहंगउ अलि गउ पव्वउ सरिउ कुरंगउ ।
तुज्झह करणे रण्णभमंते को ण हु पुच्छिउ मइँ रोअंते ॥ ३०
(मयूरः परभृतो हंसो रथाङ्गः अलिर्गजः पर्वतः सरित्कुरङ्गमः ।
तव कारणेनारण्ये भ्रमता को न खलु पृष्टो मया रुदता ॥)

उर्व०—एव्वं अंतक्करणपच्चक्खीकिदुवुत्तंतो महाराओ ।
(एवमन्तःकरणप्रत्यक्षीकृतवृत्तान्तो महाराजः ।)

राजा—प्रिये ! अन्तःकरणमिति न खल्ववगच्छामि ।

उर्व०—सुणादु महाराओ । पुरा भअवदा कुमारेण सासदं कुमारवदं गेण्हिअ अकलुसो णाम गंधमादणकच्छो अज्झासीदो । किदो अ एस विही । (शृणोतु महाराजः । पुरा भगवता कुमारेण शाश्वतं कुमारव्रतं गृहीत्वा अकलुषो नाम गन्धमादनकच्छोऽ-ध्यासितः । कृतश्चैष विधिः—)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରାଜା—(ସଂଜ୍ଞା ଲାଭ କରି) ପ୍ରିୟେ ! ଆଜି ଜୀବନ ମିଳିଲା ।

ଗୋ ତନ୍ୱୀ ! ତୁମର ବିଚ୍ଛେଦ ଜନିତ ଅନ୍ଧକାରରେ ମୁଁ ବୁଡ଼ି ରହିଥିଲି । ମୃତ ବ୍ୟକ୍ତି ଚେତନା ପାଇଲା ପରି ମୁଁ ଭାଗ୍ୟ ବଳରେ ତୁମକୁ ଫେରି ପାଇଛି । ୪୧

ଉର୍ବଶୀ—ମୁଁ ଲତା ରୂପରେ ପରିଣତ ହୋଇଥିଲେ ମଧ୍ୟ ମୋର ଅଭ୍ୟନ୍ତର ଇନ୍ଦ୍ରିୟ ଦ୍ୱାରା ମହାରାଜଙ୍କର ବୃତ୍ତାନ୍ତ ସବୁ ଜାଣି ପାରୁଥିଲି ।

ରାଜା—'ଅଭ୍ୟନ୍ତର-ଇନ୍ଦ୍ରିୟ ଦ୍ୱାରା' ଏ କଥାର ଅର୍ଥ ମୁଁ ବୁଝି ପାରୁନାହିଁ !

ଉର୍ବଶୀ—କହିବି, ଆଗେ ମହାରାଜ ମୋତେ କ୍ଷମା କରନ୍ତୁ । ଯେ ହେତୁ ମୁଁ କ୍ରୋଧର ଆବେଗରେ ମହାରାଜଙ୍କୁ ଏଭଳି ଅବସ୍ଥାରେ ପକାଇଲି ।

ରାଜା—କଲ୍ୟାଣି ! ମୋତେ ପ୍ରୀତ କରିବାର ଆବଶ୍ୟକତା ନାହିଁ । ତୁମକୁ ଦେଖିବା ମାତ୍ରେ ହିଁ ମୋର ବାହାର ତଥା ଭିତର ଇନ୍ଦ୍ରିୟଗଣଙ୍କ ସହିତ ଅନ୍ତରାତ୍ମା ପ୍ରୀତ ହୋଇଗଲଣି । ତେବେ ବର୍ତ୍ତମାନ କୁହ, ମୋତେ ଛାଡ଼ି ଏତେ ସମୟ ଧରି ତୁମେ କପରି ରହିଲ ?

[ପ୍ରକ୍ଷେପ—ଚର୍ଚ୍ଚରୀ—

ତୁମ ପାଇଁ ମୁଁ ବନରେ ବୁଲି ବୁଲି, କାନ୍ଦି କାନ୍ଦି, ମୟୂର, କୋକିଳ, ହଂସ, ଚକ୍ରବାକ, ଭ୍ରମର, ହସ୍ତୀ, ପର୍ବତ, ନଦୀ, ମୃଗ, କାହାକୁ ବା ମୁଁ ତୁମ କଥା ନ ପଚାରିଛି ? ୩୦]

ଉର୍ବଶୀ—ହଁ, ମୁଁ ମୋ ଅଭ୍ୟନ୍ତର-ଇନ୍ଦ୍ରିୟ ଦ୍ୱାରା ମହାରାଜଙ୍କୁ ସେଇଭଳି ଦେଖିଛି ।

ରାଜା—ପ୍ରିୟେ ! 'ଅଭ୍ୟନ୍ତର ଇନ୍ଦ୍ରିୟ'—ଏ କଥାରୁ ମୁଁ କିଛି ବୁଝିପାରୁ ନାହିଁ ।

ଉର୍ବଶୀ—ଶୁଣନ୍ତୁ ମହାରାଜ, ପୂର୍ବକାଳରେ ଭଗବାନ୍ କାର୍ତ୍ତିକେୟ ଚିରକୁମାର ବ୍ରତ ଗ୍ରହଣ କରି ଗନ୍ଧମାଦନ ପର୍ବତର 'ଅକଲୁଷ' ନାମକ ସୀମାଭାଗକୁ ନିଜର ବାସସ୍ଥାନ କରି ଏଇ ନିୟମ କରିଦେଲେ ଯେ—

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

राजा—क इव ?

उर्व०—जा किल इत्थिआ इमं पदेसं पविसदि सा लदाभावेण परिणमस्सदि त्ति। किदो अ अअं सावांतो 'गोरीचरणराअसंभवं मणिं विणा तदो ण मुच्चिस्सदि' त्ति। तदो अहं गुरुसावसंमूढहिअआ देवदा-समअं विसुमरिअ अगहिदाणुणआ इत्थिआजणपरिहरणिज्जं कुमारवणं पविट्ठा। पवेसाणन्दरं एव्व अ काणणोवंतवत्तिवासंतीलदाभाएण परिणदं रूवं। (या किल स्त्री इमं प्रदेशं प्रविशति सा लताभावेन परिणंस्यतीति। कृतश्चायं शापांतः गौरीचरणरागसंभवं मणिं विना ततो न मोक्ष्यत इति। ततोऽहं गुरुशापसंमूढहृदया देवतासमयं विस्मृत्य अगृहीतानुनया स्त्रीजनपरिहरणीयं कुमारवनं प्रविष्टा। प्रवेशानन्तरमेव च काननोपान्तवर्तिवासन्तीलताभावेन परिणतं मे रूपम्।)

राजा—प्रिये ! सर्वमुपपन्नम्॥

श्रमखेदसुप्तमपि मां शयने या मन्यसे प्रवासगतम्।
सा त्वं प्रिये ! सहेथाः कथं मदीयं चिरवियोगम्॥ ४२

इदं तद् यथाकथितं त्वत्सङ्गमनिमित्तं पुनरुपलभ्य मणिप्रभावादासादिता त्वमस्माभिः। (मणिं दर्शयति)

उर्व०—अम्मो संगमणीओ अअं मणी। अदो क्खु महाराएण आलिंगिदमेत्त ज्जेव्व पकिदित्थ म्हि संवुत्ता। (अहो ! सङ्गमनीयोऽयं मणिः। अतः खलु महाराजेनालिङ्गितमात्रैव प्रकृतिस्थास्मि संवृत्ता।)

(मणिमादाय मूर्धनि वहति)

राजा—एवमेव सुन्दरि ! क्षणमात्रं स्थीयताम।

स्फुरता विच्छुरितमिदं रागेण मणेर्ललाटनिहितस्य।
श्रियमुद्वहति मुखं ते बालातपरक्तकमलस्य॥ ४३

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରାଜା—କି ନିୟମ ?

ଉର୍ବଶୀ—ଯେଉଁ ସ୍ତ୍ରୀ ଏ ସ୍ଥାନରେ ପ୍ରବେଶ କରିବ, ସେ ଲତା ପାଲଟିଯିବ ଏବଂ ମାଆ ପାର୍ବତୀଙ୍କ ପାଦର ଅରୁଣିମାରୁ ଉତ୍ପନ୍ନ ମଣି ବିନା ସେ ଶାପରୁ ଉଦ୍ଧାର ପାଇପାରିବ ନାହିଁ । ଗୁରୁଙ୍କ ଶାପରୁ ତ ମୋର ମନ ବିମୂଢ଼ ହୋଇଯାଇଥିଲା । ମୁଁ ଏଇ ଦେବନିୟମକୁ ଭୁଲିଯାଇ, ଆପଣଙ୍କର ଅନୁନୟ ବିନୟକୁ ଗ୍ରହଣ ନ କରି କାର୍ତ୍ତିକେୟଙ୍କ ବନ ଭିତରକୁ ପଶି ଆସିଲି, ଯେଉଁ ବନ କି ସ୍ତ୍ରୀଲୋକମାନଙ୍କ ପକ୍ଷରେ ବର୍ଜନୀୟ । ପ୍ରବେଶ କଲି ମାତ୍ରେ ବନସୀମାରେ ଏକ ବାସନ୍ତୀ ଲତାରୂପରେ ପରିଣତ ହୋଇଗଲି ।

ରାଜା—ପ୍ରିୟେ, ଠିକ୍ କଥା କହିଲ । ତା ନ ହୋଇଥିଲେ ଏତେ ଦୀର୍ଘ ସମୟର ବିଚ୍ଛେଦକୁ ତୁମେ କିପରି ସହି ଥାଆନ୍ତ । ମୁଁ ଶ୍ରମରେ କ୍ଳାନ୍ତ ହୋଇ ଶୋଇ-ପଡ଼ିଲେ ତୁମେ ମନେ କର ଯେ ମୁଁ ପ୍ରବାସକୁ ଚାଲିଯାଇଛି ।

ତୁମେ ଯେଉଁ ମଣି କଥା କହିଲ, ଏ ସେଇ ସଙ୍ଗମନୀୟ ମଣି । ଏହାକୁ ପାଇଲି ପରେ, ଏହାର ପ୍ରଭାବରୁ ମୁଁ ତୁମକୁ ପାଇଲି ।

(ମଣି ଦେଖାଇଲେ)

ଉର୍ବଶୀ—ଅହୋ ! ଏ ହେଉଛି ସଙ୍ଗମନୀୟ ମଣି । ଏହାର ଯୋଗୁଁ, ମହାରାଜ ମୋତେ ଆଲିଙ୍ଗନ କଲାମାତ୍ରେ ମୁଁ ନିଜ ରୂପ ଲାଭ କଲି ।

(ମଣିକୁ ନେଇ ମସ୍ତକ ଉପରେ ରଖିଲେ)

ରାଜା—ସୁନ୍ଦରୀ ! ତୁମେ ଏଇପରି କିଛି ସମୟ ଠିଆ ହୁଅ ।

ତୁମ ମସ୍ତକ ଉପରେ ଥିବା ଏଇ ଉଜ୍ଜ୍ୱଳ ମଣିର ଲାଲ ରଶ୍ମି ଦ୍ୱାରା ତୁମ ମୁଖ ରଂଜିତ ହୋଇ ବାଲ-ସୂର୍ଯ୍ୟ-କିରଣ-ରଂଜିତ ପଦ୍ମର ଶୋଭା ଧାରଣ କରୁ । ୪୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

उर्व०—पिअंवद ! महंतो क्खु कालो तुए पइट्ठाणदो णिग्गदस्स । कदाइ असूइस्संति मं पकिदीओ । ता एहि णिवुत्तम्ह । (प्रियम्वद ! महान् खलु कालस्तव प्रतिष्ठानान्निर्गतस्य । कदाचिदसूयिष्यन्ति मह्यं प्रकृतयः । तदेहि निवर्तावहे ।)

राजा—यदाह भवती । (उत्तिष्ठतः ।)

उर्व०—अध कधं महाराओ गन्तुं इच्छदि । (अथ कथं महाराजो गन्तुमिच्छति ।)

राजा— अचिरप्रभाविलसितैः पताकिना
सुरकार्मुकाभिनवचित्रशोभिना ।
गमितेन खेलगमने ! विमानतां
नय मां नवेन वसतिं पयोमुचा ॥ ४४

(निष्क्रान्तौ)

प्रक्षेपः—(नेपथ्ये चर्चरी)

पाविअसहअरिसंगमओ पुलअपसाहिअअंगओ ।
सेच्छापत्तविमाणओ विहरइ हंसजुआणओ ॥ ३१

(प्राप्तसहचरीसङ्गः पुलकप्रसाधिताङ्गः ।
स्वेच्छाप्राप्तविमानो विहरति हंसयुवा ॥)

इति चतुर्थोऽङ्कः ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଉର୍ବଶୀ—ହେ ପ୍ରିୟମ୍ବଦ ! ପ୍ରତିଷ୍ଠାନ ନଗରରୁ ଆପଣଙ୍କ ଆସିବାର ଦୀର୍ଘ କାଳ ହୋଇଗଲାଣି । ବୋଧହୁଏ ପ୍ରଜାମାନେ ମୋତେ ଗାଳି ଦେଉଥିବେ । ତେଣୁ ଆସନ୍ତୁ ଫେରିଯିବା ।

(ଦୁହେଁ ଉଠିଲେ)

ଉର୍ବଶୀ—ତା'ହେଲେ ମହାରାଜ କିପରି ଯିବାକୁ ଚାହୁଁଛନ୍ତି ?

ରାଜା—ଗୋ ରୁଚିରଗମନା ! ନବୀନ ମେଘ ବିମାନ ହେଉ, ବିଜୁଳିର ପ୍ରଭା ସେଥିରେ ପତାକା ହେଉ, ଇନ୍ଦ୍ରଧନୁର ଅଭିନବ ଚିତ୍ରରେ ତାହା ଶୋଭିତ ହେଉ, ଏହିଭଳି ବିମାନରେ ମୋତେ ତୁମେ ରାଜଧାନୀକୁ ନେଇ ଚାଲ । ୪୪

(ପ୍ରସ୍ଥାନ କଲେ)

[ପ୍ରକ୍ଷେପ—ନେପଥ୍ୟେ ଚର୍ଚ୍ଚରୀ—

ହଂସଯୁବା ନିଜ ପ୍ରଣୟିନୀ ସହିତ ମିଳିତ ହୋଇଛି । ଇଚ୍ଛାନୁରୂପ ବିମାନ ଲାଭ କରି, ପୁଲକିତ ଶରୀରରେ ବିହାର କରୁଛି । ୩୧]

ଚତୁର୍ଥ ଅଙ୍କ ସମାପ୍ତ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

अथ पञ्चमोऽङ्कः

(प्रवेशकः)

(ततः प्रविशति हृष्टो विदूषकः)

विदू०—ही ही भो दिट्ठिआ चिरस्स कालस्स उव्वसीसहाओ णंदणवणप्पमुहेसु देवदारण्णेसु विहरिअ पडिणिवुत्तो पिअवअस्सो। पविसिअ णअरं दाणिं ससक्कारोवआरेहिं पकिदीहिं अणुरज्जंतो रज्जं करेदि। असंताणत्तणं वज्जिअ ण किंवि से सोअणीअं। अज्ज तिहि विसेसो त्ति भअवदीणं गंगाजउणाणं संगमे देवीहिं सह किदाहिसेओ संपदं उवआरिअं पविट्ठो। ता जाव तत्तभवदो अलंअरीअमाणस्स अणुलेवणमल्ले अग्गभागी होमि।

(ही ही भोः दिष्ट्या चिरस्य कालस्योर्वशीसहायो नन्दनवनप्रमुखेषु देवतारण्येषु विहृत्य प्रतिनिवृत्तः। प्रविश्य नगरमिदानीं ससत्कारोपचारैः प्रकृतिभिरनुरज्यमानो राज्यं करोति। असन्तानत्वं वर्जयित्वा न किमप्यस्य शोचनीयम्। अद्य तिथिविशेष इति भगवत्योर्गङ्गायमुनयोः सङ्गमे देवीभिः सह कृताभिषेकः साम्प्रतमुपकार्यां प्रविष्टः। तद् यावत् तत्रभवतोऽलंक्रियमाणस्यानुलेपमाल्येऽग्रभागी भवामि।) (परिक्रामति)

(नेपथ्ये)

हद्धी हद्धी। दुउलुत्तरच्छदे तालवेण्टाधारे णिक्खिविअ णीअमाणो मए भट्टिणो अब्भंतर-विलासिणी-मोलि-रअण-जोग्गो मणी आमिससंकिणा गिद्धेण अक्खित्तो। (हा धिक् हा धिक् !! दुकूलोत्तरच्छदे तालवृन्ताधारे निक्षिप्य नीयमानो मया, भर्तुरभ्यन्तरविलासिनीमौलिरत्नयोग्यो मणिरामिषशङ्किना गृध्रेणाक्षिप्तः।)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ପଞ୍ଚମ ଅଙ୍କ

(ପ୍ରବେଶକ)

(ଆନନ୍ଦିତ ମନରେ ବିଦୂଷକଙ୍କର ପ୍ରବେଶ)

ବିଦୂ—ହୋ ହୋ ! ଆନନ୍ଦର କଥା । ଉର୍ବଶୀଙ୍କ ସହିତ ନନ୍ଦନବନ ପ୍ରଭୃତି ଦେବ-ଉପବନମାନଙ୍କରେ ଦୀର୍ଘ ସମୟ ବିହାର କରି ପ୍ରିୟବନ୍ଧୁ ଫେରି-ଆସିଛନ୍ତି । ନଗରରେ ପ୍ରବେଶ କରି ପ୍ରଜାମାନଙ୍କଠାରୁ ପୂଜା-ଅଭ୍ୟର୍ଥନା ଗ୍ରହଣ କରି ସେ ଆନନ୍ଦରେ ରାଜତ୍ୱ କରୁଛନ୍ତି । କେବଳ ସନ୍ତାନ ଅଭାବ ଛଡ଼ା ତାଙ୍କର ଆଉ କୌଣସି ବିଷୟରେ ଅଭାବ ନାହିଁ । ଆଜି ଗୋଟିଏ ପର୍ବଦିନ ହେତୁ ପ୍ରିୟବନ୍ଧୁ ଗଙ୍ଗା ଯମୁନାର ସଙ୍ଗମଠାରେ ରାଣୀମାନଙ୍କ ସହିତ ସ୍ନାନ ସାରି ବର୍ତ୍ତମାନ ଶିବିର ଭିତରକୁ ପ୍ରବେଶ କରିଛନ୍ତି । ତେଣୁ ଯାଉଛି, ସେ ବେଶଭୂଷା ଗ୍ରହଣ କରୁଥିଲା ବେଳେ ମୁଁ ତାଙ୍କର ଅଙ୍ଗରାଗ, ପୁଷ୍ପମାଳା ପ୍ରଭୃତିରେ ଭାଗୀ ହେବି । (ପରିକ୍ରମା କଲେ)

(ନେପଥ୍ୟ)

ହାୟ ! ହାୟ ! ବିଞ୍ଚଣା ଉପରେ ଉତ୍ତରୀ ପକାଇ ତା'ଉପରେ ମହାରାଜାଙ୍କ ଅନ୍ତଃପୁରର ରାଣୀମାନଙ୍କ ଭୂଷଣଯୋଗ୍ୟ ଗୋଟିଏ ମଣିକୁ ପରିଜନମାନେ ନେଉଥିଲେ । ଗୋଟାଏ ଶାଗୁଣା ତାହାକୁ ମାଂସ ଖଣ୍ଡ ବୋଲି ମନେ କରି ହଠାତ୍ ଉଡ଼ିଆସି ଝାମ୍ପି ନେଇଗଲା !

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

विदू०—(कर्णं दत्त्वा) अच्चाहिदं अच्चाहिदं। परं वहुमदो क्खु सो वअस्सस्स संगमणीओ णाम चूणामणी। अदो क्खु असमत्त-णेवच्छो एव्व तत्तभवं आसणादो उट्ठिअ इदो आअच्छदि। जाव णं उवसप्पामि। (अत्याहितमत्याहितम्। परमवहुमतः खलु स वयस्यस्य सङ्गमनीयो नाम चूडामणिः। अतः खल्वसमाप्त-नेपथ्य एव तत्रभवानासनादुत्थाय इत आगच्छति। यावदेनमुपसर्पामि।)

इति प्रवेशकः।

(ततः प्रविशति सावेगपरिजनो राजा)

राजा—आत्मनो वधमाहर्त क्वासौ विहग-तस्करः।
येन तत्प्रथमं स्तेयं गोप्तुरेव गृहे कृतम्॥ १

किराती—एसो एसो क्खु मुहकोट्टि-लग्गहेमसुत्तेण मणिणा आलिहंतो विअ आआसं पडिब्भमदि। (एष एष खलु मुखकोटिलग्नहेम-सूत्रेण मणिना आलिखन्निव आकाशं परिभ्रमति।)

राजा—पश्यास्येनम्—

असौ मुखालम्बितहेमसूत्रं बिभ्रन्मणिं मण्डलचारशीघ्रः।
अलातचक्रप्रतिमं विहङ्गस्तद्रागलेखावलयं तनोति॥ २

किं नु खल्वत्र कर्तव्यम्।

विदू०—(उपेत्य) भो अलं एत्थ घिणाए। अवराही सासणीओ।
(भोः! अलमत्र घृणया। अपराधी शासनीयः।)

राजा—सम्यगाह भवान्। धनुर्धनुस्तावत्।

यवनी—एसा आणइस्सं। (एषा आनेष्यामि।) (निष्क्रान्ता)

राजा—वयस्य! न दृश्यते स विहगाधमः। क्व नु खलु गतः।

विदू०—भो! इदो दक्खिणंतेण स सउणिहदासो।
(भोः! इतो दक्षिणान्तेन स शकुनिहताशः।)

राजा—(परिवृत्यावलोक्य च।) दृष्ट इदानीम्—

प्रभापल्लवितेनासौ करोति मणिना खगः।
अशोकस्तबकेनेव दिङ्मुखस्यावतंसकम्॥ ३

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବିଦୂ—(କାନ ଡେରି) ଘୋର ଦୁଃଖର ବିଷୟ । ଘୋର ଦୁଃଖର ବିଷୟ ! ସେହି 'ସଙ୍ଗମନୀୟ' ମଣିଟି ପ୍ରିୟବନ୍ଧୁଙ୍କର ଅତି ଆଦରର ମସ୍ତକମଣି । ତେଣୁ ପ୍ରିୟବନ୍ଧୁ ବେଶଭୂଷା ପୂରା ପରିଧାନ ନ କରିଥିଲେ ମଧ୍ୟ ଆସନରୁ ଉଠି ଏଣିକି ଆସୁଛନ୍ତି । ତା' ହେଲେ ମୁଁ ତାଙ୍କ ପାଖକୁ ଯାଏଁ ।

(ପ୍ରବେଶକ ଶେଷ)

(ତା'ପରେ ଉଦ୍‌ବିଗ୍ନ ଭାବରେ ରାଜାଙ୍କର ପ୍ରବେଶ । ସଙ୍ଗରେ ପରିଜନବର୍ଗ)

ରାଜା—ମୋ ଭଲ ରକ୍ଷକର ଗୃହରୁ ଯାହାଦ୍ୱାରା ପ୍ରଥମ ଥର ପାଇଁ ଚୋରି ହେଲା, ସେଇ ତସ୍କର ପକ୍ଷୀ କାହିଁ ? ସେ ଏଭଳି କାର୍ଯ୍ୟ କରି ନିଜେ ନିଜର ମୃତ୍ୟୁକୁ ଡ଼ାକି ଆଣିଛି । ୧

କିରାତ—ଏଇ ! ଏଇ ! ସୁନା ସୂତାରେ ଲଟକିଥିବା ମଣିକୁ ଥଣ୍ଟରେ ଧରି ସେହି ପକ୍ଷୀ ଆକାଶକୁ ରେଖାଙ୍କିତ କଲା ପରି ଉଡିଯାଉଛି ।

ରାଜା—ହିଁ, ମୁଁ ତାକୁ ଦେଖି ପାରୁଛି ।

ସେ ପକ୍ଷୀ ସୁନାସୂତାରେ ବନ୍ଧା ହୋଇଥିବା ମଣିକୁ ଥଣ୍ଟରେ ଧରି, ଦ୍ରୁତ ବେଗରେ ମଣ୍ଡଳାକାରରେ, ଜ୍ୱଳନ୍ତ କାଷ୍ଠର ବଳୟ ପରି ମଣିର ଲାଲବର୍ଣ୍ଣ ରଶ୍ମି ବଳୟକୁ ପ୍ରସାରିତ କରି ଉଡ଼ିଯାଉଛି । ୨

ବର୍ତ୍ତମାନ କଅଣ କରିବାକୁ ହେବ ?

ବିଦୂ—(ନିକଟକୁ ଆସି) ଆହେ ! ଦୟା କରିବା ଅନୁଚିତ । ଦୋଷୀକୁ ଦଣ୍ଡ ଦେବାକୁ ହେବ ।

ରାଜା— ଠିକ୍ କହିଲ । ଧନୁ ଆଣ, ଧନୁ !

ଯବନୀ—ଏଇ ଆଣୁଛି । (ଚାଲିଗଲା)

ରାଜା —ବନ୍ଧୁ ! ସେ ଅଧମ ପକ୍ଷୀ ଆଉ ଦେଖା ଯାଉନାହିଁ । କୁଆଡେ ଗଲା ?

ବିଦୂ—ଆହେ ! ସେ ଦୁଷ୍ଟ ପକ୍ଷୀ ଦକ୍ଷିଣ ଦିଗକୁ ଗଲା ।

ରାଜା —(ମୁହଁ ବୁଲାଇ, ଚାହିଁ) ବର୍ତ୍ତମାନ ଦେଖାଗଲା ।

ଏ ପକ୍ଷୀ ପ୍ରଭାପୁଞ୍ଜମୟ ମଣିଦ୍ୱାରା—ସତେ ଯେପରି ଅଶୋକ ପୁଷ୍ପ ସ୍ତବକ ରୂପକ କର୍ଣ୍ଣଭୂଷଣ ଦ୍ୱାରା—ଦିଗ୍‌ବଧୂ ମୁଖକୁ ଭୂଷିତ କରୁଅଛି । ୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

यवनी—(चापहस्ता प्रविश्य ।) भट्टा ! एदं हत्थावाव-सहिदं सरासणं ।
(भर्तः ! एतद् हस्तावापसहितं शरासनम् ।)

राजा—किमिदानीं शरासनेन । बाणपथमतीतः स क्रव्यभोजनः ।
तथा हि—

आभाति मणिविशेषो दूरमिदानीं पतत्त्रिणा नीतः ।
नक्तमिव लोहिताङ्गः परुषघनच्छेदसंयुक्तः ॥ ४

(कञ्चुकिनं विलोक्य) आर्य लातव्य !

कञ्चुकी—आज्ञापयतु देवः ।

राजा—मद्वचनादुच्यन्तां नागरकाः । सायं निवासवृक्षाश्रयी विचीयतां स विहगदस्युरिति ।

कञ्चुकी—यदाज्ञापयति देवः । (निष्क्रान्तः)

विदू०—भो ! उवविसदु भवं संपदं । कहिं गदो सो रअणकुंभीलओ भवदो सासणादो मुच्चिस्सदि । (भोः ! उपविशतु भवान् साम्प्रतम् । क्व गतः स रत्नकुम्भीलको भवतः शासनान्मोक्ष्यते ।)

राजा—(विदूषकेण सहोपविश्य) वयस्य—

रत्नमिति न मे तस्मिन् मणौ प्रियत्वं विहङ्गमाऽऽक्षिप्ते ।
प्रियया तेनास्मि सखे सङ्गमनीयेन सङ्गमितः ॥ ५

विदू०—णं परिगदत्थो म्हि किदो भवदा ।
(ननु परिगतार्थोऽस्मि कृतो भवता ।)

(ततः प्रविशति सशरं मणिमादाय कञ्चुकी)

कञ्चुकी—जयतु जयतु देवः ।

अनेन निर्भिन्नतनुः स वध्यो रोषेण ते मार्गणतां गतेन ।
प्राप्तापराधोचितमन्तरिक्षात् समौलिरत्नः पतितः पतत्री ॥ ६

(सर्वे विस्मयं रूपयन्ति)

कञ्चुकी—अद्भिः प्रक्षालितोऽयं मणिः कस्मै प्रदीयताम् ।

राजा—वेधक ! गच्छ । अग्निशुद्धमेनं कृत्वा पेटकं प्रवेशय ।

किरातः—जं भट्टा आणवेदि । (यद् भर्ताज्ञापयति ।)
(मणिं गृहीत्वा निष्क्रान्तः)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଯବନୀ (ହାତରେ ଧନୁ ଧରି ପ୍ରବେଶ କରି) ମହାରାଜ ! ଏଇ ହସ୍ତତ୍ରାଣ, ଆଉ ଧନୁ ।

ରାଜା—ଧନୁରେ ବା ବର୍ତ୍ତମାନ କ'ଣ କରିହେବ ? ସେ ମାଂସଭୋଜୀ ପକ୍ଷୀ ଶର-ପଥକୁ ଅତିକ୍ରମ କରି ଗଲାଣି ।

ପକ୍ଷୀ ମଣିକୁ ବହୁ ଦୂରକୁ ନେଇଗଲାଣି । ରାତିରେ ଘନ ବାଦଲ ଭିତରେ ମଙ୍ଗଳଗ୍ରହ ଯେପରି ଦେଖାଯାଏ, ମଣି ବର୍ତ୍ତମାନ ସେହିପରି ଦେଖା ଯାଉଛି । ୪

(କଞ୍ଚୁକୀଙ୍କ ପ୍ରତି) ଆର୍ଯ୍ୟ ଲାତବ୍ୟ !

କଞ୍ଚୁକୀ—ଆଜ୍ଞା ଦିଅନ୍ତୁ ମହାରାଜ ।

ରାଜା—ମୋ ଆଜ୍ଞା ଅନୁସାରେ ନଗରର ଲୋକମାନଙ୍କୁ କହିଦିଅ, ସେହି ତସ୍କର ପକ୍ଷୀ ସନ୍ଧ୍ୟା ହେଲେ କେଉଁ ବୃକ୍ଷ ଉପରେ ଆଶ୍ରୟ ନେବ, ତାହା ଲକ୍ଷ୍ୟ କରିବେ ।

କଞ୍ଚୁକୀ—ମହାରାଜାଙ୍କର ଯାହା ଆଜ୍ଞା । (ଚାଲିଗଲେ)

ବିଦୂ—ଆହେ ! ବର୍ତ୍ତମାନ ଆପଣ ବସନ୍ତୁ । ସେ ରତ୍ନଚୋର ଯେଉଁଆଡ଼େ ଗଲେ ମଧ୍ୟ କଅଣ ଆପଣଙ୍କ ଶାସନରୁ ରକ୍ଷା ପାଇବ ?

ରାଜା—(ବିଦୂଷକଙ୍କ ସଙ୍ଗରେ ବସି) ବନ୍ଧୁ,

ପକ୍ଷୀ ଯେଉଁ ମଣିଟିକୁ ନେଇଗଲା, ତାହା ଗୋଟିଏ ରତ୍ନ ବୋଲି ଯେ ମୋର ପ୍ରିୟ ବସ୍ତୁ, ତା' ନୁହେଁ । ସେଇ ସଙ୍ଗମନୀୟ ମଣିଟି ଦ୍ୱାରା ପ୍ରିୟା ସହିତ ମୋର ମିଳନ ହୋଇଥିଲା । ୫

ବିଦୂ—ହଁ, ଆପଣ ମୋତେ ସବୁ କଥା କହିଥିଲେ ।

(ମଣି ଓ ତୀର୍ ସହିତ ଏକ ଶର ନେଇ କଞ୍ଚୁକୀର ପ୍ରବେଶ)

କଞ୍ଚୁକୀ—ମହାରାଜଙ୍କର ଜୟ ହେଉ ।

ମହାରାଜ ! ଆପଣଙ୍କର କ୍ରୋଧ ଶରରୂପରେ ଯାଇ ସେଇ ବଧ-ଯୋଗ୍ୟ ପକ୍ଷୀଟାକୁ ତା'ର ଅପରାଧ ଅନୁସାରେ ଦଣ୍ଡିତ କରିବା ପାଇଁ ତାର ଦେହକୁ ବିଦ୍ଧ କରି ତାକୁ ଆକାଶମାର୍ଗରୁ ନିପାତିତ କରିଅଛି । ୬

(ସମସ୍ତେ ବିସ୍ମୟର ସହିତ ଶରକୁ ନିରୀକ୍ଷଣ କଲେ)

କଞ୍ଚୁକୀ—ମଣିକୁ ଜଳରେ ଧୋଇ କାହାକୁ ଦାନ କରିଦିଅନ୍ତୁ ।

ରାଜା—ବେଧକ, ଯାଅ, ଏ ମଣିକୁ ଅଗ୍ନିରେ ଶୁଦ୍ଧ କରି ପେଟିକା ଭିତରେ ରଖିଦିଅ ।

କିରାତ—ମହାରାଜାଙ୍କର ଯାହା ଆଜ୍ଞା । (ମଣି ନେଇ ଚାଲିଗଲା)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

राजा—आर्य लातव्य ! जानीते भवान् कस्यायं बाण इति ?

कंचुकी—नामाङ्कितोऽयं दृश्यते । न तु मे वर्णविभावसहा दृष्टिः ।

राजा—तेन हि उपनय शरं यावदहं निरूपयामि ।

(कंचुकी तथा करोति । राजा नामाक्षराण्यनुवाच्य विचारयति ।)

कंचुकी—यावदहं नियोगमशून्यं करोमि । (निष्क्रान्तः)

विदू०—किं भवं विआरेदि । (किं भवान् विचारयति ।)

राजा—शृणु तावत् प्रहर्तुर्नामाक्षराणि ।

विदू०—अवहिदो म्हि । (अवहितोऽस्मि ।)

राजा—श्रूयताम् । (वाचयति)—

उर्वशीसंभवस्यायमैलसूनोर्धनुष्मतः ।
कुमारस्यायुषो बाणः संहर्ता द्विषदायुषाम् ॥ ७

विदू०—(सपरितोषम् ।) दिट्ठिआ संताणेण वड्ढदि भवं ।
(दिष्ट्या सन्तानेन वर्धते भवान् ।)

राजा—सखे ! कथमेतत् ? अन्यत्र नैमिषीयसत्रात् आवियुक्तोऽहमुर्वश्या । न च मया कदाचिदपि गर्भव्यक्तिरालक्षिता कुत एव प्रसूतिः ? किंतु—(स्मृतिं रूपयित्वा)

आविलपयोधराग्रः लवलीदलपाण्डुराननच्छायम ।
तानि दिनानि वपुरभून् केवलमलसेक्षणं तस्याः ॥ ८

विदू०—मा भवं सव्वं माणुसीधम्मं दिव्वासु संभावेदु । पहावणिगूढाइँ ताणं चरिदाइँ । (मा भवान् सर्वं मानुषीधर्मं दिव्यासु संभावयतु । प्रभावनिगूढानि तासां चरितानि ।)

राजा—अस्तु तावदेवं यथा भवानाह । पुत्रसंवरणे तु किमिव कारणं तत्रभवत्याः ?

विदू०—मा बुड्ढिं मं राआ परिहरिस्सदित्ति । (मा वृद्धां मां राजा परिहरिष्यतीति ।)

राजा—कृतं परिहासेन । चिन्त्यताम् ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରାଜା—ଆର୍ଯ୍ୟ ଲାତବ୍ୟ, ଏ ଶର କାହାର, ଆପଣ ଜାଣନ୍ତି ?

କଞ୍ଚୁକୀ—ଏ ଶରରେ କାହାର ନାମ ଅଙ୍କିତ ହୋଇଥିବାର ଦେଖାଯାଉଛି । କିନ୍ତୁ ଅକ୍ଷରଗୁଡ଼ିକ ମୋ ଦୃଷ୍ଟିକୁ ଭଲଭାବେ ଦେଖାଯାଉନାହିଁ ।

ରାଜା—ତା ହେଲେ ଶର ମୋତେ ଦିଅ, ମୁଁ ଦେଖିବି ।

(କଞ୍ଚୁକୀ ଶର ଦେଲେ । ରାଜା ନାମ-ଅକ୍ଷର ଗୁଡ଼ିକୁ ପଢ଼ି ଚିନ୍ତା କରିବାରେ ଲାଗିଲେ ।)

କଞ୍ଚୁକୀ—ତା ହେଲେ ମୁଁ ମୋ କର୍ମକ୍ଷେତ୍ରକୁ ଯାଉଛି । (ଚାଲିଗଲେ)

ବିଦୂ—ଆପଣ କଅଣ ଚିନ୍ତା କରୁଛନ୍ତି ?

ରାଜା—ଶରନିକ୍ଷେପକାରୀର ନାମ ଟିକିଏ ଶୁଣ ।

ବିଦୂ—ମନଯୋଗ ଦେଲି ।

ରାଜା—ଶୁଣ । (ପଢ଼ିଲେ)—

ଉର୍ବଶୀଙ୍କ ଗର୍ଭରୁ ଜାତ, ପୁରୁରବାଙ୍କ ପୁତ୍ର, ଧନୁର୍ଦ୍ଧର, କୁମାର ଆୟୁଙ୍କର ଏ ଶର । ଏ ଶର ଶତ୍ରୁମାନଙ୍କର ଆୟୁଶୋଷକ । ୭

ବିଦୂ—ସୌଭାଗ୍ୟର ବିଷୟ, ସନ୍ତାନଦ୍ୱାରା ଆପଣଙ୍କର ଅଭିବୃଦ୍ଧି ଘଟିଛି ।

ରାଜା—ବନ୍ଧୁ ! ଏହା କପରି ହେଲା ? କେବଳ ନୈମିଷାରଣ୍ୟରେ ଯଜ୍ଞ ସମୟ ଛଡ଼ା ମୁଁ ଅନ୍ୟ କୌଣସି ସମୟରେ ତ ଉର୍ବଶୀଙ୍କଠାରୁ ପୃଥକ୍ ହୋଇ ରହିନାହିଁ । ମୁଁ କେବେ ତାଙ୍କର ଗର୍ଭଲକ୍ଷଣ ଦେଖିନାହିଁ । ତେବେ ତାଙ୍କର ସନ୍ତାନ ଜାତ ହେଲା କପରି ?

କିନ୍ତୁ............(ସ୍ମରଣର ଅଭିନୟ କରି)

ହଁ, ସେଇ ଦିନମାନଙ୍କରେ ତା ଶରୀରରେ କେତୋଟି ଲକ୍ଷଣ ଦେଖାଯାଉଥିଲା । ସ୍ତନଦ୍ୱୟର ଅଗ୍ରଭାଗ ଶ୍ୟାମଳ ବର୍ଣ୍ଣ ଧାରଣ କରିଥିଲା, ମୁଖର କାନ୍ତି ଲବଲୀଲତାର ପତ୍ର ପରି ପାଣ୍ଡୁର ବର୍ଣ୍ଣ ଏବଂ ଆଖି ଅଳସ-ଅଳସ ଦିଶୁଥିଲା । ୮

ବିଦୂ—ମର୍ତ୍ତ୍ୟ ଅଙ୍ଗନାମାନଙ୍କର ସବୁ ଲକ୍ଷଣ ସ୍ୱର୍ଗ ଅଙ୍ଗନାମାନଙ୍କଠାରେ ଘଟିବ, ଏହା ଆପଣ ଭାବନ୍ତୁ ନାହିଁ । ସ୍ୱର୍ଗ ଅଙ୍ଗନାମାନଙ୍କର ଲକ୍ଷଣ ସେମାନଙ୍କ ପ୍ରଭାବ ଭିତରେ ନିଗୂଢ଼ ହୋଇ ରହେ ।

ରାଜା—ଆଚ୍ଛା, ତୁମେ ଯାହା କହିଲ, ତାହା ଠିକ୍ ବୋଲି ଧରିଯାଉ । କିନ୍ତୁ ପୁତ୍ରକୁ ତ୍ୟାଗ କରିବାରେ ଉର୍ବଶୀଙ୍କର ଉଦ୍ଦେଶ୍ୟ କଅଣ ?

ବିଦୂ—ତାଙ୍କୁ ବୁଢ଼ୀ ବୋଲି ଭାବି କାଳେ ଆପଣ ତ୍ୟାଗ କରିଦେବେ—ଏଇ ଆଶଙ୍କାରେ ।

ରାଜା—ପରିହାସରେ ଲାଭ ନାହିଁ । ଚିନ୍ତା କର ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

विदू०—को देवदा-रहस्साइँ तक्कइस्सदि। (को देवतारहस्यानि तर्कयिष्यति।)

(प्रविश्य कंचुकी)

कंचुकी—जयतु जयतु देवः। देव! च्यवनाश्रमात् कुमारं गृहीत्वा सम्प्राप्ता तापसी देवं द्रष्टुमिच्छति।

राजा—उभयमध्यविलम्बितं प्रवेशय।

कंचुकी—यदाज्ञापयति देवः।

(निर्गम्य चापहस्तेन कुमारेण तापस्या च सह प्रविष्टः)

कंचुकी—इत इतो भगवती। (सर्वे परिक्रामन्ति)

विदू०—(विलोक्य) किं णु क्खु सो एसो तत्तभवं खत्तिअकुमारओ जस्स णामंकिदो गिद्धलक्खवेधी अद्धणाराओ। तह हि वहुअरं भवदो अणुकरेदि। (किं नु खलु स एष तत्रभवान् क्षत्रियकुमारकः यस्य नामाङ्कितो गृध्रलक्ष्यवेधी अर्धनाराचः। तथा हि बहुतरं भवतोऽनुकरोति।)

राजा—स्यादेवम्। अतः खलु—

बाष्पायते निपतिता मम दृष्टिरस्मिन्
वात्सल्यबन्धि हृदयं मनसः प्रसादः।
संजात-वेपथुभिरुज्झित-धैर्यवृत्ति-
रिच्छामि चैनमदयं परिरब्धुमङ्गैः॥ ६

कंचुकी—भगवति! एवं स्थीयताम्।

(तापसीकुमारौ स्थितौ।)

राजा—अम्ब! अभिवादये।

तापसी—महाभाअ! सोमवंसवित्थारइत्तओ होहि। (आत्मगतम्) अम्हो अणाचक्खिदोवि विण्णादो एव्व इमस्स राएसिणो आउसो अ ओरसो संवधो। (प्रकाशम्) जाद! पणम दे गुरुं। (महाभाग! सोमवंशविस्तारयिता भव। (आत्मगतम्) अहो अनाख्यातोऽपि विज्ञात एवास्य राजर्षेरायुषश्च औरसः सम्बन्धः। (प्रकाशम्) जात! प्रणम ते गुरुम्।)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବିଦୂ—ଦେବତାଙ୍କ ରହସ୍ୟ ଭେଦ କରିବାକୁ କିଏ ସମର୍ଥ ?

(କଞ୍ଚୁକୀ ପ୍ରବେଶ କଲେ)

କଞ୍ଚୁକୀ—ମହାରାଜାଙ୍କର ଜୟ ହେଉ । ମହାରାଜ ! ଚ୍ୟବନଙ୍କ ଆଶ୍ରମରୁ ଗୋଟିଏ ବାଳକକୁ ସାଙ୍ଗରେ ନେଇ ଜଣେ ତପସ୍ୱୀ ଆସିଛନ୍ତି । ସେ ମହାରାଜଙ୍କୁ ସାକ୍ଷାତ କରିବାକୁ ଚାହାଁନ୍ତି ।

ରାଜା—ଉଭୟଙ୍କୁ ଅବିଳମ୍ବେ ପଠାଇଦିଅ ।

କଞ୍ଚୁକୀ—ମହାରାଜାଙ୍କର ଯାହା ଆଜ୍ଞା ।

(ବାହାରକୁ ଯାଇ ତାପସୀ ଓ ହାତରେ ଧନୁ ଧରିଥିବା ଏକ କୁମାରଙ୍କ ସହିତ ପୁଣି ପ୍ରବେଶ କଲେ)

କଞ୍ଚୁକୀ—ବନ୍ଦନୀୟା ! ଏଣିକି ଆସନ୍ତୁ, ଏଣିକି ।

(ସମସ୍ତେ ସିଡାରେ ଲାଗିଲେ)

ବିଦୂ—(ସ୍ୱଗତ) ଏ କଅଣ ସେହି ଆଦରଣୀୟ କ୍ଷତ୍ରିୟବାଳକ, ଯାହାର ନାମାଙ୍କିତ ଅର୍ଦ୍ଧନାରାଚ ଗୃଧ୍ରପକ୍ଷୀର ଦେହରେ ଲକ୍ଷ୍ୟ ଭେଦ କରିପାରିଛି ? ଆପଣଙ୍କ ଆକୃତି ସହିତ ତାର ତ ବହୁତ ସାମଞ୍ଜସ୍ୟ ରହିଛି ।

ରାଜା—ହୋଇପାରେ । ଏଇଥିପାଇଁ ତ--

ଏହା ଉପରେ ମୋର ଦୃଷ୍ଟି ପଡିଲାମାତ୍ରେ ଚକ୍ଷୁ ଅଶ୍ରୁଳ ହୋଇଯାଉଛି । ହୃଦୟ ବାତ୍ସଲ୍ୟସ୍ନେହରେ ପୂରିଉଠୁଛି । ମନ ପ୍ରସନ୍ନ ହୋଇଯାଉଛି । ପୁଣି ଅଙ୍ଗେ ଅଙ୍ଗେ ରୋମାଞ୍ଚ ସୃଷ୍ଟି ହୋଇଯାଉଛି । ମୁଁ ସେମିତି ହରିଇ ଏହାକୁ ନିବିଡ଼ ଭାବରେ ଆଲିଙ୍ଗନ କରିବାକୁ ଇଚ୍ଛା କରୁଛି । ୯

କଞ୍ଚୁକୀ—ମାନନୀୟା, ଏଇଠି ରହନ୍ତୁ ।

(ତାପସୀ ଓ କୁମାର ଠିଆ ହେଲେ)

ରାଜା—ଜନନୀ, ମୁଁ ଅଭିବାଦନ କରୁଛି ।

ତାପସୀ—ମହାଭାଗ, ଚନ୍ଦ୍ରବଂଶର ବର୍ଦ୍ଧନକାରୀ ହୁଅ । (ସ୍ୱଗତ) କି ଆଶ୍ଚର୍ଯ୍ୟ ! କେହି ନ କହିଲେ ମଧ୍ୟ ଏ ରାଜର୍ଷି ଓ କୁମାର ଆମ୍ଭଙ୍କର ପିତା ପୁତ୍ର ସମ୍ବନ୍ଧ ଜଣାପଡ଼ିଯାଉଛି । (ପ୍ରକାଶ୍ୟରେ) ପୁତ୍ର, ତୁମର ପିତାଙ୍କୁ ପ୍ରଣାମ କର ।

(କୁମାର ଧନୁ ଧରି ଦୁଇହାତ ଯୋଡ଼ି ନମସ୍କାର କଲା)

CC-0. In Public Domain. Gurukul Kangri Collection, Haridwar.

Digitized by Arya Samaj Foundation Chennai and eGangotri

(कुमारश्चापगर्भमञ्जलिं बद्ध्वा प्रणमति ।)

राजा—वत्स ! आयुष्मान् भव ।

कुमारः—(स्वगतम्)

यदि हार्दमिदं श्रुत्वा पिता ममायं सुतोऽहमस्येति ।
उत्सङ्गवर्धितानां गुरुषु भवेत कीदृशः स्नेहः ॥ १०

राजा—भगवति ! किमागमनप्रयोजनम् ?

तापसी—सुणादु महाराओ । एसो दीहाऊ आऊ जादमेत्तो एव्व उव्वसीए किंवि णिमित्तं अवेक्खिअ मम हत्थे णासीकिदो । जं खत्तिअकुमारअस्स जादकम्मादिविहाणं तं से भअवदा चवणेण असेसं अणुचिट्ठिदं गहीदविज्जो धणुव्वेदे अहिविणीदो । (शृणोतु महाराजः । एष दीर्घायुः आयुः जातमात्र एव उर्वश्या किमपि निमित्तमवेक्ष्य मम हस्ते न्यासीकृतः । यत् क्षत्रियकुमारस्य जातकर्मादिविधानं तदस्य भगवता च्यवनेनाशेषमनुष्ठितम् । गृहीतविद्यः धनुर्वेदे अभिविनीतः ।)

राजा—सनाथः खलु संवृत्तः ।

तापसी—अज्ज पुप्फसमिधकुसणिमित्तं इसिकुमारएहिं सह गदेण इमिणा अस्समविरुद्धं आअरिदं । (अद्य पुष्पसमित्कुशनिमित्तं ऋषिकुमारकैः सह गतेनाश्रमविरुद्धमाचरितम् ।)

विदू०—(सावेगम्) किं विअ ? (किमिव ?)

तापसी—गहीदामिसो किल गिद्धो पादवसिहरे णिलीअमाणो अणेण लक्खीकिदो बाणस्स । (गृहीतामिषः किल गृध्रः पादपशिखरे निलीयमानः अनेन लक्ष्यीकृतो बाणस्य ।)

(विदूषको राजानमवलोकयति)

राजा— ततस्ततः ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରାଜା—ବତ୍ସ, ଆୟୁଷ୍ମାନ୍ ହୁଅ ।

କୁମାର—(ସ୍ୱଗତ)

ଏ ମୋର ପିତା, ମୁଁ ଏହାଙ୍କର ପୁତ୍ର, ଏତକ ମାତ୍ର ଶୁଣି ଯଦି ମୋ ହୃଦୟରେ ଏତେ ଭାବାବେଗ ସୃଷ୍ଟି ହୋଇଯାଉଛି, ତେବେ ଯେଉଁ ସନ୍ତାନମାନେ ଗୁରୁଜନମାନଙ୍କ କୋଳରେ ବଢ଼ିଛନ୍ତି,ସେମାନଙ୍କ ହୃଦୟରେ ଗୁରୁଜନମାନଙ୍କ ପ୍ରତି କେତେ ଭାବାବେଗ ସୃଷ୍ଟି ହେଉ ନ ଥିବ ? ୧୦

ରାଜା—ମାନନୀୟା, କି ପ୍ରୟୋଜନରେ ଆପଣ ଏଠାକୁ ଶୁଭାଗମନ କଲେ ?

ତାପସୀ—ଶୁଣନ୍ତୁ ମହାରାଜ । ଏଇ ଆୟୁଷ୍ମାନ୍ ଆୟୁ ଜାତ ହେବା ମାତ୍ରେ ଉର୍ବଶୀ ଏହାଙ୍କୁ କୌଣସି କାରଣରୁ ମୋ ହାତରେ ଅର୍ପଣ କରିଥିଲେ । କ୍ଷତ୍ରିୟ କୁମାରର ଜାତକର୍ମ ଆଦି ସଂସ୍କାର ଯାହା ସବୁ କରାଯିବାର କଥା, ମହର୍ଷି ଚ୍ୟବନ ଏହାର ସେସମସ୍ତ କରିଛନ୍ତି ।

ଆଉ ମଧ୍ୟ ଏ ସମସ୍ତ ଶାସ୍ତ୍ର ବିଦ୍ୟାରେ ନିପୁଣ ହୋଇସାରି ଶସ୍ତ୍ରବିଦ୍ୟାରେ ମଧ୍ୟ ନିପୁଣ ହୋଇଛି ।

ରାଜା—କୃତକୃତ୍ୟ ହେଲି ।

ତାପସୀ—ଆଜି ଏ କୁମାର ଋଷିକୁମାରମାନଙ୍କ ସଙ୍ଗରେ ପୁଷ୍ପ, ସମିଧ, କୁଶ ପ୍ରଭୃତି ସଂଗ୍ରହ କରିବାକୁ ଯାଇ ଏକ ଆଶ୍ରମବିରୁଦ୍ଧ କର୍ମ କରିପକାଇଲା ।

ବିଦୂ—(ଆବେଗର ସହିତ) କଅଣ ?

ତାପସୀ—ଗୋଟାଏ ଗୃଧ୍ର ମାଂସଖଣ୍ଡେ ଧରି ଗଛ ଉପରେ ଲୁଚିଯାଉଥିଲା ବେଳେ ଏ ତାହାକୁ ଶରବିଦ୍ଧ କଲା । (ବିଦୂଷକ ରାଜାଙ୍କୁ ଚାହିଁଲେ)

ରାଜା—ତା'ପରେ ?

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

तापसी—तदो उवलद्धवुत्तंतेण भअवदा चवणेण अहं समादिट्ठा—णिज्जादेहि एदं उव्वसीहत्थे णासं त्ति। ता इच्छामि देविं उव्वसिं पेक्खिदुं। (तत उपलब्धवृत्तान्तेन भगवता च्यवनेनाहं समादिष्टा—निर्यातय एनमुर्वशीहस्ते न्यासमिति। तदिच्छामि देवीमुर्वशीं प्रेक्षितुम्।)

राजा—तेन ह्यासनमनुगृह्णातु भगवती।

(तापसी उपनीत आसन उपविशति।)

राजा—आर्य लातव्य! आहूयतामुर्वशी।

कंचुकी—यदाज्ञापयति देवः। (निष्क्रान्तः।)

राजा—(कुमारमवलोक्य) एहि एहि वत्स!

सर्वाङ्गीणः स्पर्शः सुतस्य किल तेन मामुपगतेन।
आह्लादयस्व तावच्चन्द्रकरश्चन्द्रकान्तमिव॥ ११

तापसी—जाद! णंदेहि पिदरम्। (जात! नन्दय पितरम्)

(कुमारो राजानमुपगम्य पादग्रहणं करोति।)

राजा—(कुमारमालिङ्ग्य पादपीठे चोपवेश्य) वत्स! इतस्तव पितुः प्रियसखं ब्राह्मणमशङ्कितो वन्दस्व।

विदू०—किंति संकिस्सदि। णं अस्समवासपरिचिदो एव्व साहामिओ। (किमिति शङ्किष्यते। नन्वाश्रमवासपरिचित एव शाखामृगः।)

कुमारः—(सस्मितम्) तात! वंदे।

विदू०—सोत्थि भवदो। वड्ढदु भवं। (स्वस्ति भवतो। वर्धतां भवान्।)

(ततः प्रविशत्युर्वशी कंचुकी च)

कंचुकी—इत इतो देवी।

उर्व०—(कुमारमवलोक्य) को णु क्खु एसो सबाणासणो पादपीठे अअं महाराएण संजमीअमाणसिहण्डओ चिट्ठदि। (तापसीं दृष्ट्वा) अम्मो सच्चवदी-सूइदो अअं मे पुत्तओ आऊ। महंतो क्खु संवुत्तो। (को नु खल्वेष सबाणासनः पादपीठे स्वयं महाराजेन संयम्यमानशिखण्डकस्तिष्ठति। अहो सत्यवतीसूचितः अयं मे पुत्रक आयुः। महान् खलु संवृत्तः।)

(सहर्षं परिक्रामति)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ତାପସୀ—ତାପରେ ଭଗବାନ୍ ଚ୍ୟବନ ଏ ସଂବାଦ ଅବଗତ ହୋଇ ମୋତେ ଆଦେଶ ଦେଲେ—"ଉର୍ବଶୀର ଏହି ନ୍ୟାସକୁ (ଧନକୁ) ଉର୍ବଶୀ ହାତରେ ସମର୍ପଣ କରିଦିଅ ।" ତେଣୁ ମୁଁ ଉର୍ବଶୀଙ୍କୁ ସାକ୍ଷାତ କରିବାକୁ ଆସିଛି ।

ରାଜା—ତା ହେଲେ ମାନନୀୟା ଆସନ ଗ୍ରହଣ କରନ୍ତୁ ।
(ଆସନ ଅଣା ହେଲା । ତାପସୀ ଆସନରେ ବସିଲେ ।)

ରାଜା—ଆର୍ଯ୍ୟ ଲତବ୍ୟ ! ଉର୍ବଶୀଙ୍କୁ ଡ଼ାକିଆଣ ।

କଞ୍ଚୁକୀ—ମହାରାଜାଙ୍କର ଯାହା ଆଜ୍ଞା । (ଚାଲିଗଲେ)

ରାଜା—(କୁମାରକୁ ଚାହିଁ) ଆସ ବତ୍ସ, ଆସ । ପୁତ୍ରର ସ୍ପର୍ଶ ପିତାର ସର୍ବାଙ୍ଗ ଶରୀରରେ ବିସ୍ତାରିତ ହେଉ । ଚନ୍ଦ୍ରକିରଣ ଯେପରି ଚନ୍ଦ୍ରକାନ୍ତ ମଣିକୁ ଅାହ୍ଲାଦିତ କରେ; ମୋ ପାଖକୁ ଆସି ମୋତେ ସେହିପରି ଆହ୍ଲାଦିତ କର । ୧୧

ତାପସୀ—ପୁତ୍ର ! ତୁ ପିତାଙ୍କୁ ଆନନ୍ଦ ପ୍ରଦାନ କର ।
(କୁମାର ରାଜାଙ୍କ ନିକଟକୁ ଆସି ତାଙ୍କର ପାଦ ସ୍ପର୍ଶ କଲେ ।)

ରାଜା—(କୁମାରକୁ ଆଲିଙ୍ଗନ କରି ପାଦପୀଠ ଉପରେ ବସାଇ) ବତ୍ସ, ଏ ତୁମ ପିତାଙ୍କର ପ୍ରିୟବନ୍ଧୁ ବ୍ରାହ୍ମଣ । ଏହାଙ୍କୁ ନିର୍ଭୟରେ ପ୍ରଣାମ କର ।

ବିଦୂ—କାହିଁକି ଭୟ କରିବେ ? ସେ ତ ଆଶ୍ରମରେ ରହି ମାଙ୍କଡ ସହିତ ପରିଚିତ ହୋଇଥିବେ ।

କୁମାର—(ମୃଦୁହାସ୍ୟର ସହିତ) ପିତା, ମୁଁ ପ୍ରଣାମ କରୁଛି ।

ବିଦୂ—ତୁମର ମଙ୍ଗଳ ହେଉ, ଅଭିବୃଦ୍ଧି ହେଉ । (ଉର୍ବଶୀ ଓ କଞ୍ଚୁକୀଙ୍କର ପ୍ରବେଶ)

କଞ୍ଚୁକୀ—ଏଣେ ଆସନ୍ତୁ ମହାରାଣୀ, ଏଣେ ଆସନ୍ତୁ ।

ଉର୍ବଶୀ—(କୁମାରକୁ ଚାହିଁ) ହାତରେ ଧନୁ ଧରି ମହାରାଜାଙ୍କ ପାଦପୀଠ ଉପରେ ବସିଥିବା ଏ ବାଳକଟି କିଏ ? ସ୍ୱୟଂ ମହାରାଜା ଏହାର କେଶଗୁଚ୍ଛକୁ ବାନ୍ଧି ଦେଉଛନ୍ତି । ଓହୋ ! ସତ୍ୟବତୀଙ୍କ ଉପସ୍ଥିତିରୁ ମୁଁ ଜାଣିପାରୁଛି, ଏ ମୋର ପୁଅ ଆୟୁ । ଏ ଏତେ ବଡଟେ ହୋଇଗଲାଣି !
(ଆନନ୍ଦରେ ଝିବାକୁ ଲଗିଲେ ।)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

राजा—(उर्वशीं दृष्ट्वा) वत्स—

इयं ते जननी प्राप्ता त्वदालोकनतत्परा ।
स्नेहप्रस्रवनिर्भिन्नमुद्वहन्ती स्तनांशुकम् ॥ १२

तापसी—जाद ! एहि । पच्चुग्गच्छ मादरं । (जात ! एहि । प्रत्युद्गच्छ मातरम् ।)

(कुमारेण सह उर्वशीमुपसर्पति)

उर्व०—अंब ! पादवंदणं करेमि । (अम्ब ! पादवन्दनं करोमि ।)

तापसी—वच्छे ! भत्तुणो बहुमदा होहि । (वत्से ! भर्तुर्बहुमता भव ।)

कुमार—अम्ब ! अभिवादये ।

उर्व०—(कुमारमुन्नमितमुखं परिष्वज्य) वच्छ ! पिदरं आराधइत्तओ होहि । (राजानमुपेत्य ।) जेदु जेदु महाराओ । (वत्स ! पितरमाराधयिता भव । (राजानमुपेत्य) जयतु जयतु महाराजः ।)

राजा—स्वागतं पुत्रवत्यै । इत आस्यताम् (अर्धासनं ददाति)

(उर्वशी उपविशति । सर्वे यथोचितमुपविशन्ति)

तापसी—वच्छे ! एसो गहीदविज्जो आऊ संपदं कवअहरो संवुत्तो । ता एदस्स दे भत्तुणो समक्खं णिज्जादिदो हत्थणिक्खेवो । ता विसज्जेदुं इच्छामि । उवरुज्झइ मह अस्समधम्मो । (वत्से ! एष गृहीतविद्य आयुः साम्प्रतं कवचहरः संवृत्तः । तत् एतस्य ते भर्तुः समक्षं निर्यातितो हस्तनिक्षेपः तद् विसर्जयितुमिच्छामि । उपरुध्यते ममाश्रमधर्मः ।)

उर्व०—चिरस्स अज्जं देक्खिअ अहिअदरं अवितिण्हम्हि । ण सक्कणोमि विसज्जिदुं । अण्णय्यं उण उवरोहिदुं । ता गच्छदु अज्जा पुणो दंसणाअ । (चिरस्यार्यां दृष्ट्वा अधिकतरमवितृष्णास्मि । न शक्नोमि विस्रष्टुम् । अन्याय्यं पुनरुपरोद्धुम् । तद् गच्छत्वार्या पुनर्दर्शनाय ।)

राजा—अम्ब ! भगवते च्यवनाय मां प्रणिपातय ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରାଜା—(ଉର୍ବଶୀଙ୍କୁ ଦେଖି) ବତ୍ସ !

ଏ ତୁମର ମାଆ ଆସିଛନ୍ତି, ତୁମକୁ ଅପଲକ ନୟନରେ ଚାହିଁଛନ୍ତି । ବାତ୍ସଲ୍ୟ ଯୋଗୁ ତାଙ୍କ ସ୍ତନ ଦ୍ୱୟରୁ କ୍ଷୀରଧାର ଝରି ଉତ୍ତରୀୟକୁ ଆର୍ଦ୍ର କରୁଛି । ୧

ତାପସୀ— ପୁତ୍ର ! ଆସ, ମାଆଙ୍କ ନିକଟକୁ ଆସ ।

(କୁମାରକୁ ଘେନି ଉର୍ବଶୀଙ୍କ ନିକଟକୁ ଗଲେ ।)

ଉର୍ବଶୀ—ମୁଁ ଆପଣଙ୍କ ପାଦବନ୍ଦନା କରୁଛି ମାଆ ।

ତାପସୀ—ଝିଅ ! ତୁ ସ୍ୱାମୀଙ୍କର ଆଦର ଲଭ କର ।

କୁମାର—ମାଆ, ମୁଁ ପ୍ରଣାମ କରୁଛି ।

ଉର୍ବଶୀ—(ପୁତ୍ରର ମୁଖ ଉଠାଇ ଚୁମ୍ବନ କରି) ବତ୍ସ, ପିତାଙ୍କର ସେବାପରାୟଣ ହୁଅ । (ରାଜାଙ୍କ ନିକଟକୁ ଯାଇ) ମହାରାଜାଙ୍କର ଜୟ ହେଉ ।

ରାଜା—ସ୍ୱାଗତ ପୁତ୍ରବତି ! ଏଇଠି ବସ । (ନିଜ ଆସନର ଅର୍ଦ୍ଧାଂଶ ଦେଲେ ।) (ଉର୍ବଶୀ ବସିଲେ । ତା ପରେ ସମସ୍ତେ ଯଥାଯୋଗ୍ୟ ଆସନରେ ବସିଲେ ।)

ତାପସୀ—ଝିଅ, ଏ ଆୟୁ ସମସ୍ତ ବିଦ୍ୟା ଶିକ୍ଷା କରିସାରି କବଚ ପିନ୍ଧିବା ବୟସରେ ଉପନୀତ ହେଲାଣି । ତେଣୁ ମୋ ହାତରେ ଦେଇଥିବା ଧନ ତୋତେ ତୋ ସ୍ୱାମୀଙ୍କ ସମକ୍ଷରେ ମୁଁ ପ୍ରତ୍ୟର୍ପଣ କରିଦେଲି । ମୁଁ ବର୍ତ୍ତମାନ ବିଦାୟ ନେବାକୁ ଚାହୁଁଛି । ବିଳମ୍ବ ହେଲେ ମୋ ଆଶ୍ରମ ଧର୍ମ ବ୍ୟାହତ ହେବ ।

ଉର୍ବଶୀ—ଆର୍ଯ୍ୟାଙ୍କୁ ମୁଁ ଦୀର୍ଘ କାଳ ପରେ ଦର୍ଶନ କରିବାକୁ ପାଇଥିବାରୁ ମୋର ଦର୍ଶନତୃଷ୍ଣା ବଢ଼ୁଛି, ତେଣୁ ମୁଁ ଆର୍ଯ୍ୟାଙ୍କୁ ବିଦାୟ ଦେଇପାରୁ ନାହିଁ । କିନ୍ତୁ ଆର୍ଯ୍ୟାଙ୍କୁ ବାଧ କରି ଅଟକାଇବା ମଧ୍ୟ ଅନୁଚିତ ହେବ । ତେଣୁ ଆର୍ଯ୍ୟା ଯାଆନ୍ତୁ, କିନ୍ତୁ ମୋତେ ପୁଣି ଦର୍ଶନ ଦେବାର କୃପା କରିବେ ।

ରାଜା—ଜନନି, ଭଗବାନ ଚ୍ୟବନଙ୍କୁ ମୋର ପ୍ରଣତି ଜଣାଇବେ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

तापसी—एव्वं भोदु। (एवं भवतु)

कुमारः—आर्ये ! सत्यं यदि निवर्तसे मामप्याश्रमं नेतुमर्हसि।

राजा—अयि वत्स ! उषितं त्वया पूर्वस्मिन्नाश्रमे। द्वितीयमध्यासितुं तव समयः।

तापसी—जाद ! गुरुणो वअणं अणुचिट्ठ। (जात ! गुरोर्वचनमनुतिष्ठ)

कुमार—तेन हि—

यः सुप्तवान् मदङ्के शिखण्डकण्डूयनोपलब्धसुखः।
तं मे जातकलापं प्रेषय मणिकण्ठकं शिखिनम्॥ १३

तापसी—(विहस्य) एव्वं करेमि। (एवं करोमि)

उर्वशी—भअवदि ! पादवंदणं करेमि। (भगवति ! पादवन्दनं करोमि)

राजा—भगवति ! प्रणमामि।

तापसी—सोत्थि भोदु तुम्हाणं। (स्वस्ति भवतु युष्मभ्यम्)

(निष्क्रान्ता)

राजा—(उर्वशीं प्रति) कल्याणि !

अद्याहं पुत्रिणामग्र्यः सत्पुत्रेणासुना तव।
पौलोमीसंभवेनेव जयन्तेन पुरन्दरः॥ १४

(उर्वशी स्मृत्वा रोदिति।)

विदू०—(विलोक्य सावेगम्) भो, किं णु क्खु संपदं अत्तहोदी एक्कपदे अस्सुमुही संवुत्ता। (भोः ! किं नु खलु साम्प्रतमत्रभवती एकपदे अश्रुमुखी संवृत्ता।)

राजा—(सावेगम्)

किं सुन्दरि ! प्ररुदितासि ममोपनीते
वंशस्थितेरधिगमान्महति प्रमोदे।
पीनस्तनोपरि निपातिभिरानयन्ती
मुक्तावलीविरचनां पुनरुक्तिमस्रैः॥ १५

(अस्या बाष्पं प्रमार्ष्टि)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ତାପସୀ—ହଁ ଜଣାଇବ ।

କୁମାର—ମାନନୀୟା, ଆପଣ ଯଦି ସତରେ ଫେରଯାଉଛନ୍ତି, ତେବେ ମୋତେ ସାଙ୍ଗରେ ଆଶ୍ରମକୁ ନେଇଯାଆନ୍ତୁ ।

ରାଜା—ବତ୍ସ ! ତୋର ପ୍ରଥମ ଆଶ୍ରମ ଜୀବନ (ଗୁରୁ କୁଳରେ ରହି ବିଦ୍ୟାଶିକ୍ଷା କରିବା) ଶେଷ ହୋଇଛି । ବର୍ତ୍ତମାନ ଦ୍ୱିତୀୟ ଆଶ୍ରମ (ଗୃହସ୍ଥାଶ୍ରମ)ରେ ପ୍ରବେଶ କରିବାର ସମୟ ହେଲାଣି ।

ତାପସୀ—ପୁତ୍ର, ପିତାଙ୍କ କଥା ମାନ ।

କୁମାର—ତା ହେଲେ—

ମଣିକଣ୍ଠ ବୋଲି ଯେଉଁ ମୟୂର ଛୁଆଟି ମୋ କୋଳରେ ଶୋଉଥିଲି, ତାର ପୁଚ୍ଛ ଉପୁଜି ଥିଲା । ମୁଁ ତାର ପୁଚ୍ଛ କୁଣ୍ଡାଇ ଦେବା ସମୟରେ ସେ ସୁଖ ପାଉଥିଲା । ତାକୁ ମୋ ପାଖକୁ ପଠାଇ ଦେବ । ୧୩

ତାପସୀ—(ହସି ହସି) ହେଉ, ତାହା କରିବ ।

ଉର୍ବଶୀ—ମାନନୀୟା, ମୁଁ ଆପଣଙ୍କର ପାଦବନ୍ଦନା କରୁଛି ।

ରାଜା—ମାନନୀୟା, ମୁଁ ପ୍ରଣାମ କରୁଛି ।

ତାପସୀ—ତୁମମାନଙ୍କର ମଙ୍ଗଳ ହେଉ । (ପ୍ରସ୍ଥାନ କଲେ)

ରାଜା—(ଉର୍ବଶୀଙ୍କ ପ୍ରତି) କଲ୍ୟାଣୀ !

ଇନ୍ଦ୍ର ଯେପରି ଶଚୀଙ୍କ ଗର୍ଭଜାତ ଜୟନ୍ତଙ୍କୁ ପାଇ ପୁତ୍ରବାନ୍‌ମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ, ମୁଁ ସେହିପରି ତୁମର ଏହି ଗୁଣବାନ୍ ପୁତ୍ରକୁ ପାଇ ପୁତ୍ରବାନ୍‌ମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ ହୋଇଛି । ୧୪

(ଉର୍ବଶୀ ସ୍ମରଣ କରି କାନ୍ଦିବାକୁ ଲାଗିଲେ)

ବିଦୂ—ଏ କଅଣ ହେଲା ! ମାନନୀୟା କାହିଁକି ହଠାତ୍ ଅଶ୍ରୁନୟନା ହୋଇଗଲେ ?

ରାଜା—(ଆବେଗରେ) ସୁନ୍ଦରୀ ! ଆମକୁ ବଂଶରକ୍ଷାକାରୀ ପୁତ୍ର ମିଳିଥିବାରୁ ବର୍ତ୍ତମାନ ଆମର ଅତ୍ୟନ୍ତ ଆନନ୍ଦର ସମୟ । କିନ୍ତୁ ଏ ସମୟରେ ତୁମେ କାନ୍ଦୁଛ କାହିଁକି ? ତୁମ ଚକ୍ଷୁରୁ ଅଶ୍ରୁବିନ୍ଦୁମାନ ପୃଥୁଳ ସ୍ତନ ଉପରେ ପଡୁଛି ଏବଂ ତଦ୍ଦ୍ୱାରା ସ୍ତନର ଉପର-ମୁକ୍ତାମାଳା ଦୁଇସରି ହୋଇଗଲା ଭଳି ଜଣା ପଡୁଛି । ୧୫

(ଉର୍ବଶୀଙ୍କ ଚକ୍ଷୁରୁ ଅଶ୍ରୁ ପୋଛି ଦେଲେ)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

उर्व०—सुणादु महाराओ । पढमं उण पुत्तदंसणसमुत्थेण आणंदेण विसुमरिद म्हि । दाणिं महिंदसंकित्तणेण सुमरिओ समओ मह हिअअं आआसेदि । (शृणोतु महाराजः । प्रथमं पुनः पुत्र-दर्शनसमुत्थेनानन्देन विस्मृतास्मि । इदानीं महेन्द्रसंकीर्तनेन स्मृतः समयो मम हृदयमायासयति ।)

राजा—कथ्यतां समयः ।

उर्व०—अहं पुरा महाराअगहीदहिअआ गुरुसावसंमूढा महिंदेण आणत्ता । (अहं पुरा महाराजगृहीतहृदया गुरुशापसंमूढा महेन्द्रेण आज्ञप्ता ।)

राजा—किमिति ?

उर्व०—जदा सो मे पिअसही राएसी तुइ समुप्पण्णस्स वंसकरस्स मुहं पेक्खिस्सदि तदा तुए भूओ वि मं समीवं आअंतव्वं त्ति । तदो मए महाराअविओअभीरुदाए जादमेत्तो एव्व विज्जागमणिमित्तं भअवदो चवणस्स अस्समे एसो पुत्तओ अज्जाए सच्चवदीए हत्थे अप्पआसं णिक्खित्तो । अज्ज पिदुणो आराहणसमत्थो संवुत्तो त्ति कलअंतीए ताए णिज्जादिदो एसो मे दीहाऊ आऊ । ता एत्तिओ मे महाराएण सह संवासो । (यदा स मे प्रियसखो राजर्षिस्त्वयि समुत्पन्नस्य वंशकरस्य मुखं प्रेक्षिष्यते तदा त्वया भूयोऽपि मम समीपमागन्तव्यमिति । ततो मया महाराज-वियोगभीरुतया जातमात्र एव विद्यागमनिमित्तं भगवतश्च्यवन-स्याश्रमे एष पुत्रक आर्यायाः सत्यवत्या हस्ते अप्रकाशं निक्षिप्तः । अद्य पितुराराधनसमर्थः संवृत्त इति कलयन्त्या तया निर्यातित एष मे दीर्घायुरायुः । तत् एतावान् मे महाराजेन सह संवासः ।)

(सर्वे विषादं नाटयन्ति । राजा मोहमुपगच्छति ।)

विदू०—अब्बम्हण्णं अब्बम्हण्णं । (अब्रह्मण्यमब्रह्मण्यम्)

कंचुकी—समाश्वसितु समाश्वसितु महाराजः ।

राजा—(समाश्वस्य सनिःश्वासम्) अहो ! सुखप्रत्यर्थिता दैवस्य—

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଉର୍ବଶୀ—ଶୁଣନ୍ତୁ ମହାରାଜ, ପୁତ୍ର ଦର୍ଶନ ଜନିତ ଆନନ୍ଦରେ ମୁଁ ଭୁଲିଯାଇଥିଲି । ବର୍ତ୍ତମାନ ଇନ୍ଦ୍ରଙ୍କ ନାମ ଉଚ୍ଚାରିତ ହେବାରୁ ସମୟସୀମା କଥା ମନେ ପଡ଼ିଗଲା । ମୁଁ ହୃଦୟରେ ଅତ୍ୟନ୍ତ ଦୁଃଖ ଅନୁଭବ କରୁଛି ।

ରାଜା—ସମୟସୀମା କଅଣ ?

ଉର୍ବଶୀ—ପୂର୍ବେ ଯେତେବେଳେ ମହାରାଜଙ୍କ ପ୍ରତି ମୋର ହୃଦୟ ସମ୍ପୂର୍ଣ୍ଣ ଆକୃଷ୍ଟ ହୋଇଯାଇଥିଲି, ମୁଁ ଗୁରୁଙ୍କ (ଭରତ ମୁନିଙ୍କ) ଶାପରେ ଦୁଃଖାଭିଭୂତା ହୋଇ ପଡ଼ିଥିଲି । ସେତେବେଳେ ଇନ୍ଦ୍ର ମୋତେ ଆଜ୍ଞା ଦେଇଥିଲେ—

ରାଜା—କଅଣ ?

ଉର୍ବଶୀ—"ଯେତେବେଳେ ମୋର ପ୍ରିୟବନ୍ଧୁ ରାଜର୍ଷି ପୁରୂରବା ତୁମ ଗର୍ଭଜାତ ପୁତ୍ରର ମୁଖ ଦେଖିବାକୁ ପାଇବେ, ସେତେବେଳେ ତୁମେ ମୋ ନିକଟକୁ ଫେରି ଆସିବ ।" ତେଣୁ ମୁଁ ଏ ପୁତ୍ର ଜାତ ହେବା ମାତ୍ରେ, ମହର୍ଷି ଚ୍ୟବନଙ୍କ ଆଶ୍ରମରେ ଶିକ୍ଷାଲାଭ କରିବାର ଆବଶ୍ୟକତାର ଆଳରେ ଏହାକୁ ଭଗବତୀ ସତ୍ୟବତୀଙ୍କ ହାତରେ ଗୋପନରେ ଅର୍ପଣ କରିଦେଇଥିଲି । 'ଏବେ ଏ ପୁତ୍ର ପିତାଙ୍କ ସେବା କରିବାକୁ ସମର୍ଥ ହୋଇଛି'—ଏହା ଭାବି ସତ୍ୟବତୀ ଆୟୁଷ୍ମାନ୍ ଆୟୁକୁ ପ୍ରତ୍ୟର୍ପଣ କରିଦେଇ ଗଲେ । ତେଣୁ ମହାରାଜଙ୍କ ପାଖରେ ମୋର ରହିବାର ସମୟ ଏତିକି ।

(ସମସ୍ତେ ବିଷଣ୍ଣ ହୋଇ ପଡ଼ିଲେ । ରାଜା ମୂର୍ଚ୍ଛିତ ହୋଇଗଲେ ।)

ବିଦୂ—ହାୟ ! ହାୟ !

କଞ୍ଚୁକୀ—ମହାରାଜ, ଧୈର୍ଯ୍ୟ ଧରନ୍ତୁ, ଧୈର୍ଯ୍ୟ ଧରନ୍ତୁ ।

ରାଜା—(ସଂଜ୍ଞା ଲାଭ କରି, ଦୀର୍ଘ ନିଃଶ୍ୱାସ ପକାଇ) ହାୟ ! ବିଧାତା ସୁଖର କି ବିରୋଧୀ !

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

आश्वासितस्य मम नाम सुतोपलब्ध्या
सद्यस्त्वया सह कृशोदरि ! विप्रयोगः ।
व्यावर्तितातपरुजः प्रथमाभ्रवृष्ट्या
वृक्षस्य वैद्युत इवाग्निरुपस्थितोऽयम् ॥ १६

विदू०—अअं सो अत्थो अणत्थाणुबंधी संवुत्तो । संपदं तक्केमि अत्त-भवदा वक्कलं गेण्हिअ तवोवणं गंदव्वं त्ति । (अयं सोऽर्थः अनर्थानुबन्धी संवृत्तः । साम्प्रतं तर्कयामि अत्रभवता वल्कलं गृहीत्वा तपोवनं गन्तव्यमिति ।)

उर्व०—मं वि मंदभाइणि किदविणअस्स पुत्तस्स लाभाणंतरं सग्गारो-हणेण अवसिदकज्जं विप्पओअमुहिं महाराओ समत्थइस्सदि ? (मामपि मन्दभागिनीं कृतविनयस्य पुत्रस्य लाभानन्तरं स्वर्गा-रोहणेनावसितकार्यां विप्रयोगमुखीं महाराजः समर्थयिष्यति ?)

राजा—सुन्दरि ! मा मैवम् ।
न हि सुलभवियोगा कर्तुमात्मप्रियाणि
प्रभवति परवत्ता शासने तिष्ठ भर्तुः ।
अहमपि तव सूनावद्य विन्यस्य राज्यं
विचरितमृगयूथान्याश्रयिष्ये वनानि ॥ १६

कुमारः—मार्हति तातः पुङ्गवधारितायां धुरि दम्यं नियोजयितुम् ।

राजा—अयि वत्स ! मा मैवम् ।
शमयति गजानन्यान् गन्धद्विपः कलभोऽपि सन्
भवति सुतरां वेगोदग्रं भुजङ्गशिशोर्विषम् ।
भुवमधिपतिर्बालावस्थोऽप्यलं परिरक्षितुं
न खलु वयसा जात्यैवायं स्वकार्यसहो भरः ॥ १८

आर्य लातव्य !

कंचुकी—आज्ञापयतु देवः ।

राजा—मद्वचनादमात्यपरिषदं ब्रूहि संश्रियतामायुषो राज्याभिषेक इति ।

कञ्चुकी—यदाज्ञापयति देवः । (दुःखितो निष्क्रान्तः)

(सर्वे दृष्टिविघातं रूपयन्ति)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଗୋ କୃଶୋଦରୀ ! ଗ୍ରୀଷ୍ମତାପରେ ତାପିତ ବୃକ୍ଷଟିଏ ପ୍ରଥମ ବୃଷ୍ଟି-ପାତରେ ନିଜର ତାପକଷ୍ଟ ଭୁଲିଯାଉଥିଲା ବେଳେ ସହସା ଯେପରି ତା' ଉପରେ ବଜ୍ରପାତ ହୁଏ, ସେହିପରି ପୁତ୍ରପ୍ରାପ୍ତି ହେତୁ ମୁଁ ସାନ୍ତ୍ୱନା ଲାଭ କରୁଥିଲା ବେଳେ ସହସା ତୁମଠାରୁ ବିଚ୍ଛେଦ ଘଟିଲା । ୧୬

ବିଦୂ—ଏ ସୁଖ ଆସିଥିଲା ଦୁଃଖର ସାଥୀ ହୋଇ । ବର୍ତ୍ତମାନ ମୁଁ ଚିନ୍ତା କରୁଛି, ଆଦରଣୀୟ ବନ୍ଧୁ ବର୍ତ୍ତମାନ ବଳକଳ ପିନ୍ଧି ତପୋବନକୁ ଯିବେ ।

ଉର୍ବଶୀ—ପୁତ୍ର ଶିକ୍ଷାଲାଭ କରିସାରି ଆସିବା ପରେ ମୋ ପରି ଅଭାଗିନୀର ସମସ୍ତ କାର୍ଯ୍ୟ ସମାପ୍ତ ହୋଇଛି, ତେଣୁ ଅଭାଗିନୀ ମହାରାଜଙ୍କଠାରୁ ବିଦାୟ ନେଇ ସ୍ୱର୍ଗାରୋହଣ କରିବାକୁ ଚାହୁଁଛି—ଏପରି ଧାରଣା ମହାରାଜଙ୍କ ମନରେ ଆସୁଛି କି ?

ରାଜା—ସୁନ୍ଦରୀ ! ନା, ସେପରି ନୁହେଁ ।

ପରାଧୀନ ବ୍ୟକ୍ତି ନିଜର ପ୍ରିୟ କାର୍ଯ୍ୟ କରିବାକୁ ସମର୍ଥ ହୁଏ-ନାହିଁ । ଯେ କୌଣସି ମୁହୂର୍ତ୍ତରେ ପରାଧୀନ ବ୍ୟକ୍ତିର ପ୍ରିୟଜନଙ୍କଠାରୁ ମଧ୍ୟ ବିଚ୍ଛେଦ ଘଟିପାରେ । ତେଣୁ ତୁମେ ମୁନିବଙ୍କର (ଇନ୍ଦ୍ରଙ୍କର) ଆଜ୍ଞା ପାଳନ କର । ମୁଁ ମଧ୍ୟ ଆଜି ତୁମ ପୁତ୍ର ଉପରେ ରାଜ୍ୟଭାର ଦେଇ ମୃଗଯୂଥସେବିତ ବନଭୂମିର ଆଶ୍ରୟ ନେବି । ୧୭

କୁମାର—ଯେଉଁ ଭାର ବୃଷଭ ବହନ କରିପାରେ, ସେହି ଭାରବହନରେ ବାଛୁରିକୁ ଲଗାଇବା ପିତାଙ୍କ ପକ୍ଷରେ ଠିକ୍ ହେବ ନାହିଁ ।

ରାଜା—ବତ୍ସ, ସେପରି କହନାହିଁ ।

ଶିଶୁ ଗନ୍ଧଗଜ ଅନ୍ୟ ଗଜମାନଙ୍କୁ ଦମନ କରିପାରେ । ଶିଶୁ ସର୍ପର ବିଷ ଅଧିକ ତୀବ୍ର ହୁଏ । ସେହିପରି ରାଜା ବାଳକ ଅବସ୍ଥାରେ ମଧ୍ୟ ପୃଥିବୀ ରକ୍ଷା କରିବାକୁ ସମର୍ଥ ହୁଅନ୍ତି । ବୟସ ବୃଦ୍ଧି ହେଲେ ଯେ ଦାୟିତ୍ୱ ବହନ କରାଯାଏ, ତା ନୁହେଁ, ଦାୟିତ୍ୱ ଜନ୍ମରୁ ବହନ କରିବାକୁ ହୁଏ । ୧୮

ଆର୍ଯ୍ୟ ଲାତବ୍ୟ !

କଞ୍ଚୁକୀ—ମହାରାଜ, ଆଜ୍ଞା ଦିଅନ୍ତୁ ।

ରାଜା—ମୋ କଥାନୁସାରେ ମନ୍ତ୍ରୀପରିଷଦଙ୍କୁ କୁହ, ସେମାନେ ଆୟୁଙ୍କର ରାଜ୍ୟାଭି-ଷେକ କରନ୍ତୁ ।

କଞ୍ଚୁକୀ—ମହାରାଜଙ୍କର ଯାହା ଆଜ୍ଞା । (ଦୁଃଖିତ ଭାବରେ ଚାଲିଗଲେ)

(ସମସ୍ତେ ଆଖି ଝଲସି ଉଠିବାର ଅଭିନୟ କଲେ)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

राजा—(आकाशमवलोक्य) किं नु खलु निरभ्रे विद्युत्संपातः।

उर्व०—(विलोक्य) अम्मो भअवं णारदो। (अहो भगवान् नारदः)

राजा--(निपुणमवलोक्य) अये भगवान् नारदः। य एषः—

गोरोचनानिकषपिङ्गजटाकलापः
संलक्ष्यते शशिकलामलवीतसूत्रः।
मुक्तागुणातिशयसंभृतमण्डनश्री
र्हेमप्ररोह इव जङ्गमकल्पवृक्षः॥ १९

अर्घं तावदस्मै।

उर्व०—(यथोक्तमादाय) इअं भअवदे अरिहणा (इयं भगवतेऽर्हणा।)

(ततः प्रविशति नारदः। सर्व उत्तिष्ठन्ति)

नारदः—विजयतां विजयतां मध्यमलोकपालः।

राजा—(उर्वशीहस्तादर्घमादायावर्ज्य च) भगवन्नभिवादये।

उर्व०—भअवं! पणमामि। (भगवन्! प्रणमामि)

नारदः—अविरहितौ दम्पती भूयास्ताम्।

राजा—(आत्मगतम्) अपि नामैवं स्यात्। (कुमारमाश्लिष्य प्रकाशम्) वत्स! भगवन्तमभिवादयस्व।

कुमारः—भगवन्! और्वशेय आयुः प्रणमति।

नारदः—आयुष्मानेधि।

राजा—अयं विष्टरोऽनुगृह्यताम्।

नारदः—तथा। (उपविष्टः)

(सर्वे नारदमनूपविशन्ति।)

राजा—(सविनयम्) भगवन्! किमागमनप्रयोजनम्?

नारदः—राजन्! श्रूयतां महेन्द्रसन्देशः।

राजा—अवहितोऽस्मि।

नारदः—प्रभावदर्शी मघवा वनगमनाय कृतबुद्धिं भवन्तमनुशास्ति।

राजा—किमाज्ञापयति?

नारदः—त्रिकालदर्शिभिर्मुनिभिरादिष्टो महान् सुरासुरसङ्गरो भावी। भवाँश्च सांयुगीनः सहायो नः! तेन न त्वया शस्त्रं संन्यस्तव्यम्। इयं चोर्वशी तावदायुः, तव सहधर्मचारिणी भवत्विति।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରାଜା—(ଆକାଶକୁ ଚାହିଁ) କଅଣ ! ବିନା ମେଘରେ ବିଜୁଳିର ଝଲକ !!
ଉର୍ବଶୀ—ଅହୋ ! ଭଗବାନ୍ ନାରଦ !
ରାଜା—(ନିରୀକ୍ଷଣ କରି) ଅହୋ ! ଭଗବାନ୍ ନାରଦ ! ଯେ କି—କଷଟି ପଥରରେ ଗୋରୋଚନାର ଗାର ପରି ପିଙ୍ଗଳବର୍ଣ୍ଣ ଜଟା ଧାରଣ କରିଛନ୍ତି, ଚନ୍ଦ୍ର-କଳା ପରି ଧବଳ ଯଜ୍ଞୋପବୀତ ପରିଧାନ କରିଛନ୍ତି, ସରୁ ସରୁ ମୁକ୍ତାମାଳ ଦ୍ୱାରା ଅତ୍ୟନ୍ତ ଶୋଭମାନ ଦିଶୁଛନ୍ତି । ତେଣୁ ସେ ସୁନାର ଓହଳ ସବୁ ଲମ୍ବିଥିବା, ଗତିଶୀଳ କଳ୍ପବୃକ୍ଷ ଭଳି ଜଣା ପଡ଼ୁଛନ୍ତି ! ୧୯
ଦେବର୍ଷିଙ୍କ ପାଇଁ ଅର୍ଘ୍ୟ ଆଣ ।
ଉର୍ବଶୀ—(ଅର୍ଘ୍ୟ ଆଣି) ଭଗବାନ୍ ନାରଦଙ୍କ ପାଇଁ ଏହି ଅର୍ଘ୍ୟ ସାମଗ୍ରୀ ।
(ତା'ପରେ ନାରଦଙ୍କର ପ୍ରବେଶ । ସମସ୍ତେ ଠିଆ ହୋଇଗଲେ ।)
ନାରଦ—ମଧ୍ୟମଲୋକପାଳଙ୍କର ଜୟ ହେଉ ।
ରାଜା—(ଉର୍ବଶୀଙ୍କ ହାତରୁ ଅର୍ଘ୍ୟ ନେଇ, ନାରଦଙ୍କ ଆଗରେ ରଖି) ଭଗବାନ୍ ! ମୁଁ ଅଭିବାଦନ କରୁଛି ।
ଉର୍ବଶୀ—ଭଗବାନ୍ ! ମୁଁ ପ୍ରଣାମ କରୁଛି ।
ନାରଦ—ପତିପତ୍ନୀ ଅବିଚ୍ଛେଦ୍ୟ ଭାବରେ ରୁହ ।
ରାଜା—(ସ୍ୱଗତ) ଏହା ହୁଅନ୍ତା କି ! (ପୁଅକୁ ଆଲିଙ୍ଗନ କରି ପ୍ରକାଶ୍ୟରେ) ବତ୍ସ ! ଭଗବାନ୍ ନାରଦଙ୍କୁ ପ୍ରଣାମ କର ।
କୁମାର—ଭଗବାନ୍ ! ଉର୍ବଶୀଙ୍କ ପୁଅ ଆୟୁ ପ୍ରଣାମ କରୁଛି ।
ନାରଦ—ଆୟୁଷ୍ମାନ୍ ହୁଅ ।
ରାଜା—ଏଇ ଆସନ । ଆପଣ ବସି ଆମକୁ ଅନୁଗୃହୀତ କରନ୍ତୁ ।
ନାରଦ—(ବସିଲେ)

(ନାରଦଙ୍କ ବସିବା ପରେ ସମସ୍ତେ ବସିଲେ ।)

ରାଜା—(ବିନୟର ସହିତ) ଭଗବାନ୍ ! ଶୁଭାଗମନର ପ୍ରୟୋଜନ କ'ଣ ?
ନାରଦ—ରାଜନ୍ ! ଇନ୍ଦ୍ର ଖବର ପଠାଇଛନ୍ତି, ଶୁଣନ୍ତୁ ।
ରାଜା—ମନଯୋଗ ଦେଲି ।
ନାରଦ—ଇନ୍ଦ୍ର ସ୍ୱପ୍ରଭାବରେ ସବୁ କଥା ଜାଣନ୍ତି । ଆପଣ ବନକୁ ଯିବା ପାଇଁ ସ୍ଥିର କରୁଥିବାର ଜାଣି ସେ ଆପଣଙ୍କୁ ପରାମର୍ଶ ଦେଇଛନ୍ତି ।
ରାଜା—କି ଆଜ୍ଞା ଦେଇଛନ୍ତି ?
ନାରଦ—"ତ୍ରିକାଳଦର୍ଶୀ ମୁନିମାନେ କହନ୍ତି ଯେ ନିକଟ ଭବିଷ୍ୟତରେ ଦେବାସୁରଙ୍କ ମଧ୍ୟରେ ତୁମୁଳ ସଂଗ୍ରାମ ହେବ । ଆପଣ ସେହି ସଂଗ୍ରାମରେ ଅବତୀର୍ଣ୍ଣ ହୋଇ ଆମର ସହାୟ ହେବେ । ତେଣୁ ଆପଣ ଶସ୍ତ୍ରତ୍ୟାଗ କରନ୍ତୁ ନାହିଁ । ଉର୍ବଶୀ ଆପଣଙ୍କର ଯାବଜ୍ଜୀବନ ସହଧର୍ମିଣୀ ହୋଇ ରହୁ ।"

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

उर्व०—(अपवार्य) अम्महे सल्लं विअ मे हिअआदो अवणीदं ।

(अहो शल्यमिव मे हृदयादपनीतम् ।)

राजा—परवानस्मि देवेश्वरेण ।

नारदः—युक्तम् ।

त्वत्कार्यं वासवः कुर्यात् त्वं च तस्येष्टमाचरेः ।
सूर्यः समेधयत्यग्निमग्निः सूर्यं स्वतेजसा ॥ २०

(आकाशमवलोक्य) रम्भे ! उपनीयतां स्वयं महेन्द्रेण संभृतः कुमारस्यायुषो यौवराज्याभिषेकः ।

(प्रविष्टा यथोक्तहस्ता अप्सरसः)

अप्सरसः—भअवं ! इमे अहिसेअसंभारा । (भगवन्नेतेऽभिषेकसंभाराः ।)

नारदः—उपवेश्यतामयमायुष्मान् भद्रपीठे ।

रम्भा—इदो वच्छ ! (इतो वत्स !)

(कुमारं भद्रपीठ उपवेशयति)

नारदः—(कुमारस्य शिरसि कलसमावर्ज्य) रम्भे ! निर्वर्त्यतां शेषो विधिः ।

रम्भा—(यथोक्तं निर्वर्त्य) वच्छ ! पणम भअवंतं पिदरो अ ।

(वत्स ! प्रणम भगवन्तं पितरौ च ।)

(कुमारो यथाक्रमं प्रणमति ।)

नारदः—स्वस्ति भवते ।

राजा—कुलधुरन्धरो भव ।

उर्व०—पिदुणो आराहओ होहि । (पितुराराधको भव ॥)

(नेपथ्ये वैतालिकद्वयम् ।)

वैतालिकौ—विजयतां युवराजः ।

प्रथमः—अमरमुनिरिवात्रिर्ब्रह्मणोऽत्रेरिवेन्दु-
बुध इव शिशिरांशोर्बोधनस्येव देवः ।
भव पितुरनुरूपस्त्वं गुणैर्लोककान्तै-
रतिशयिनि समस्ता वंश एवाशिषस्ते ॥ २१

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଉର୍ବଶୀ—(ମୁଖ ବୁଲାଇ) ଓଃ ! ମୋ ହୃଦୟରୁ ସତେ ଯେପରି ଶଲ୍ୟ ବାହାରିଗଲା ।

ରାଜା—ମୁଁ ଦେବେନ୍ଦ୍ରଙ୍କର ଅଧୀନ ।

ନାରଦ—ଏହା ଯୁକ୍ତିଯୁକ୍ତ । ଇନ୍ଦ୍ର ଆପଣଙ୍କର ପ୍ରିୟ କାର୍ଯ୍ୟ କରନ୍ତୁ, ଆପଣ ମଧ୍ୟ ଇନ୍ଦ୍ରଙ୍କର ପ୍ରିୟ କାର୍ଯ୍ୟ କରନ୍ତୁ । ସୂର୍ଯ୍ୟ ଅଗ୍ନିକୁ ପ୍ରଖର କରନ୍ତି, ଅଗ୍ନି ମଧ୍ୟ ସ୍ୱତେଜରେ ସୂର୍ଯ୍ୟଙ୍କୁ ପ୍ରଖର କରନ୍ତି । ୨୦

(ଆକାଶକୁ ଚାହିଁ) ରମ୍ଭା ! ସ୍ୱୟଂ ଦେବେନ୍ଦ୍ର କୁମାର ଆୟୁଙ୍କର ଯୁବରାଜ ପଦରେ ଅଭିଷେକ ପାଇଁ ସମ୍ଭାର ପଠାଇଛନ୍ତି, ତାହା ଏଠାକୁ ଆଣ ।

(ଅଭିଷେକ ସମ୍ଭାର ଧରି ଅପ୍‌ସରାମାନଙ୍କର ପ୍ରବେଶ ।)

ଅପ୍‌ସରାଗଣ—ଭଗବାନ୍ ! ଏଇ ଅଭିଷେକ ସମ୍ଭାର ।

ନାରଦ—ଆୟୁଷ୍ମାନ୍ ଆୟୁଙ୍କୁ ମଙ୍ଗଳପୀଠରେ ବସାନ୍ତୁ ।

ରମ୍ଭା—ଏଣେ ଆସ ବତ୍ସ !

(କୁମାରଙ୍କୁ ମଙ୍ଗଳପୀଠରେ ବସାଇଲେ ।)

ନାରଦ—(କୁମାରଙ୍କ ମସ୍ତକରେ କଳସ ଢାଳି) ରମ୍ଭା ! ଅବଶିଷ୍ଟ ବିଧି ତୁମେ ସମ୍ପନ୍ନ କର ।

ରମ୍ଭା—(ତାହା କରି) ବତ୍ସ ! ଭଗବାନ୍ ନାରଦଙ୍କୁ ଓ ପିତାମାତାଙ୍କୁ ପ୍ରଣାମ କର ।

(କୁମାର ଯଥାକ୍ରମରେ ପ୍ରଣାମ କଲେ ।)

ନାରଦ—ତୁମର ମଙ୍ଗଳ ହେଉ ।

ରାଜା—କୁଳର ମର୍ଯ୍ୟାଦାରକ୍ଷକ ହୁଅ ।

ଉର୍ବଶୀ—ପିତାଙ୍କ ସେବାପରାୟଣ ହୁଅ ।

(ନେପଥ୍ୟରୁ ଦୁଇ ଜଣ ସ୍ତୁତିପାଠକ)

ସ୍ତୁତିପାଠକ ଦ୍ୱୟ—ଯୁବରାଜଙ୍କର ଜୟ ହେଉ ।

ପ୍ରଥମ—ଯେପରି ବ୍ରହ୍ମାଙ୍କ ଅନୁରୂପ ପୁତ୍ର ଦେବମୁନି ଅତ୍ରି, ଅତ୍ରିଙ୍କ ଅନୁରୂପ ପୁତ୍ର ଚନ୍ଦ୍ର, ଚନ୍ଦ୍ରଙ୍କ ଅନୁରୂପ ପୁତ୍ର ବୁଧ, ବୁଧଙ୍କ ଅନୁରୂପ ପୁତ୍ର ମହାରାଜ ପୁରୂରବା, ସେହିପରି ଆପଣ ଲୋକରମଣୀୟ ଗୁଣାବଳୀ ଦ୍ୱାରା ମହାରାଜଙ୍କର ଅନୁରୂପ ପୁତ୍ର ହୁଅନ୍ତୁ । ଆପଣଙ୍କର ସର୍ବୋଚ୍ଚ ବଂଶପରମ୍ପରାରେ ସବୁ ଆଶୀର୍ବାଦ ଭରି ରହିଛି । ୨୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

द्वितीयः—तव पितरि पुरस्तादुन्नतानां स्थितेऽस्मिन्
स्थितिमति च विभक्ता त्वय्यनाकम्पधैर्ये ।
अधिकतरमिदानीं राजते राजलक्ष्मी
हिमवति जलधौ च व्यस्ततोयेव गङ्गा ॥ २२

अप्सरसः—(उर्वशीमुपेत्य) दिट्ठिआ पिअसही पुत्तस्स जुवराअसिरीए भत्तुणो अविरहेण अ बड्ढदि । (दिष्ट्या प्रियसखी पुत्रस्य युवराजश्रिया भर्तुरविरहेण च वर्धते ।)

उर्व०—णं साहारणो एसो अब्भुदयो । (कुमारं हस्ते गृहीत्वा) एहि वच्छ ! जेट्ठमादरं अभिवन्देहि । (ननु साधारण एषोऽभ्युदयः । एहि वत्स ! ज्येष्ठमातरमभिवन्दस्व ।)

(कुमारः प्रतिष्ठते)

राजा—तिष्ठ । सममेव तत्रभवत्याः समीपं यास्यामस्तावत् ।

नारदः—आयुषो यौवराज्यश्रीः स्मारयत्यात्मजस्य ते ।
अभिषिक्तं महासेनं सैनापत्ये मरुत्वता ॥ २३

राजा—अनुगृहीतोऽस्मि मघवता ।

नारदः—भो राजन् ! किं ते भूयः प्रियमुपकरोतु पाकशासनः ?

राजा—यदि मे मघवा प्रसन्नः किमतः परमिच्छामि । तथापि इदमस्तु—

(भरतवाक्यम्)

परस्पर-विरोधिन्योरेकसंश्रय-दुर्लभम् ।
सङ्गतं श्रीसरस्वत्योर्भूतयेऽस्तु सदा सताम् ॥ २४

अपि च—

सर्वस्तरतु दुर्गाणि सर्वो भद्राणि पश्यतु ।
सर्वः कामानवाप्नोतु सर्वः सर्वत्र नन्दतु ॥ २५

(निष्क्रान्ताः सर्वे ।)

इति पञ्चमोऽङ्कः ।

समाप्तमिदं श्रीकालिदासकृतं विक्रमोर्वशीयं नाम त्रोटकम् ।

—★—

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଦ୍ୱିତୀୟ—ଆପଣ ଧୈର୍ଯ୍ୟଶାଳୀ । ଆପଣଙ୍କର ପିତା ଉନ୍ନତ ବ୍ୟକ୍ତିମାନଙ୍କର ଅଗ୍ରଣୀ । ପିତାଙ୍କର ଉପସ୍ଥିତିରେ ଆପଣ ଶକ୍ତିଶାଳୀ (ଯୁବରାଜ ପଦରେ ପ୍ରତିଷ୍ଠିତ) ହେଲେ । ଗଙ୍ଗା ଯେପରି ହିମାଳୟରେ ଓ ସାଗରରେ ଜଳ ବିଭକ୍ତ କରି ଉଭୟଙ୍କ ଠାରେ ଅଧିକ ଶୋଭା ପାଏ, ରାଜଲକ୍ଷ୍ମୀ ସେହିପରି ଆପଣ ଓ ଆପଣଙ୍କ ପିତାଙ୍କ ମଧ୍ୟରେ ଶ୍ରୀବିଭକ୍ତ କରି ବର୍ତ୍ତମାନ ଅଧିକ ଶୋଭା ପାଉଛି । ୨୨

ଅପ୍‌ସରାଗଣ—(ଉର୍ବଶୀଙ୍କ ନିକଟକୁ ଯାଇ) ଆମର ପରମ ସୌଭାଗ୍ୟ, ପ୍ରିୟସଖୀର ପୁତ୍ର ଯୁବରାଜ ହେଲେ । ପ୍ରିୟସଖୀର ସ୍ୱାମୀଙ୍କଠାରୁ ବିଚ୍ଛେଦ ମଧ୍ୟ ଘଟିଲା ନାହିଁ ।

ଉର୍ବଶୀ—ଏହି ସୌଭାଗ୍ୟ ତୁମ ସମସ୍ତଙ୍କର । (ପୁତ୍ରର ହାତ ଧରି) ଆସ ବତ୍ସ ! ଜ୍ୟେଷ୍ଠ ମାତାଙ୍କ ବନ୍ଦନା କରିବୁ ।

(କୁମାର ଯିବାକୁ ଉଦ୍ୟତ)

6544

ରାଜା—ରହ, ଆମେ ସମସ୍ତେ ମହାରାଣୀଙ୍କ ପାଖକୁ ଯିବା ।

ନାରଦ—ରାଜନ୍ ! ଆପଣଙ୍କ ପୁତ୍ର ଆୟୁର ଯୁବରାଜପଦରେ ଅଭିଷେକ ମୋତେ ଇନ୍ଦ୍ରଙ୍କ ଆଦେଶରେ ସେନାପତି ପଦରେ କାର୍ତ୍ତିକେୟଙ୍କର ଅଭିଷେକ କଥା ସ୍ମରଣ କରାଇଦେଉଛି । ୨୩

ରାଜା—ଇନ୍ଦ୍ରଙ୍କ ଦ୍ୱାରା ଅନୁଗୃହୀତ ହେଲି ।

ନାରଦ—ରାଜନ୍ ! ଇନ୍ଦ୍ର ଆପଣଙ୍କର ଆଉ କି ପ୍ରିୟ କାର୍ଯ୍ୟ କରିବେ ?

ରାଜା—ଯଦି ସେ ମୋ ପ୍ରତି ପ୍ରସନ୍ନ, ଏହାଠାରୁ ଅଧିକ ଜଣେ କି ଇଚ୍ଛା କରିବ ? ତଥାପି ଏହା ହେଉ—

(ଭରତ ବାକ୍ୟ)

ଲକ୍ଷ୍ମୀ ଓ ସରସ୍ୱତୀ ପରସ୍ପର-ବିରୋଧିନୀ ଏବଂ ଉଭୟଙ୍କର ଏକତ୍ର ଅବସ୍ଥାନ ଦୁର୍ଲଭ । ତଥାପି ସଜ୍ଜନମାନଙ୍କର କଲ୍ୟାଣ ନିମନ୍ତେ ଉଭୟଙ୍କର ଏକତ୍ର ଅବସ୍ଥାନ ଘଟୁ । ୨୪

ସମସ୍ତେ ବାଧାବିଘ୍ନ ଅତିକ୍ରମ କରନ୍ତୁ, ସମସ୍ତେ ମଙ୍ଗଳ ଦର୍ଶନ କରନ୍ତୁ, ସମସ୍ତେ କାମ୍ୟ ବସ୍ତୁ ଲାଭ କରନ୍ତୁ ଓ ସମସ୍ତେ ସର୍ବତ୍ର ଆନନ୍ଦରେ ରହନ୍ତୁ । ୨୫

(ସମସ୍ତଙ୍କର ପ୍ରସ୍ଥାନ)

ପଞ୍ଚମ ଅଙ୍କ ସମାପ୍ତ

ଶ୍ରୀକାଳିଦାସ କୃତ ବିକ୍ରମୋର୍ବଶୀୟ ନାମକ ତ୍ରୋଟକ ସମାପ୍ତ ।

—★—

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

GURUKUL KANGRI LIBRARY
Accss on 21.2.91
Class on
Cat on
Tag etc.
Checked
Any Other

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

CC-0. In Public Domain. Gurukul Kangri Collection, Haridwar